୫୬

# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ନଭେମ୍ବର ୨୯/୨୦୧୯ (୨୦ ପୃଷ୍ଠା) Sambalpur, Friday, November 29 / 2019 ★★

୧୫ଶ ଭାଗ ୩୪୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-



**ଅବସର ନେବେ ବଲିଉଡ୍ ମହାନାୟକ**

ଫିଲ୍ମ ଦୁନିଆରୁ ଅବସର ନେବାକୁ ଇଚ୍ଛା ପ୍ରକାଶ କରିଛନ୍ତି ମହାନାୟକ ଅମିତାଭ ବଚ୍ଚନ। ନିଜ ଅଫିସିଆଲ୍ ବ୍ଲଗ୍‌ରେ ସେ କିଛି ଏଭଳି ଇଚ୍ଛା ପ୍ରକାଶ କରିଛନ୍ତି।

୦୯

୧୯

**ସ୍ୱର୍ଣ୍ଣ ସହ ଦୀପିକାଙ୍କୁ ଅଲିମ୍ପିକ ଯୋଗ୍ୟତା**

ଏସିଆନ ଚାମ୍ପିୟନଶିପ୍‌ର ମହିଳା ରିକର୍ଭ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ଭାରତୀୟ ତୀରନ୍ଦାଜ ଦୀପିକା କୁମାରୀ ଯୋଗ୍ୟତା ହାସଲ କରିଛନ୍ତି।



## ଉଦ୍ଧବ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ

### ୩ ଦଳରୁ ୨ ଜଣ ଲେଖାଏ ମନ୍ତ୍ରୀ

ମୁମ୍ବାଇ,୨୮।୧୧(ପି.ଟି.)



ଉଦ୍ଧବ ଠାକ୍‌ରେ

ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ମହାରାଷ୍ଟ୍ରର ଅଷ୍ଟାଦଶ ମୁଖ୍ୟମନ୍ତ୍ରୀ ଭାବେ ଗୁରୁବାର ସନ୍ଧ୍ୟାରେ ଶପଥ ଗ୍ରହଣ କରିଛନ୍ତି। ଶିବସେନାରୁ ଏହି ଶୀର୍ଷ ପଦବୀ ଅଳଙ୍କୃତ କରିବାରେ ୫୯ ବର୍ଷୀୟ ଉଦ୍ଧବ ତୃତୀୟ ନେତା। ତାଙ୍କ ପୂର୍ବରୁ ଶିବସେନାରୁ ମନୋହର ଜୋଷୀ ଏବଂ ନାରାୟଣ ରାଣେ ମୁଖ୍ୟମନ୍ତ୍ରୀ ଥିଲେ। ତେବେ ଠାକ୍‌ରେ ପରିବାରରୁ ମୁଖ୍ୟମନ୍ତ୍ରୀ ହେବାରେ ଉଦ୍ଧବ ପ୍ରଥମ ବ୍ୟକ୍ତି। ଶିବାଜୀ ପାର୍କରେ ଅନୁଷ୍ଠିତ ଭବ୍ୟ ଉତ୍ସବରେ ରାଜ୍ୟପାଳ ଭଗତ ସିଂ କୋଶିୟାରୀ ଉଦ୍ଧବଙ୍କ ସହିତ ୬ ଜଣ ମନ୍ତ୍ରୀଙ୍କୁ ଶପଥପାଠ କରାଇଥିଲେ। ଶିବସେନାରୁ ଏକନାଥ ସିନ୍ଦେ, ସୁଭାଷ ଦେଶାଇ, ଏନ୍‌ସିପିରୁ ଜୟନ୍ତ ପାଟିଲ ଓ ଛଗନ ଭୁଜବଳ ଏବଂ କଂଗ୍ରେସରୁ ବାଲାସାହେବ ଥୋରାଟ ଓ ନୀତିନ ରାଉତ୍ ମନ୍ତ୍ରୀ ଭାବେ ଶପଥ ନେଇଥିଲେ।

ଶପଥ ଗ୍ରହଣ ଉତ୍ସବରେ ତିନି ଦଳର ବହୁ ନେତାଙ୍କ ସମେତ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରେ ଥିଲେ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର, ବରିଷ୍ଠ କଂଗ୍ରେସ ନେତା ଅହମଦ ପଟେଲ, ମଲ୍ଲିକାର୍ଜୁନ ଖାର୍ଗେ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲ ନାଥ, ଏମ୍‌ଏନ୍‌ଏସ୍ ମୁଖ୍ୟ ରାଜ୍ ଠାକ୍‌ରେ ଏବଂ ଡିଏମ୍‌କେ ନେତା ଏମ୍.କେ. ଷ୍ଟାଲିନ। ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର, ତାଙ୍କ ଭଉଣୀ ତଥା ଏମ୍‌ପି ସୁପ୍ରିୟା ସୁଲେ, ଉଦ୍ଧବ ଠାକ୍‌ରେଙ୍କ ସ୍ତ୍ରୀ ରଶ୍ମି, ପୁଅ ଆଦିତ୍ୟ, ଶିଳ୍ପପତି ମୁକେଶ ଅମ୍ବାନୀ ଓ ସ୍ତ୍ରୀ ନୀତା ଅମ୍ବାନୀ ପ୍ରମୁଖ ଉପସ୍ଥିତ ଥିଲେ। ତେବେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ରାହୁଲ ଶପଥ ଗ୍ରହଣ ଉତ୍ସବରେ ଯୋଗଦେଇ ନ ଥିଲେ। ସୋନିଆ ଉଦ୍ଧବଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ପଠାଇଥିଲେ।

ଭାଜପା ଓ ଶିବସେନା ଏକାଠି ନିର୍ବାଚନ ଲଢ଼ିଥିଲେ। ତେବେ ମୁଖ୍ୟମନ୍ତ୍ରୀ ପଦ ଭାଗ କରିବା ଲାଗି ଶିବସେନାର ଦାବିପୂରଣ ନ ହେବାରୁ ଏହା ମେଣ୍ଟରୁ ଓହରିଯାଇଥିଲା। ଶେଷରେ ଏନ୍‌ସିପି ଏବଂ କଂଗ୍ରେସ ସହ ମିଶି ଶିବସେନା ମହାବିକାଶ ଅଘାଡି ମେଣ୍ଟ ଗଢ଼ିଥିଲା ଏବଂ ଉଦ୍ଧବଙ୍କ ନେତୃତ୍ୱରେ ସରକାର ଗଢ଼ିବା ପାଇଁ ନିଷ୍ପତ୍ତି ହୋଇଥିଲା। ଅକ୍ଟୋବର ୨୧ରେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇ ୨୪ରେ ଫଳାଫଳ ଘୋଷଣା କରାଯାଇଥିଲା। ୨୮୮ ଆସନ ବିଶିଷ୍ଟ ବିଧାନସଭାରେ ୧୦୫ ଆସନ ଜିତି ଭାଜପା ଏକକ ସଂଖ୍ୟାଗରିଷ୍ଠତା ହାସଲ କରିଥିବାବେଳେ ଶିବସେନା ୫୬, ଏନ୍‌ସିପି ୫୪ ଏବଂ କଂଗ୍ରେସ ୪୪ ଆସନରେ ଜିତିଥିଲା। କୌଣସି ଦଳ ଏକାକୀ ସରକାର ଗଢ଼ିବା ପାଇଁ ସମର୍ଥ ନ ହେବାରୁ ରାଜ୍ୟପାଳଙ୍କ ସୁପାରିସ କ୍ରମେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିଲା। ଉଦ୍ଧବଙ୍କ ନେତୃତ୍ୱରେ ମହାବିକାଶ ଅଘାଡି ସରକାର ଗଢ଼ିବ ବୋଲି ଶୁକ୍ରବାର ରାତିରେ ଘୋଷଣା କରିବା ପରେ ଶନିବାର ସକାଳେ ନାଟକୀୟ ଘଟଣାକ୍ରମେ ରାଷ୍ଟ୍ରପତି ଶାସନ ପ୍ରତ୍ୟାହାର କରାଯାଇ ଭାଜପା ନେତା ଦେବେନ୍ଦ୍ର ଫଡ଼ନବିସ ମୁଖ୍ୟମନ୍ତ୍ରୀ ଓ ଏନ୍‌ସିପି ନେତା ଅଜିତ ପାୱାର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ତେବେ ଏହି ସରକାର ତିନି ଦିନ ତିଷ୍ଠିପାରି ନ ଥିଲା। ଆସ୍ଥାଭୋଟରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବା ପରେ ଏନ୍‌ସିପି ବିଧାୟକଙ୍କୁ ନିଜ ନିୟନ୍ତ୍ରଣକୁ ଆଣିବାରେ ବିଫଳ ଅଜିତ ଉପମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଫଳରେ ଫଡ଼ନବିସ ଆସ୍ଥାଭୋଟ ପୂର୍ବରୁ ଇସ୍ତଫା ଦେବାକୁ ବାଧ୍ୟ ହୋଇଥିଲେ। ଶରଦ ପାୱାରଙ୍କ ଦଳକୁ ଫେରିଥିବା ଅଜିତ୍ ଉପମୁଖ୍ୟମନ୍ତ୍ରୀ ଭାବେ ଗୁରୁବାର ଶପଥ ନେଇପାରନ୍ତି ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ତେବେ ଏନ୍‌ସିପିରୁ ୨ ଜଣ ମନ୍ତ୍ରୀ ଭାବେ ଶପଥ ନେଇଥିଲେ। ବୁଧବାର ଚତୁର୍ଦ୍ଦଶ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ କାମଚଳା ବାଚସ୍ପତି କାଳିଦାସ କୋଲମ୍ବକର ୨୮୫ଜଣ ନବନିର୍ବାଚିତ ବିଧାୟକଙ୍କୁ ଶପଥପାଠ କରାଇଥିଲେ।

## ଆଗୁଆ ସରିଲା ଶୀତ ଅଧିବେଶନ

ଭୁବନେଶ୍ୱର,୨୮।୧୧(ବ୍ୟୁରୋ)



ଷୋଡ଼ଶ ବିଧାନସଭାର ଶୀତକାଳୀନ ଅଧିବେଶନ ଆଗୁଆ ଶେଷ ହୋଇଛି। ସରକାରଙ୍କ ଆଉ କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟ କିମ୍ବା ବିଲ୍ ନ ଥିବାରୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଗୁରୁବାର ବିଧାନସଭାକୁ ଅନିର୍ଦ୍ଦିଷ୍ଟ କାଳ ଲାଗି ମୁଲତବୀ ଘୋଷଣା କରିଛନ୍ତି। ଏହାକୁ ବିରୋଧ କରି ଭାଜପା ସଦସ୍ୟମାନେ ବିଧାନସଭା କକ୍ଷ ତ୍ୟାଗ କରିଥିଲେ। ଏହି ଅଧିବେଶନ ନଭେମ୍ବର ୧୩ରୁ ଆରମ୍ଭ ହୋଇ ଡିସେମ୍ବର ୧୯ ତାରିଖ ଯାଏ ଚାଲିବାକୁ ଧାର୍ଯ୍ୟ କରାଯାଇଥିଲା। ଏଥିରେ ମୋଟ ୩୦ଟି କାର୍ଯ୍ୟ ଦିବସ ରହିଥିଲା। ସେଥିରୁ ୨୫ଟି ସରକାରୀ ଓ ୫ଟି ବେସରକାରୀ କାର୍ଯ୍ୟ ଦିବସ ଥିଲା। ତେବେ ୧୭ ଦିନ ଆଗରୁ ଏହି ଅଧିବେଶନକୁ ବନ୍ଦ କରାଯାଇଛି। ପ୍ରଥମ ଦିବସରେ ବିଧାନସଭାର ଅନୁମୋଦନ ପାଇଁ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବଜେଟ ଆଗତ କରାଯାଇଥିଲା।

ଏହି ଅଧିବେଶନରେ ମୋଟ ୧୩ଟି କାର୍ଯ୍ୟ ଦିବସରେ ସୀମିତ ରହିଲା। ସେଥିରୁ ୧୨ଟି ସରକାରୀ ଓ ଗୋଟିଏ ବେସରକାରୀ ଦିବସ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ବିଧାନସଭାରେ ୪୩ଟି ତାରକା ଚିହ୍ନିତ ଓ ୨୨୬୧ଟି ଅଣତାରକା ପ୍ରଶ୍ନ ଗୃହରେ ଉପସ୍ଥାପନ କରାଯାଇଥିଲା। ଏଥିସହିତ ବିରୋଧୀ ଦଳ ପକ୍ଷରୁ ୧୩ଟି ମୁଲତବୀ ନୋଟିସ ଦିଆଯାଇଥିବା ବେଳେ ସେଥିରୁ ମାତ୍ର ୫ଟି ଆଲୋଚନା ହୋଇଥିଲା। ସେହିପରି ଗୃହରେ ୩୧ଟି ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବ ଦିଆଯାଇଥିବା ବେଳେ ସେଥିରୁ ୩ଟି ଆଲୋଚନା ହୋଇଥିଲା। ବିଭିନ୍ନ ପ୍ରସଙ୍ଗରେ ୫ଟି ବିବୃତି ସରକାର ଉପସ୍ଥାପନ କରିଥିବା ବେଳେ ୫ଟି ବିଲ୍ ଗୃହର ଅନୁମୋଦନ ହାସଲ କରିଛି। ୧୭ଟି ରିପୋର୍ଟ ଗୃହରେ ଉପସ୍ଥାପନ କରାଯାଇଥିଲା।

ଏହି ଅଧିବେଶନରେ ରାଜ୍ୟ ସରକାରଙ୍କ ୨୦୧୮ ଆର୍ଥିକ ସ୍ଥିତି ସମ୍ପର୍କରେ ସିଏଜି ରିପୋର୍ଟ ଗୃହରେ ଉପସ୍ଥାପନ କରାଯାଇଥିଲା। ଏହି ଅଧିବେଶନରେ ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ଭାଜପା ଓ କଂଗ୍ରେସ ସରକାରଙ୍କୁ ହଲାପଟା କରିଥିଲେ। ଏଥିସହିତ ଧାନ ବିକ୍ରି, ଚାଷୀ, ଆଇନଶୃଙ୍ଖଳା ପରିସ୍ଥିତି, ନାରୀ ନିର୍ଯାତନା ପ୍ରସଙ୍ଗକୁ ନେଇ ବିଧାନସଭା ସରଗରମ ହୋଇଥିଲା।

### ଜିଲା ପରିଷଦ, ସମିତି ସଭ୍ୟ, ସରପଞ୍ଚ ଉପନିର୍ବାଚନ

## ୪ ଜିଲା ପରିଷଦ ଅକ୍ତିଆର କଲା ବିଜେଡି

ଭୁବନେଶ୍ୱର,୨୮।୧୧(ବ୍ୟୁରୋ)

ରାଜ୍ୟର ବିଭିନ୍ନ ଜିଲାରେ ଖାଲିପଡ଼ିଥିବା ୪ ଜିଲାପରିଷଦ ଆସନ, ୨୧ ସମିତି ସଭ୍ୟ, ୧୭ ସରପଞ୍ଚ ଓ ୩୦୩ ୱାର୍ଡମେମ୍ବର ପଦ ପାଇଁ ବୁଧବାର ହୋଇଥିବା ଉପନିର୍ବାଚନର ଫଳାଫଳ ଗୁରୁବାର ପ୍ରକାଶ ପାଇଛି। ସମସ୍ତ ୪ ଜିଲା ପରିଷଦ ଜୋନ୍‌ରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଯାଜପୁର ଜିଲାର ୮ନଂ ଦାନଗଦୀ ଜୋନ୍‌ରେ ବିଜେଡି ପ୍ରାର୍ଥୀ ପ୍ରଦୀପ ମହାନ୍ତି ଭାଜପା ପ୍ରାର୍ଥୀ ପ୍ରତାପ ଧୀରଙ୍କୁ ପରାସ୍ତ କରିଥିବାବେଳେ ଗଞ୍ଜାମ ଜିଲା ୧୯ନଂ ଛତ୍ରପୁର ଜୋନ୍‌ରେ ବିଜେଡିର ପ୍ରମୋଦ କୁମାର ପ୍ରଧାନ ସିପିଆଇ ପ୍ରାର୍ଥୀ ଭାଗୀରଥି ପ୍ରଧାନଙ୍କୁ ପରାସ୍ତ କରିଛନ୍ତି। ସେହିପରି କୋରାପୁଟ ଜିଲାର ୧୫ନମ୍ବର ପଟାଙ୍ଗି ଜୋନରେ ବିଜେଡିର ଲଇଛନ ଖେରା ଏବଂ ୧୦ନମ୍ବର ଦଶମନ୍ତପୁର ଜୋନ୍‌ରେ ବିଜେଡିର କହ୍ନେଇ ଜାନି ବିଜୟୀ ହୋଇଛନ୍ତି। ଜିଲାପରିଷଦ ସମସ୍ତ ଜୋନ୍‌ରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିବାବେଳେ ଅଧିକାଂଶ ସ୍ଥାନରେ ବିଜେଡି ସମର୍ଥିତ ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡମେମ୍ବର ବିଜୟୀ ହୋଇଛନ୍ତି। ଏହି ଉପନିର୍ବାଚନ ପାଇଁ ଗତ ଅକ୍ଟୋବର ୨୨ରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

## ଗାଡ଼ି କାଗଜପତ୍ର ଯୋଗାଡ଼ ଅବଧି ୩ ମାସ ବଢ଼ିଲା

ଭୁବନେଶ୍ୱର,୨୮।୧୧(ବ୍ୟୁରୋ)

- ବିଧାନସଭାରେ ଘୋଷଣା କଲେ ପରିବହନ ମନ୍ତ୍ରୀ
- ଗାଡ଼ି ମାଲିକ ଆଶ୍ୱସ୍ତ
- କୋହଳ ଅବଧି ବଢ଼ାଇବାକୁ ଉଠିଲା ଦାବି

ଆସନ୍ତା ଡିସେମ୍ବର ପହିଲାରୁ ପୁଣି ଯାନବାହନ ଯାଞ୍ଚକୁ କଡ଼ାକଡ଼ି କରାଯିବ ବୋଲି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ତେବେ ବିଭିନ୍ନ ମହଲରୁ ଏହି ଅବଧିକୁ ବଢ଼ାଇବା ଲାଗି ଦାବି ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋହଳ ଅବଧିକୁ ଆହୁରି ୩ମାସ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଗୁରୁବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ବିଭିନ୍ନ ଅଞ୍ଚଳରୁ ତଥ୍ୟ ସଂଗ୍ରହ କରିବା ପରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ତେବେ ସଡ଼କ ଏବଂ ଚାଳକମାନଙ୍କ ଜୀବନ ସୁରକ୍ଷାକୁ ଦୃଷ୍ଟିରେ ରଖି ମଦ୍ୟପାନ କରି ଗାଡ଼ି ଚଳାଇବା, ଓଭର ସ୍ପିଡ, ଟ୍ରାଫିକ ବିପରୀତ ଦିଗରୁ ଗାଡ଼ି ଚାଳନା, ଦୁଇ ଚକିଆ ଯାନରେ ୩ଜଣ ବସିଯିବା, ରେଡ୍ ଲାଇଟ ଥାଇ ଟ୍ରାଫିକ ଅତିକ୍ରମ କରିବା, ବିନା ହେଲମେଟ ଓ ସିଟବେଲ୍ଟରେ ଯାତ୍ରା କରିବା ଆଦିକୁ କଡ଼ାକଡ଼ି ଯାଞ୍ଚ କରାଯିବ। ଡ୍ରାଇଭିଂ ଲାଇସେନ୍ସ, ପଲ୍ୟୁଶନ ଅଣ୍ଡର କଣ୍ଟ୍ରୋଲ ସେଣ୍ଟର ଖୋଲାଯିବ। ଏଥିପାଇଁ ଅଧିକ କାଉଣ୍ଟର ଖୋଲାଯାଇଛି। ଗତ ୩ ମାସ ମଧ୍ୟରେ ୯.୫ ଲକ୍ଷ ଆବେଦନ ମଧ୍ୟରୁ ୫ .୪୫ ଲକ୍ଷ ଲୋକଙ୍କୁ ଲର୍ନର ଲାଇସେନ୍ସ(ଏଲଏଲ) ପ୍ରଦାନ କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ସମଗ୍ର ଦେଶରେ ସଂଶୋଧିତ ମୋଟରଯାନ ଆଇନ ୨୦୧୯ ଲାଗୁ ହୋଇଛି। ୨୦୧୯ ସେପ୍ଟେମ୍ବର ପହିଲାରୁ ଏହି ଆଇନ ରାଜ୍ୟରେ ଲାଗୁ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ କରାଯାଇନାହିଁ। ଡ୍ରାଇଭିଂ ଲାଇସେନ୍ସ, ପଲ୍ୟୁଶନ ଅଣ୍ଡର କଣ୍ଟ୍ରୋଲ(ପିୟୁସି) ଏବଂ ଅନ୍ୟାନ୍ୟ କାଗଜପତ୍ର ନ ଥିବାରୁ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ବଡ଼ଧରଣର ଜରିମାନାକୁ ବିରୋଧ କରି ପ୍ରବଳ ଜନଅସନ୍ତୋଷ ଦେଖାଦେବାରୁ ମୁଖ୍ୟମନ୍ତ୍ରୀ ସମସ୍ତ କାଗଜପତ୍ର ଯୋଗାଡ଼ କରିବା ପାଇଁ ୩ମାସ ସମୟ ଦେଇଥିଲେ। ଆସନ୍ତା ଡିସେମ୍ବର ପହିଲାରୁ ☞ପୃଷ୍ଠା-୪

## ମାନସିକ ରୋଗୀଙ୍କୁ ପିଟିପିଟି ମାରିଦେଲେ

ବଲାଙ୍ଗୀର ଅଫିସ,୨୮।୧୧



ମୃତ ଶ୍ରୀହରି ପ୍ରଧାନଙ୍କ ଫାଇଲ ଫଟୋ।

ବଲାଙ୍ଗୀର ସହରରେ ବୁଧବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମାନସିକ ରୋଗୀଙ୍କୁ କେତେଜଣ ଲୋକ ପିଟି ପିଟି ମାରି ଦେଇଛନ୍ତି। ମୃତକ ହେଲେ ବଲାଙ୍ଗୀର ସହର ମାଳପଡାର ଶ୍ରୀହରି ପ୍ରଧାନ (୪୯)। ସେ କିଛିବର୍ଷ ହେଲା ମାନସିକ ରୋଗରେ ପୀଡିତ ଥିଲେ। ବୁଧବାର ସକାଳେ ଶ୍ରୀହରି ତାଙ୍କ ଘରୁ ବାହାରି କୁଆଡ଼େ ଚାଲି ଯାଇଥିଲେ। ପରିବାର ଲୋକେ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ। ହେଲେ ତାଙ୍କ ପତ୍ତା ମିଳି ନ ଥିଲା। ସନ୍ଧ୍ୟାରେ ଶାନ୍ତିପଡା ଶିବମନ୍ଦିର ନିକଟରେ ଜଣେ ମାନସିକ ☞ପୃଷ୍ଠା-୪

### କିଛି ତଥ୍ୟ

ଗତ ୫ ବର୍ଷରେ ଦେଶ ମଧ୍ୟରେ କୋଇଲା ଉତ୍ପାଦନ ୧୬୪.୫୮ ନିୟୁତ ଟନ୍ ବୃଦ୍ଧି ଘଟିଛି।

– କୋଇଲା ମନ୍ତ୍ରଣାଳୟ

### ଆଜିର ମନ୍ତବ୍ୟ

" ଉଦ୍ଧବ ଠାକ୍‌ରେ ମୁଖ୍ୟମନ୍ତ୍ରୀ ହେବା ପରେ ମହାରାଷ୍ଟ୍ରର ବିକାଶ ଓ ଉଜ୍ଜ୍ୱଳ ଭବିଷ୍ୟତ ଲାଗି କାମ କରିବେ ବୋଲି ମୋର ଦୃଢ଼ବିଶ୍ୱାସ ରହିଛି।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

### ଆଜିର ସମ୍ପାଦକୀୟ

ପୁଣି ଚେତାବନୀ





Vencobb Fresh Chicken — Taste the difference!

28.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 82 | 135 | 145 |
| CTC | 81 | 133 | 143 |
| DKL | 80 | 132 | 142 |
| BDK | 80 | 132 | 142 |
| BLS | 80 | 132 | 142 |
| ANG | 82 | 135 | 145 |
| BHM | 79 | 131 | 141 |

Issued in the Interest of Consumers
*Conditions Apply

NHAI · ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ, ଭାରତ ସରକାର · IHMCL

୧ ଡିସେମ୍ବର ୨୦୧୯ରୁ ଫାଷ୍ଟାଗ୍ ଲେନ୍‌ରେ ବିନା ଫାଷ୍ଟାଗ୍ ପ୍ରବେଶ କରୁଥିବା ଯାନବାହନଗୁଡ଼ିକଠାରୁ ଦୁଇଗୁଣା ଦେୟ ଆଦାୟ କରାଯିବ

ସମସ୍ତ ଟୋଲ୍ ଦେୟ କେବଳ
FASTag Easy to Cruise
ମାଧ୍ୟମରେ ସମସ୍ତ ରାଜମାର୍ଗ ଟୋଲ୍ ପ୍ଲାଜାରେ
୧ ଡିସେମ୍ବର, ୨୦୧୯ରୁ କାର୍ଯ୍ୟକାରୀ ହେବ

ଅଧିକ ସୂଚନା ପାଇଁ
ଡାଉନ୍‌ଲୋଡ୍ କରନ୍ତୁ My FASTag App — GET IT ON Google Play
ଆମକୁ କଲ୍ କରନ୍ତୁ ଏନ୍‌ଏଚ୍‌ଏଆଇ ହେଲ୍ପଲାଇନ୍ ନଂ.: ୧୦୩୩

ଫାଷ୍ଟାଗ୍, ଏନ୍‌ଏଚ୍ ଟୋଲ୍ ପ୍ଲାଜାଗୁଡ଼ିକରେ, ବ୍ୟାଙ୍କରେ ଏବଂ ଆମାଜନରେ ମଧ୍ୟ ଉପଲବ୍ଧ

ସମୟ ବଞ୍ଚାନ୍ତୁ · ଇନ୍ଧନ ବଞ୍ଚାନ୍ତୁ · କମ୍ ଭୀଡ଼
ଏସ୍‌ଏମ୍‌ଏସ୍ ସଚେତନତା · ୨.୫% କ୍ୟାସ୍‌ବ୍ୟାକ୍ ଆର୍ଥିକ ବର୍ଷ ୨୦୧୯-୨୦ ପାଇଁ · କ୍ୟାସ୍‌ଲେସ୍ ଟ୍ରାଞ୍ଜାକ୍ସନ



ଭାଜପା ନେତ୍ରୀ ପ୍ରଜ୍ଞା ଠାକୁର ଆତଙ୍କବାଦୀ ନାଥୁରାମ ଗଡ୍‌ସେଙ୍କୁ ଦେଶଭକ୍ତ କହିବା ଭାରତୀୟ ପାର୍ଲାମେଣ୍ଟ ଲାଗି ଦୁଃଖଦ ଘଟଣା।

-ରାହୁଲ ଗାନ୍ଧୀ, କଂଗ୍ରେସ ନେତା



# ଫଟୋଗ୍ରାଫରରୁ ମୁଖ୍ୟମନ୍ତ୍ରୀ

ମୁମ୍ବାଇ,୨୮।୧୧(ପି.ଟି.)



ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କୁ ରାଜ୍ୟପାଳ ଭଗତ ସିଂ କୋଶିୟାରୀ ଅଭିନନ୍ଦନ ଜଣାଉଛନ୍ତି।

- ୨୦୦୩ରେ ଶିବସେନା କାର୍ଯ୍ୟକାରୀ ଅଧ୍ୟକ୍ଷ ନିଯୁକ୍ତି
- ୨୦୧୨ରେ ଦଳ ମୁଖ୍ୟ ଭାବେ ଦାୟିତ୍ୱ ନେଇଥିଲେ

ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଭାବେ ଗୁରୁବାର ଶପଥ ନେଇଛନ୍ତି। ଜଣେ ପେସାଦାର ଫଟୋଗ୍ରାଫରରୁ ଉଦ୍ଧବ ସବୁଠୁ ଧନୀ ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇପାରିଛନ୍ତି। ଜଣେ ମେଳାପୀ, ଭଦ୍ର ରାଜନେତା ଭାବେ ପରିଚିତ ୫୯ ବର୍ଷୀୟ ଉଦ୍ଧବ ମୁଖ୍ୟମନ୍ତ୍ରୀ ପଦକୁ ନେଇ ପୂର୍ବ ମେଣ୍ଟ ସହଯୋଗୀ ଭାଜପା ସହ ଲଢୁଆ ଆଭିମୁଖ୍ୟ ପ୍ରଦର୍ଶନ କରିଥିଲେ। ଫଳରେ ତିନି ଦଶନ୍ଧିର ଗୈରିକ ମେଣ୍ଟ ଭୁଶୁଡ଼ି ପଡ଼ିଥିଲା। ଭାଜପାଠାରୁ ଦୂରେଇ ଯିବା ପରେ ଉଦ୍ଧବ ଭିନ୍ନ ନୀତି ଆଦର୍ଶର ଦଳ ଏନ୍‌ସିପି ଓ କଂଗ୍ରେସ ସହ ମିଶି ମହା ବିକାଶ ଅଘାଡି (ଏମ୍‌ଭିଏ) ଗଠନ କରିଛନ୍ତି। ଦୀର୍ଘଦିନ ଧରି ରାଜନୀତି କରୁଥିଲେ ହେଁ ଉଦ୍ଧବ କେବେ ନିର୍ବାଚନ ଲଢ଼ି ନ ଥିଲେ କିମ୍ବା ସରକାରୀ ପଦ ପଦବୀରେ ନ ଥିଲେ। ତେଣୁ ସେ କିପରି ଶାସନ କଳକୁ ପରିଚାଳନା କରିବେ ଏବଂ ଭିନ୍ନ ମତାବଲମ୍ବୀ ଦଳର ନେତାଙ୍କୁ ସାଙ୍ଗରେ ନେଇ ଚାଲିବେ ତାହା ଉପରେ ସମସ୍ତଙ୍କର ନଜର ରହିଛି। କାରଣ ହିନ୍ଦୁତ୍ୱ ରାଜନୀତି ଏବଂ କଂଗ୍ରେସ ବିରୋଧୀ ଆଭିମୁଖ୍ୟ ଶିବସେନାର ପରିଚୟ ହୋଇ ରହିଆସିଥିଲା। ଏବେ ପରିବର୍ତ୍ତିତ ରାଜନୈତିକ ଦୃଶ୍ୟପଟରେ ଶିବସେନାକୁ ନିଜ ନୀତିରେ ପରିବର୍ତ୍ତନ କରିବାକୁ ପଡିବ।

୧୯୬୦ ଜୁଲାଇ ୨୭ରେ ମୁମ୍ବାଇରେ ଜନ୍ମିତ ଉଦ୍ଧବ ଜେଜେ ସ୍କୁଲ୍ ଅଫ୍ ଆର୍ଟ୍ସରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ, ଯେଉଁଠି ତାଙ୍କର ମୁଖ୍ୟ ବିଷୟ ଥିଲା ଫଟୋଗ୍ରାଫୀ। ଫଟୋଗ୍ରାଫର ଭାବେ ତାଙ୍କର ଅନେକ ଫଟୋ ବିଭିନ୍ନ ପତ୍ରିକାରେ ପ୍ରକାଶ ପାଇବା ସହ ଏକାଧିକ ପ୍ରଦର୍ଶନୀରେ ସ୍ଥାନ ପାଇଥିଲା। ତାଙ୍କର ଦୁଇଟି ଫଟୋ ପୁସ୍ତକ ମହାରାଷ୍ଟ୍ର ଦେଶ୍ (୨୦୧୦) ଓ ପହାଵ ବିଠଲ (୨୦୧୧) ପ୍ରକାଶିତ ହୋଇଛି। ୨୦୦୩ ଜାନୁୟାରୀରେ ଉଦ୍ଧବ ଶିବସେନାର କାର୍ଯ୍ୟକାରୀ ଅଧ୍ୟକ୍ଷ ନିଯୁକ୍ତ ହୋଇଥିଲେ। ପିତା ତଥା ଦଳର ପ୍ରତିଷ୍ଠାତା ବାଲ୍ ଠାକ୍‌ରେଙ୍କ ପରଲୋକ ପରେ ୨୦୧୨ରେ ଉଦ୍ଧବ ଆନୁଷ୍ଠାନିକ ଭାବେ ଦଳ ମୁଖ୍ୟ ଭାବେ ଦାୟିତ୍ୱ ନେଇଥିଲେ। କିଛି ବର୍ଷ ପୂର୍ବେ ସେ କରିଥିବା ଫଟୋ ପ୍ରଦର୍ଶନୀରୁ ସଂଗୃହୀତ ୧୦ ଲକ୍ଷ ଟଙ୍କା କୃଷକମାନଙ୍କ କଲ୍ୟାଣ ପାଇଁ ଦାନ କରିଥିଲେ। କୃଷକ ସମସ୍ୟା ଓ ଚାଷୀ ଆତ୍ମହତ୍ୟା ପ୍ରସଙ୍ଗକୁ ନେଇ ଉଠାଇବା ପାଇଁ ସେ ତାଙ୍କ କର୍ମୀମାନଙ୍କୁ ଉତ୍ସାହିତ କରୁଥିଲେ। ବାନ୍ଦ୍ରାସ୍ଥିତ ଠାକ୍‌ରେ ବାସଭବନ 'ମାତୋଶ୍ରୀ'ରୁ ଉଦ୍ଧବ ଏବେ ଦକ୍ଷିଣ ମୁମ୍ବାଇରେ ଥିବା ମୁଖ୍ୟମନ୍ତ୍ରୀଙ୍କ ବାସଭବନ 'ବର୍ଷା'ରେ ପାଦ ଥାପିଛନ୍ତି। ଏବେ ତାଙ୍କୁ ନୀତି ଆଦର୍ଶରେ ଅନେକ ପରିବର୍ତ୍ତନ ଆଣିବାକୁ ପଡିବ। ନୂଆ ମେଣ୍ଟ ପରିଚାଳନା ଓ ସରକାର ୫ ବର୍ଷ ତିଷ୍ଠିବାକୁ ହେଲେ ତାଙ୍କୁ ନମନୀୟତା ଏବଂ ବିଚକ୍ଷଣତା ଦେଖାଇବାକୁ ପଡିବ ବୋଲି ରାଜନୀତି ବିଶେଷଜ୍ଞମାନେ ମତ ଦେଇଛନ୍ତି।

## ଟିଏମ୍‌ସି ୩ ଆସନ ପୋଛିନେଲା

**ପଶ୍ଚିମବଙ୍ଗ ଉପନିର୍ବାଚନ**

କୋଲକାତା, ୨୮।୧୧



ପଶ୍ଚିମବଙ୍ଗର ୩ ବିଧାନସଭା ଆସନ ଲାଗି ହୋଇଥିବା ଉପନିର୍ବାଚନରେ ମମତା ବାନାର୍ଜୀ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ(ଟିଏମ୍‌ସି) ବାଜିମାରିଛି। ସମସ୍ତ ୩ ଆସନରେ ଟିଏମ୍‌ସିର ପ୍ରାର୍ଥୀ ବାଜିମାତ୍ କରିଛନ୍ତି। କାଳିଆଗଞ୍ଜରେ ଟିଏମ୍‌ସି ପ୍ରାର୍ଥୀ ତପନ ଦେବ ସିହ୍ନା ତାଙ୍କ ନିକଟତମ ଭାଜପା ପ୍ରାର୍ଥୀ କମଲ ଚନ୍ଦ୍ର ସର୍କାରଙ୍କୁ ୨,୪୧୮ ଭୋଟରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ସେହିଭଳି ଖଡ଼ଗପୁର ସଦର ଆସନରେ ଟିଏମ୍‌ସି ପ୍ରାର୍ଥୀ ପ୍ରଦୀପ ସର୍କାର ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ପ୍ରେମଚନ୍ଦ୍ର ଝାଙ୍କୁ ୨୦,୮୧୧ ଭୋଟରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ଅନୁରୂପ ଭାବେ କରିମ୍‌ପୁରରେ ଟିଏମ୍‌ସିର ବିମଳେନ୍ଦୁ ସିହ୍ନା ରୟ ଭାଜପା ଉପସଭାପତି ଜୟପ୍ରକାଶ ମଜୁମ୍‌ଦାରଙ୍କୁ ୨୩,୬୫୦ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ସବୁଠାରୁ ବଡ଼ କଥା ହେଲା ଗତ ଲୋକ ସଭା ନିର୍ବାଚନରେ ମିଦ୍‌ନାପୁର ଆସନ ଭାଜପା ହାତକୁ ଯାଇଥିବାବେଳେ ଖଡ଼ଗପୁର ସଦର ବିଧାନସଭା ଆସନ ଦଳ ଅକ୍ତିଆର କରିବାରେ ସଫଳ ହୋଇନାହିଁ। ଭାଜପା ପ୍ରଦେଶ ଅଧ୍ୟକ୍ଷ ଦିଲୀପ ଘୋଷ ପୂର୍ବରୁ ଖଡ଼ଗପୁର ବିଧାୟକ ଥିଲାବେଳେ ମିଦ୍‌ନାପୁର ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ଏଥିଲାଗି ଏଠାରେ ଉପନିର୍ବାଚନ କରାଯାଇ ଥିବାବେଳେ ଭାଜପାକୁ ଜୋର୍‌ଦାର ଝଟକା ଲାଗିଛି। ଏଠାରେ ଟିଏମ୍‌ସିକୁ ୪୭% ଓ ଭାଜପାକୁ ୩୪% ଭୋଟ ମିଳିଛି। ଫଳାଫଳ ପରେ ଟିଏମ୍‌ସି ମୁଖ୍ୟ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହା ଲୋକଙ୍କ ବିଜୟ ଓ ବିକାଶ ଲାଗି ଏହା ପଥ ସୁଗମ କରିବ ବୋଲି ପ୍ରକାଶ କରିଛନ୍ତି। ଭାଜପାର ଅହଙ୍କାରକୁ ଲୋକେ ପ୍ରତ୍ୟାଖ୍ୟାନ କରିଥିବା ସେ କହିଛନ୍ତି। ଖଡ଼ଗପୁର ଓ କାଳିଆଗଞ୍ଜରେ ଲୋକେ ଟିଏମ୍‌ସି ପ୍ରତି ଆସ୍ଥା ରଖି ଦଳକୁ ବିଜୟୀ କରାଇବା ଉତ୍ସାହ ଆଣିଦେଇଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ମେଣ୍ଟ ସରକାରର ସିଏମ୍‌ପି
## କୃଷି ଋଣଛାଡ଼କୁ ଗୁରୁତ୍ୱ

ମୁମ୍ବାଇ, ୨୮।୧୧



ଏକ୍‌ନାଥ ସିନ୍ଦେ

ମହାରାଷ୍ଟ୍ରରେ ନବଗଠିତ ଶିବସେନା-ଏନ୍‌ସିପି-କଂଗ୍ରେସ ମେଣ୍ଟ ସରକାର ରାଜ୍ୟରେ କୃଷକ ସମସ୍ୟାର ସମାଧାନ ଓ ସେମାନଙ୍କ ଋଣଛାଡ଼ ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥିସହ ସ୍ଥାନୀୟ ଯୁବତୀଯୁବକଙ୍କ ଲାଗି ୮୦ ପ୍ରତିଶତ କର୍ମନିଯୁକ୍ତି ସୁବିଧା ଯୋଗାଇ ଦେବାକୁ ମହାରାଷ୍ଟ୍ର ବିକାଶ ଅଘାଡ଼ି ପକ୍ଷରୁ ଘୋଷଣା କରାଯାଇଛି। ଏନ୍‌ସିପି ନେତା ଜୟନ୍ତ ପାଟିଲ ଓ ନୱାବ ମଲିକଙ୍କ ସହ ଶିବସେନା ନେତା ଏକ୍‌ନାଥ ସିନ୍ଦେ ଗୁରୁବାର ମିଳିତ ଭାବେ ମେଣ୍ଟ ସରକାରର ସାଧାରଣ ସର୍ବନିମ୍ନ କାର୍ଯ୍ୟକ୍ରମ(ସିଏମ୍‌ପି) ସମ୍ପର୍କରେ ଘୋଷଣା କରିଥିଲେ। ରାଜ୍ୟରେ କୃଷକଙ୍କ ସମ୍ପୂର୍ଣ୍ଣ ଋଣଛାଡ଼, ସ୍ଥାନୀୟ ଲୋକଙ୍କୁ ୮୦% କାମ ସହ ୧୦ ଟଙ୍କାରେ ଲୋକଙ୍କୁ ଖାଇବାକୁ ଦେବା ଆଦି ସିଏମ୍‌ପିରେ ସ୍ଥାନ ପାଇଛି।

## ଅଣସଦସ୍ୟ ଭାବେ ଉଦ୍ଧବ ଅଷ୍ଟମ ମୁଖ୍ୟମନ୍ତ୍ରୀ

ମୁମ୍ବାଇ, ୨୮।୧୧



ଶପଥ ନେବା ପରେ ସିଦ୍ଧି ବିନାୟକ ମନ୍ଦିରରେ ଉଦ୍ଧବ ଓ ତାଙ୍କ ପରିବାର।

ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଭାବେ ଶିବସେନା ନେତା ଉଦ୍ଧବ ଠାକ୍‌ରେ ଗୁରୁବାର ପ୍ରଥମ ଥର ଲାଗି ଶପଥଗ୍ରହଣ କରିଛନ୍ତି। ତେବେ ସେ ଏବେ ବିଧାନସଭା/ ବିଧାନ ପରିଷଦର ସଦସ୍ୟ ନାହାନ୍ତି। ଅଣସଦସ୍ୟ ଭାବେ ମୁଖ୍ୟମନ୍ତ୍ରୀ ହେବା ଉଦ୍ଧବ ମହାରାଷ୍ଟ୍ରରେ ଅଷ୍ଟମ ରାଜନେତା। ତାଙ୍କ ପୂର୍ବରୁ ଅଣସଦସ୍ୟ ଭାବେ କଂଗ୍ରେସ ନେତା ଏ.ଆର୍. ଆନ୍ତୁଲେ, ବସନ୍ତଦାଦା ପାଟିଲ, ଶିବାଜୀରାଓ ନିଲଙ୍ଗେକର-ପାଟିଲ, ଶଙ୍କରରାଓ ଚଭନ, ସୁଶିଲ କୁମାର ସିନ୍ଦେ ଓ ପୃଥ୍ୱୀରାଜ ଚଭନ ମୁଖ୍ୟମନ୍ତ୍ରୀ ଭାବେ ଶପଥଗ୍ରହଣ କରିଥିଲେ। ସାମ୍ବିଧାନିକ ନିୟମ ଅନୁଯାୟୀ, ବିଧାନସଭା/ ବିଧାନ ପରିଷଦର ସଦସ୍ୟ ନ ଥାଇ ଶପଥଗ୍ରହଣ କଲେ, ତା'ର ୬ ମାସ ମଧ୍ୟରେ ନିର୍ବାଚିତ ହେବା ଜରୁରୀ। ତେବେ ଯାଇ ତାଙ୍କ ପଦ ସୁରକ୍ଷିତ ରହିପାରିବ।

## ଝାଡ଼ଖଣ୍ଡ: ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର ଶେଷ

**ରାଞ୍ଚି,୨୮।୧୧:** ପ୍ରଥମ ପର୍ଯ୍ୟାୟ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ଗୁରୁବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି। ଏହି ପର୍ଯ୍ୟାୟରେ ପାଲାମୌ, ଗୁମ୍‌ଲା, ଗରୱା ଏବଂ ଲାଟେହାର ସମେତ ୧୩ଟି ଆସନରେ ଶନିବାର ନିର୍ବାଚନ ଅନୁଷ୍ଠିତ ହେବ। ପ୍ରଚାରର ଶେଷ ଦିନରେ ସବୁ ଦଳର ନେତାମାନେ ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ଉଦ୍ୟମ କରିଥିଲେ। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଛତ୍ରା ଏବଂ ଗରୱାରେ ନିର୍ବାଚନୀ ସଭାକୁ ସମ୍ବୋଧିତ କରିଥିବାବେଳେ ମୁଖ୍ୟମନ୍ତ୍ରୀ ରଘୁବର ଦାସ, ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍)ର କାର୍ଯ୍ୟକାରୀ ଅଧ୍ୟକ୍ଷ ହେମନ୍ତ ସୋରେନ, ଝାଡଖଣ୍ଡ ବିକାଶ ମୋର୍ଚ୍ଚା ଅଧ୍ୟକ୍ଷ ବାବୁଲାଲ ମାରାଣ୍ଡି ଏବଂ ଅଲ୍ ଝାଡ଼ଖଣ୍ଡ ଷ୍ଟୁଡେଣ୍ଟସ୍ ୟୁନିୟନ ମୁଖ୍ୟ ସୁଦେଶ କୁମାର ମାହତୋ ବିଭିନ୍ନ ନିର୍ବାଚନୀ ର୍‍ୟାଲିରେ ଉଦ୍‌ବୋଧନ ଦେଇଥିଲେ।

ତୃତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଗୁରୁବାର ଥିଲା ଶେଷଦିନ। ନାମାଙ୍କନ ଯାଞ୍ଚ ପରେ ପ୍ରତିଦ୍ୱନ୍ଦ୍ୱିତାରେ ୩୧୪ ପ୍ରାର୍ଥୀ ରହିଛନ୍ତି। ଏହି ପର୍ଯ୍ୟାୟରେ ୮ ଜିଲାର ୧୭ ନିର୍ବାଚନମଣ୍ଡଳୀରେ ଭୋଟଗ୍ରହଣ କରାଯିବ।






## ପ୍ରତିରକ୍ଷା କମିଟିରୁ ପ୍ରଜ୍ଞା ବିଦା

ନୂଆଦିଲ୍ଲୀ,୨୮।୧୧(ପି.ଟି.)



ପ୍ରଜ୍ଞା ସିଂ ଠାକୁର

**ଗଡ୍‌ସେ ବିବାଦ**

**ମନ୍ତବ୍ୟକୁ ନିନ୍ଦା କଲେ ରାଜନାଥ**

ଭାଜପା ଏମ୍‌ପି ଙ୍କ ନାଥୁରାମ ଗଡ୍‌ସେ ମନ୍ତବ୍ୟ ତାଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଭାଜପା ତାଙ୍କୁ ସଂସଦୀୟ ଦଳ ବୈଠକରେ ଯୋଗଦେବାରୁ ବାରଣ କରିବା ସହିତ ପ୍ରତିରକ୍ଷା ପରାମର୍ଶ କମିଟିରୁ ବିଦା କରିଦେଇଛି।

ବୁଧବାର ଲୋକ ସଭାରେ ଏସ୍‌ପିଜି ବିଲ୍ ଉପରେ ଆଲୋଚନା ଚାଲିଥିବାବେଳେ ନାଥୁରାମ ଗଡ୍‌ସେ ଜଣେ ଦେଶଭକ୍ତ ବୋଲି ପ୍ରଜ୍ଞା କହିଥିଲେ। ଏହାକୁ ନେଇ ଗୃହରେ ପ୍ରବଳ ହୋ-ହଲ୍ଲା ହୋଇଥିଲା। ପ୍ରଜ୍ଞାଙ୍କ ମନ୍ତବ୍ୟକୁ ରାହୁଲ ତୀବ୍ର ସମାଲୋଚନା କରିବା ସହ ତାଙ୍କୁ ଜଣେ ଆତଙ୍କବାଦୀ ବୋଲି କହିଥିଲେ। ଆତଙ୍କବାଦୀ ପ୍ରଜ୍ଞା ଆତଙ୍କବାଦୀ ଗଡ୍‌ସେଙ୍କୁ ଦେଶଭକ୍ତ କହୁଛନ୍ତି। ପ୍ରଜ୍ଞାଙ୍କ ମନ୍ତବ୍ୟ ଭାଜପା ଏବଂ ଆର୍‌ଏସ୍‌ଏସ୍‌ର ମନର କଥାକୁ ପ୍ରତିଫଳନ କରୁଛି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଥିଲେ। ଏହା ଭାରତୀୟ ସଂସଦ ପାଇଁ ଏକ ଦୁଃଖର ଦିନ ବୋଲି ସେ ମତ ଦେଇଥିଲେ। ବିଭିନ୍ନ ମହଲରୁ ସମାଲୋଚନା ହେବା ପରେ ପ୍ରଜ୍ଞା ନିଜ ମନ୍ତବ୍ୟ ସମ୍ପର୍କରେ ସଫେଇ ଦେବାକୁ ଯାଇ ସେ ବିପ୍ଳବୀ ଉଧମ୍ ସିଂଙ୍କ ଅପମାନକୁ ବିରୋଧ କରି ଏଭଳି ବିବୃତି ଦେଇଥିବା କହିଥିଲେ। ପ୍ରଜ୍ଞାଙ୍କ ମନ୍ତବ୍ୟ ନିନ୍ଦନୀୟ। ଭାଜପା ଏଭଳି ମନ୍ତବ୍ୟ ଓ ଚିନ୍ତାଧାରାକୁ କଦାପି ସମର୍ଥନ କରେନାହିଁ ବୋଲି ଦଳର କାର୍ଯ୍ୟକାରୀ ଅଧ୍ୟକ୍ଷ ଜେ.ପି. ନଡ୍ଡା କହିଥିଲେ। ତେବେ ଭାଜପା ନେଇଥିବା କାର୍ଯ୍ୟାନୁଷ୍ଠାନ ଯଥେଷ୍ଟ ନୁହେଁ। ଭାଜପା କ'ଣ ପାଇଁ ପ୍ରଜ୍ଞାଙ୍କୁ ଦଳରୁ ବିଦା କରୁନି ବୋଲି କଂଗ୍ରେସ ପ୍ରଶ୍ନ କରିଛି।

ଲୋକ ସଭାରେ ବିରୋଧୀ ସଦସ୍ୟମାନଙ୍କ ଜୋରଦାର ପ୍ରତିବାଦ ମଧ୍ୟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପ୍ରଜ୍ଞାଙ୍କ ମନ୍ତବ୍ୟକୁ ସମାଲୋଚନା କରିଥିଲେ। ମହାତ୍ମା ଗାନ୍ଧୀଙ୍କ ହତ୍ୟାକାରୀଙ୍କୁ 'ଦେଶଭକ୍ତ' ଭାବେ ବର୍ଣ୍ଣନା କରିବା ଚିନ୍ତାଧାରାକୁ ଭାଜପା ନିନ୍ଦାକରେ ବୋଲି ସେ କହିଛନ୍ତି। ମହାତ୍ମାଙ୍କ ଦର୍ଶନ ପ୍ରାସଙ୍ଗିକ ଥିଲା, ରହିଛି ଏବଂ ଭବିଷ୍ୟତରେ ରହିବ। ମହାତ୍ମା ରାଷ୍ଟ୍ରର ମାର୍ଗଦର୍ଶକ ଭାବେ ରହିଆସିଛନ୍ତି ବୋଲି ରାଜନାଥ କହିଥିଲେ। ତେବେ ପ୍ରତିରକ୍ଷାମନ୍ତ୍ରୀଙ୍କ ଉତ୍ତରରେ ସନ୍ତୁଷ୍ଟ ନ ହୋଇ କଂଗ୍ରେସ, ତୃଣମୂଳ କଂଗ୍ରେସ, ଡିଏମ୍‌କେ, ବାମଦଳ, ଏନ୍‌ସିପି ଏବଂ ଏଆଇଏମ୍‌ଆଇଏମ୍ ସଦସ୍ୟମାନେ କକ୍ଷତ୍ୟାଗ କରି ଚାଲିଯାଇଥିବାବେଳେ ବିଏସ୍‌ପି, ବିଜେଡି, ଟିଡିପି ଏବଂ ଟିଆର୍‌ଏସ୍ ସଦସ୍ୟମାନେ ଗୃହରେ ବସିରହିଥିଲେ।

## ବିସ୍ଫୋରଣରେ ୧୫ ମୃତ

କାବୁଲ,୨୮।୧୧

ଆଫଗାନିସ୍ତାନର କୁନ୍ଦୁଜ୍ ପ୍ରଦେଶରେ ତାଲିବାନ ଆତଙ୍କବାଦୀ ଖଞ୍ଜିଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣରେ ୮ ଶିଶୁଙ୍କ ସମେତ ୧୫ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୬ ଜଣ ମହିଳା ଅଛନ୍ତି। ଉକ୍ତ ଅଞ୍ଚଳରେ ଆଫଗାନ୍ ସୈନ୍ୟବାହିନୀ ସହ ତାଲିବାନ ଆତଙ୍କବାଦୀଙ୍କ ସଂଘର୍ଷ ନିୟମିତ ଘଟୁଛି। ଗତ ସେପ୍ଟେମ୍ବରରେ ତାଲିବାନ କୁନ୍ଦୁଜ୍ ସହରକୁ ଅକ୍ତିଆର କରିବା ପାଇଁ ଆକ୍ରମଣ କରିଥିଲା।

## ପାର୍ଲାମେଣ୍ଟରେ ଚିଟ୍‌ଫଣ୍ଡ ବିଲ୍ ଗୃହୀତ

**ନୂଆଦିଲ୍ଲୀ,୨୮।୧୧(ପି.ଟି.):** ଚିଟ୍‌ଫଣ୍ଡ ସଂଶୋଧନ ବିଲ୍ ଗୁରୁବାର ପାର୍ଲାମେଣ୍ଟରେ ଗୃହୀତ ହୋଇଛି। ୨୦ ତାରିଖରେ ଏହା ଲୋକ ସଭାର ଅନୁମୋଦନ ଲାଭ କରିଥିବାବେଳେ ଗୁରୁବାର ରାଜ୍ୟ ସଭା ଏହାକୁ ମଞ୍ଜୁରୀ ଦେଇଛି। ପ୍ରସ୍ତାବିତ ବିଲ୍‌ରେ ବ୍ୟକ୍ତିବିଶେଷ କିମ୍ବା ୪ ଜଣରୁ କମ୍ ଲୋକଙ୍କ ଦ୍ୱାରା ପରିଚାଳିତ ଚିଟ୍‌ଫଣ୍ଡର ଅର୍ଥସୀମାକୁ ୧ ଲକ୍ଷରୁ ୩ ଲକ୍ଷକୁ ବୃଦ୍ଧି କରାଯାଇଥିବାବେଳେ ୪ କିମ୍ବା ତଦୂର୍ଦ୍ଧ୍ୱ ଅଂଶୀଦାରଙ୍କ ଫାର୍ମ ଦ୍ୱାରା ପରିଚାଳିତ ଚିଟ୍‌ଫଣ୍ଡର ଅର୍ଥରାଶି ସୀମାକୁ ୬ ଲକ୍ଷରୁ ୧୮ ଲକ୍ଷ ଟଙ୍କାକୁ ବଢ଼ାଇଦିଆଯାଇଛି। ଚିଟ୍‌ଫଣ୍ଡ ପରିଚାଳନା ପାଇଁ ଉତ୍ତରଦାୟୀ ଫୋର୍‌ମ୍ୟାନଙ୍କ ସର୍ବାଧିକ କମିଶନକୁ ୫ ପ୍ରତିଶତରୁ ୭ ପ୍ରତିଶତକୁ ବୃଦ୍ଧି କରାଯାଇଛି।

### ଇତିହାସର ଆଇନାରେ

**ନଭେମ୍ବର ୨୯ର ପ୍ରମୁଖ ଘଟଣା**

୧୯୪୭ ନଭେମ୍ବର ୨୯ରେ ପାଲେଷ୍ଟାଇନର ବିଭକ୍ତୀକରଣ ଲାଗି ଜାତିସଂଘ ସାଧାରଣ ଅଧିବେଶନରେ ଦିଆଯାଇଥିବା ପ୍ରସ୍ତାବକୁ ଗ୍ରହଣ କରାଯାଇଥିଲା।

୧୯୮୭ ନଭେମ୍ବର ୨୯ରେ କୋରିଆର ଏକ ବିମାନରେ ବିସ୍ଫୋରଣ ହେବାରୁ ମଝି ଆକାଶରେ ଏହା ଧ୍ୱଂସ ପାଇଯାଇଥିଲା। ଏଥିରେ ଥିବା ସମସ୍ତ ୧୧୫ ଯାତ୍ରୀ ପ୍ରାଣ ହରାଇଥିଲେ।

## ସଫେଇ କର୍ମଚାରୀ ପଦ ଲାଗି ୭ ହଜାର ଇଞ୍ଜିନିୟରଙ୍କ ଆବେଦନ

କୋଏମ୍ବାଟୁର, ୨୮।୧୧

ତାମିଲନାଡୁର କୋଏମ୍ବାଟୁରରେ ସଫେଇ କର୍ମଚାରୀ ପଦବୀ ଲାଗି ୭ ହଜାର ଇଞ୍ଜିନିୟରଙ୍କ ଆବେଦନ ବେକାରି ସମସ୍ୟାର ବିକଳ ଚିତ୍ରକୁ ପଦାରେ ପକାଇଛି। ସିଟି କର୍ପୋରେଶନରେ ଖାଲିଥିବା ୪୪୯ ପଦ ଲାଗି ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ ପାସ୍ ଥିବାବେଳେ ୭ ହଜାର ଇଞ୍ଜିନିୟର, ପୋଷ୍ଟ ଗ୍ରାଜୁଏଟ୍ ଓ ଡିପ୍ଲୋମାଧାରୀ ଏଥିଲାଗି ୩ ଦିନରେ ଆବେଦନ କରିଛନ୍ତି। ଦରଖାସ୍ତ ଯାଞ୍ଚ ପରେ ଏହି ତଥ୍ୟ ପଦାକୁ ଆସିଛି। କେତେକ ଆବେଦନକାରୀ ଘରୋଇ ଫାର୍ମରେ କାମ କରୁଥିବାବେଳେ ସରକାରୀ ଚାକିରି ଆଶାରେ ଆବେଦନ କରିଛନ୍ତି। ଜବ୍ ସିକ୍ୟୁରିଟି ସହ ଦରମା ୧୫,୭୦୦ ଟଙ୍କା ପାଇବା ଆଶାରେ ଅନେକ ଉଚ୍ଚଶିକ୍ଷିତ ଯୁବକ ଏଥିଲାଗି ଆବେଦନ କରିଥିବା କହିଛନ୍ତି। ସରକାରୀ ଭାବେ ସଫେଇ କାର୍ଯ୍ୟ ସକାଳେ ୩ ଘଣ୍ଟା ଓ ସନ୍ଧ୍ୟାରେ ୩ ଘଣ୍ଟା କରିବାକୁ ପଡ଼ିବ। ଘରୋଇ କର୍ମଚାରୀ ଭାବେ ୧୨ ଘଣ୍ଟା କାମ କରି ୬/୭ ହଜାର ରୋଜଗାର କରିବା ଅପେକ୍ଷା ସରକାରୀ ଚାକିରି ଲାଗି ଏମାନେ ମନ ବଳାଇଛନ୍ତି।

## ଇନ୍ସପେକ୍ଟର ଚାକିରିରୁ ବହିଷ୍କୃତ

କଟକ ଅଫିସ, ୨୮।୧୧: ଲାଞ୍ଚ ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ମୟୂରଭଞ୍ଜ ଜିଲା ପୋଲିସ ମୁଖ୍ୟାଳୟର ଆଇୟୁସିଏଡବ୍ଲ୍ୟୁ ଦାୟିତ୍ୱରେ ଥିବା ଇନ୍ସପେକ୍ଟର ନଳିନୀକାନ୍ତ ମହାପାତ୍ରଙ୍କୁ ଡିଜିପି ଗୁରୁବାର ଚାକିରିରୁ ବହିଷ୍କୃତ କରିଛନ୍ତି। ରାୟଗଡା ଜିଲା ବିଷମକଟକର ଆଇଆଇସି ଥିବାବେଳେ ମହାପାତ୍ର ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏ ନେଇ କୋରାପୁଟ ଭିଜିଲାନ୍ସ ତାଙ୍କ ବିରୋଧରେ ଏକ ମାମଲା(ନଂ.୪୪/୨୦୧୦) ରୁଜୁ କରିଥିଲା। ଅକ୍ଟୋବର ୨୩ରେ ଜୟପୁର ସ୍ପେଶାଲ ଭିଜିଲାନ୍ସ ଜଜ୍ ମହାପାତ୍ରଙ୍କୁ ପିସି ଆକ୍ଟ ୧୯୮୮ ଧାରା ୧୩(୨) ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଥିଲେ। ଭାରତୀୟ ସମ୍ବିଧାନର ନିୟମ ୮୨୮, ଧାରା ୩୧୧(୨)(ବି) ଅନୁଯାୟୀ ମହାପାତ୍ରଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି।

### ପର୍ଯ୍ୟଟନ ମନ୍ତ୍ରୀଙ୍କ ସହ ମହିଳା ଯିବା ପ୍ରସଙ୍ଗ

# ମନ୍ତ୍ରୀଙ୍କ ଇସ୍ତଫା ଦାବି କଲେ ବିରୋଧୀ

ଭୁବନେଶ୍ୱର,୨୮।୧୧(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଦ୍ୱାରା ହାଇଦ୍ରାବାଦରେ ଆୟୋଜିତ ରୋଡ୍ ଶୋ'କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଦୁଇଜଣ ମହିଳାଙ୍କୁ ସରକାରୀ ଅର୍ଥରେ ସାଙ୍ଗରେ ନେଇଥିବା ଅଭିଯୋଗ ହୋଇଛି। ସରକାରୀ ଅର୍ଥରେ ଉକ୍ତ ଦୁଇ ମହିଳାଙ୍କୁ ହାଇଦ୍ରାବାଦ କାହିଁକି ନିଆଯାଇଥିଲା। କେନ୍ଦ୍ରାପଡ଼ାର ସାରଥି ବାବା ଜଣେ ଝିଅଙ୍କୁ ସାଙ୍ଗରେ ନେଇଥିଲେ ବୋଲି ତାଙ୍କୁ ଗିରଫ କରି ଜେଲ ପଠାଗଲା। ପର୍ଯ୍ୟଟନ ମନ୍ତ୍ରୀ ଦୁଇଜଣ ମହିଳାଙ୍କୁ ସରକାରୀ ଅର୍ଥରେ ସାଙ୍ଗରେ ନେଇଥିଲେ ମଧ ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା। ତୁରନ୍ତ ସେ ମନ୍ତ୍ରୀପଦରୁ ଇସ୍ତଫା ଦିଅନ୍ତୁ । ଏଭଳି ସଙ୍ଗିନ ଅଭିଯୋଗ ଆଣି କଂଗ୍ରେସ ସଦସ୍ୟମାନେ ଗୁରୁବାର ବିଧାନସଭାରେ ପ୍ରବଳ ହଟ୍ଟଗୋଳ କରିଛନ୍ତି।

ଶୂନ୍ୟକାଳରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ, ୨୦୧୯ ଅକ୍ଟୋବର ୪ ତାରିଖରେ ପର୍ଯ୍ୟଟନ ମନ୍ତ୍ରୀ ଦୁଇଜଣ ମହିଳାଙ୍କୁ ହାଇଦ୍ରାବାଦ ନେଇଥିଲେ। କେଉଁ ଅଧିକାର ବଳରେ ମନ୍ତ୍ରୀ ଉଭୟଙ୍କୁ ସାଙ୍ଗରେ ନେଇଥିଲେ ଓ ସରକାରୀ ଅର୍ଥ ଖର୍ଚ୍ଚ କରିଥିଲେ। ସେ ସମ୍ପର୍କରେ ସରକାର ଗୃହରେ ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ନାୟକ ଦାବି କରିଥିଲେ। କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ, ପର୍ଯ୍ୟଟନ ମନ୍ତ୍ରୀ ଆର୍. ମହାପାତ୍ର ଏବଂ ଏସ୍.ଏସ୍.ମହାପାତ୍ର ନାମରେ ଦୁଇଜଣ ମହିଳାଙ୍କୁ ସାଙ୍ଗରେ ହାଇଦ୍ରାବାଦ ନେଇଥିଲେ। ସାରଥି ବାବା ଜଣେ ଡାକ୍ତରୀ ଛାତ୍ରୀଙ୍କୁ ହାଇଦ୍ରାବାଦ ନେଇଥିବାରୁ ତାଙ୍କୁ ଗିରଫ କରାଯାଇ ଜେଲ ପଠାଗଲା। ହେଲେ ପର୍ଯ୍ୟଟନ ମନ୍ତ୍ରୀ ମା' ଓ ବାଛୁରୀକୁ ସାଙ୍ଗରେ ନେଇଥିଲେ। ସରକାର କ'ଣ ନୂଆ ପର୍ଯ୍ୟଟନ ବିଭାଗ ଖୋଲିଛନ୍ତି କି ବୋଲି ପ୍ରଶ୍ନ କରିଥିଲେ। ସେମାନେ ତାଙ୍କ ପଇସାରେ ଯାଇଥିଲେ ନା ସରକାରଙ୍କ ପଇସାରେ ଯାଇଥିଲେ, ସେନେଇ ସରକାର ଗୃହରେ ଜବାବ ରଖିବା ଦରକାର। ଏପରିକି ମନ୍ତ୍ରୀଙ୍କୁ ତୁରନ୍ତ ବରଖାସ୍ତ କରାଯାଉ ବୋଲି ସେ ଦାବି କରିଥିଲେ। ମନ୍ତ୍ରୀଙ୍କ ଇସ୍ତଫା ଦାବି କରି କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ, ସନ୍ତୋଷ ସିଂ ସାଲୁଜା, ମହମ୍ମଦ ମୋକିମ ଏବଂ ଅନ୍ୟ ସଦସ୍ୟମାନେ ଗୃହର ମଧଭାଗକୁ ଆସି ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ମନ୍ତ୍ରୀଙ୍କ ଇସ୍ତଫା ଆମର ଦାବି...,ଆମର ଦାବି ସ୍ଲୋଗାନ ଦେଇ ପ୍ରବଳ ହୋହଲ୍ଲା କରିଥିଲେ। ତାରା ବାଚସ୍ପତିଙ୍କ ପୋଡିୟମ ଉପରକୁ ଉଠିବାକୁ ଚେଷ୍ଟା କରିଥିଲେ। ହଟ୍ଟଗୋଳ ଯୋଗୁ ବାଚସ୍ପତି ୧୨ଟା ୧୧ ମିନିଟରୁ ଗୃହକୁ ଅଧଘଣ୍ଟା ପାଇଁ ମୁଲତବୀ ଘୋଷଣା କରିଥିଲେ। ୧୨ ଟା ୪୧ ମିନିଟ୍‌ରେ ପୁଣି ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ବିରୋଧୀ ଦଳ ଭାଜପା ଓ କଂଗ୍ରେସର ସଦସ୍ୟମାନେ ଗୃହର ମଧଭାଗକୁ ଆସି ପୁଣି ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ହୋହଲ୍ଲା କରିଥିଲେ। ପରିସ୍ଥିତି ଅସମ୍ଭାଳ ହେବାରୁ ବାଚସ୍ପତି ବିରୋଧୀ ଦଳ ପକ୍ଷରୁ ଦିଆଯାଇଥିବା ମୁଲତବୀ ପ୍ରସ୍ତାବ ଆଲୋଚନା ସମ୍ଭବ ହୋଇ ନ ଥିଲା। ଶେଷରେ ବାଚସ୍ପତି ବାଧ ହୋଇ ଗୃହକୁ ୧୨ ଟା ୫୩ରୁ ଅପରାହ୍ନ ୩ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନରେ ପୁଣି ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ପରେ ପୁଣି ହଟ୍ଟଗୋଳ ଲାଗି ରହିଥିଲା। ବାଚସ୍ପତି ଗୃହକୁ ୩ଟା ୭ରେ ମୁଲତବୀ କରି ସର୍ବଦଳୀୟ ବୈଠକ ଡାକିଥିଲେ। ବୈଠକ ପରେ ୪ଟା ୨ ମିନିଟରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ତେବେ ଏହି ପ୍ରସଙ୍ଗ ଉପରେ ସଂସଦୀୟ ବ୍ୟପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଗୁରୁବାର ଅପରାହ୍ନରେ ଗୃହରେ ବିବୃତି ରଖିଥିଲେ। ମନ୍ତ୍ରୀ କହିଛନ୍ତି ଯେ ଗତ ୪ ତାରିଖରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ରୋଡ୍ ଶୋ ପାଇଁ ହାଇଦ୍ରାବାଦ ଯାଇଥିଲେ। ହେଲେ ମନ୍ତ୍ରୀଙ୍କ ବ୍ୟତୀତ ଅନ୍ୟମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ କୌଣସି ଅର୍ଥ ଖର୍ଚ୍ଚ କରାଯାଇ ନାହିଁ।

**ବିଧାନସଭାରେ ହଟ୍ଟଗୋଳ**

- ବାରମ୍ବାର ଗୃହ ମୁଲତବୀ
- ସର୍ବଦଳୀୟ ବୈଠକ ପରେ ଶାନ୍ତ ପଡ଼ିଲେ ବିରୋଧୀ
- ବିବୃତି ରଖିଲେ ସଂସଦୀୟ ବ୍ୟପାର ମନ୍ତ୍ରୀ
- ପର୍ଯ୍ୟଟନ ମନ୍ତ୍ରୀଙ୍କ ଛଡ଼ା ଆଉ କାହା ପାଇଁ ସରକାରୀ ଅର୍ଥ ଖର୍ଚ୍ଚ ହୋଇ ନାହିଁ

WISH YOU HAPPY ANNIVERSARY
Best Compliment From:
JUNIOR COLLEGE VIDWAN JC JEYPORE
VIDWAN JUNIOR COLLEGE
+2 Day Scholar Cum Residential College
(Recognized by Govt. of Odisha &
Affiliated to CHSE(O), BBSR)
MAIN ROAD, JEYPORE,
KORAPUT(O), Ph: 06854-232096

# ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମଧ୍ୟାହ୍ନଭୋଜନ ଦାୟିତ୍ୱ

ଭୁବନେଶ୍ୱର, ୨୮।୧୧(ବ୍ୟୁରୋ)

ଏଣିକି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଡବ୍ଲୁଏସ୍ଏଚ୍‌ଜି) ସ୍କୁଲଗୁଡ଼ିକରେ ମଧ୍ୟାହ୍ନଭୋଜନ ଦାୟିତ୍ୱ ସମ୍ଭାଳିବେ। ରାଜ୍ୟର ସମସ୍ତ ସରକାରୀ ଏବଂ ସରକାରୀ ସ୍ୱୀକୃତିପ୍ରାପ୍ତ ସ୍କୁଲରେ ଯେଉଁଠାରେ ୬ରୁ ୧୪ ବର୍ଷ ପିଲାଙ୍କୁ ଶିକ୍ଷାଦାନ ଦିଆଯାଉଛି, ସେଠାରେ ମଧ୍ୟାହ୍ନ ଭୋଜନର ସୁପରିଚାଳନା ଲାଗି ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ୧୦୦ରୁ ଉର୍ଦ୍ଧ୍ୱ ପିଲା ଥିବା ସ୍କୁଲରେ ମଧ୍ୟାହ୍ନଭୋଜନର ଦାୟିତ୍ୱ ଡବ୍ଲୁଏସ୍ଏଚ୍‌ଜି ନେବେ। ତେବେ ଯେଉଁଠି ସେଣ୍ଟ୍ରାଲ କିଚେନ ବା ଅକ୍ଷୟ ପାତ୍ର ଫାଉଣ୍ଡେଶନକୁ ଦାୟିତ୍ୱ ଦିଆଯାଇଥିଲା, ତାହା ପରିବର୍ତ୍ତନ ହେବ ନାହିଁ। ରାଜ୍ୟରେ ୫୩ ହଜାର ସ୍କୁଲରେ ମଧ୍ୟାହ୍ନ ଭୋଜନ ବିଷୟ ୧୫ ହଜାର ଡବ୍ଲୁଏସ୍ଏଚ୍‌ଜି ବୁଝିବେ। ଏନେଇ ରାଜ୍ୟ ମିଶନ ଶକ୍ତି ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ମଧ୍ୟାହ୍ନଭୋଜନ ଯୋଜନା ବିଶ୍ୱର ସର୍ବବୃହତ୍ ଖାଦ୍ୟ ଯୋଗାଣ ଯୋଜନା। ତେଣୁ ଏହାକୁ ସଠିକ୍ ପରିଚାଳନା କରିବା ଏବଂ ଏଥିରେ ସ୍ୱୟଂ ସହାୟକ ମହିଳାଙ୍କୁ ନିଯୁକ୍ତି ଦେଇ ସେମାନଙ୍କୁ ସଶକ୍ତୀକରଣ କରିବା ହେଉଛି ରାଜ୍ୟ ସରକାରଙ୍କ ମୂଳଲକ୍ଷ୍ୟ। ତେବେ ଜିଲା ଶିକ୍ଷା ଅଧିକାରୀମାନେ ୧୦୦ରୁ ଅଧିକ ଛାତ୍ରୀଛାତ୍ର ଥିବା ସ୍କୁଲର ତାଲିକା ଜିଲା ସାମାଜିକ କଲ୍ୟାଣ ଅଧିକାରୀଙ୍କୁ ପ୍ରଦାନ କରିବେ। ଏହାପରେ ଡବ୍ଲୁଏସ୍ଏଚ୍‌ଜିଙ୍କୁ ଜିଲାପାଳ ଚୟନ କରିବେ। ଅନ୍ୟପଟେ ମଧ୍ୟାହ୍ନଭୋଜନ ଦାୟିତ୍ୱରୁ ଶିକ୍ଷକମାନେ ମୁକ୍ତ ହୋଇଛନ୍ତି। ପିଲାଙ୍କୁ ଉନ୍ନତମାନର ଖାଦ୍ୟ ଦେବାକୁ ରାଜ୍ୟ ସରକାର ବ୍ୟବସ୍ଥା କରୁଛନ୍ତି। କିନ୍ତୁ ଅଧିକାଂଶ ସମୟରେ ପିଲାଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ ହେଉଛି, ଯାହାକୁ ନେଇ ସ୍କୁଲ କର୍ତ୍ତୃପକ୍ଷ ଓ ଅଭିଭାବକଙ୍କ ମଧରେ ବିବାଦ ସୃଷ୍ଟି ହେଉଛି। ଏହାଛଡ଼ା ସ୍କୁଲର ପ୍ରଧାନଶିକ୍ଷକ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ରହିବା ଦ୍ୱାରା ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଥିଲା। ମଧ୍ୟାହ୍ନ ଭୋଜନ ଦାୟିତ୍ୱ ଡବ୍ଲୁଏସ୍ଏଚ୍‌ଜିକୁ ଯିବା ଦ୍ୱାରା ଶିକ୍ଷକମାନେ ସେଥିରୁ ମୁକ୍ତ ହେଲେ।

MITS SCHOOL OF BIOTECHNOLOGY
Estd 2003
APPROVED BY DEPT. OF HIGHER EDUCATION, GOVT. OF ODISHA & AFFILIATED WITH UTKAL UNIVERSITY, BHUBANESWAR
2200+ Students Placed
by MSB Placement Cell in 2017, 2018 & 2019
6000+ MSB Alumni • 16 Years Old Institute • Advanced Laboratories
Campus Placement have already started for 2020 passouts with selection of 172+ Nos of MITS Students as on 28.11.2019
70% students placed

| Company Visited | Students | Package |
|---|---|---|
| Capgemini | 65 | 2.50 Lakh |
| OMICS International | 51 | 2.94 Lakh |
| Integrated Resource | 25 | 3.74 Lakh |
| British Telecom | 14 | 2.50 Lakh |
| Deloitte | 12 | 3.86 Lakh |
| Cognizant | 3 | 2.53 Lakh |
| Infosys | 2 | 2.19 Lakh |



Placed at Deloitte


Placed at Integrated Resource


Placed at OMICS International


Placed at British Telecom

Only B.Sc & BCA college in the state accredited with
wipro Cognizant Infosys Deloitte. Capgemini
2(P), Infocity, Patia, Bhubaneswar - 751024
MSB Admission Office : 85998-85998 Visit : www.msb.ac.in

## ବନ୍ଧୁକ ଦେଖାଇ ୧୯.୯୩ ଲକ୍ଷ ଲୁଟ୍

ନିମାପଡ଼ା,୨୮।୧୧(ଡି.ଏନ୍.ଏ.)

ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ଚାରିଛକ ରସ୍ତାର ଗୋପାଳପୁର ଗ୍ରାମ ନିକଟରେ ଗୁରୁବାର ଏକ ଘରୋଇ ବ୍ୟାଙ୍କର ଦୁଇ କର୍ମଚାରୀଙ୍କ ପାଖରୁ ୧୯ଲକ୍ଷ ୯୩ହଜାର ୫ଶହ ଟଙ୍କା ଲୁଟ୍ ହୋଇଛି। ଗୋପ ଥାନା ଅନ୍ତର୍ଗତ ନୟାହାଟସ୍ଥିତ ଏକ ଘରୋଇ ବ୍ୟାଙ୍କର ସହଶାଖା ପରିଚାଳକ ଅମିତ୍ କର୍ମକାର ଓ କଷ୍ଟମର ରିଲେସନଶିପ ଅଫିସର ଚିନ୍ମୟ ମୁଖାର୍ଜୀ ଏକ କାର (ଓଡି ୦୫ଇ ୫୧୬୭)ରେ ୧୯ଲକ୍ଷ ୯୩ହଜାର ୫ଶହ ଟଙ୍କା ଭର୍ତ୍ତି ଏକ ଟ୍ରଙ୍କ ନିମାପଡ଼ାର ଏକ ଘରୋଇ ବ୍ୟାଙ୍କରେ ଡିପୋଜିଟ କରିବା ପାଇଁ ନେଉଥିଲେ। ଏହି ସମୟରେ ୬ଜଣ ଲୁଟେରା ୩ଟି ବାଇକ୍‌ରେ ସେମାନଙ୍କୁ ପିଛା କରିବା ସହ ଗୋପାଳପୁର ଗ୍ରାମ ହମ୍ପସ ନିକଟରେ ତାଙ୍କ କାରକୁ ଅଟକାଇଥିଲେ। ପରେ ଲୁଟେରାମାନେ ଟଙ୍କା ଭର୍ତ୍ତି ଥିବା ଟ୍ରଙ୍କକୁ ନେଇ ଫେରାର ହୋଇଯାଇଥିଲେ।

**ମୋଟର ଯାନ ଚାଳକ ତଥା ଜନସାଧାରଣଙ୍କ ନିମନ୍ତେ ସୂଚନା**

ପରିବହନ ବିଭାଗ ତରଫରୁ ନିମ୍ନ ପ୍ରଦତ୍ତ ସେବା ଗୁଡ଼ିକ **online** ମାଧ୍ୟମରେ ଯୋଗାଇ ଦିଆଯାଉଅଛି । **Online** ରେ ଆବେଦନ କରିବାର ୱେବସାଇଟ **www.parivahan.gov.in** ।

| କ୍ର. ନଂ. | ସେବାର ନାମ | ବ୍ୟବସ୍ଥା |
|---|---|---|
| ୧ | ଲର୍ଣ୍ଣର ଲାଇସେନ୍ସ | ୧. Online ମାଧ୍ୟମରେ ଆବେଦନ, ଦେୟ ପଇଠ ଏବଂ computerised test ନିମନ୍ତେ slot (date & time) book କରିବେ ।<br>୨. ଧାର୍ଯ୍ୟ slot date ଏବଂ ସମୟର ୪୫ ମିନିଟ୍ ପୂର୍ବରୁ ଆବେଦନ କରାଯାଇଥିବା ଫର୍ମର ନକଲ, slot booking slip, ବୟସ, ବାସସ୍ଥାନ, ନିଜର ପରିଚୟ ପତ୍ର ଏବଂ Blood group ପ୍ରମାଣ ପତ୍ର ସହିତ Biometric capture ଏବଂ online test ନିମନ୍ତେ RTO କାର୍ଯ୍ୟାଳୟରେ ଉପସ୍ଥିତ ହେବେ ।<br>୩. Online test ରେ କୃତକାର୍ଯ୍ୟ ହେଉଥିବା ଆବେଦନକାରୀ ତାଙ୍କର **ଲର୍ଣ୍ଣର ଲାଇସେନ୍ସ** କୁ online portal **www.parivahan.gov.in** ରୁ download କରିପାରିବେ । |
| ୨ | ଡ୍ରାଇଭିଂ ଲାଇସେନ୍ସ | ୧. Learner License ପାଇବାର ୩୦ ଦିନ ପରେ ଏବଂ ଛଅ ମାସ ମଧ୍ୟରେ online ମାଧ୍ୟମରେ ଆବେଦନ, ଦେୟ ପଇଠ ଏବଂ driving test ପାଇଁ slot (date & time) book କରିବେ ।<br>୨. ଧାର୍ଯ୍ୟ slot date ରେ ଧାର୍ଯ୍ୟ ସମୟର ୪୫ ମିନିଟ୍ ପୂର୍ବରୁ ଆବେଦନ କରାଯାଇଥିବା ଫର୍ମର ନକଲ, slot booking slip ସହ testing track ରେ driving test ନିମନ୍ତେ ମୋଟରଯାନ ସହ ଉପସ୍ଥିତ ହେବେ ।<br>୩. Driving test ରେ କୃତକାର୍ଯ୍ୟ ଆବେଦନକାରୀଙ୍କୁ ସେମାନଙ୍କର **ଡ୍ରାଇଭିଂ ଲାଇସେନ୍ସ** speed post ଦ୍ୱାରା ପ୍ରେରଣ କରାଯିବ ଏବଂ ଆବେଦନକାରୀ ମଧ୍ୟ **ଡ୍ରାଇଭିଂ ଲାଇସେନ୍ସ** mParivahan App ରେ ପାଇ ପାରିବେ । |
| ୩ | ଡ୍ରାଇଭିଂ ଲାଇସେନ୍ସ ନବୀକରଣ | ୧. **ଡ୍ରାଇଭିଂ ଲାଇସେନ୍ସ** ର ନବୀକରଣ ନିମନ୍ତେ Online ମାଧ୍ୟମରେ ଦରଖାସ୍ତ ଦାଖଲ ଏବଂ ଫି ଜମା କରିପାରିବେ ।<br>Example : ଯଦି ଡ୍ରାଇଭିଂ ଲାଇସେନ୍ସ 31.12.2020 ପର୍ଯ୍ୟନ୍ତ ବୈଧ ଥାଏ ତାହାଲେ 01.01.2020 - 31.12.2021 ମଧ୍ୟରେ ନବୀକରଣ ନିମନ୍ତେ ଆବେଦନ କରିପାରିବେ ।<br>୨. ଆବେଦନ ଫର୍ମ ଏବଂ ଦେୟ ପଇଠ ରସିଦକୁ print କରି ସଂପୃକ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ Medical Certificate Form 1, Form 1 A (୪୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ନିମନ୍ତେ ପ୍ରଯୁଜ୍ୟ) ସହ ଦାଖଲ କରିବେ ।<br>୩. ଡ୍ରାଇଭିଂ ଲାଇସେନ୍ସ ଅବଧି ସରିବାର ଏକବର୍ଷ ପରେ ନବୀକରଣ ନିମନ୍ତେ ଆବେଦନ କଲେ slot booking କରି ପୁନର୍ବାର Driving test ଦେବାକୁ ହେବ । ଡ୍ରାଇଭିଂ ଲାଇସେନ୍ସ ନବୀକରଣ ପରେ ଆବେଦନକାରୀଙ୍କୁ ତାହା speed post ଦ୍ୱାରା ପ୍ରେରଣ କରାଯିବ ଏବଂ ଆବେଦନକାରୀ ମଧ୍ୟ ଡ୍ରାଇଭିଂ ଲାଇସେନ୍ସ mParivahan App ରେ ପାଇ ପାରିବେ । |

ମୋଟର ଯାନ ନିୟମ ଅନୁଯାୟୀ ଯେକୌଣସି ଆବେଦନକାରୀ ରାଜ୍ୟର ଯେ କୌଣସି RTO କାର୍ଯ୍ୟାଳୟକୁ online ମାଧ୍ୟମରେ ଆବେଦନ କରିପାରିବେ । ଏଣୁ ଆବେଦନକାରୀ ଆବେଦନ କରିବା ପୂର୍ବରୁ Enquiry on slot availability option ରେ ଯେଉଁ RTO କାର୍ଯ୍ୟାଳୟରେ ଶୀଘ୍ର slot ଉପଲବ୍ଧ ସେହିଠାରେ ମଧ୍ୟ ଆବେଦନ କରିପାରିବେ ।

Example : ଯଦି ଆପଣ, RTO Bhubaneswar ଙ୍କ କାର୍ଯ୍ୟାଳୟରେ ଲର୍ଣ୍ଣର ଲାଇସେନ୍ସ କିମ୍ବା ଡ୍ରାଇଭିଂ ଲାଇସେନ୍ସ ନିମନ୍ତେ ଆବେଦନ କରିବାକୁ ଚାହୁଁଛନ୍ତି ତେବେ ଆପଣ ଆବେଦନ କରିବା ପୂର୍ବରୁ ଆପଣ Enquiry on slot availability ରେ ଜାଣି ପାରିଲେ Bhubaneswar-II ରେ slot ଶୀଘ୍ର ଉପଲବ୍ଧ ହେଉଅଛି ତେଣୁ ଆପଣ Bhubaneswar ବଦଳରେ ମଧ୍ୟ Bhubaneswar-II ଙ୍କୁ online ମାଧ୍ୟମରେ ଆବେଦନ କରିପାରିବେ ।

**ପରିବହନ ଆୟୁକ୍ତ, ଓଡ଼ିଶା**

For updates and alerts, follow us on OdishaSTA STAOdisha

Apollo Cancer Institutes
The dawn of a new age in
CANCER CARE
The arrival of **Apollo Cancer Hospital** will present the **Big 'C'** with its biggest challenge!
- Most advanced centre in Odisha for Cancer Care
- Sophisticated Positron Emission Tomography-Compured Tomography (PET CT)
- State-of-the-art Linear Accelerator machine (CLINAC) for latest radiation Therapy treatment
- High Precision Radiation Therapy for greater efficiency, fewer side-effects

LAUNCHING SOON



We use this protocol to treat various types of cancers such as:
Head & Neck Cancer | Lung Cancer | Breast Cancer | Lymphomas | Leukaemia | Colon Cancer

APOLLO CANCER HOSPITAL, BHUBANESWAR

Our Team
Dr. Chinmay Kumar Pani, MD (Paediatrics), DM (Oncology), ECMO Consultant-Medical Oncology
Dr. Anupama Sasmal, MD (Radiation Oncology), Senior Consultant- Radiation Oncology
Dr. Kshitish Chandra Mishra, MD (Radiation Oncology), Senior Consultant-Radiation Oncology
Dr. Nitish Ranjan Acharya, M.Ch (Surgical Oncology), Consultant - Surgical Oncology

Ask Apollo #yourhealthonline
251, Sainik School Road, Bhubaneswar - 751 005
Appointment : 0674 666 1016 / 1066 | Emergency Hotline : 0674 666 0666
Online appointment : www.askapollo.com | email : apollo_bbsr@apollohospitals.com

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ସିଦ୍ଧୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ଗାଡ଼ି କାଗଜପତ୍ର...

ଏହି ଅବଧି ଶେଷ ହେଉଛି। ପୁଣି ଯାନବାହନ ଯାଞ୍ଚ କଡ଼ାକଡ଼ି କରାଯିବ ବୋଲି ପରିବହନ ମନ୍ତ୍ରୀ ସୂଚନା ଦେବା ପରେ ଆର୍‌ଟିଓଗୁଡିକରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଏହାକୁ ନେଇ ଗୁରୁବାର ବିଧାନସଭାରେ ଉଭୟ ଶାସକ ଓ ବିରୋଧୀ ଦଳ ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ।

ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ବିଜେଡି ସଭ୍ୟ ଦେବୀ ପ୍ରସାଦ ମିଶ୍ର କହିଥିଲେ, ଡ୍ରାଇଭିଂ ଲାଇସେନ୍ସ, ଡିୟୁସି ପାଇଁ ଆର୍‌ଟିଓ କାର୍ଯ୍ୟାଳୟଗୁଡ଼ିକରେ ପ୍ରବଳ ଭିଡ଼ ଲାଗି ରହୁଛି। ଡିସେମ୍ବର ପହିଲାରୁ କଡ଼ାକଡ଼ି ଲାଗୁ ହେବା ଜାଣି ଲୋକେ ରାତିରୁ ଆର୍‌ଟିଓ କାର୍ଯ୍ୟାଳୟ ସମ୍ମୁଖରେ ଲମ୍ବା ଲାଇନରେ ଛିଡ଼ା ହେଉଛନ୍ତି। ଏପରି କି ବରିଷ୍ଠ ନାଗରିକ ଓ ମହିଳାଙ୍କୁ ମଧ୍ୟ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି। ବାଚସ୍ପତି ପରିବହନ ମନ୍ତ୍ରୀଙ୍କୁ ଗୃହରେ ବିବୃତି ଦେବା ଲାଗି ରୁଲିଂ ଦିଅନ୍ତୁ ବୋଲି ସେ ଦାବି କରିଥିଲେ। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ, ବିଜେଡି ସଭ୍ୟ ପ୍ରଦୀପ ମହାରଥୀ ପ୍ରମୁଖ ସମୟ ବୃଦ୍ଧି କରିବା ନେଇ ସରକାରଙ୍କ ଉପରେ ଚାପ ସୃଷ୍ଟି କରିଥିଲେ। ସେମାନେ ଅଭିଯୋଗ କରିଥିଲେ, ଆର୍‌ଟିଓ କାର୍ଯ୍ୟାଳୟରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ଥିବାରୁ ଲୋକମାନେ ହଇରାଣ ହରକତ ହେଉଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି କାଗଜପତ୍ର କରିବା ଲାଗି ଆଉ ୩ ମାସ ସମୟ ଦିଆଯାଉ ବୋଲି ସେମାନେ ଦାବି କରିଥିଲେ।

### ମାନସିକ... (ପ୍ରଥମ ପୃଷ୍ଠାରୁ)

ରୋଗୀଙ୍କୁ କେତେଜଣ ଲୋକ ନିସ୍ତୁକ ମାଡ ମାରୁଥିବା ଓ ଏଥିରେ ସେ ଗୁରୁତର ଆହତ ହୋଇଥିବା ଜଣାପଡିଥିଲା। ଏହି ଖବର ପାଇବା ପରେ ଟାଉନ୍ ଥାନା ପିସିଆର ଟିମ୍ ତାଙ୍କୁ ଉଦ୍ଧାର କରି ଭୀମଭୋଇ ମେଡିକାଲ କଲେଜ ହସପିଟାଲକୁ ଆଣିଥିଲେ। ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଖବର ଜଣାପଡିବା ପରେ ପରିବାର ଲୋକେ ଡାକ୍ତରଖାନାକୁ ଆସି ମୃତ ବ୍ୟକ୍ତିଜଣକ ଶ୍ରୀହରି ପ୍ରଧାନ ବୋଲି ଚିହ୍ନ କରିଥିଲେ। ସେ ଜଣେ ମାନସିକ ରୋଗୀ ଥିଲେ ବୋଲି ପୋଲିସକୁ ସୂଚନା ଦେଇଥିଲେ।

ମିଳିଥିବା ସୂଚନା ଅନୁସାରେ, ଶ୍ରୀହରି ଘରୁ ଆସି ଶାନ୍ତିପଡା ଶିବମନ୍ଦିର ଅଞ୍ଚଳରେ ବୁଲାବୁଲି କରୁଥିଲେ। ମାନସିକ ଅବସ୍ଥା ଠିକ୍ ନ ଥିବାରୁ ସେ ବିଭିନ୍ନ ଲୋକଙ୍କ ଘରକୁ ପଶି ଯାଉଥିଲେ। ଏହି ଘଟଣାକୁ ନେଇ ଶିବମନ୍ଦିର ରାସ୍ତା ଉପରେ ତାଙ୍କୁ ୧୨ରୁ ଊର୍ଦ୍ଧ୍ୱ ବ୍ୟକ୍ତି ନିସ୍ତୁକ ମାଡ ମାରିଥିଲେ। ସେମାନଙ୍କ ମାଡରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଶ୍ରୀହରି ସେଠାରେ ପଡିଯାଇଥିଲେ। ଏହାକୁ ନେଇ କେହି ଜଣେ ପୋଲିସ ପିସିଆର ଟିମ୍‌କୁ ଖବର ଦେଇଥିଲେ। ପରେ ପିସିଆର ଗାଡି ଘଟଣାସ୍ଥଳରୁ ଗୁରୁତର ଆହତ ଶ୍ରୀହରିଙ୍କୁ ଉଦ୍ଧାର କରି ହସପିଟାଲ ପଠାଇଥିଲେ। ଜଣେ ମାନସିକ ରୋଗୀଙ୍କୁ ପିଟି ପିଟି ମାରିଦେବା ଘଟଣାକୁ ନେଇ ସହରରେ ହଇଚଇ ସୃଷ୍ଟି ହୋଇଛି। କିଛି ଲୋକଙ୍କ ଘର ଭିତରକୁ ପଶି ଯିବାରୁ ଜଣେ ମାନସିକ ରୋଗୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ଓ ଏଥିରେ ସମ୍ପୃକ୍ତ ମାନସିକ ରୋଗୀଙ୍କ ଦୁଃଖଦ ମୃତ୍ୟୁ ହେବା ଘଟଣା ସହରରେ ଶୋକ ଖେଳାଇ ଦେଇଛି। ଏହି ଘଟଣାରେ ମୃତ ଶ୍ରୀହରିଙ୍କ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। କିଛି ବର୍ଷ ପୂର୍ବରୁ ଡେଲିମାର୍କେଟ ଅଞ୍ଚଳରେ ପନିପରିବା ବିକ୍ରି କରି ପରିବାର ଚଳାଉଥିବା ଶ୍ରୀହରିଙ୍କ ସଂସାର ଠିକ୍‌ଠାକ୍ ଚାଲୁଥିଲା। ପରେ ମାନସିକ ରୋଗ କାରଣରୁ ଶ୍ରୀହରି ଅକର୍ମଣ୍ୟ ହୋଇପଡିଥିଲେ। ପରିବାର ଲୋକେ ଧାରଉଧାର କରି ତାଙ୍କର ଚିକିତ୍ସା କରାଉଥିଲେ। ତେବେ ଦାରିଦ୍ର୍ୟ କାରଣରୁ ତାଙ୍କର ଉପଯୁକ୍ତ ଚିକିତ୍ସା ହୋଇ ପାରି ନ ଥିଲା। ଶ୍ରୀହରି ରୋଗଗ୍ରସ୍ତ ହେବା ପରେ ତାଙ୍କ ସ୍ତ୍ରୀ ଛୋଟ ଚା ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କର ଦୁଇପୁଅ ଓ ଗୋଟିଏ ଝିଅ ଅଛନ୍ତି। ସ୍କୁଲରେ ପଢୁଥିବା ତାଙ୍କ ଝିଅ ଜଣେ ଉଦୟୀମାନ୍ କ୍ରୀଡା ପ୍ରତିଭା ବୋଲି ଜଣାପଡିଛି। ମାନସିକ ରୋଗରେ ଆକ୍ରାନ୍ତ ଶ୍ରୀହରିଙ୍କୁ ତାଙ୍କ ନିଜ ସହରରେ ପିଟିପିଟି ମାରିଦେବା ଘଟଣାକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରିନାହାନ୍ତି। ପରିବାର ସଦସ୍ୟଙ୍କ ତରଫରୁ ଟାଉନ୍ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (୬୪୯/୧୯) ରୁଜୁ କରି ୫ ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ପୋଲିସ ହସ୍ତାନ୍ତର କରିଛି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଶ୍ରୀଲିପ୍ସା ସାହୁ



ଦେବସ୍ମିତା ପ୍ରଧାନ




ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com
ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଛତ୍ରପୁରରେ ସେକ୍ସ ର୍ୟାକେଟ
## ଖଲ୍ଲିକୋଟ ବ୍ଲକ ପିଇଓଙ୍କ ସମେତ ୩ ଗିରଫ

**ଛତ୍ରପୁର,୨୮।୧୧(ଡି.ଏନ.ଏ)**

ଗଞ୍ଜାମ ଜିଲା ଛତ୍ରପୁର ବାଇପାସ୍ ଜାତୀୟ ରାଜପଥ ପାର୍ଶ୍ୱ ଜୟଦୁର୍ଗା ନଗରଠାରେ ଚାଲିଥିବା ଏକ ସେକ୍ସ ର୍ୟାକେଟକୁ ପୋଲିସ ଠାବ କରିଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ଖଲ୍ଲିକୋଟ ବ୍ଲକ ପିଇଓଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଜଣେ ଯୁବତୀଙ୍କୁ ଉଦ୍ଧାର କରାଯାଇଛି। ପିଇଓ ସନ୍ତୋଷ କୁମାର ଭୋଇ, ଦିଗନ୍ତ କୁମାର ନାୟକ ଓ ସିଦ୍ଧାନ୍ତ ପଟ୍ଟନାୟକଙ୍କୁ ଗିରଫ କରାଯାଇଥିବା ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ସୂଚନା ଦେଇଛନ୍ତି। କୌଣସି ସୂତ୍ରରୁ ଖବର ପାଇ ଛତ୍ରପୁର ପୋଲିସର ଏକ ଟିମ୍ ବୁଧବାର ରାତିରେ ଜୟଦୁର୍ଗା ନଗରର ୨ ମହଲା ବିଶିଷ୍ଟ ଏକ ଘର ଉପରେ ଅତର୍କିତ ଚଢାଉ କରିଥିଲା। ସେଠାରୁ ଜଣେ ଯୁବତୀଙ୍କୁ ଉଦ୍ଧାର କରାଯିବା ସହ ୩ ଅଭିଯୁକ୍ତଙ୍କୁ କାବୁ କରି ଛତ୍ରପୁର ଥାନାକୁ ଆଣିଥିଲା। ଅଭିଯୁକ୍ତମାନେ ଅନ୍ୟ ଜିଲାର ସମ୍ପୃକ୍ତା ଯୁବତୀଙ୍କୁ ଏଠାକୁ ଆଣି ଶାରୀରିକ ସମ୍ପର୍କ ରଖିବା ସହ ସେକ୍ସ ର୍ୟାକେଟ ଚଳାଇଥିଲେ ବୋଲି ପୋଲିସ ତଦନ୍ତରୁ ସୂଚନା ମିଳିଛି।



# classifieds Everyday
**0674-2580101, 2549302**



## SALE

SC house 24,00,000/- general house 26,00,000/- finishing Hanspal-8093465134, 9668194157. D-68619

**Bhubaneswar Pitapalli NH ପାଖରେ BDA plot 30' ରାସ୍ତାଥାଇ ମିଳୁଅଛି। 8338065148.** D-68420

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68192

**Bhubaneswar Kesura SBI, କଲୋନୀକୁ ଲାଗି ଘରବାରି ପାଚେରୀସହ ଏବଂ Airport ଠାରୁ 5k.m. ସୁନ୍ଦରପଦାରେ plot ବିକ୍ରିହେବ। 9078736851.** D-68428

Booking open 3BR Luxurious Apartment Sahid Nagar, Bhubaneswar, Contact: 9777017120. D-68196

**ଭୁବନେଶ୍ୱର ପିପିଲି Tol gate ପରେ NH କୁ ଲାଗିକି Plot sqft. 650/-, 8249070901, 9438272948.** D-68430

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲଓ୍ୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-68432

**ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। Project ଭିତରେ 30ft road ଦିଆଯାଇଛି। 8018474890.** D-68431

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1000sqft. 5,50,000. Contact: 8908492594. D-15304

4300sqft. converted land at Kalinga Nagar near BDA Housing, 10500sqft. near Mancheswar, 6 acres N.H facing land at Bhandari Pokhari, Bhadrak for sale. Contact details: 9337413323, 7008388915. D-67727

**1500sqft. (6 Nos) 2000sqft. (7 Nos) main road side plot, infront Tata Areana Ghatikia, Sankarpur, Bhubaneswar 30' road, Electricity, Supply water available: 8114744495, 8328943165.** D-15406

**BDA Residential plots at Patia railwaystation just 3.5K.M from Big Bazar, 7008613186.** D-68518

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-15126

Residential plot available at Jagannath Nagar, Jharpada, Bhubaneswar. Contact: 7978751719. D-67512

**Bhubaneswar Uttarachhakaru 5K.M sqft.-550/-, କଟକ ତ୍ରିଶୂଳିଆରୁ 4K.M-280/-, ଜଟଣୀଗେଟ୍‌ଠାରେ 200/, ନଖରା DPS ପାଖରେ 700/-ର ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440.** D-68433

**କଟକ-ଭୁବନେଶ୍ୱର middlepoint ଫୁଲନଖରା।ଠାରେ ଥିବା Delhi Public Schoolକୁ ଲାଗି ଘରବାରି boundary plot କିଣନ୍ତୁ ଏବଂ ସଙ୍ଗେସଙ୍ଗେ ଗୃହ ନିର୍ମାଣ କରନ୍ତୁ। 9777342153.** D-68434

Plot for sale Nakhara & Sundarpada, Bhubaneswar. Gharabari demarcated 30' wide road. Immediate registration & possession. Contact: 7008683329, 9348243488. D-67719

**ଫୁଲନଖରା Synergy Engineering College ସମ୍ମୁଖରୁ walkable distanceରେ ପିଚୁରାସ୍ତାକୁ ଲାଗି ଘରବାରି boundary plot ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ସଙ୍ଗେସଙ୍ଗେ ଗୃହ ନିର୍ମାଣ କରନ୍ତୁ। 9777186275.** D-68435

Premium 3BHK and 2BHK flats for sale at Chandrasekharpur and Patia. Construction work full swing. 7008346486, 9437192512. D-68197

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Bhubaneswar ନଖରାଛକ ପାଖରେ ସଙ୍ଗେସଙ୍ଗେ ଘରକଲାଭଳି boundarywall ଥାଇ gharabari plot ବିକ୍ରି ହେଉଅଛି। Price 1350/-sqft. & SC plot 650/-sqft. Contact: 9937161494.** D-15457

## PURCHASE

Plot required at Cuttack CDA/ Bidanasi/ Tulasipur locality. Contact: 9124721060. D-67513



Build your home @ 1150/-, 1250/-, 300/- with TataRod, ultratech, Konark Cement, branded fittings. 7327043914. D-68191



160000sqft. vacant land with boundary wall and outhouse to-let or lease for commercial purpose at Totapada adjacent to NH-16 near Khorda. Contact: 7854918287. D-60955

**6500 Square feet hall type 3 storied building on 100 feet Bhimtangi Main Road for office and commercial. Contact: 9958003695.** D-15405

For residential/ office purposes at Phulnakhara, Bhubaneswar-Cuttack. 9437442108, 917057510886. D-67509

**3BHK premium house at N-5- 237 (1st floor) for residence/ office/ guesthouse. Rent-Rs.22,000/-Contact: 7978785736, 9437014252.** D-68517

Space for office, residency, guesthouse at Bayamatha Road front of Radhakrishna Mandir. 9437504102. D-67729



Rejuvenate and ayurvedic full body massage by smart therapist. 9114402304. D-68145

Ayurvedic full body massage ladies & gents smart therapist, 9337349409. D-68707

Newly open full body massage by ladies, gents therapist. 8018656899 D-60852

Ayurvedic full body massage by ladies, gents therapist. 7008773793 D-60853

Refresh your mind and soul with best therapy at Orchid Salon/Spa. 9937287222. D-68708

Ayurvedic full body massage ladies & gents smart therapist, 9668814589. D-68706

Sai Harbal spa refresh your body with smart and expert therapist. 7608062524. D-68195

Genuine body massage and SPA provide by expert. 9583125287, 7991082881. D-56661



Avon trading co. (Regd.) 1500 ରୁ 8000 ରୋଜଗାର କରନ୍ତୁ। Paper plate, ସୂତା ଉଦ୍ୟୋଗ ଲଗାନ୍ତୁ। କଞ୍ଚାମାଲ, ଟ୍ରେନିଂ, ଆଗ୍ରୀମେଣ୍ଟ, ଟ୍ରାନ୍ସପୋର୍ଟ ଫ୍ରୀ.- 9873093017, 9873093217. D-15430



ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ- ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-15270



## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଭାଗ୍ୟସ୍ଥାନରେ ପଞ୍ଚଗ୍ରହକୂଟ ମାନସିକ ସ୍ତରକୁ ବିଭ୍ରାନ୍ତ କରାଇବ। ଦୀର୍ଘ ସମୟ ଧରି ପାରିବାରିକ ଅସ୍ଥିରତା ଯୋଗୁ କୌଣସି କାମରେ ମନ ଲାଗିବ ନାହିଁ। କର୍ମକ୍ଷେତ୍ରରେ ପୂର୍ବ ଯୋଜନା ଅନୁଯାୟୀ ପରିସ୍ଥିତିକୁ ସାମ୍ନା କରିବାକୁ ପଡିପାରେ। ଅଫିସ୍ କାମରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ବୃଷ** ଚନ୍ଦ୍ରଙ୍କ ସମେତ ଅଷ୍ଟମରେ ଏକାଧିକ ଗ୍ରହ ଅବସ୍ଥାନ କରୁଥିବାରୁ କୌଣସି କ୍ଷେତ୍ରରେ ପ୍ରତିବାଦ କଲେ ଅପଦସ୍ତ ହେବେ। ଦୂରଯାତ୍ରା ସକାଶେ ବ୍ୟବସାୟିକ କ୍ଷେତ୍ର ପାଇଁ ଅସୁବିଧା ହେବ ନାହିଁ। ସ୍ତ୍ରୀଙ୍କ ପ୍ରେରଣା ଓ ସହଯୋଗରୁ ଉପକୃତ ହୋଇପାରନ୍ତି। ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତି ବଶତଃ ଅଧିକ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ।

**ମିଥୁନ** ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟାକଲେ ନୈରାଶ୍ୟ ହେବାକୁ ପଡିପାରେ। କର୍ମକ୍ଷେତ୍ରରେ ଦାୟିତ୍ୱ କ୍ରମେ ବୃଦ୍ଧି ପାଇବା ସଙ୍ଗକୁ ମାନସିକ ସ୍ତରରେ ମଧ୍ୟ ଚାପଗ୍ରସ୍ତ ହେବାକୁ ପଡିପାରେ। ଆର୍ଥିକ ସ୍ଥିତି ମନ୍ଦ ନ ଥିଲେ ମଧ୍ୟ ପୁରୁଣା ଲୋନ୍‌ର ପରିଶୋଧ ଚିନ୍ତା ମନକୁ ଆକ୍ରାନ୍ତ କରି ରଖିବ।

**କର୍କଟ** ଗ୍ରହପ୍ରଭାବରୁ କର୍ମକ୍ଷେତ୍ରରେ ସମ୍ମାନ, ସଦିଚ୍ଛା ସହ ଗସ୍ତକାର୍ଯ୍ୟକ୍ରମ ବଢିଯାଇପାରେ। ନିଜର ବିଚାରବୁଦ୍ଧି ହରାଇ ଅନ୍ୟମାନଙ୍କ କଥାରେ କୌଣସି କାମ କଲେ ଅସୁବିଧାରେ ପଡିବେ। ଯେକୌଣସି କ୍ଷେତ୍ରରେ ମଧ୍ୟ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡିବେ। ପାରିବାରିକ ସମସ୍ୟା ସମାଧାନ ପାଇଁ ବନ୍ଧୁଙ୍କୁ ସାହାଯ୍ୟ ମାଗିପାରନ୍ତି।

**ସିଂହ** ଏକାଦଶରେ ରାହୁ ଓ ରବି କେନ୍ଦ୍ରସ୍ଥ ଯୋଗୁଁ ସମ୍ପୂର୍ଣ୍ଣ ଭାବରେ ସମସ୍ୟା ମୁକ୍ତ ନ ହେଲେ ମଧ୍ୟ କେତେକାଂଶରେ ହାଲୁକା ମନେ କରିବେ। କ୍ରୀଡା, ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି। କର୍ମକ୍ଷେତ୍ରରେ ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡିପାରେ।

**କନ୍ୟା** ମୁଖ ଭାବରେ ମଙ୍ଗଳ ଓ ବୁଧ ହେତୁ ବ୍ୟବହାରରେ ସତର୍କତା ଅବଲମ୍ବନ ନକଲେ ଅଯଥା ସମ୍ପର୍କହାନୀ ଘଟିପାରେ। ଆର୍ଥିକ ସମସ୍ୟା ସୁଧାରିବା ସକାଶେ ଋଣ ସୂତ୍ରରେ ଅର୍ଥଲାଭ କରିବେ। ସ୍ତ୍ରୀ ପ୍ରତିଦ୍ୱନ୍ଦ୍ୱୀ, ବାଣିଜ୍ୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢିବ ତଥାପି ଉନ୍ନତ ଚିନ୍ତା ଓ ସେବା ମନୋଭାବରୁ ପ୍ରସଂଶିତ ହେବେ।

**ତୁଳା** ଏକାଧିକଗ୍ରହ ଭାଗ୍ୟସ୍ଥାନକୁ ଦେଖୁଥିବାରୁ କୌଣସି ନୂତନ କର୍ମାରମ୍ଭ କୌଣସି ପୁରୁଣା କଥାକୁ ମନେ ପକାଇ ଭାବବିଭୋର ହୋଇପାରନ୍ତି। ଅଭାବ ନ ଥିଲେ ମଧ୍ୟ ପରିସ୍ଥିତିବଶତଃ କୌଣସି ଜିନିଷ ସହଜଲଭ୍ୟ ନ ହୋଇପାରେ। କର୍ମକ୍ଷେତ୍ରରେ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ସଫଳତା ପାଇବେ।

**ବିଛା** ଆଜିର ଦୁର୍ବଳ ରବି ଓ ଏକାଧିକ ଗ୍ରହ ମଧ୍ୟରେ ଚନ୍ଦ୍ର ମନରେ ହତାଶାଭାବ ସଂଚାର କରିପାରେ। ଅନ୍ୟମାନଙ୍କ କଥା ଓ କାମର ତାଳମେଳ ନ ରହିବା ସକାଶେ ଆପଣଙ୍କ ଦୁଃଶ୍ଚିନ୍ତା ବଢିବ। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ଜ୍ୟେଷ୍ଠା କାର୍ଯ୍ୟକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ରାଶିରେ ଏକାଧିକଗ୍ରହ ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କ ଦୋଷତ୍ରୁଟି ଖୋଜି ବୁଲିଲେ କାର୍ଯ୍ୟହାନୀ ସଙ୍ଗକୁ ଶତ୍ରୁତା ବଢିଯିବ। କୌଣସି ଜିନିଷର ଅଭାବକୁ କେନ୍ଦ୍ରକରି ଉନ୍ନୟନ ମୂଳକ କାମ ବାଧାପ୍ରାପ୍ତ ହୋଇପାରେ। ସ୍ୱାସ୍ଥ୍ୟ ପୂର୍ବବତ୍ ଠିକ୍ ରହିବ। କୌଣସି ସମସ୍ୟାରେ ସାମିଲ ହୋଇ ଅନ୍ୟମନସ୍କ ରହିପାରନ୍ତି।

**ମକର** ଭଲ ଓ ମନ୍ଦର ମିଶ୍ରିତ ଅନୁଭୂତିକୁ ନେଇ ଦିନଟି କଟିବ। କୌଣସି କାମରେ ବାରମ୍ବାର ପ୍ରତିବନ୍ଧକ ଯୋଗୁ ସାମୟିକ ମନଦୁଃଖ ହୋଇପାରେ। ଆଜିର ଯାତ୍ରା, ବାଣିଜ୍ୟ, ହାତକୁ ନେଇଥିବା କାମ, କଚେରି ମାମଲା, ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ** ଆଜି ଯାହା ଚାହୁଁଛନ୍ତି ତାହା ପାଇବାରେ କୌଣସି ଅସୁବିଧା ରହିବ ନାହିଁ। କିନ୍ତୁ ଅନ୍ୟମାନେ ପରୋକ୍ଷରେ ତାହା କରାଇ ନ ଦେବାକୁ ଚେଷ୍ଟା କରିପାରନ୍ତି। ଏଣେ ପାରିବାରିକ କ୍ଷେତ୍ରରେ କିଛିଟା ସମସ୍ୟା ଆସିପାରେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। କୌଶଳକ୍ରମେ ଲକ୍ଷ୍ୟସ୍ଥଳରେ ପହଞ୍ଚି କାମ ହାସଲ କରିବେ।

**ମୀନ** ପ୍ରତ୍ୟେକ କାମ ନିର୍ଦ୍ଦିଷ୍ଟ ସମୟରେ କରି ନ ପାରିବା କାରଣରୁ ମାନସିକ ସ୍ତରରେ ଗ୍ଲାନି ଅନୁଭବ କରିପାରନ୍ତି। କିଛି ସମସ୍ୟା ସମାଧାନ କରିବାବେଳକୁ ଅନ୍ୟ ଏକ ସମସ୍ୟା ଆସିବ ଯାହାକି ଆପଣଙ୍କୁ ସାମାନ୍ୟ ବ୍ୟସ୍ତ ଓ ବିବ୍ରତ ମଧ୍ୟରେ ଚଳିବାକୁ ପଡିବ। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତ ହୋଇପାରନ୍ତି।

ଆଜି ମାର୍ଗଶୀର ଶୁକ୍ଳପକ୍ଷର ରମ୍ଭାତୃତୀୟା ଶୁକ୍ରବାର, ନଭେମ୍ବର ୨୯ ତାରିଖ, ରାଶି ନକ୍ଷତ୍ର-ଦିବା ଘ୮।୦୩ମି. ଗତେ, ପୂର୍ବାଷାଢା/ଧନୁ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ। ଦିବା ଘ୭।୩୫ମି. ଗତେ ଘ୯।୪୫ମି. ମଧ୍ୟେ ଅମୃତବେଳା। ଦିବା ଘ୭।୩୧ମି. ଗତେ ଘ୮।୫୨ମି. ମଧ୍ୟେ ମାହେନ୍ଦ୍ରବେଳା। ଘ୧୦।୧୩ମି. ଗତେ ଘ୧୧।୩୪ମି. ମଧ୍ୟେ ରାହୁକାଳ।




# 'ଶିକ୍ଷକତା ବୃତ୍ତି ନୁହେଁ ବ୍ରତ'

■ ୧୬ ବିଭାଗରେ ୨୮୯ ଅଧ୍ୟାପକଙ୍କୁ ନିଯୁକ୍ତି
■ ୩୦ ଦିନରେ ମହାବିଦ୍ୟାଳୟରେ ଯୋଗଦେବେ

ଭୁବନେଶ୍ୱର, ୨୮।୧୧(ବ୍ୟୁରୋ)

ରାଜ୍ୟ ସିଲେକ୍ସନ୍ ବୋର୍ଡ ଦ୍ୱାରା ଚୟନ କରାଯାଇଥିବା ୧୬ ବିଭାଗର ୨୮୯ ଯୋଗ୍ୟ ବିବେଚିତ ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରାଯାଇଛି। ନବନିଯୁକ୍ତ ଅଧ୍ୟାପିକା ଓ ଅଧ୍ୟାପକମାନଙ୍କ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଗୁରୁବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଏହି ଅବସରରେ ଯୋଗ୍ୟ ବିବେଚିତଙ୍କୁ ନିଯୁକ୍ତି ପ୍ରଦାନ କରିଥିଲେ। ଏମାନଙ୍କ ମଧରେ ବାଣିଜ୍ୟରେ ୨ଜଣ, ରାଜନୀତି ବିଜ୍ଞାନରେ ୨, ଇଂଲିଶରେ ୧୫, ଗଣିତରେ ୩୮, କମ୍ପ୍ୟୁଟର ସାଇନ୍ସରେ ଜଣେ, ତେଲୁଗୁରେ ଜଣେ, ଷ୍ଟାଟିଷ୍ଟିକ୍ସରେ ଜଣେ, ହିନ୍ଦୀରେ ୭, ହୋମ୍ ସାଇନ୍ସରେ ୭, ସାଇକୋଲୋଜିରେ ୮, ଏଜୁକେଶନ୍‌ରେ ୨୯, ଉର୍ଦ୍ଦୁରେ ଜଣେ, ସଂସ୍କୃତରେ ୨୨, ପଦାର୍ଥବିଜ୍ଞାନରେ ୩୪, ପ୍ରାଣୀ ବିଜ୍ଞାନରେ ୨୯ ଏବଂ ସୋସିଓଲୋଜିରେ ୧୨ ଜଣ ଅଧ୍ୟାପକ ଅଛନ୍ତି। ଆସନ୍ତା ୩୦ଦିନରେ ଏମାନେ ନିଯୁକ୍ତି ପାଇଥିବା ମହାବିଦ୍ୟାଳୟରେ ଯୋଗଦେବା ପାଇଁ କୁହାଯାଇଛି। ଯଦି ଯୋଗଦେବାରେ କୌଣସି ଅସୁବିଧା ଥାଏ, ତେବେ ଆସନ୍ତା ୨୦୨୦ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ସେମାନଙ୍କୁ ସମୟ ଦିଆଯିବ। ଏହାପରେ ସେମାନଙ୍କ ନିଯୁକ୍ତି ରଦ୍ଦ ହୋଇଯିବ।

ନବନିଯୁକ୍ତ ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ଉଦ୍‌ବୋଧନ ଦେଇ ମନ୍ତ୍ରୀ କହିଛନ୍ତି ଯେ, ଶିକ୍ଷା ଦ୍ୱାରା ସମାଜରେ ନୂତନ ସୁଯୋଗ ଓ ସମ୍ଭାବନା ସୃଷ୍ଟି ହୋଇପାରିବ। ତେଣୁ ଶିକ୍ଷକତାକୁ ଏକ ବୃତ୍ତି ନ ଭାବି ବ୍ରତ ଭାବରେ ଗ୍ରହଣ କରିବାକୁ ପଡ଼ିବ। ଶିକ୍ଷକମାନେ ଛାତ୍ରମାନଙ୍କ ମାର୍ଗଦର୍ଶକ। ତେଣୁ ଶିକ୍ଷକମାନେ ପ୍ରଭାବଶାଳୀ ହେବା ଆବଶ୍ୟକ। ଜ୍ଞାନ ହିଁ ପ୍ରକୃତ ଶକ୍ତି। ଏଥିନିମନ୍ତେ ସେମାନଙ୍କୁ ବିଭିନ୍ନ ବିଷୟରେ ଜ୍ଞାନ ଆହରଣ କରିବା ଦରକାର। ବ୍ୟକ୍ତିଗତ ସଫଳତାକୁ ସମାଜର ବୃହତ୍ତର ସ୍ୱାର୍ଥ ନିମନ୍ତେ ଉପଯୋଗ କରିବାର ମାନସିକତା ରହିଲେ ସଫଳତାର ଶୀର୍ଷରେ ପହଞ୍ଚିହେବ ବୋଲି ମନ୍ତ୍ରୀ କହିଛନ୍ତି। ବିଭାଗୀୟ ଶାସନ ସଚିବ ଶାଶ୍ୱତ ମିଶ୍ର କହିଥିଲେ ଯେ, ଇଚ୍ଛାଶକ୍ତି ଦୃଢ଼ ଥିଲେ ଜୀବନରେ ଯେକୌଣସି ଆହ୍ୱାନକୁ ସମ୍ମୁଖୀନ କରିହେବ। ଅଧ୍ୟାପକମାନେ ସମୟାନୁବର୍ତ୍ତିତା ଅବଲମ୍ବନ କରି କର୍ତ୍ତବ୍ୟ ନିଷ୍ଠା ରଖିଲେ ଶିକ୍ଷା ବ୍ୟବସ୍ଥା ସହ ସମାଜର ଉନ୍ନତି ସମ୍ଭବ ହୋଇପାରିବ। ଅଧ୍ୟାପକମାନେ ନିଜ ଭିତରେ ଥିବା ଶକ୍ତି ଓ ସାମର୍ଥ୍ୟକୁ ଚିହ୍ନି ତା'ର ଉପଯୋଗ କରିବା ଉପରେ ସଚିବ ଗୁରୁତ୍ୱାରୋପ କରିଥିଲେ। ବିଭାଗୀୟ ଯୁଗ୍ମସଚିବ ସୁରେନ୍ଦ୍ର କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ନବନିଯୁକ୍ତ ୨୮୯ ଅଧ୍ୟାପକ, ଅଧ୍ୟାପିକାଙ୍କ ଗହଣରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ।

# ହକି ସମ୍ପର୍କିତ ସଂକଳ୍ପକୁ ସମର୍ଥନ

## ମୁଖ୍ୟମନ୍ତ୍ରୀଙ୍କୁ ସବୁ ଦଳ ସଦସ୍ୟଙ୍କ ପ୍ରଶଂସା

ଭୁବନେଶ୍ୱର,୨୮।୧୧(ବ୍ୟୁରୋ): ୨୦୨୩ରେ ରାଜ୍ୟରେ ଦ୍ୱିତୀୟ ଥର ଲାଗି ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ଏହାର ସଫଳତା କାମନା କରି ବିଧାନସଭାରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏକ ସଂକଳ୍ପ ଆଣିଥିଲେ। ଏହି ଅବସରରେ ନରସିଂହ କହିଛନ୍ତି, ହକି ହେଉଛି ଓଡିଶାର ଏକ ଲୋକପ୍ରିୟ କ୍ରୀଡା। ସୁନ୍ଦରଗଡ ଜିଲାର ଅଧିକାଂଶ ପିଲା ହକି ଖେଳିବାକୁ ପସନ୍ଦ କରୁଛନ୍ତି। ସେଠାରୁ କେବଳ ଅନ୍ତର୍ଜାତୀୟ ହକି ଖେଳାଳି ନୁହନ୍ତି ବରଂ କ୍ୟାପ୍‌ଟେନ୍ ବାହାରୁଛନ୍ତି। ଏସିଆନ ଆଥ୍‌ଲେଟିକ କ୍ରୀଡା ପ୍ରତିଯୋଗିତା କଥା ମନେପଡୁଛି। ଯେତେବେଳେ ଛତିଶଗଡ ଏବଂ ଆଉ କେତୋଟି ରାଜ୍ୟ ଏହି ପ୍ରତିଯୋଗିତା ନିଜ ରାଜ୍ୟରେ କରିବା ଲାଗି ମନା କରିଦେଲେ ଓଡିଶା ସରକାର ଏହି କ୍ରୀଡା ଆୟୋଜନ ପାଇଁ ରାଜି ହୋଇଗଲେ। ଏହାଦ୍ୱାରା ଓଡ଼ିଶାର ନାଁ ରହିଲା। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନେକ ଅବଦାନ ରହିଛି। ଆଗକୁ ୨୦୨୩ରେ ହକି ବିଶ୍ୱକପ୍ ଦ୍ୱିତୀୟ ଥର ଲାଗି ଓଡିଶାରେ ହେବାକୁ ଯାଉଛି। ଦଳମତ ନିର୍ବିଶେଷରେ ସମସ୍ତେ ଏଥିପାଇଁ ହାତ ବଢାଇବା ଦରକାର। ଏଥିରେ ରାଜନୀତି ନ ପଶାଇବା ଲାଗି ସେ ଅନୁରୋଧ କରିଛନ୍ତି। ତୃଣମୂଳସ୍ତରରୁ ପିଲାଙ୍କ ମଧ୍ୟରେ କ୍ରୀଡା ପ୍ରତି ଭଲ ମନୋଭାବ ସୃଷ୍ଟି କରିବା ଦରକାର। ସବୁ ଜିଲା ମୁଖ୍ୟାଳୟରେ ଜାତୀୟସ୍ତରର ଷ୍ଟାଡିୟମ ଏବଂ ବ୍ଲକସ୍ତରରେ ମିନି ଷ୍ଟାଡ଼ିୟମ ଖୋଲିବା ପାଇଁ ନରସିଂହ କହିଛନ୍ତି।

ଭାଜପା ଉପନେତା ବିଷ୍ଣୁ ସେଠୀ କହିଛନ୍ତି, କଂଗ୍ରେସ ନେତା ଆଣିଥିବା ପ୍ରସ୍ତାବକୁ ସମର୍ଥନ ଜଣାଉଛି। ମୁଖ୍ୟମନ୍ତ୍ରୀ ଦ୍ୱିତୀୟ ହକି ବିଶ୍ୱକପ ଓଡିଶାରେ କରିବାକୁ ଘୋଷଣା କରିଥିବାରୁ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି ଶାସକ ଦଳ ସଦସ୍ୟ ଅମର ପ୍ରସାଦ ଶତପଥୀ, ଦେବୀ ପ୍ରସାଦ ମିଶ୍ର, ରୋହିତ ପୂଜାରୀ, ଅନନ୍ତନାରାୟଣ ଜେନା ଓ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏଥିପାଇଁ ଧନ୍ୟବାଦ ଜଣାଇଥିଲେ। ଏହାସହ ନରସିଂହ ଆଣିଥିବା ସଂକଳ୍ପକୁ ସମର୍ଥନ ମଧ ଜଣାଇଥିଲେ। ରୋହିତ ପୂଜାରୀ ମଧ ଏହି ସଂକଳ୍ପକୁ ସମର୍ଥନ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା କରିଛନ୍ତି।

# ରାଜ୍ୟରେ ୨୩ ଶହ କିମି କେନାଲ ରାସ୍ତା ନିର୍ମାଣ ହେବ

## ଖର୍ଚ୍ଚ ହେବ ୯ଶହ କୋଟି

ଭୁବନେଶ୍ୱର,୨୮।୧୧(ବ୍ୟୁରୋ)

ଆର୍‌ସିଆର୍ ପ୍ରୋଜେକ୍ଟ ଅଧୀନରେ ରାଜ୍ୟରେ ୨୩ଶହ କିମି କେନାଲ ରାସ୍ତା ନିର୍ମାଣ ହେବ। ଏଥିପାଇଁ ୯ଶହ କୋଟି ଟଙ୍କା ଖର୍ଚ୍ଚ ହେବ। କ୍ୟାବିନେଟ ଅନୁମୋଦନ ପରେ ଏହି ଯୋଜନା କାର୍ଯ୍ୟକାରୀ ହେବ। ଗୁରୁବାର ବିଧାନସଭା ପ୍ରଶ୍ନୋତ୍ତର ବେଳେ ଏହି ସୂଚନା ଦେଇଛନ୍ତି ଜଳ ସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ। ବିଜେଡି ସଭ୍ୟ ବଦ୍ରି ନାରାୟଣ ପାତ୍ର ମୂଳପ୍ରଶ୍ନରେ କେନ୍ଦୁଝର ଜିଲାରେ କେତେ କିମି ନଦୀବନ୍ଧ ଓ କେନାଲ ରାସ୍ତା ରହିଛି, ସେଗୁଡ଼ିକର ନିର୍ମାଣ ଓ ମରାମତି ପାଇଁ କି ବ୍ୟବସ୍ଥା ରହିଛି। ଏହାର ଉତ୍ତରରେ ମନ୍ତ୍ରୀ କହିଥିଲେ କେନ୍ଦୁଝର ଜିଲାରେ ୬୯.୪୭ କିମି ନଦୀବନ୍ଧ ଏବଂ ପ୍ରାୟ ୨୨୫.୨୮ କିମି କେନାଲ ରାସ୍ତା ରହିଛି। ଏହି ରାସ୍ତାଗୁଡ଼ିକ ମଧ୍ୟରୁ ୩ଟି ନଦୀବନ୍ଧର ୪୩.୯୪କିମି ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ନାବାର୍ଡ ସହାୟତାରେ କରାଯାଉଛି। ସେହିଭଳି ୨୨.୨୦ କିମିର ଦୁଇଟି ରାସ୍ତା ଜଳସେଚନ ରାସ୍ତା ନିର୍ମାଣ ଓ ଉନ୍ନତୀକରଣ ଯୋଜନାରେ କାର୍ଯ୍ୟକାରୀ କରାଯାଉଛି। ଗୋଟିଏ ରାସ୍ତାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଅନ୍ୟ ୪ଟି ରାସ୍ତାକୁ ଚଳିତ ବର୍ଷ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ବିଜେଡି ସଭ୍ୟ ଜଗନ୍ନାଥ ନାୟକ, ଭାଗୀରଥି ସେଠୀ ନଦୀବନ୍ଧ ଓ କେନାଲ ରାସ୍ତା ନିର୍ମାଣ ବିଳମ୍ବ ହେଉଥିବା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ କହିଥିଲେ ଯେ, ରାସ୍ତା ନିର୍ମାଣ ନେଇ ଯେଉଁ ସମସ୍ୟା ରହିଛି ତାହା ଆଲୋଚନା କରି ସମାଧାନ କରିବେ।

### ୧ରୁ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ

# ଭାଗନେବେ ୧୨୩ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀ

ଭୁବନେଶ୍ୱର,୨୮।୧୧(ବ୍ୟୁରୋ)

ପ୍ରତିବର୍ଷ ଭଳି ଏ ବର୍ଷ ମଧ କୋଣାର୍କ ମହୋତ୍ସବ ସହ ସମାନ୍ତରାଳଭାବେ ଡିସେମ୍ବର ୧ରୁ ଅନୁଷ୍ଠିତ ହେବ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ। ଚନ୍ଦ୍ରଭାଗା ବାଲୁକା ଶଯ୍ୟାରେ ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ଦେଶ ଏବଂ ଦେଶ ବାହାରୁ ମୋଟ ୧୨୩ ବାଲୁକା ଶିଳ୍ପୀ ଅଂଶଗ୍ରହଣ କରିବେ। ଯୁକ୍ତରାଷ୍ଟ୍ର ଆମେରିକା, ଆୟର୍ଲାଣ୍ଡ, ଡେନ୍‌ମାର୍କ, ରୁଷିଆ, କାନାଡ଼ା, ଟଗୋ ଏବଂ ଶ୍ରୀଲଙ୍କାରୁ ୭ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀଙ୍କ ସହ ୩୦ ମହିଳା ଶିଳ୍ପୀ ଏଥର ଉତ୍ସବରେ ଭାଗନେବେ। ରାଜସ୍ଥାନ, ମହାରାଷ୍ଟ୍ର, ଗୁଜରାଟ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ବିହାର ଓ ପଶ୍ଚିମବଙ୍ଗରୁ ମୋଟ ୧୪ ଶିଳ୍ପୀ ଉତ୍ସବରେ ଅଂଶଗ୍ରହଣ କରିବେ। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉତ୍ସବ ଆୟୋଜିତ ହେବ। ୫ଦିନ ଧରି ଚାଲିବାକୁ ଥିବା ଏହି ଉତ୍ସବରେ ୫ଟି ଥିମ୍‌କୁ ନେଇ ଶିଳ୍ପୀମାନେ ବାଲୁକା କଳା ପ୍ରସ୍ତୁତ କରିବେ। ପ୍ରଥମଦିନ 'ପ୍ରକୃତି ପର୍ଯ୍ୟଟନ', ୨ୟ ଦିନ 'ସଂସ୍କୃତି ଏବଂ ପର୍ବ ପର୍ବାଣି', ୩ୟ ଦିନ 'ମହିଳା ସଶକ୍ତୀକରଣ', ୪ର୍ଥ ଦିନ 'ପ୍ଲାଷ୍ଟିକ୍‌କୁ ନା' ଏବଂ ପଞ୍ଚମ ତଥା ଅନ୍ତିମ ଦିବସରେ 'ଐତିହ୍ୟ' ଥିମ୍ ରହିବ। ପ୍ରତ୍ୟେକ ଦିନ ଥିମ୍ ଅନୁଯାୟୀ ୪୨ ବାଲୁକାକଳା ଏଠାରେ ପ୍ରଦର୍ଶିତ ହେବ। ପ୍ରଥମଥର ପାଇଁ ୧୦ ଯୁବ ବାଲୁକା ଶିଳ୍ପୀଙ୍କୁ ନେଇ ଗଠିତ ଏକ ଟିମ୍ ଏବଂ ଦୁଇଜଣ ଦିବ୍ୟାଙ୍ଗ ବାଲୁକା ଶିଳ୍ପୀ ଉତ୍ସବରେ ନିଜ ପ୍ରତିଭା ପ୍ରଦର୍ଶନ କରିବେ। ଏକକ, ଦୁଇଜଣିଆ, ପୁରୁଷ, ମହିଳା ଓ ଅନ୍ତର୍ଜାତୀୟସ୍ତରୀୟ ପ୍ରତିଯୋଗୀଙ୍କୁ ନେଇ ଭିନ୍ନ ଭିନ୍ନ ବିଭାଗରେ ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ସୁଦର୍ଶନ ପଟ୍ଟନାୟକ ସୂଚନା ଦେଇଛନ୍ତି। ଚନ୍ଦ୍ରଭାଗା ନିକଟରେ ଏକ ଆକର୍ଷଣୀୟ ହସ୍ତଶିଳ୍ପ ମେଳା ଆୟୋଜିତ ହେବାକୁ ଥିବାବେଳେ ଏଥିରେ ବିଭିନ୍ନ ରାଜ୍ୟର ହସ୍ତଶିଳ୍ପ ସାମଗ୍ରୀ ବିକ୍ରୟ ହେବ। ପ୍ରଥମଥର ଲାଗି ୫ ଫୁଡ୍‌ଷ୍ଟଲ୍‌ରେ ପାରମ୍ପରିକ ଓଡ଼ିଆ ଖାଦ୍ୟ ସହ ଅନ୍ୟାନ୍ୟ ସୁସ୍ୱାଦୁ ଖାଦ୍ୟ ଉପଲବ୍ଧ ହେବ।







DSPL - 164

1 NATION 1 TAX 1 MARKET
GST

GOVERNMENT OF ODISHA
COMMISSIONERATE OF CT & GST
(FINANCE DEPARTMENT)

ATTENTION ALL TAXPAYERS USING E-WAYBILL

• Taxpayers **who have not filed** the **monthly** tax returns for the months of **September 2019 and October 2019** and **quarterly** returns for the quarter ending **June 2019 and September 2019**, will not be able to generate e-Waybills starting **1st of December 2019.**

• e-Waybill System will block the generation of e-Waybills for the above taxpayers.

• System will automatically unblock the facility for generation of e-Waybills **on the day after** the returns are filed by the taxpayer.

• **To avoid such inconvenience and to continue to use the facility of e-Waybills, all such taxpayers are requested to file their tax returns for the above mentioned periods before 30th of November 2019.**

*Please visit "https://ewaybillgst.gov.in" for further details*

Help Desk: 1800 345 6753 (Toll Free)
Email ID: ctdho@odishatax.gov.in
05006/13/0005/1920
https://odishatax.gov.in



ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
-ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ



# ହକ୍ ପାଇଁ ଲଢ଼େଇ

## ପଦ୍ମପୁରରେ କୃଷକ ସମାବେଶ

ପଦ୍ମପୁର, ୨୮।୧୧ (ଡି.ଏନ.ଏ.)

ପଦ୍ମପୁର ରାଜବୋଡାସମ୍ବର କୃଷକ ସଗଠନର ଆହ୍ୱାନ କ୍ରମେ ସ୍ଥାନୀୟ ଗୋରୁବଜାରଠାରେ ଏକ କୃଷକ ସମାବେଶ ଅନୁଷ୍ଠିତ ହୋଇଛି । କୃଷକମାନଙ୍କର ହକ୍ ପାଇଁ ଆୟୋଜିତ ଏହି ସମାବେଶରେ ଜଳ, ଜମିନ, ଗୋ-ମାତା, ପରିବେଶ, ସମାଜ ପାଇଁ ସଂଗ୍ରାମ କରୁଥିବା ବିଭିନ୍ନ ରାଜ୍ୟସ୍ତରୀୟ ପ୍ରତିନିଧିମାନେ ଅଂଶ ଗ୍ରହଣ କରି ଚାଷୀମାନଙ୍କ ନାଯ୍ୟ ଦାବିକୁ ପୂର୍ଣ୍ଣ ସମର୍ଥନ କରିଥିଲେ । ଜୟ କିସାନ ସଂଗଠନର ରମେଶ ମହାପାତ୍ରଙ୍କ ସଂଯୋଜନାରେ ସମାବେଶ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇଥିଲା । ପ୍ରଫୁଲ୍ଲ ସାମନ୍ତରା, ନିୟମଗିରି ସୁରକ୍ଷା ମଞ୍ଚର ମୁଖ୍ୟ ଲିଙ୍ଗରାଜ ଆଜାଦ, ପାଣି ଆନ୍ଦୋଳନର ସକ୍ରିୟ ସଂଗ୍ରାମୀ ସରୋଜ ମହାନ୍ତି, ତାପଜ ପ୍ରକଳ୍ପ ବିସ୍ଥାପନ ପ୍ରତିରୋଧ ମଞ୍ଚର ଆବାହକ ବାଳକୃଷ୍ଣ ଷଣ୍ଡ, ଚାଷୀନେତା ଲିଙ୍ଗରାଜ, ମୁରାରୀ ପୁରୋହିତ, ଶିବପ୍ରସାଦ ପ୍ରଧାନ, ଉତ୍ପଳ ଭୋଇ, ହର ବଣିଆ, ଅଚ୍ୟୁତ ସିପନ ଖମାରୀ, ଚନ୍ଦ୍ରଶେଖର ପଣ୍ଡା, ବାଞ୍ଛାନିଧି ନାୟକ, ଅଶୋକ ସାହୁ, ରୋହିତ ପ୍ରଧାନ, ସନ୍ତୋଷ ବେହେରା, ଅଶୋକ ସାହୁ, କୈଳାଶ ବାରିକ, ଲିଙ୍ଗରାଜ ପ୍ରଧାନ, ଦହିତ ସାହୁ, ସୁଦାମ ଦାଶ, ବନମାଳୀ ହାତୀ, ସୌକିଲାଲ ମେହେର, ଲୋକେଶ୍ୱର ପଟେଲ, କାହ୍ନୁ ମେହେର, କୀର୍ତ୍ତି ମେହେର, ବିଶ୍ୱନାଥ ରଣା, ଗିରିଶ ତନସନା, ବ୍ୟାମକେଶ ଠାକୁର, ଦେବେନ୍ଦ୍ର ପ୍ରଧାନ, ସଞ୍ଜିବ ବାରିକ, ଦିଲୀପ ପ୍ରଧାନ, ମନୋଜ ପ୍ରଧାନ ପ୍ରମୁଖ କୃଷକ ନେତା, ସାମାଜିକ କର୍ମୀ ମଞ୍ଚାସୀନ ଥିଲେ। ସୁଶୀଲ ସାହୁ, ଆଜାଦ ପାଣିଗ୍ରାହୀଙ୍କ ସଂଗ୍ରାମୀ ସଂଗୀତ ପରେ ହକ୍ ପାଇଁ ଲଢ଼େଇର ସ୍ୱର ଅତିଥିମାନଙ୍କଠାରୁ ଶୁଣିବାକୁ ମିଳିଥିଲା । ଧାନ ବିକ୍ରିରେ ଟକୋନ ବ୍ୟବସ୍ଥା, ଧାନର ସହାୟକ ସର୍ବନିମ୍ନ ୩୦୦୦ ଟଙ୍କା, ୨୦୧୮ର ଇନପୁଟ ସବସିଡି, ବୀମା ପ୍ରଦାନରେ ଏସିଏଫ ଉଚ୍ଛେଦ, କୃଷକମାନଙ୍କ ପାଇଁ କୃଷକ ଆୟୋଗ ଆଦି ଦାବି ନେଇ ଏହି ସମାବେଶରେ ଆଲୋଚନା କରାଯାଇଥିଲା । ରାଜ୍ୟର ବିଭିନ୍ନ ଛାମୁଆ ସଂଗଠନ ଏଥିରେ ସାମିଲ ହୋଇ ବକ୍ତବ୍ୟ ରଖିବା ଦ୍ୱାରା ରାଜବୋଡାସମ୍ବର କୃଷକ ସଂଗଠନ ଆହୁରି ମଜବୁଦ ହେଲା ବୋଲି ଆବାହକ ଅଶୋକ ସାହୁ ମତବ୍ୟକ୍ତ କରିଥିଲେ । ଜଳ, ଜନ, ଜଙ୍ଗଲର ସର୍ବାଙ୍ଗୀନ ଉନ୍ନତିରେ ଦେଶର ବିକାଶ ହେବ ଅନ୍ୟଥା ଦେଶର ବିକାଶ ଅସମ୍ଭବ ବୋଲି ବକ୍ତାମାନେ କହିଥିଲେ । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କୃଷକ ବିରୋଧୀ ନୀତି ପାଇଁ କୃଷକ ସମାବେଶରେ କ୍ଷୋଭ ପ୍ରକାଶ କରାଯାଇଥିଲା । ଆଗାମୀ ଦିନରେ ସଂଗଠନକୁ ଆହୁରି ମଜବୁଦ କରି ହକ୍‌କୁ ଛଡାଇ ଆଣିବାକୁ ଆହ୍ୱାନ ଦିଆଯାଇଥିଲା । ସୁବାଷ, ରାଜୀବ, ଶତ୍ରୁଘ୍ନ, ଅମୃତଲାଲ, ବାଳେଶ୍ୱର, ରଜନୀ କୁମାର ମହାନ୍ତି, ସିନ୍ଧୁଲତା ଓ କଇଁଫୁଲ ସମାବେଶର ସଫଳତା ପାଇଁ ସହଯୋଗ କରିଥିଲେ । କୃଷକମାନେ ହକ୍ ପାଇଁ ଲଢ଼େଇ କରୁଥିବା ସ୍ଲୋଗାନର ପ୍ଲାକାର୍ଡ ଧରି ପଦ୍ମପୁର ସହର ପରିକ୍ରମା



ପଦ୍ମପୁରରେ ଅନୁଷ୍ଠିତ କୃଷକ ସମାବେଶରେ ମଞ୍ଚାସୀନ ଚାଷୀନେତାଙ୍କ ସହ ଅନ୍ୟାନ୍ୟ ସଂଗଠନର ନେତୃବୃନ୍ଦ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଧାର ମାଗିଲି ଚାଉଳ ସେରେ**
**ପହରେ କହିଲା ବସ**
**ଜାଳ ସରିଗଲା ଜଳ ମରିଗଲା**
**ତେବେ ନ ପୂରିଲା ଆଶ ।**

ଅଭାବ ଅନଟନ ପଡ଼ିଲେ ବ୍ୟକ୍ତି ଅନ୍ୟ ଆଗରେ ହାତ ପତେଇଥାଏ । ପରନ୍ତୁ ଦେବା ଲୋକ ଯଦି ସମୟ ଗଡ଼ାଇ ଗଡ଼ାଇ ଶେଷରେ ମନା କରିଦିଏ ତା' ହେଲେ ମନର ସବୁ ସରାଗ ମରିଯାଏ । ଆଶା ଆଶାରେ ରହିଗଲେ ମନ ଭାଙ୍ଗି ଖଣ୍ଡ ବିଖଣ୍ଡିତ ହୋଇଯାଏ । ଏପରିସ୍ଥଳେ ଉଧାର ମାଗିବାକୁ ଯାଇ ଖାଲି ହାତରେ ଫେରୁଥିବା ବ୍ୟକ୍ତିର ହତାଶ ମନୋଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଉପର ଶାଳରେ ପାଣି ବୋହୁଥିବ**
**ବୋଝ ବୋହୁଥିବ କପା**
**ତେଲ ଲଗାଇବ ଖାବାଡାବା**
**ମାଡ଼ି ବସିଥିବ ଚକା ।**

ଉପର ଶାଳରେ ପାଣି ବୋହିବାରେ ଶାରୀରିକ ଶ୍ରମ କମ୍ ପଡ଼ିଥାଏ । କପା ଅପେକ୍ଷାକୃତ ହାଲୁକା, ବୋଝ ବୋହିବାରେ ସେତେ କଷ୍ଟ ଜଣାପଡ଼ି ନ ଥାଏ । ସେହିପରି ବହୁଲୋକଙ୍କ ମେଳରେ ରହିଲେ କାଳେ ପଛରେ ପଡ଼ିଗଲେ ସୁବିଧା ସୁଯୋଗ ହାତଛଡ଼ା ହୋଇଯିବ ସେହି ଆଶଙ୍କାରେ ଗାଧୋଇବା, ଖାଇବା ତଥା ଶୋଇବାରେ ଯଥାସମ୍ଭବ ଚଞ୍ଚଳତା ଦେଖାଇବାକୁ ପଡ଼ିଥାଏ । ସିଆଣିଆ ତଥା ସୁବିଧାବାଦୀ ବ୍ୟକ୍ତିଙ୍କଠାରେ ଏତାଦୃଶ ପ୍ରକୃତି ରହିଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ପାଇଖାନା ଘୋଟାଲାରେ ଭିଜିଲାନ୍ସ ତଦନ୍ତ

ବରପାଲି, ୨୮।୧୧ (ଡି.ଏନ.ଏ.)

ବରପାଲି ବ୍ଲକ ରେମତା ପଞ୍ଚାୟତରେ ପାଇଖାନା ନିର୍ମାଣରେ ଅନିୟମିତତା ହୋଇଛି। ଅଭିଯୋଗ ହେବା ପରେ ଭିଜିଲାନ୍ସ ଟିମ୍ ତଦନ୍ତ ଆରମ୍ଭ କରିଛି। ଭିଜିଲାନ୍ସ ଡିଏସପି ବୀରେନ୍ଦ୍ର ନାଏକଙ୍କ ସମେତ ଗୁର୍ଣିତା ମେହେର, ଲକ୍ଷ୍ମୀକାନ୍ତ ଛତ୍ରିଆ ଓ ଶରତ ବେହେରା ପ୍ରମୁଖ ତଦନ୍ତରେ ସାମିଲ ରହିଛନ୍ତି। ପ୍ରକାଶ ଯୋଗ୍ୟ, ପାଇଖାନା ନିର୍ମାଣ ନ ହୋଇ ଟଙ୍କା ହେରଫେର କରାଯାଇଥିବା ଅଭିଯୋଗ ହୋଇଥିଲା । ଏ ନେଇ ରେମତା ପଞ୍ଚାୟତର ରେମତା, ଧିରପୁର ଓ କୃଷକ ପଲ୍ଲି ଗ୍ରାମବାସୀ ମିଳିତ ଭାବେ ବ୍ଲକ ଅଫିସରେ ଅଭିଯୋଗ କରିବା ପୂର୍ବକ ଧାରଣା ଦେଇ ଭିଜିଲାନ୍ସ ତଦନ୍ତ ଦାବି କରିଥିଲେ । ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ନିର୍ମାଣ ନାଁରେ ବ୍ୟାପକ ଅର୍ଥ ଘୋଟାଲା ହୋଇଛି। ମିଛ ବିଲ୍ କରାଯାଇଛି। ପୁରୁଣା ପାଇଖାନାକୁ ଦର୍ଶାଇ ନୂଆଁ ବିଲ୍ କରି ଅର୍ଥ ଉଠାଇ ନିଆଯାଇଛି ବୋଲି ଅଭିଯୋଗ ହୋଇଥିଲା।

ଝାରବନ୍ଧ ସମିତି ଉପନିର୍ବାଚନ

# ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ବିଜୟ

ଝାରବନ୍ଧ, ୨୮।୧୧ (ଡି.ଏନ.ଏ.)

ବରଗଡ ଜିଲା ଝାରବନ୍ଧ ବ୍ଲକ ଅନ୍ତର୍ଗତ କନ୍ଦାଡଙ୍ଗର ସମିତି ସଭ୍ୟ ପାଇଁ ବୁଧବାର ଭୋଟ ଗ୍ରହଣ ହୋଇଥିଲା । ଗୁରୁବାର ସକାଳୁ ବ୍ଲକ ଅଫିସଠାରେ ଭୋଟ ଗଣତି ହୋଇଥିଲା । ବିଜୁ ଜନତା ଦଳର ସମର୍ଥିତ ପ୍ରାର୍ଥୀ ଚନ୍ଦ୍ରଶେଖର ପଟେଲ ଏହି ନିର୍ବାଚନରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ସମର୍ଥିତ ପ୍ରାର୍ଥୀ ଭୁବନେଶ୍ୱର ପାଣ୍ଡେଙ୍କଠାରୁ ୯୨୪ ଭୋଟ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି । ପଟେଲ ୧୯୩୪ ଖଣ୍ଡ ଭୋଟ ପାଇଥିବା ବେଳେ ଭୁବନେଶ୍ୱର ମାତ୍ର ୧୦୧୦ ଭୋଟ ପାଇଥିଲେ । ନିର୍ବାଚନ ଅଧିକାରୀ ଭାବେ ବିଡିଓ ରୁନୁ ଲାକ୍ରା ସୂଚାରୁରୂପେ ନିର୍ବାଚନ ପରିଚାଳନା କରିଥିବା ବେଳେ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଟିକେଶ୍ୱର ପଟେଲ ସହଯୋଗ କରିଥିଲେ। ପ୍ରକାଶଯୋଗ୍ୟ, ଏଠାରେ ସମିତି ସଭ୍ୟ ଥିବା ଧୋବାରାମ ନାଏକଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ଘଟିବାରୁ ପ୍ରାୟ ଏକ ବର୍ଷ ହେବ ଏହି ଆସନ ଖାଲି ପଡିଥିଲା।

# ନବନିର୍ମିତ ଶିବ ମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବ

ସୋହେଲା, ୨୮।୧୧ (ଡି.ଏନ.ଏ.)

ବରଗଡ ଜିଲା ସୋହେଲା ପଦ୍ମପୁର ରାସ୍ତାରେ ସ୍ୱର୍ଗତ ତୁଳସୀରାମ ଅଗ୍ରୱାଲଙ୍କ ସ୍ମୃତିରେ ତାଙ୍କ ପରିବାର ପକ୍ଷରୁ ନବ ନିର୍ମିତ ଶିବ ମନ୍ଦିରର ପ୍ରାଣ ପ୍ରତିଷ୍ଠା କରାଯାଇଛି। ଏହି ଅବସରରେ ଗୁରୁବାର କଳସ ସ୍ଥାପନ କରାଯାଇଛି। ୨ତାରିଖ ସୋମବାର ଏହି ମନ୍ଦିରରେ ଶିବଲିଙ୍ଗ ସ୍ଥାପନ କରାଯିବ। ସ୍ୱର୍ଗତ ଅଗ୍ରୱାଲଙ୍କ ପୁଅ ଲଳିତ କୁମାର ଅଗ୍ରୱାଲା, ମୋହିନୀ ଦେବୀ ଅଗ୍ରୱାଲା କର୍ତ୍ତା ରହିଥିବା ବେଳେ ପୂଜକ ଟିକେଶ୍ୱର ମହାପାତ୍ର, ମନୋଜ ଦେବତା, ଗୌତମ ଆଚାର୍ଯ୍ୟ, ସରୋଜ ଦେବତା, ସୁମନ୍ତ ପାଣିଗ୍ରାହୀ ପୂଜାକାର୍ଯ୍ୟ ସଂପାଦନ କରୁଛନ୍ତି। ହୃଷୀକେଶ ମହାପାତ୍ର, ଚକ୍ରପାଣି ମହାପାତ୍ର ଓ ଅରବିନ୍ଦ ପଶାୟତ ସହଯୋଗ କରୁଛନ୍ତି।


ନବନିର୍ମିତ ଶିବ ମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବ ପାଇଁ କଳସ ଶୋଭାଯାତ୍ରା ବାହାରିଛି।

# ରାସ୍ତା ନାହିଁ, ଲୋକେ ହଇରାଣ

ଜାମଟିକ୍ରା, ୨୮।୧୧ (ଡି.ଏନ.ଏ.)

ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତର ଜାମଟିକ୍ରା ଗାନ୍ଧୀ ଏମ୍‌ଇ ସ୍କୁଲଠାରୁ ଆମ୍ବପଡାକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ ପାଇଁ ଲୋକେ ଦାବି କରିଛନ୍ତି। ଏହି ୧କିମି ରାସ୍ତା ଉକ୍ତ ଅଞ୍ଚଳ ପାଇଁ ମୁଖ୍ୟ ରାସ୍ତା। କିନ୍ତୁ ଏବେ ଏହି ରାସ୍ତାକୁ କେତେକ ଚାଷୀ ଜବରଦଖଲ କରିଛନ୍ତି। ଅନ୍ୟପକ୍ଷେ ଏହି ରାସ୍ତା ଏବେ ଖୋଲା ପାଇଖାନା ପାଲଟିଛି। ଫଳରେ ଏହି ରାସ୍ତାରେ ଯିବା ସମ୍ଭବପର ହେଉନାହିଁ। ଏହି ରାସ୍ତାରେ ମାଟି ମୁଠାଏ ପଡିନାହିଁ । ଅତାବିରା ବିଡିଓ ପ୍ରଣବ କୁମାର ଚାନ୍ଦ କହିଛନ୍ତି ଯେ, ଏହି ରାସ୍ତା ପ୍ରତି ଦୃଷ୍ଟି ଦିଆଯିବ।


# CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଖର୍ଚ୍ଚ ଋଣରୁ କଟିବ
BALA JI FINANCE
1 ଲକ୍ଷରୁ ୨୦ ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
063986-75974
ADDRESS: T-51, GAUTAMPURI, DELHI

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ଆପଣଙ୍କ ସ୍ୱପ୍ନକୁ କରେ ସାକାର
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ସବୁ ଯୋଜନା ଅଧୀନରେ
ମୁଦ୍ରା ଫାଇନାନ୍ସ
କମ୍ କିମ୍ବା ଖରାପ CIBIL ସ୍କୋର୍‌ଧାରୀ ବ୍ୟକ୍ତିମାନଙ୍କୁ ମଧ୍ୟ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ବ୍ୟବସାୟ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 40% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
ମହିଳାଙ୍କ ପାଇଁ ବିଶେଷ ରିହାତି
7289999543
8929619951
SCF-14, Aggarwal Estate, South Delhi

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ । ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି । ସୁଧ=1%
MOB - 9853098838
7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ASTRO / VASTU
ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
କ'ଣ ଆପଣ ଚିନ୍ତିତ କି ?
2 ଘଣ୍ଟାରେ ୧୦୦% ସମାଧାନ । ତନ୍ତ୍ର ମନ୍ତ୍ରର ସମ୍ରାଟ
ଇଚ୍ଛାନୁସାରେ ବଶୀକରଣ, ପ୍ରେମ ବିବାହ ପାଇଁ ଘରଲୋକଙ୍କୁ ମନାଇବା, ପତିପତ୍ନୀ ମନାନ୍ତର, ସନ୍ତାନ ପ୍ରାପ୍ତି, ବେପାର ବୃଦ୍ଧି, ଶତ୍ରୁ ଦମନ, ବାରମ୍ବାର ବିବାହ ପ୍ରସ୍ତାବ ଭାଙ୍ଗୁଥିଲେ, ପୁରୁଣା ରୋଗର ଔଷଧ କାମ ନ କରିବା ଆଦି ସମସ୍ୟାର ତୁରନ୍ତ ସମାଧାନ କରନ୍ତୁ।
ଯଦି କାହାର ପତି ଓ ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ।
9938991467
BHUBANESWAR-09

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

DHARITRI Career appointment Every Wednesday and Saturday

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

ATC TOWER COMPANY (REGD.)
All Odisha
ଖାଲି ଜମି, ଚାଷ ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ, ଅଗ୍ରିମ ୨୦ ଲକ୍ଷ/- ଭଡ଼ା - ୨୦ ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ + ମୋବାଇଲ + ବାଇକ୍ + ମାସିକ 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address : - Head Office G-79, Adarsh Nagar, Karol Bagh
7082322494
7496805598

ଭାରତର ନଂ.1 COMPANY
AMERICAN TOWER CORPORATION
ନିଜର ଖାଲି ଜମି, କ୍ଷେତ, ଛାତ, ଘର, ଦୋକାନରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଡିଜିଟାଲ ଟାୱାର ଲଗାନ୍ତୁ। ଅଗ୍ରିମ 50 ଲକ୍ଷ + ଭଡ଼ା 45 ହଜାର + ଏକ ପଲ୍‌ସର୍ ବାଇକ୍ (ମାସିକ 25,000 - 30,000ର ଅନ୍ୟାନ୍ୟ ସୁବିଧା)
atc4gnetwork@gmail.com
MOB - 9471965297

EDUCATION

SESSION 2019-21
B.Ed.
SNEHA B.Ed. College
Markapur, Prakasam Dist.
NCTE Approved
Acharya Nagarjuna University Equivalent to Govt. of Odisha
CALL
9491316950
9985646958

LISAS'IAS CELEBRATES 27th YEAR OF SUCCESS
FREE MOCK INTERVIEW SESSIONS FOR OAS (VIVA-VOCE)
JOIN IMMEDIATELY
LISAS' SUCCESS IN OAS
2017 : 41 (5 in Top 20)
2016 : 58 (4 in Top 20)
2015 : 155 (6 in Top 20)
2011 : 154 (Topper, 5 in Top 10 & 10 in Top 20)
2010 : 180 (Lady Topper & 6 in Top 10)
2000 : 93 (Topper, Lady Topper & 6 in Top 10)
1997 : 55 (Topper, Lady Topper)
1996 : 7 (Topper)
1995 : 7
LISAS'IAS
2, Budha Nagar (Near Kalpana Chowk), BBSR-6
9338222113
9337594620
CORRESPONDENCE COURSE ALSO AVAILABLE


## ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



"ମୁଁ ଏବେ ଭୋଟ ବଦଳାଇବାକୁ ଚାହୁଁଛି, ଏହା ହୋଇପାରିବ କି? ଯଦି ନା, ତେବେ ମହାରାଷ୍ଟ୍ରରେ ନିର୍ବାଚନ ପରେ ନେତାମାନେ କେମିତି ଦଳ ପରିବର୍ତ୍ତନ କରୁଛନ୍ତି?

-ଜାଭେଦ୍ ଜାଫ୍ରି,
ବଲିଉଡ୍ ଅଭିନେତା



# ବାଧ୍ୟତାମୂଳକ ପ୍ରି-ୱେଡ଼ିଂ କୋର୍ସ



## ଫେଲ୍ ପରୀକ୍ଷାର୍ଥୀ ବିବାହ ଅଧିକାରରୁ ବଞ୍ଚିତ ହେବେ

**ଜାକର୍ତ୍ତା:** କୁହାଯାଏ ସ୍ୱର୍ଗରେ ସ୍ଥିର ହୋଇଥାଏ ବିବାହ। ହେଲେ ଏହାର ସବୁ ପରମ୍ପରା ପାଳନ ହୁଏ ଧରାପୃଷ୍ଠରେ। ଏବେ ବିବାହକୁ ନେଇ ଯୁବପିଢ଼ିଙ୍କ ଭିତରେ ବଦଳିଛି ମାନସିକତା। ଏପରି ମାଙ୍ଗଳିକ କାର୍ଯ୍ୟକୁ ଅଧିକ ସ୍ମୃତିମଧୁର କରିବାକୁ ସେମାନେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବାକୁ ପଛାଉନାହାନ୍ତି। ହେଲେ ବିବାହ ସରିବା ପରେ ହଠାତ୍ ବଢ଼ିଯାଏ ଦାୟିତ୍ୱ, ଯାହାର ସିଧାସଳଖ ପ୍ରଭାବ ପଡ଼େ ଦାମ୍ପତ୍ୟଜୀବନ ଉପରେ। ଏପରି କି ଅଶାନ୍ତି ବଢ଼ିଲେ ପରସ୍ପରଠାରୁ ଅଲଗା ହୋଇଯାଆନ୍ତି ଦମ୍ପତି। ଏହି ସମସ୍ୟାର ସମାଧାନ କରିବାକୁ ଇଣ୍ଡୋନେସିଆ ସରକାର ଆରମ୍ଭ କରିବାକୁ ଯାଉଛନ୍ତି ବାଧ୍ୟତାମୂଳକ ପ୍ରି-ୱେଡ଼ିଂ କୋର୍ସ। ଏଥିରେ ଫେଲ୍ ହୋଇଥିବା ପରୀକ୍ଷାର୍ଥୀଙ୍କୁ ବିବାହ ଅଧିକାରରୁ ବଞ୍ଚିତ କରିବାକୁ ନିଷ୍ପତ୍ତି ନିଆଯାଇଛି, ଯାହାକୁ ନେଇ ସାରା ଦେଶରେ ଏବେ ଆରମ୍ଭ ହୋଇଛି ଚର୍ଚ୍ଚା।

ଇଣ୍ଡୋନେସିଆର ଏକ ପ୍ରତିଷ୍ଠିତ ଖବରକାଗଜରେ ପ୍ରକାଶିତ ତଥ୍ୟ ଅନୁଯାୟୀ, ୨୦୨୦ ସୁଦ୍ଧା ଏହି କୋର୍ସ ଆରମ୍ଭ ହେବ। ୩ମାସ ଅବଧି ବିଶିଷ୍ଟ ଏହି କୋର୍ସ ପାଇଁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। ଇଣ୍ଡୋନେସିଆର ମାନବ ବିକାଶ ଏବଂ ସାଂସ୍କୃତିକ ମନ୍ତ୍ରଣାଳୟ ସେଠାକାର ଧାର୍ମିକ ଅନୁଷ୍ଠାନ ଏବଂ ସ୍ୱାସ୍ଥ୍ୟ ବିଭାଗର ମିଳିତ ସହଯୋଗ ଏହି କୋର୍ସ ଆରମ୍ଭ କରିବାକୁ ଯୋଜନା ପ୍ରସ୍ତୁତ କରାଯାଇଛି।

ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ବିଭାଗର ଡାଇରେକ୍ଟର ଜେନେରାଲ କିରାଣା ପ୍ରୀତସାରୀ କୁହନ୍ତି, ଏପରି କୋର୍ସ ପ୍ରଥମ ନୁହେଁ। ବିଭାଗ ପକ୍ଷରୁ ପୂର୍ବରୁ ଏଭଳି ପ୍ରି-ୱେଡ଼ିଂ ପ୍ରଶିକ୍ଷଣ ଦିଆଯାଉଛି। ହେଲେ ପ୍ରଥମ ଥର ପାଇଁ ଏହାକୁ ସାରା ଦେଶରେ ବାଧ୍ୟତାମୂଳକ ଭାବେ ଲାଗୁ କରାଯିବ। ଏହି କୋର୍ସ ଅତି ସରଳ। ଏଥିରେ ପ୍ରଶିକ୍ଷଣ ନେଉଥିବା ଯୋଡ଼ି ଫେଲ ହେଲେ ସେମାନଙ୍କଠାରୁ ବିବାହ ଅଧିକାର ଛଡ଼ାଇ ନିଆଯିବ। କହିବାକୁ ଗଲେ ବିନା ସାର୍ଟିଫିକେଟରେ ବିବାହ କରିବାକୁ ଅନୁମତି ମିଳିବନି। ଏ ନେଇ ବିଭାଗୀୟ ମନ୍ତ୍ରୀ ମୁହଜରି ଏଫ୍‌ନ୍ଦୀ କୁହନ୍ତି, ବିବାହ କରିବାକୁ ସମସ୍ତେ ଚାହାନ୍ତି। ହେଲେ ଏଥିପୂର୍ବରୁ ଭାବନାତ୍ମକ, ଶାରୀରିକ ଏବଂ ମାନସିକସ୍ତରରେ ପ୍ରସ୍ତୁତ ହେବାକୁ ପଡ଼ିବ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ କେବଳ ବୈବାହିକ ଜୀବନକୁ ସଫଳ କରିବନାହିଁ, ଅଧିକନ୍ତୁ ବିବାହ ପରେ ସେମାନେ ପରିବାରର ସମସ୍ତ ଦାୟିତ୍ୱ ନିଜ କାନ୍ଧରେ ଉଠାଇପାରିବେ। ଶିଶୁଙ୍କ ଦେଖାରଖା, ରୋଗରୁ ସୁରକ୍ଷା, ପରିଣତ ବୟସରେ ସ୍ୱାସ୍ଥ୍ୟର ଯତ୍ନ ଭଳି ସମସ୍ୟାକୁ ସହଜରେ ସମ୍ମୁଖୀନ ହୋଇପାରିବେ। ପରିବାରର ଆର୍ଥିକ ଅବସ୍ଥା ଦେଖି ବିବାହ ଲାଗି ପ୍ରସ୍ତୁତ ଯୁବତୀଯୁବକଙ୍କୁ ପ୍ରଶିକ୍ଷଣ ଦିଆଯିବ। କୋର୍ସ ପରେ ସାର୍ଟିଫିକେଟ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ଜଳ ଯନ୍ତ୍ରଣା

## ଗାଁ ଛାଡିବାକୁ ସରକାରୀ ନିର୍ଦ୍ଦେଶ

**ରାଞ୍ଚି:** ଏଭଳି ଏକ ଗାଁ ଅଛି, ଯେଉଁଠାରେ ଲୋକ ଦୀର୍ଘାୟୁ ହୋଇ ନ ଥାନ୍ତି। ତାଙ୍କର ଜୀବନକାଳ ବହୁତ୍ କମ୍। ସେଠାରେ ପରିସ୍ଥିତି ଏଭଳି ହୋଇଛି ଯେ, ଶେଷରେ ସରକାର ଏଠାକାର ଲୋକଙ୍କୁ ଗାଁ ଛାଡିବାକୁ ପରାମର୍ଶ ଦେଇଛନ୍ତି। ଏହି ଦୃଶ୍ୟ ଦେଖିବାକୁ ମିଳିଛି ଝାଡଖଣ୍ଡ ପଲାମୁ ଜିଲା ଅନ୍ତର୍ଗତ ଚୁକରୁ ଗାଁରେ। ଏଠାରେ ଗାଁଲୋକେ ପିଉଥିବା ପାଣିରେ ଅତ୍ୟଧିକ ମାତ୍ରାରେ ଫ୍ଲୋରାଇଡ୍ ରହିଛି। ଫଳରେ ସେମାନେ ଶାରୀରିକ ଅକ୍ଷମ ପାଲଟୁଥିବା ଜଣାପଡ଼ିଛି। ଲଗାତାର ଭାବେ ଏହି ପାଣି ପିଇବା ଯୋଗୁ ଫ୍ଲୋରୋସିସ୍ ନାମକ ରୋଗରେ ଆକ୍ରାନ୍ତ ହେଉଛନ୍ତି ବୋଲି ସ୍ଥାନୀୟବାସିନ୍ଦା ଅଭିଯୋଗ କରିଛନ୍ତି। ଏହି ଦୂଷିତପାଣି ଯୋଗୁ ଲୋକଙ୍କ ହାଡ଼ ଓ ଦାନ୍ତ ଦୁର୍ବଳ ହେଉଛି ବୋଲି ଅଭିଯୋଗ ହୋଇଛି। କେବଳ ସେତିକି ନୁହେଁ, କେତେ ଜଣ ଯୁବକଙ୍କର ଏହି ରୋଗରେ ମୃତ୍ୟୁ ହୋଇଥିବା ସୂଚନା ରହିଛି। ଗତ ୨୫ବର୍ଷରୁ ଗାଁଲୋକେ ଏହି ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ଏଠାରେ ୫୦ବର୍ଷରୁ ଊର୍ଦ୍ଧ୍ୱ ବୟସର କେହି ବ୍ୟକ୍ତି ନାହାନ୍ତି ବୋଲି କୁହାଯାଏ। ଅପରପକ୍ଷରେ ଏହି ସମସ୍ୟା ଯୋଗୁ ସ୍ଥାନୀୟ ପ୍ରଶାସନ ତାଙ୍କୁ ଭିଟାମାଟି ଛାଡିବାକୁ ପରାମର୍ଶ ଦେଇଛନ୍ତି। ହେଲେ ସେଠାକାର ଲୋକଙ୍କ କହିବା ଅନୁସାରେ ସବୁ ଲୋକ ଦିବ୍ୟାଙ୍ଗ ପାଲଟିଛନ୍ତି। ଏଭଳି ସ୍ଥିତିରେ ଅନ୍ୟତ୍ର ସ୍ଥାନରେ ପୁଣି ଯାଇ ବାସ କରିବା ସେମାନଙ୍କ ପାଇଁ ଅସମ୍ଭବ ବୋଲି ଗାଁଲୋକେ କହିଛନ୍ତି।

## ଛାତ୍ରୀଙ୍କ ଝିଅକୁ କାଖେଇ ପାଠ ପଢ଼ାଇଲେ ପ୍ରଫେସର୍



ଆଟଲାଣ୍ଟା: ମା' ହେବା ଜଣେ ମହିଳାଙ୍କ ପାଇଁ ଯେତିକି ଆନନ୍ଦଦାୟକ, ଘର ଓ ଅଫିସ୍ କାମ ସହ ସନ୍ତାନର ଯତ୍ନ ନେବା ସେତିକି କାଠିକର ପାଠ ହୋଇଥାଏ। ତଥାପି କିଛି କରିବାର ଇଚ୍ଛା ଓ ଆଗ୍ରହ ଥିଲେ ସବୁ କଷ୍ଟକୁ ଅତିକ୍ରମ କରିହୁଏ। ଜଣେ ବିବାହିତା ୧୦ଘଣ୍ଟାର ଅଫିସ କାମ ସାରି ପାଠ ପଢ଼ିବା ପାଇଁ ବାହାରିଥିଲେ। ସେ ନିଜ ଶିଶୁକନ୍ୟାକୁ ସାଥିରେ ନେଇ କ୍ଲାସ୍‌କୁ ଯାଇଥିଲେ। ସେ କ୍ଲାସ୍‌ରେ ୪୫ ମିନିଟ ବିଳମ୍ବରେ ପହଞ୍ଚିଥିବାବେଳେ ଶିଶୁଟିକୁ ଧରି ପାଠ ପଢ଼ିବାରେ ଯେପରି ଅସୁବିଧା ନ ହୁଏ, ସେଥିପାଇଁ ପ୍ରଫେସର୍ ନିଜେ ଶିଶୁଟିକୁ କାଖେଇ ଛାତ୍ରୀଙ୍କୁ ପାଠ ପଢ଼ାଇଥିବା ଜଣାପଡ଼ିଛି। ଏଭଳି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଏହାର ଏକ ଫଟୋ ଛାତ୍ରୀଜଣକ ନିଜ ଟୁଇଟର୍‌ରେ ଶେୟାର କରିଛନ୍ତି। ଏହାସହ ସେ ଲେଖିଛନ୍ତି ଯେ, ପ୍ରଫେସର୍‌ଙ୍କୁ ଧନ୍ୟବାଦ, ତାଙ୍କ ସହଯୋଗ ଯୋଗୁ ହିଁ ସେ ସେମିଷ୍ଟର୍ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିବାରେ ସକ୍ଷମ ହୋଇଥିଲେ। ତେବେ ଘରେ ଶିଶୁଟିର ବାପା ଯତ୍ନ ନେବାରେ ସହଯୋଗ କରୁଥିବାବେଳେ ଗୋଟିଏ ଦିନ ହିଁ ଅସୁବିଧା ଯୋଗୁ ସେ ଝିଅକୁ ସାଥିରେ ନେଇ କ୍ଲାସ୍‌କୁ ଯାଇଥିଲେ ବୋଲି ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ପ୍ରଫେସର୍ ରି-ଟୁଇଟ୍ କରି ଲେଖିଛନ୍ତି, ମୁଁ ମୋ ଛାତ୍ରୀଛାତ୍ରଙ୍କ ସଫଳତା ଚାହେଁ, ତେଣୁ ସେଥିପାଇଁ ଯାହା କରିବା ଉଚିତ ଥିଲା ତାହା ହିଁ କରିଛି।

# ସ୍କୁଲ ଯାଉଛି ରୋବୋ

**ଟୋକିଓ:** ପ୍ରାୟତଃ ପିଲାମାନେ ରୋଗରେ ପଡ଼ିଲେ ସ୍କୁଲ ଯିବାକୁ ପସନ୍ଦ କରି ନ ଥାନ୍ତି। ଏହି ସମୟରେ ସ୍କୁଲରେ ପାଠ ପଢ଼ା ଆଗେଇ ଯାଉଥିବା ବେଳେ ପିଲା ପଛରେ ରହିଯାଉଥିବା ଦେଖାଯାଏ। ଏ ନେଇ ପିଲାମାନଙ୍କ ମାତାପିତା ବେଶ୍ ଚିନ୍ତିତ ହୋଇପଡ଼ନ୍ତି। କିନ୍ତୁ ଏବେ ପିଲାମାନଙ୍କ ସ୍ଥାନରେ ସ୍କୁଲ ଯିବ ରୋବୋ। ଏହି ରୋବୋ କ୍ଲାସ୍‌ରେ ପାଠ ପଢ଼ା ସମ୍ପର୍କରେ ନୋଟ୍ ମଧ୍ୟ ତିଆରି କରିବ। ଜାପାନର ବୈଜ୍ଞାନିକମାନେ ଏହି ରୋବୋ ଉପରେ ଏବେ କାମ କରୁଛନ୍ତି। ପିଲାମାନେ ଘରେ ବସି ଟାବଲେଟ୍ ଦ୍ୱାରା ଏହାକୁ ପରିଚାଳିତ କରିପାରିବେ। ରୋବୋ ମୁଣ୍ଡରେ ଲାଗିଥିବା କ୍ୟାମେରା ସାହାଯ୍ୟରେ ପିଲାଙ୍କୁ କ୍ଲାସ୍ ରୁମ୍ ସମ୍ପର୍କିତ ତଥ୍ୟ ପଠାଇବ। ଏହି ପାଇଲଟ୍ ପ୍ରୋଜେକ୍ଟ ସଫଳ ହେଲେ ସାରା ଦେଶରେ ଏହାକୁ ଲାଗୁ କରାଯିବ। ପ୍ରଥମକରି ଏହି ରୋବୋ (ଓରି)କୁ ଟୋକିଓ ବର୍ଡରଠାରେ ଥିବା ଟୋମୋବେ ହିଗାସୀ ସ୍ପେସିଆଲ ସପୋର୍ଟ ସ୍କୁଲରେ କାର୍ଯ୍ୟକ୍ଷମ କରାଯାଇଛି। ସ୍କୁଲରେ କୌଣସି ଛାତ୍ର ଅନୁପସ୍ଥିତ ଥିଲେ, ତାଙ୍କ ସ୍ଥାନରେ ଓରିକୁ ବସାଯାଏ। ଓରି ନୋଟ୍ ତିଆରି କରିବା ସହ କ୍ୟାମେରା ସାହାଯ୍ୟରେ କ୍ଲାସ୍‌ରୁମ୍ ଡିଟେଲ୍ସ ସମ୍ପୃକ୍ତ ଛାତ୍ରଙ୍କ ନିକଟକୁ ପଠାଇଥାଏ। ଏଥିରେ ଏକ ସ୍ପିକର ମଧ୍ୟ ଲଗାଯାଇଛି। ଘରେ ବସି ଛାତ୍ର ଯାହା କହିବେ, ଓରି ଏହାକୁ କ୍ଲାସ୍‌ରୁମ୍‌ରେ କହିବ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ରୋବୋ ନିଜର ଭାବନା ମଧ୍ୟ ପରିପ୍ରକାଶ କରିପାରେ। ଏହା ତାଳି ମାରିବା ସହ ଶିକ୍ଷକ ଓ ପିଲାମାନଙ୍କୁ ହାଏ, ହେଲୋ ମଧ୍ୟ କହିଥାଏ। ଏହି ରେବୋକୁ ତିଆରି କରିଥିବା କମ୍ପାନୀର ସିଇଓ କହିଛନ୍ତି, ୧୦ରୁ ୧୪ ବର୍ଷ ବୟସର ପିଲାମାନେ ଦେହ ଖରାପ ହେଲେ ସ୍କୁଲ ଯିବାକୁ ଇଚ୍ଛା କରି ନ ଥାନ୍ତି। ସେମାନଙ୍କୁ ପାଠ ପଢ଼ାରେ ଯେପରି କିଛି ଅସୁବିଧା ନ ହୁଏ, ସେଇଥିପାଇଁ ଏହି ରୋବୋ ତିଆରି କରାଯାଇଛି।



## ଆତଙ୍କବାଦୀରୁ ସମାଜସେବୀ

ଜଣଙ୍କ ମନରେ କେତେବେଳେ ପରିବର୍ତ୍ତନ ଆସିବ ତାହା କହିହୁଏନି , ଯେମିତି ଘଟିଛି ଆସାମର ମୋନି ମାନିକ ଗୋଗୋଇଙ୍କ କ୍ଷେତ୍ରରେ। ମୋନିଙ୍କୁ ବୟସ ଏବେ ୫୭ ବର୍ଷ। ଦିବ୍ରୁଗଡ ଜିଲାର ଶାଲମାରି ଦିଘାଲିଆ ଗାଁରେ ତାଙ୍କ ଜନ୍ମ। ପ୍ରଥମରୁ ସେ ଜଣେ ଆଦର୍ଶବାଦୀ ଯୁବକ ଥିଲେ। ପରେ ଆତଙ୍କବାଦୀ ସାଜିଲେ। ଏଥିଲାଗି ତାଙ୍କୁ ଜେଲ୍ ଯିବାକୁ ପଡିଲା। ଜେଲରୁ ଫେରି ସେ ପାଲଟିଛନ୍ତି ସମାଜସେବୀ। ଗରିବୀକୁ ଖୁବ୍ ନିକଟରୁ ଦେଖିଥିବା ଗୋଗୋଇ ପରିବାର ଚଳାଇବା ଲାଗି ଅକ୍ଷମ ହେବା ପରେ ଅଶୀ ଦଶକର ଶେଷ ଆଡକୁ ୟୁନାଇଟେଡ ଲିବରେଶନ ଫ୍ରଣ୍ଟ ଅଫ୍ ଆସାମ(ଉଲ୍‌ଫା) ଲାଗି କାମ କରିଥିଲେ। କିନ୍ତୁ ସେ କେବେ ବି ଅସ୍ତ୍ର ଧରିନାହାନ୍ତି। ସେ ଉଲ୍‌ଫାରେ ଜଣେ ଦକ୍ଷ ସଂଗଠକ ଭାବେ କାର୍ଯ୍ୟ କରିଥିଲେ। ପୋଲିସ ତାଙ୍କୁ ଧରିବାକୁ ଲାଗିପଡିଲା ଓ ସେ ଗାଁରୁ ଗାଁ ବୁଲି ସେଠାରେ ରହୁଥିଲେ। ୧୯୯୧ରେ ବିବାହ କରିବା ପରେ କେତେବେଳେ କେମିତି ଲୁଚିଛପି ଘରକୁ ଆସୁଥିଲେ। ଏହାପରେ ୧୯୯୪ରେ ୧୫୦ ଲୋକଙ୍କୁ ଧରି ମ୍ୟାନମାରରେ ଉଲ୍‌ଫା ଟ୍ରେନିଂ କ୍ୟାମ୍ପରେ ଯୋଗଦେଇଥିଲେ। କିନ୍ତୁ ସେଠାରେ ବିନା ଅସ୍ତ୍ରରେ ସେ ବିଭିନ୍ନ ଶାରୀରିକ ଟ୍ରେନିଂ ନେଇଥିଲେ। ୧୯୯୮ରେ ତାଙ୍କୁ ପୋଲିସ ଗିରଫ କରିବା ପରେ ଦିବ୍ରୁଗଡ ଜିଲା କାରାଗାରରେ ୬ ମାସ ରହିଥିଲେ। ତାଙ୍କ ଗାଁ ପାଖ ସହରରେ ଟିଙ୍ଗଖାଙ୍ଗ କଳା କେନ୍ଦ୍ର ପ୍ରତିଷ୍ଠା କରି ଏଠାରେ ପିଲାମାନଙ୍କୁ ନାଚ, ଗୀତ, ଡ୍ରାମା ଓ ଚିତ୍ର ଆଙ୍କିବା ଉପରେ ଶିକ୍ଷା ଦେଉଛନ୍ତି। ଉଲ୍‌ଫା ସହ ସମ୍ପର୍କ ଛିନ୍ନ କରିବା ପରେ ୨୦୦୩ରେ ଏହାକୁ ସରକାରୀ ସ୍ତରରେ ସ୍ୱୀକୃତି ମିଳିଛି। ତାଙ୍କ ଗାଁରେ ଏକ ମ୍ୟୁଜିକ ସ୍କୁଲ୍ ବି ଖୋଲିଛନ୍ତି। ଏହିଠାରୁ ପିଲାମାନେ ପାସ କରି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରିପାରୁଛନ୍ତି। ଏବେ ସେ ସ୍ଥାନୀୟ ଅଞ୍ଚଳର ଅଧିବାସୀମାନେ କିଭଳି ଜୀବିକା ପାଇବେ ସେଥିପାଇଁ ବିଭିନ୍ନ କାର୍ଯ୍ୟ ହାତକୁ ନେଇଛନ୍ତି।



## କାର୍ବନ ଡାଇଅକ୍ସାଇଡ ଶୋଷିନେବ ବ୍ୟାକ୍ଟେରିଆ

**ଜେରୁଜେଲମ୍:** ଇସ୍ରାଏଲର ୱିଜ୍‌ମ୍ୟାନ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସର ଗବେଷକମାନେ ଏବେ ଏକ ନୂଆ ପ୍ରକାର ବ୍ୟାକ୍ଟେରିଆ ବିକାଶ କରିଛନ୍ତି। ଏହି ବ୍ୟାକ୍ଟେରିଆ ବାୟୁମଣ୍ଡଳରୁ କାର୍ବନ ଡାଇଅକ୍ସାଇଡ ଶୋଷିନେବ । ଏହା ଗ୍ରୀନ୍‌ହାଉସ୍‌ଗ୍ୟାସ ବାୟୁମଣ୍ଡଳରୁ ହ୍ରାସ କରିବା ସହ ବିଶ୍ୱତାପନ ବିରୋଧରେ ଲଢେଇ କରିବ ବୋଲି ଜିନ୍‌ହ୍ୱା ନ୍ୟୁଜ୍ ଏଜେନ୍ସି ରିପୋର୍ଟରୁ ଜଣାପଡିଛି। ଏହି ଅଧ୍ୟୟନ ସମ୍ପର୍କିତ ତଥ୍ୟ ଜର୍ନାଲ ସେଲ୍‌ରେ ପ୍ରକାଶିତ ହୋଇଛି। ସାଧାରଣତଃ ଇ-କୋଲି ବ୍ୟାକ୍ଟେରିଆ ସୁଗାର ଉପଯୋଗକରେ , କାର୍ବନ ଡାଇଅକ୍ସାଇଡ ବାୟୁମଣ୍ଡଳକୁ ଛାଡେ । କିନ୍ତୁ ଗବେଷକମାନେ ବିକାଶ କରିଥିବା ଏହି ନୂଆ ବ୍ୟାକ୍ଟେରିଆ ପରିବେଶରୁ କାର୍ବନ ଡାଇଅକ୍ସାଇଡ ଗ୍ରହଣ କରି ସେଥିରେ ସୁଗାର ପ୍ରସ୍ତୁତ କରେ ଓ ତାହାକୁ ଶରୀର ଗଠନରେ ବ୍ୟବହାର କରିପାରିବ ବୋଲି ଗବେଷକମାନେ କହିଛନ୍ତି। । ଗବେଷକମାନେ ରିପ୍ରୋଗ୍ରାମ ମାଧ୍ୟମରେ ଇ-କୋଲି ବ୍ୟାକ୍ଟେରିଆରୁ ଏହି ନୂଆ ବ୍ୟାକ୍ଟେରିଆ ବିକାଶ କରିଛନ୍ତି ।





# ଅବସର ନେବେ ମହାନାୟକ

**ମୁମ୍ବାଇ:** ବିଗ୍ ବି ଅମିତାଭ ବଚ୍ଚନଙ୍କୁ ସାଧାରଣ ଅର୍ଥରେ ବଲିଉଡ୍ ମହାନାୟକ କୁହାଯାଏ ନାହିଁ। ସେ ପ୍ରକୃତରେ ବଲିଉଡ୍‌ର ମହାନାୟକ। ଦଶନ୍ଧି ଦଶନ୍ଧି ଧରି ନିଜ ଅତୁଳନୀୟ ଅଭିନୟର ଯାଦୁରେ ଦର୍ଶକଙ୍କ ହୃଦୟରେ ଘର କରିଛନ୍ତି। ସବୁ ପିଢ଼ିର ହିରୋଇନ୍‌ଙ୍କ ସହ ସେ ପରଦାରେ ଅଭିନୟ କରିଛନ୍ତି। ସବୁ ପିଢ଼ିର ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ଭିନ୍ନ ଭିନ୍ନ ସ୍ୱାଦର ଫିଲ୍ମ କରି ଅଦ୍ୱିତୀୟ ଅଭିନେତା ଭାବେ ପରିଚୟ ସୃଷ୍ଟି କରିପାରିଛନ୍ତି। ଏବେ ବି, ୭୭ ବର୍ଷ ବୟସରେ ସେ କଠିନ ପରିଶ୍ରମ କରୁଛନ୍ତି। ଶୁଟିଂ ସେଟ୍‌ରେ ସମୟାନୁବର୍ତ୍ତୀ ହେବା ସହ ସଂକଳ୍ପବଦ୍ଧ ହୋଇ ଉତ୍ସର୍ଗୀକୃତ ଭାବନା ନେଇ କାମ କରୁଛନ୍ତି। ପିଢ଼ି ପରେ ପିଢ଼ି ତାଙ୍କୁ ଗ୍ରହଣ କରିଛନ୍ତି ଏବଂ ତାଙ୍କ ଅଭିନୟ ଦକ୍ଷତାକୁ ଅନୁସରଣ ମଧ୍ୟ କରିଛନ୍ତି। ସେଥିପାଇଁ ତ ବିଗ୍ ବି ହେଉଛନ୍ତି ହିନ୍ଦୀ ସିନେମାର ମହାନାୟକ। ହେଲେ ବଲିଉଡ୍ ଫ୍ୟାନ୍‌ମାନଙ୍କ ପାଇଁ ରହିଛି ଏକ ଦୁଃଖ ଖବର। ଫିଲ୍ମ ଦୁନିଆରୁ ଅବସର ନେବାକୁ ଇଚ୍ଛା ପ୍ରକାଶ କରିଛନ୍ତି ମହାନାୟକ ଅମିତାଭ ବଚ୍ଚନ। ଫିଲ୍ମ 'ଚେହ୍‌ରେ' ଏବଂ 'କୌନ୍ ବନେଗା କରୋଡ୍‌ପତି'ର ଶୁଟିଂରେ ବ୍ୟସ୍ତ ଅଛନ୍ତି ବିଗ୍ ବି। ତେବେ ବର୍ତ୍ତମାନ ସେ ଫିଲ୍ମ 'ବ୍ରହ୍ମାସ୍ତ୍ର'ର ଶୁଟିଂ ପାଇଁ ମନାଲୀ ଯାଇଛନ୍ତି। ଏହାଛଡ଼ା ଫିଲ୍ମ 'ଝୁଣ୍ଡ୍' ଏବଂ 'ଗୁଲାବୋ ସିତାବୋ'ରେ ମଧ୍ୟ ସେ ନଜରକୁ ଆସିବେ। ହେଲେ ଲାଗୁଛି ଏହି ଫିଲ୍ମଗୁଡ଼ିକ ପରେ ଅମିତାଭ ନେଇପାରନ୍ତି ଅବସର। ମନାଲୀରୁ ନିଜ ଅଫିସିଆଲ୍ ବ୍ଲଗ୍‌ରେ କିଛି ଏଭଳି ଇଚ୍ଛା ପ୍ରକାଶ କରିଛନ୍ତି। ସେ ଲେଖିଛନ୍ତି, "ମସ୍ତିଷ୍କ କିଛି କହୁଛି, ହେଲେ ଆଙ୍ଗୁଠି କିଛି ଅଲଗା କହୁଛି, ଏହା ଏକ ସୂଚନା, ମୋତେ ଅବସର ନେଇଯିବା ଉଚିତ।" ଏହାସହ ମନାଲୀରେ ଶୁଟିଂ କରିବାର ଅନୁଭୂତି ମଧ୍ୟ ଶେୟାର କରିଛନ୍ତି ଅମିତାଭ । ସେ ସ୍ଥାନୀୟ ଲୋକଙ୍କୁ ଅତି ସରଳ, ନିରୀହ ଏବଂ ସଚ୍ଚୋଟ ବୋଲି ଦର୍ଶାଇଛନ୍ତି। ସେମାନଙ୍କ ସହ ସମୟ ବିତାଇଥିବାରୁ ଖୁସିବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଆଜିକାଲି ଠିକ୍ ରହୁନାହିଁ। କିଛିଦିନ ପୂର୍ବେ ବିଗ୍ ବି ଫିଲ୍ମ ଦୁନିଆରୁ ଏକ ଲମ୍ବା ବ୍ରେକ୍ ନେବେ ବୋଲି ଆମେ ଆପଣଙ୍କୁ ଜଣାଇଥିଲୁ। କିନ୍ତୁ ଏବେ ସେ ଅବସର ନେଇପାରନ୍ତି। ପ୍ରାୟ ଏକମାସ ପୂର୍ବରୁ ବିଗ୍ ବି ରୁଟିନ୍ ଚେକ୍‌ଅପ୍ ପାଇଁ ମୁମ୍ବାଇର ନାନାବତୀ ହସ୍ପିଟାଲ ଯାଇଥିଲେ। ତା' ପରେ ପରେ ସେ ବ୍ରେକ୍ ନେବା ଖବର ଚର୍ଚ୍ଚା ହେଉଥିଲା। ଏବେ ବ୍ଲଗ୍‌ରେ ଏଭଳି ଇଚ୍ଛା ପ୍ରକାଶ କରିବା ପରେ ଲାଗୁଛି ଅମିତାଭ ବ୍ରେକ୍‌ରେ ନୁହେଁ, ଅବସର ନେବାକୁ ହିଁ ଚାହୁଁଛନ୍ତି। ଏହା ନିଶ୍ଚିତ ଭାବେ ବଲିଉଡ୍‌ପ୍ରେମୀଙ୍କ ପାଇଁ ଏକ ଦୁଃଖଦ ଖବର ହୋଇଥିବାବେଳେ ବିଗ୍ ବି ନିରୋଗ ଏବଂ ଦୀର୍ଘାୟୁ ହୁଅନ୍ତୁ ଏହା ସମସ୍ତଙ୍କ କାମନା।

ଅମିତାଭ୍ ବଚ୍ଚନ



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ



## ଫଟୋରେ ଖବର








ଗୁରୁବାର ସମ୍ବଲପୁର କଚେରୀ ଛକଠାରେ ପଶ୍ଚିମ ଓଡ଼ିଶା କ୍ରିୟାନୁଷ୍ଠାନ କମିଟି ଧାରଣା ଦେଇଥିବାରୁ ଜଜ୍‌ମାନଙ୍କ ଗାଡି ରାସ୍ତାରେ ଅଟକି ରହିଛି(ବାମ)। ପଶ୍ଚିମ ଓଡିଶା କ୍ରିୟାନୁଷ୍ଠାନ କମିଟି ଆନ୍ଦୋଳନ ଯୋଗୁ ସମ୍ବଲପୁର ଜିଲାପାଳ ଅଫିସ ଶୁନଶାନ ହୋଇପଡିଛି(ମଝି)। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଉପ କୁଳସଚିବ ଉମାଚରଣ ପତି ଗୁରୁବାର କଲିକତାରୁ ସାଇକେଲ ଯାତ୍ରାରେ ଆସିଥିବା ଜୟଦେବ ରାଉତଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।









ଗୁରୁବାର ସମ୍ବଲପୁର ପଶ୍ଚିମ ଓଡିଶା କ୍ରିୟାନୁଷ୍ଠାନ କମିଟି ଆନ୍ଦୋଳନ ଯୋଗୁ କୋର୍ଟ, କଚେରି, ବ୍ୟାଙ୍କ ବନ୍ଦ ରହିଥିଲା । କିନ୍ତୁ ଗେଟି ରୋଡ ସ୍ଥିତ ଏକ ବ୍ୟାଙ୍କ ସମ୍ମୁଖରେ ଉତ୍ତେଜନା ଯୋଗୁ ପୋଲିସ ମୁତୟନ ହୋଇଛନ୍ତି(ବାମ)। ଗୁରୁବାର ସମ୍ବଲପୁର ଅଇଁଠାପାଲି ପିଏଚଡି ପଡିଆ ଜାତୀୟ ପଲ୍ଲିଶ୍ରୀ ମେଳା ମଞ୍ଚରେ ସାନିକା କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

## ସଂକ୍ଷେପରେ



### ବାମରାରେ ତମାଖୁ ନିୟନ୍ତ୍ରଣ ଦଳର ଚଢ଼ାଉ

**ବାମରା,୨୮।୧୧(ଡି.ଏନ.ଏ.)**
ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଭିଯାନରେ ସମ୍ବଲପୁରରୁ ଏକ ସ୍ୱତନ୍ତ୍ର ଦଳ ବାମରା ବ୍ଲକ ବିଭିନ୍ନ ଅଞ୍ଚଳରେ ଖୋଲାଖୋଲି ଭାବେ ତମାଖୁ ଜାତୀୟ ସିଗାରେଟ, ଗୁଡଖା, ବିଡି ଓ ଜର୍ଦା ବିକ୍ରି କରୁଥିବା ଦୋକାନୀଙ୍କ ଉପରେ ଚଢ଼ାଉ କରି ଜରିମାନା ଆଦାୟ କରାଯାଇଛି। ବାମରା

**୩୪ ଦୋକାନୀଙ୍କୁ ଜରିମାନା**

ଅଞ୍ଚଳ ହସ୍ପିଟାଲ ଛକ, ବ୍ଲକ ଛକ, ବସଷ୍ଟାଣ୍ଡ, ଷ୍ଟେଶନବସ୍ତି, ଗୁର୍ଲା ଛକ, ବିଜୁପଟ୍ଟନାୟକ ଛକ ବ୍ୟତିତ ଟାଙ୍ଗରମୁଣ୍ଡା, ଗଡପୋଷ, ପିଣ୍ଡାପଥର ଅଞ୍ଚଳର ୩୨ ଜଣ ଦୋକାନୀଙ୍କଠାରୁ ମୋଟ ୬ ହଜାର ୨ଶହ ଟଙ୍କା ଜରିମାନା ବାବଦକୁ ଆଦାୟ କରିଥିଲେ। ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମର ଜିଲା ପରାମର୍ଶଦାତା ସ୍ୱାଗତିକା ବେହେରାଙ୍କ ତତ୍ତ୍ୱାବଧାନରେ ସମ୍ବଲପୁର ଡ୍ରଗ୍ସ ଇନ୍ସପେକ୍ଟର ଏସଏନ ମଲ୍ଲିକ, ଫୁଡ ଇନ୍ସପେକ୍ଟର ପିଆର ମଣ୍ଡଳ, ଗୋବିନ୍ଦପୁର ଥାନା ଏଏସଆଇ ବିଏନ ଦଳବେହେରା, ହାବିଲଦାର ଆରକେ ସାହୁ, କନଷ୍ଟେବଲ ଏ କିଲାକା, ଜେପି କାଲୋ ଓ ଡି ନାମଦେଓ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ ।

### ଜାତୀୟ ଇଣ୍ଟରସ୍କୁଲ କ୍ରସୱାର୍ଡ ପ୍ରତିଯୋଗିତା

**ସମ୍ବଲପୁର,୨୮।୧୧(ବ୍ୟୁରୋ)**-ଏକ ଘରୋଇ ଅନୁଷ୍ଠାନ ପକ୍ଷରୁ ସମଗ୍ର ଦେଶରେ ମୋଟ ୫୦ ଟାଉନରେ ଜାତୀୟ ଇଣ୍ଟରସ୍କୁଲ କ୍ରସୱାର୍ଡ ପ୍ରତିଯୋଗିତାରେ ସମ୍ବଲପୁର ଜିଲା ପୁରସ୍କୃତ ହୋଇଛି । ଏହି ପ୍ରତିଯୋଗିତାରେ ଅଧିକ ସଂଖ୍ୟାରେସ୍କୁଲ ଭାଗ ନେଇଥିବାରୁ ସମ୍ମାନୀତ କରାଯାଇଛି।

**ସମ୍ବଲପୁର ପୁରସ୍କୃତ**

ନୂଆଦିଲ୍ଲୀଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳଙ୍କ ଅନୁପସ୍ଥିତିରେ ଜିଲା ଶିକ୍ଷାଅଧିକାରୀ ସୁବୋଧ ଦାସ ପ୍ରମାଣ ପତ୍ର ପାଇଛନ୍ତି । ସୁଚନାଯୋଗ୍ୟ, ଅଗଷ୍ଟ ୨୧ ତାରିଖ ସମ୍ବଲପୁର ଜିଲାର କେନ୍ଦ୍ରୀୟ ବିଦ୍ୟାଳୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅନଲାଇନ ମାଧମରେ ବିଭିନ୍ନ ଷ୍ଟେଜରେ ପରୀକ୍ଷା କରାଯାଇଥିଲା। ଅଷ୍ଟମ ,ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ସମ୍ବଲପୁର ଜୋନରେ ସର୍ବାଧିକ ସ୍କୁଲ ଭାଗ ନେଇଥିବାରୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ଜିଲାସ୍ତରୀୟ ଯୁବ ମହୋତ୍ସବ ଉଦ୍‌ଘାଟିତ

**ଦେବଗଡ଼,୨୮।୧୧(ଡି.ଏନ.ଏ.)**

ପୁରୁଣାଗଡସ୍ଥିତ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମସ୍ଥିତ ଇଣ୍ଡୋର୍ ହଲ୍‌ରେ ଲୋକନୃତ୍ୟ ଓ ଲୋକସଙ୍ଗୀତ ସହ ଜିଲାସ୍ତରୀୟ ଯୁବ ମହୋତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ଜିଲା କ୍ରୀଡ଼ା ଅଧିକାରୀ ଶଙ୍କର ପ୍ରସାଦ ଅଧିକାରୀଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ଧରମ ହାଁସଦା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଡିଆଇପିଆରଓ ବିଜୟ ମିଶ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧୀର ନାଇ, ଜିଲା ସଂସ୍କୃତି ପରିଷଦ ସଂଯୋଜକ ଦିଲୀପ ଗୁରୁ ଓ ଜିଲା କ୍ରୀଡା ସଂସଦ ସମ୍ପାଦକ ଧୀରେନ୍ଦ୍ର ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମ ଦିବସରେ ଓଡ଼ିଶୀ ନୃତ୍ୟ,



ଉଦଘାଟନ ଉତ୍ସବରେ କଳାକାରଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ପରିବେଷଣ।

ଲୋକନୃତ୍ୟ, ଲୋକ ଗୀତ, ତବଲା ଓ ମୃଦଙ୍ଗ ବାଦନ ଭଳି ବିଭିନ୍ନ ବିଭାଗରେ ଯୁବ କଳାକାର ପ୍ରତିଯୋଗୀ ନିଜର ପାରଦର୍ଶିତା ଦେଖାଇଥିଲେ। ଉଦ୍‌ଘାଟନୀ ଦିବସରେ ନାଟ୍ୟ ନିର୍ଦ୍ଦେଶକ ମାର୍କଣ୍ଡେଶ୍ୱର ଶତପଥୀ ଓ ଅତୁଲ୍ୟ ପୂଜାରୀଙ୍କ ସହ ନିରଞ୍ଜନ ଦ୍ୱିବେଦୀ, ମନୋଜ ପାଢୀ ଓ ସୁମିତ୍ରା ପୁରୋହିତ ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ। ଶୁକ୍ରବାର ଉଦ୍‌ଯାପନୀ ହେବାକୁ ଥିବାବେଳେ ଏଥିରୁ ଯୋଗ୍ୟ ବିବେଚିତ ଯୁବ ପ୍ରତିଯୋଗୀମାନେ ଆସନ୍ତା ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଭାଗ ନେବେ ବୋଲିବିଭାଗ ପକ୍ଷରୁ ସୂଚନା ମିଳିଛି।

# ଚାଷୀଙ୍କ ଆତ୍ମହତ୍ୟା: ୫ ଘଣ୍ଟା ଧରି ରାସ୍ତାରୋକୋ

**ରାଜନଗର,୨୮।୧୧(ଡି.ଏନ.ଏ.)**
ବୁଲବୁଲ ପ୍ରଭାବରେ ଧାନଫସଲ ସଂପୂର୍ଣ୍ଣ ଉଜୁଡି଼ଯିବା ପରେ କରିଥିବା ଋଣ କିପରି ଶୁଝିବେ ସେହି ଚିନ୍ତାରେ ମ୍ରିୟମାଣ ହୋଇ ରାଜନଗର ଅଞ୍ଚଳରେ ଜଣେ ଚାଷୀ ବିଷପିଇ ଆତ୍ମହତ୍ୟା କରିଛନ୍ତି। ମୃତ ଚାଷୀ ହେଲେ ରାମଚନ୍ଦ୍ର ବାରିକ (୪୦)। ଏହି ଖବର ପ୍ରଚାରିତ ହେବା ପରେ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରି ଗୁରୁବାର ଗ୍ରାମବାସୀ ଓ ପରିବାର ଲୋକେ ମୃତଦେହ ରଖି ରାଜନଗର-ପଟ୍ଟାମୁଣ୍ଡାଇ ମୁଖ୍ୟରାସ୍ତାର ସାନବଡଗୋପାଳପୁର ନିକଟରେ ୫ ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ଫଳରେ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା। କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ସାନବଡଗୋପାଳପୁର ପଞ୍ଚାୟତ ଅଧୀନ ନୁରୁଗାଁର ରାମଚନ୍ଦ୍ର ଜଣେ ଭାଗଚାଷୀ। ଚଳିତବର୍ଷ ସେ ଚାଷ ପାଇଁ ଧାର ଉଧାର କରିବା ସହିତ ଭାଟପଡା ପ୍ରାଥମିକ କୃଷି ସେବା ସମବାୟ ସମିତିରୁ ୬୪ ହଜାର ଟଙ୍କା ଓ ସ୍ୱୟଂ ସହାୟକ ଗୋଷ୍ଠୀରୁ ୮୦ହଜାର ଟଙ୍କା ଋଣ ଆଣିଥିଲେ। ଚଳିତବର୍ଷ ବିଳମ୍ବରେ ଚାଷ ହୋଇଥିଲେ ମଧ୍ୟ ଧାନଫସଲ ଭଲ ହୋଇଥିଲା। କିନ୍ତୁ ବୁଲ୍‌ବୁଲ୍ ବାତ୍ୟା ପ୍ରଭାବରେ ସେ ଚାଷ କରିଥିବା ଧାନ ଫସଲ ନଷ୍ଟ ହୋଇଯାଇଥିଲା। ଏହି ଚିନ୍ତାରେ ବୁଧବାର ଭୋର ସମୟରେ ରାମଚନ୍ଦ୍ର ବିଷ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ରାତି ପ୍ରାୟ ୧୨ଟା ସମୟରେ ତାଙ୍କ ମୃତ୍ୟୁ ଘଟିଥିଲା। ଗୁରୁବାର ମୃତଦେହ ଗ୍ରାମରେ ପହଞ୍ଚିବା ପରେ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଗ୍ରାମବାସୀ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ସ୍ଥାନୀୟ ବିଧାୟକଙ୍କ ହସ୍ତକ୍ଷେପ ପରେ ରେଡକ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୩୦ ହଜାର ଟଙ୍କା ପ୍ରଦାନ କରାଯିବା ସହ ଘଟଣାର ତଦନ୍ତ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେବାରୁ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ରାଜନଗରରେ ଏହା ପ୍ରଥମ ଚାଷୀ ଆତ୍ମହତ୍ୟା କୁହାଯାଉଛି।

**■ ସମ୍ବଲପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବି**

# ଦେବଗଡ଼ ଜିଲା ଓକିଲ ସଂଘ ପକ୍ଷରୁ ବନ୍ଦ ପାଳନ

**ଦେବଗଡ,୨୮।୧୧(ଡି.ଏନ.ଏ.)**

ପଶ୍ଚିମ ଓଡ଼ିଶାର ସମ୍ବଲପୁରଠାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଦେବଗଡ ଜିଲା ଓକିଲ ସଂଘ ପକ୍ଷରୁ ଗୁରୁବାରଠାରୁ ୩ ଦିନିଆ ବନ୍ଦପାଳନ ଆରମ୍ଭ ହୋଇଛି। ଦେବଗଡ ଜିଲା ଓକିଲ ସଂଘ ସଭାପତି ରାଜୀବ ଲୋଚନ ପ୍ରଧାନ, ଉପସଭାପତି ବିକାଶ କୁମାର ପ୍ରଧାନ ଓ ସମ୍ପାଦକ ତରଣୀକାନ୍ତ ଦାଶଙ୍କ ନେତୃତ୍ୱରେ ସଂଘ ସମସ୍ତ ସଦସ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ ମିଳିତ ଭାବେ ପିକେଟିଂ କରିଥିଲେ। ଏଥିସହ ଜିଲା ଜଜ୍ ଓ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କୁ ଅଟକାଇଥିଲେ। ଫଳରେ ସେମାନେ କୋର୍ଟ ଭିତରକୁ ଯାଇ ନ ପାରି ଫେରିଯାଇଥିଲେ। ସେହିପରି ସମସ୍ତ କାର୍ଯ୍ୟାଳୟ ଓ



ଜିଲା ଓକିଲ ସଂଘ ପକ୍ଷରୁ ବନ୍ଦପାଳନ କରୁଛନ୍ତି।

ବ୍ୟାଙ୍କ, ପୋଷ୍ଟ ଅଫିସଗୁଡିକୁ ପିକେଟିଂ କରି ବନ୍ଦ କରିଥିଲେ। ଏହି ବନ୍ଦ ଯୋଗୁ ଜିଲାପାଳ ଓ ଜିଲା ଜଜ୍‌ଙ୍କ କାର୍ଯ୍ୟାଳୟ ସମେତ ଜିଲାର ସମସ୍ତ କାର୍ଯ୍ୟାଳୟ, କୋର୍ଟ କଚେରି, ବ୍ୟାଙ୍କ ଓ ପୋଷ୍ଟ ଅଫିସ ଆଦି ବନ୍ଦ ରହିଥିଲା। ତେବେ ଦୋକାନ ବଜାର,ସ୍କୁଲ କଲେଜ ଓ ଯାନବାହନ ଚଳାଚଳକୁ ଏହି ବନ୍ଦପାଳନରୁ ବାଦ ଦିଆଯାଇଥିଲା ।

# ବଲାଙ୍ଗୀର ଲାଗି ସ୍ୱତନ୍ତ୍ର ପ୍ୟାକେଜ ଦିଅ

**ଭୁବନେଶ୍ୱର,୨୮।୧୧(ବ୍ୟୁରୋ)**

ଗତ ଅଗଷ୍ଟ ୧୩ ଏବଂ ୧୪ ତାରିଖରେ ବଲାଙ୍ଗୀର ଜିଲାର ସମସ୍ତ ବ୍ଲକରେ ପ୍ରବଳ ବୃଷ୍ଟିପାତ ହୋଇଥିଲା । ବଲାଙ୍ଗୀର ବ୍ଲକରେ ୧୪ ତାରିଖରେ ୫୫୦ମି.ମି. ବର୍ଷା ହୋଇଥିଲା। ସେହିପରି ୧୩ତାରିଖରେ ଗୁଡ୍‌ଭେଲା ବ୍ଲକରେ ୪୧୪ ମି.ମି. ବର୍ଷା ହୋଇଥିବାର ରେକର୍ଡ ହୋଇଛି। ଏହି ବର୍ଷା ପ୍ରଭାବରେ ବଲାଙ୍ଗୀର ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ କ୍ଷୟକ୍ଷତିର ଆକଳନ ଠିକ୍ କରାଯାଇ ନାହିଁ ବୋଲି କଂଗ୍ରେସ ସଦସ୍ୟ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ଏହାସହ ସେହି ସମୟରେ କେନ୍ଦ୍ରମନ୍ତ୍ରୀ ମଧ୍ୟ ଆକାଶ ମାର୍ଗରୁ ଜିଲାର କ୍ଷୟକ୍ଷତି ସମୀକ୍ଷା କରି ପ୍ରତିଶ୍ରୁତି ଦେଇ ଚାଲିଗଲେ ବୋଲି ଆକ୍ଷେପ କରିଛନ୍ତି। ଅନ୍ୟପକ୍ଷରେ ଏହି ପ୍ରସଙ୍ଗରେ ଗୁରୁବାର ଗୃହରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ସଦସ୍ୟ ସନ୍ତୋଷ ସିଂ ସାଲୁଜା ଏବଂ ଅଧିରାଜ ପାଣିଗ୍ରାହୀ ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବ ଆଣି ଆଲୋଚନା ପାଇଁ ଯୁକ୍ତି ରଖିବା ସହିତ ରାଜସ୍ୱ ମନ୍ତ୍ରୀଙ୍କ ଉତ୍ତର ଲୋଡିଥିଲେ।

ଏହି ଅବସରରେ ନରସିଂହ ମିଶ୍ର କହିଛନ୍ତି, ପ୍ରବଳ ବର୍ଷା ଯୋଗୁ ବଲାଙ୍ଗୀର ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟିଲା। ଲୋକମାନେ ରଖିଥିବା ନଗଦ ଟଙ୍କା ପାଣିରେ ଭାସିଯାଇଥିବା ସେମାନେ ଅଭିଯୋଗ କରୁଛନ୍ତି। ଯେତିକି ସରକାରୀ କର୍ମଚାରୀ ଦିଆଯିବା କଥା ପୁନରୁଦ୍ଧାର କାର୍ଯ୍ୟ ଲାଗି ସେତିକି ମଧ୍ୟ ମିଳିଲା ନାହିଁ। ଯଦି ବଲାଙ୍ଗୀର ଜିଲା ପାଇଁ ସରକାରଙ୍କ ସାମାନ୍ୟ ଆନ୍ତରିକତା ଅଛି ତେବେ ୧୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରନ୍ତୁ। ଏହାସହ ଏନ୍‌ଏଚ୍ ସଂଯୋଗ ମଧ୍ୟ ନଷ୍ଟ ହୋଇଛି। ଏ ବାବଦରେ ଆଉଥରେ ସମୀକ୍ଷା କରି ଜିଲା ପ୍ରଶାସନ ଠିକ୍ ରିପୋର୍ଟ ପ୍ରଦାନ କରନ୍ତୁ। ଲୋକ ସଭା ଏମ୍‌ପି, ସ୍ଥାନୀୟ ବିଧାୟକଙ୍କ ସହ ଆଲୋଚନା କରାଯାଉ। ଏନେଇ ୧ହଜାର କୋଟି ଟଙ୍କା ଦେବାକୁ କହିବାପରେ ଜିଲାପାଳ ଏକ ରିପୋର୍ଟ ସରକାରଙ୍କୁ ପଠାଇଥିଲେ। ସେଥିରେ ସେ ଜିଲା ପାଇଁ ୪୦୦କୋଟି ଟଙ୍କା ଦେବାକୁ କହିଥିଲେ। ମାତ୍ର ସରକାର ମାତ୍ର ୪୦କୋଟି ଟଙ୍କା ଦେଲେ ବୋଲି ନରସିଂହ କହିଛନ୍ତି। ତେଣୁ ଜିଲାର କ୍ଷୟକ୍ଷତି ଉପରେ ଦୃଷ୍ଟି ରଖି ସ୍ୱତନ୍ତ୍ର ପ୍ୟାକେଜ ଦାବିକୁ ସେ ପୁଣିଥରେ ଦୋହରାଇଥିଲେ। ସନ୍ତୋଷ ସିଂ ସାଲୁଜା ମଧ୍ୟ ନରସିଂହଙ୍କ ଦାବିକୁ ସମର୍ଥନ ଜଣାଇ ସରକାରଙ୍କୁ ଚାରିଆଡୁ ଘେରିବାକୁ ପ୍ରୟାସ କରିଥିଲେ। ସେ କହିଛନ୍ତି ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବରେ ସରକାର ଆଂଶିକ ରିପୋର୍ଟ ଦେଇଛନ୍ତି। ଏଥିରେ ୧୪ ବ୍ଲକ କଥା ଉଲ୍ଲେଖ ଅଛି। ଟିଟିଲାଗଡ ସମ୍ପର୍କରେ କିଛି ଉଲ୍ଲେଖ ନାହିଁ। ନଦୀ ବାବଦରେ ଯାହା ଉଲ୍ଲେଖ ଅଛି ତାହା ସମ୍ପୂର୍ଣ୍ଣ ନୁହେଁ। ବ୍ୟାପକ ବର୍ଷା ଯୋଗୁ ବ୍ୟାପକ କ୍ଷତି ହୋଇଛି। ଚାଷୀଙ୍କ ଭଲ ଫସଲ ହୋଇଥିବା ବେଳେ ପାଣିପଶି ସବୁ ନଷ୍ଟ ହୋଇଯାଇଛି। ସରକାରଙ୍କ ପକ୍ଷରୁ ଆଂଶିକ ସହାୟତା ଦିଆଯାଇଛି। ସମ୍ପୂର୍ଣ୍ଣ ସହାୟତା ନ ମିଳିଲେ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଯିବ ବୋଲି ସେ କହିଛନ୍ତି। ସଦସ୍ୟ ଅଧିରାଜ ପାଣିଗ୍ରାହୀ କହିଛନ୍ତି, ଡ୍ରେନେଜ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡିଛି। କେନ୍ଦ୍ରମନ୍ତ୍ରୀ ହାୱାଇରେ ଆସି ବୁଲି ନିଜ କଥାକୁ ହାୱାରେ ଉଡାଇଦେଲେ। ସେ ନିର୍ବାଚନ ସମୟରେ ଯେମିତି ଜୁମ୍‌ଲା ମାରୁଥିଲେ ସମାନ କଥା ଦୋହରାଇଦେଇ ଗଲେ। ଭାଜପା ସଦସ୍ୟମାନେ କେନ୍ଦ୍ରମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ପୂରଣ ନେଇ ତାଙ୍କ ନିକଟରେ ଦାବି ରଖନ୍ତୁ ବୋଲି ସେ କହିଛନ୍ତି। ଖରିଆର ନିର୍ବାଚନମଣ୍ଡଳୀର ୧୦ରୁ ୧୫ ଗ୍ରାମ ବର୍ତ୍ତମାନ ନଦୀ ମୁହଁରେ ଅଛି। ସେଠାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଉ। ଏହାସହ ବଲାଙ୍ଗୀର ଜିଲା ପାଇଁ ୧ ହଜାର କୋଟି ଟଙ୍କାର ସ୍ୱତନ୍ତ ପ୍ୟାକେଜ ଘୋଷଣା କରାଯାଉ ବୋଲି ପାଣିଗ୍ରାହୀ କହିଛନ୍ତି।

ଉତ୍ତରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି କହିଛନ୍ତି, ବାସ୍ତବିକ ଭାବେ ଅଗଷ୍ଟ ୧୩ ଓ ୧୪ରେ ବଲାଙ୍ଗୀର ଜିଲାରେ ହୋଇଥିବା ବର୍ଷା ଯୋଗୁ ଅଧିକ ମାତ୍ରାରେ ଜଳ ମାଡି ଆସିଥିଲା। ଏନେଇ ଏସ୍‌ଆରସି(ସ୍ୱତନ୍ତ୍ର ରିଲିଫ କମିଶନର)ଙ୍କ ସହିତ ଆଲୋଚନା କରିଛି, ଯାହା ସମସ୍ତ ସାହାଯ୍ୟ ଏନ୍‌ଡିଆର୍‌ଏଫ, ଏସ୍‌ଡିଆର୍‌ଏଫରୁ ସହାୟତା ଦେବା କଥା ଦିଆଯାଇଛି। ଏ ପର୍ଯ୍ୟନ୍ତ କେତେଗୁଡିଏ ରିପୋର୍ଟ ଆସିନାହିଁ। ସରକାରଙ୍କ ପାଖରେ ଟଙ୍କା ଅଛି, ବିଭାଗଗୁଡିକୁ ନିର୍ଦ୍ଦେଶ ଦେବି ରିପୋର୍ଟ ତୁରନ୍ତ ପ୍ରଦାନ କରି ଅର୍ଥ ବରାଦ କରିବା ଲାଗି। ବନ୍ୟା ନେଇ ସମୀକ୍ଷା କରିଥିଲି। ରାସ୍ତା ବହୁତ ନଷ୍ଟ ହୋଇଛି। ନଦୀକୂଳ ଗାଁଗୁଡିକୁ ସ୍ଥାନାନ୍ତରିତ କରାଯିବ। ଚାଷୀଙ୍କ ରିପୋର୍ଟ ଆସିନାହିଁ, ଆସିଗଲେ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ମାରାଣ୍ଡି କହିଛନ୍ତି।

**■ କେନ୍ଦ୍ରମନ୍ତ୍ରୀ ହାୱାଇରେ ଆସି ହାୱା କରିଦେଇ ଗଲେ**
**■ ବିଭାଗଗୁଡିକୁ ରିପୋର୍ଟ ଦେବେ କହିଲେ ମନ୍ତ୍ରୀ**
**■ ନଦୀକୂଳିଆ ଗାଁଗୁଡିକୁ ସ୍ଥାନାନ୍ତର କରାଯିବ**

## ସଂକ୍ଷେପରେ

### ବ୍ରିଜ ତଳକୁ ଖସିଲା ବୋଲେରୋ

କୁଚିଣ୍ଡା,୨୮।୧୧(ଡି.ଏନ.ଏ.)
ବାମରା ଅଞ୍ଚଳରେ ୪ ରୁ ୫ଜଣ ଯୁବକ ଗୁଦଗୁଦା ଜଳପ୍ରପାତକୁ ଏକ ନୂଆଁ ବୋଲେରୋ ଯୋଗେ ବୁଲିବାକୁ ଯାଇ ଘରକୁ ଫେରୁଥିବା ବେଳେ କୁସୁମୀ ନିକଟସ୍ଥ ଟନମୁରା ବ୍ରିଜ ଉପରୁ ଭାରସାମ୍ୟ ହରାଇ ତଳକୁ କାର ସହିତ ପଡିଯାଇଥିଲେ । ଗାଡ଼ିର ଗ୍ଲାସ ବନ୍ଦ ଥିବାରୁ ବହୁ କଷ୍ଟରେ କାଚ ଭାଙ୍ଗି ପାଣି ଭିତରୁ ବାହାରିବାରେ ସକ୍ଷମ ହୋଇଥିଲେ । ସେମାନେ ହେଲେ ସଚିନ ଜୈନ, ରୋହିତ ଜୈନ, ଆୟୁଷ ଅଗ୍ରୱାଲ ଏବଂ ଉଜ୍ଜଳ ଅଗ୍ରୱାଲ। ସମସ୍ତ ତିନି ଜଣ ସାମାନ୍ୟ ଆହତ ହୋଇଥିବା ବେଳେ ଉଜ୍ଜଳ ଅଗ୍ରୱାଲର ମୁହଁ ନାକରେ ପାଣି ପଶି ଯିବାରୁ ଅସୁସ୍ଥ ହୋଇ ପଡିଥିବାରୁ ତାଙ୍କୁ ଡାକ୍ତର ବୁର୍ଲା ସ୍ଥାନାନ୍ତର କରିଛନ୍ତି । ଅନ୍ୟ ସମସ୍ତେ ସୁସ୍ଥ ଅଛନ୍ତି। ସମସ୍ତଙ୍କୁ କୁଚିଣ୍ଡା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇଛି ।

କୁଟୁରାଚୁଆଁ ଗ୍ରାମପଞ୍ଚାୟତର ୱାର୍ଡ ନଂ.୪ର ଉପନିର୍ବାଚନ

### ସମୀର ମହାପାତ୍ର ବିଜୟୀ

କୁଚିଣ୍ଡା,୨୮।୧୧(ଡି.ଏନ.ଏ.)
କୁଟୁରାଚୁଆଁ ଗ୍ରାମପଞ୍ଚାୟତର ୱାର୍ଡ ସଂଖ୍ୟା-୪ର ଉପନିର୍ବାଚନରେ କିରାଶାସନ ରାଜେନ୍ଦ୍ର ପ୍ରସାଦ ମହାପାତ୍ର ଓ ସମୀର ମହାପାତ୍ରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥିଲା । ଏଥିରେ ସମୀର ମହାପାତ୍ର ସମୁଦାୟ ୧୦୮ ଭୋଟ ମଧ୍ୟରୁ ୭୫ଟି ଭୋଟ ପାଇ ବିଜୟୀ ହୋଇଥିଲେ। ରାଜେନ୍ଦ୍ର ପ୍ରସାଦ ମହାପାତ୍ର ମାତ୍ର ୩୩ଟି ଭୋଟ ପାଇଥିଲେ । ପ୍ରକାଶଥାଉ କି, କୁଚିଣ୍ଡା ବ୍ଲକର ୨୦୧୭ ନିର୍ବାଚନ ସମୟରେ ୧୧ଟି ୱାର୍ଡରେ ଯୋଗ୍ୟ ପ୍ରାର୍ଥୀ ନ ହେବାରୁ ଉକ୍ତ ସଂରକ୍ଷଣ ସ୍ଥାନରେ ଅଣସଂରକ୍ଷିତ ଭାବେ ନିର୍ବାଚିତ କରାଯାଇଥିଲା । ବାକି ୧୦ଟି ଆସନରେ ନିର୍ଦ୍ୱନ୍ଦରେ ପ୍ରାର୍ଥୀମାନେ ନିର୍ବାଚିତ ହୋଇଥିଲେ ।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

■ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

# ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ

ରେଢାଖୋଲ,୨୮।୧୧(ଡି.ଏନ.ଏ.)

ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ପଶ୍ଚିମ ଓଡିଶା ଓକିଲ ସଂଘ ସମୂହ କେନ୍ଦ୍ରିୟ କ୍ରିୟାନୁଷ୍ଠାନ କମିଟି ଆହ୍ୱାନକ୍ରମେ ପ୍ରତି ମାସର ଶେଷ ୩ ଦିନ କାର୍ଯ୍ୟ ଦିବସରେ ରେଢାଖୋଲ ନାଗରିକ ମଞ୍ଚ ଏବଂ ଓକିଲ ସଂଘ ପକ୍ଷରୁ ଆନ୍ଦୋଳନ କରାଯାଉଛି। ହେଲେ ଗତମାସଠାରୁ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ନିଷ୍ପତ୍ତିକ୍ରମେ ଆନ୍ଦୋଳନର ରୁପରେଖ ବଦଳିଛି। ଏହି ପରିପେକ୍ଷୀରେ ଚଳିତ ମାସ ମଧ୍ୟ ଶେଷ ତିନି ଦିନ କାର୍ଯ୍ୟ ଦିବସରେ ରେଢାଖୋଲ ଓକିଲ ସଂଘ ଓ ନାଗରିକ ମଞ୍ଚ ପକ୍ଷରୁ ଆନ୍ଦୋଳନ ଯୋଗୁ ଗୁରୁବାର ରେଢାଖୋଲରେ ପ୍ରଶାସନ ସମ୍ପୂର୍ଣ୍ଣ ଅଚଳ ହୋଇପଡିଛି। ପୂର୍ବାହ୍ନ ୧୦ଟା ବେଳେ ନାଗରିକ ମଞ୍ଚ ଏବଂ ଓକିଲମାନେ ସିଭିଲ କୋର୍ଟ ସମ୍ମୁଖରେ ଧାରଣାରେ ବସିଥିଲେ। ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରିବା ଯୋଗୁ ସମସ୍ତ କାର୍ଯ୍ୟାଳୟ ବନ୍ଦ ରହିଥିଲା। ବିଚାରପତିଙ୍କ ସମେତ କୋର୍ଟ କର୍ମଚାରୀମାନେ ପିକେଟିଂ ଯୋଗୁ କୋର୍ଟ ଭିତରକୁ ଯାଇ ନ ପାରି ଫେରି ଯାଇଥିଲେ। ସେହିପରି ଉପଖଣ୍ଡ ପ୍ରଶାସନର ବହୁ ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟାଳୟ ସମ୍ମୁଖରୁ ଫେରିଯାଇଥିଲେ। ନାକଟିଦେଉଳ ବ୍ଲକରେ ମଧ୍ୟ ତହସିଲ, ବ୍ଲକ କାର୍ଯ୍ୟାଳୟ ସମେତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ଓକିଲ ସଂଘ ସଭାପତି ଅଭୟ କୁମାର ବୀର, ସମ୍ପାଦକ ଗଣେଶ୍ୱର ପ୍ରଧାନ, ବରିଷ୍ଠ ଆଇନଜୀବୀ ଶିବପ୍ରସାଦ ପ୍ରଧାନ, ଦୟାସାଗର ପ୍ରଧାନ, ଉମାକାନ୍ତ ମହାନନ୍ଦ, ତୁଷାର କର, ନିମାଇଁ ଚରଣ ବେହେରା, ସୁଜିତ ପ୍ରଧାନଙ୍କ ସମେତ ସମସ୍ତ ଆଇନଜୀବୀ ଓ ନାଗରିକ ମଞ୍ଚର ଉମାକାନ୍ତ ପ୍ରଧାନ, ବସନ୍ତ କୁମାର ମହାନନ୍ଦ, ଶ୍ରମିକ ନେତା ରାଜା ପାଲ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। ନିଷ୍ପତ୍ତି ଅନୁଯାୟୀ ୨୯ ଓ ୩୦ ତାରିଖ ମଧ୍ୟ ଆନ୍ଦୋଳନ କରାଯିବ ବୋଲି ଜଣାପଡିଛି।

**କୁଚିଣ୍ଡା,(ଡି.ଏନ.ଏ.)**
ପଶ୍ଚିମ ଓଡ଼ଶାର ସମ୍ବଲପୁରଠାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ଦାବିରେ ୨୮, ୨୯ ଓ ୩୦ ତାରିଖ ୩ ଦିନ ଧରି ହେବାକୁ ଥିବା ଓକିଲଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ଏଥିଯୋଗୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ କାର୍ଯ୍ୟାଳୟ, ବ୍ୟାଙ୍କ, ପୋଷ୍ଟ ଅଫିସ, ଇନସ୍ୟୁରାନ୍ସ କମ୍ପାନୀ, ବେସରକାରୀ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଆହ୍ୱାନକ୍ରମେ କୁଚିଣ୍ଡା ଓକିଲ ସଂଘ ଓକିଲମାନେ ପିକେଟିଂ କରି ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟଗୁଡିକୁ ବନ୍ଦ କରିବା ପାଇଁ ନିବେଦନ କରିଥିଲେ। ଓକିଲ ସଂଘ ବରିଷ୍ଠ ସଦସ୍ୟ ଶୈଳେନ୍ଦ୍ର ନାୟକ, ରବୀନ୍ଦ୍ର ପରିଡା, ମୀନକେତନ ମିଶ୍ର, ଅସିତ ଗଙ୍ଗଦେବ, ପ୍ରମୋଦ ଛୁରିଆଙ୍କ ସମେତ ବହୁ ଓକିଲ କୋର୍ଟର ମୁଖ୍ୟ ଫାଟକ ବନ୍ଦ କରି ବସି ରହିଥିଲେ। କାର୍ଯ୍ୟରେ ଯୋଗ ନ ଦେବା ପାଇଁ ଓକିଲମାନେ ବିଚାରପତିମାନଙ୍କୁ ନିବେଦନ କରିଥିଲେ। କାର୍ଯ୍ୟରେ ଯୋଗ ନ ଦେଇ ବିଚାରପତିମାନେ କୋର୍ଟ ସମ୍ମୁଖରୁ ଫେରି ଯାଇଥିଲେ। ସେହିପରି କୁଚିଣ୍ଡା ଉପଜିଲାପାଳ କାର୍ଯ୍ୟାଳୟ ଆଗରେ ଫାଟକ ବନ୍ଦ କରି ବରିଷ୍ଠ ଓକିଲ ହୃଦାନନ୍ଦ ଶର୍ମା, ସୁରେନ ପୃଷ୍ଟି, ସଞ୍ଜୟ ପାଣିଗ୍ରାହୀ, ଗୀତା ପଣ୍ଡା, ପ୍ରଭାତ ନାୟକ, ତୁଳାରାମ ବାଘ, ମୁରଲୀଧର କୁସୁମ, କୁମାରେଶ ଦଶଭାୟା, ପ୍ରଦୀପ୍ତ ଶର୍ମା ପ୍ରମୁଖ ବସି ରହି ଥିଲେ ।

**ରେଙ୍ଗାଲି,(ଡି.ଏନ.ଏ.)**
କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଆହ୍ୱାନକ୍ରମେ ସମ୍ବଲପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବିରେ ଓକିଲ ସଂଘ ପକ୍ଷରୁ ମାସର ଶେଷ ୩ ଦିନ ବନ୍ଦ ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ରେଙ୍ଗାଲି ତହସିଲ ସମ୍ମୁଖରେ ରେଙ୍ଗାଲି ଓକିଲ ସଂଘ ଓ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରେଙ୍ଗାଲି ବ୍ଲକ ଅଫିସ, ରେଞ୍ଜ ଅଫିସ, ବ୍ୟାଙ୍କଗୁଡିକୁ ପିକେଟିଂ କରାଯାଇ ବନ୍ଦ କରାଯାଇଥିଲା । ଏଥିରେ ଓକିଲ ସଂଘର ବରିଷ୍ଠ ସଭ୍ୟ ବୃନ୍ଦାବନ ସାହୁ, ଶୁଭକାନ୍ତ ପଟ୍ଟନାୟକ, ଲଳିତ ବେହେରା, ମନବୋଧ ନିଖଣ୍ଡିଆ, ବରିଷ୍ଠ ନାଗରିକ ପରିଷଦ ସଭାପତି ବସନ୍ତ କୁମାର ନାୟକ, ସମ୍ପାଦକ ଅନ୍ତର୍ଯାମୀ ପାଣି, ଉଦୟ ଚନ୍ଦ୍ର ସାହୁ, ସୁବନ ଚାନ୍ଦ ସାହୁ, ନିରାକାର ପଣ୍ଡା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଓକିଲ ସଂଘ ପକ୍ଷରୁ ବାରମ୍ବାର ଏପରି ବନ୍ଦ ଡାକରା ଯୋଗୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ୟାଙ୍କ ବନ୍ଦ ହେଉଥିବାରୁ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ସବୁ ସମସ୍ୟା ଏବଂ ଓକିଲମାନଙ୍କ ଦାବିଗୁଡିକ ଶୀଘ୍ର ସମାଧାନ ଅତବା ଓକିଲମାନଙ୍କ ଉପରେ ଲଗାମ ଲଗାଇବା ପାଇଁ ଜନସାଧାରଣରେ ଚର୍ଚ୍ଚା ହେଉଥିବା ଶୁଣାଯାଇଥିଲା ।




ଓକିଲଙ୍କ ପିକେଟିଂ ଯୋଗୁ ରେଢାଖୋଲ ଉପଜିଲାପାଳ କାର୍ଯ୍ୟାଳୟର ଅଧିକାରୀ ଓ ନାକଟିଦେଉଳ ବ୍ଲକ କର୍ମଚାରୀ ବାହାରେ ଛିଡା ହୋଇଛନ୍ତି।





କୁଚିଣ୍ଡାରେ ଓକିଲମାନେ କୋର୍ଟ ସମ୍ମୁଖରେ ବସି ରହିଛନ୍ତି (ବାମ)। ତହସିଲ ସମ୍ମୁଖରେ ରେଙ୍ଗାଲି ଓକିଲ ସଂଘ ଓ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ପ୍ରତୀକ୍ଷା ମିଶ୍ରଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା

ସମ୍ବଲପୁର,୨୮।୧୧(ବ୍ୟୁରୋ)
ସମ୍ବଲପୁର ଶାନ୍ତିନଗର ନିବାସୀ ପ୍ରତିକ୍ଷା ମିଶ୍ରଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଉଛି । ଭୀମଭୋଇ ବ୍ୟାଡମିଣ୍ଟନ ଏସୋସିଆନ, ଡିଷ୍ଟ୍ରିକ ଲିଗାଲ ସର୍ଭିସ ଅଥୋରେଟି ଡେଭଲପମେଣ୍ଟ ସହ ବିଭିନ୍ନ ସମାଜିକ ଅନୁଷ୍ଠାନ ପକ୍ଷରୁ ସମ୍ମାନୀତ କରାଯାଇଥିଲା । ତାଙ୍କର ଉଜ୍ୱଳ ଭବିଷ୍ୟ ତ କାମନା କରିବା ସହ ଆଗକୁ ବଢିବାକୁ ଉତ୍ସାହିକ କରିଥିଲେ । ପ୍ରତିକ୍ଷା ଚଳିତ ବର୍ଷ ଇଣ୍ଡୋନେସିଆର ଜାର୍ତାକାଠାରେ ଆୟୋଜିତ ମିଶ ଇଣ୍ଡିଆ ଇଣ୍ଟରନେସନାଲ ପ୍ରତିଯୋଗିତାରେ ରାଜ୍ୟର ୩୦ ଜଣ ପ୍ରତିଯୋଗୀ ମଧ୍ୟରୁ ଜଣେ ଥିଲେ । ଏହି ପ୍ରତିଯୋଗିତାରେ ମିସ ୱାର୍ଲ୍ଡ ୱାଇଡ ଟାଇଟଲ ଓ ମିସ ଭୀଭାସିଅସ ଟାଇଟଲର ବିଜୟୀ ହୋଇଥିଲେ । ଏହି ଅବସରରେ ପିତା ପ୍ରଶାନ୍ତ ମିଶ୍ର, ମାଆ ଇନ୍ଦ୍ରା ଉପସ୍ଥିତ ରହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜୟ ପ୍ରଧାନ, ପ୍ରିତିଶ ଦେବତା,ଅମ୍ବୁଜା କୁମାର ଦାସ, କାହ୍ନୁ ପୁରୋହିତ, ମଣ୍ଟୁ ଶଡଙ୍ଗୀ, ସୁଜାତା ଗୁରୁ, ସସ୍ମିତା ମୁଦୁଲୀ, ବବିତା ପ୍ରଧାନ, ମୀନକେତନ ମେହେର ପ୍ରମୁଖ ଉପସ୍ଥିତ ରହିଥିଲେ ।




ସମ୍ବଲପୁର ପ୍ରତୀକ୍ଷା ମିଶ୍ରଙ୍କୁ ସମ୍ମାନିତ କରାଯାଉଛି ।

# ୧୪ରେ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ସମ୍ବଲପୁର, ୨୮।୧୧ (ବ୍ୟୁରୋ)
ଜିଲା କ୍ରୀଡା ସଂଘ ପକ୍ଷରୁ ଡିସେମ୍ବର ୧୪ ତାରିଖ ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିରେ ୧୪, ୧୬, ୧୮, ୨୦ ବର୍ଷରୁ କମ୍ ବାଳିକା, ବାଳକ ଏବଂ ବରିଷ୍ଠ ବର୍ଗର ମହିଳା, ପୁରୁଷମାନେ ଭାଗ ନେଇପାରିବେ । ଏଥିପାଇଁ ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ ପ୍ରସ୍ତୁତ କରାଯାଇଛି ବୋଲି ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ ଓ ଦୌଡକୁଦ ସମ୍ପାଦକ ସୁନ୍ଦରମଣୀ ବାରିକ ପ୍ରେସ ବିବୃତିରେ ଜଣାଇଛନ୍ତି ।

■ଆନ୍ତଃ ମହାବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ

# ଏନଏସସିବି କଲେଜ ବିଜୟୀ

କୁଚିଣ୍ଡା,୨୮।୧୧(ଡି.ଏନ.ଏ.)

ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ଆନୁକୂଲ୍ୟରେ କୁଚିଣ୍ଡା ମହାବିଦ୍ୟାଳୟ ସହାୟତାରେ କୁଚିଣ୍ଡା ମୁକୁନ୍ଦି ଖେଳ ପଡିଆଠାରେ ଆନ୍ତଃ ମହାବିଦ୍ୟାଳୟ କ୍ରିକେଟ ପ୍ରତିଯୋଗୀତା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ଅଧୀନରେ ଥିବା ୧୯ଟି କଲେଜର କ୍ରିକେଟ ଦଳକୁ ନେଇ ପୋଲ ୩ ଓ ୪ କୁଚିଣ୍ଡା ମହାବିଦ୍ୟାଳୟ ଅଧୀନରେ କରାଯିବା ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୁଯୋଗ ଦେଇଛନ୍ତି। କୁଚିଣ୍ଡା ମୁକୁନ୍ଦି ଖେଳ ପଡିଆରେ ମୁଖ୍ୟଅତିଥି ଭାବେ କୁଚିଣ୍ଡା ଉପଖଣ୍ଡ ପୋଲିସ ଅଧିକାରୀ (ଏସଡିପିଓ) ରାଜକିଶୋର ମିଶ୍ର ବ୍ୟାଟିଂ କରି କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ ଏନଏସସିବି କଲେଜ ସମ୍ବଲପୁର ସହିତ ଅତାବିରା କଲେଜ ଅତାବିରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏନଏସସିବି କଲେଜ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ ଉଇକେଟରେ ୨୪୪ ରନ ସଂଗ୍ରହ କରିଥିଲା। ଜବାବରେ ପ୍ରତିପକ୍ଷ ଅତାବିରା କଲେଜ ୨୦ ଓଭରରେ ୯ ଉଇକେଟ ହରାଇ ୧୧୯ ରନ ସଂଗ୍ରହ କରି ପରାଜିତ ହୋଇଥିଲେ। ଏନଏସସିବି କଲେଜର ଆଶିଷ ଡାଲମିଆଁ ୨୩ ବଲରେ ୬୦ ରନ ସଂଗ୍ରହ କରିଥିବା ବେଳେ ଅନ୍ୟତମ ଖେଳାଳି ସତ୍ୟରଞ୍ଜନ ଭୋଇ ୨୯ ବଲରେ ୪୮ ରନ ସଂଗ୍ରହ କରିବା ସହ ୨ ଉଇକେଟ ଅକ୍ତିଆର କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅତାବିରା କଲେଜର ମୁକେଶ ବାରିକ ୨୩ ବଲରେ ୪୦ ରନ ସଂଗ୍ରହ କରିଥିଲେ। କ୍ରୀଡା ପ୍ରତିଯୋଗିତାକୁ ଅମ୍ପାୟାର ଆଶିଷ ପାତ୍ର ଓ ପିଣ୍ଟୁ ବେହେରା ପରିଚାଳନା କରିଥିଲେ। ଏହି ଅବସରରେ କୁଚିଣ୍ଡା ମହାବିଦ୍ୟାଳୟ ଅଧକ୍ଷ ଦାୟିତ୍ୱରେ ଥିବା ହିଟଲର୍ ସେନାପତି, କ୍ଷୀତିଶ ଚନ୍ଦ୍ର ଭୋଇ ଏବଂ କ୍ରୀଡା ଅଧାପକ ବିଜୟ କଉଡି ଉପସ୍ଥିତ ଥିଲେ ।



ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି ।

## ସମ୍ବିଧାନ ବଞ୍ଚାଅ, ଦେଶ ବଞ୍ଚାଅ କାର୍ଯ୍ୟକ୍ରମ



ଆଲୋଚନାଚକ୍ର ପୂର୍ବରୁ କର୍ମକର୍ତ୍ତାମାନେ ଡ. ବି.ଆର. ଆମ୍ବେଡକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ।

ସମ୍ବଲପୁର,୨୮।୧୧(ବ୍ୟୁରୋ)
ଭାରତୀୟ ଷ୍ଟେଟ ବ୍ୟାଙ୍କ ତହସିଲଭୁକ୍ତ ଜାତି ଓ ଜନଜାତି କର୍ମଚାରୀ ଉନ୍ନୟନ ପରିଷଦ ପକ୍ଷରୁ ସମ୍ବିଧାନ ବଞ୍ଚାଅ, ଦେଶ ବଞ୍ଚାଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ମାନବସମ୍ବଳ ବିକାଶ ମୁଖ୍ୟ ପରିଚାଳକ ବିଚିତ୍ରାନନ୍ଦ ଦାଶ, ଆରବି ଓ ଋଣ ନିୟନ୍ତ୍ରକ ବିଭାଗ ମୁଖ୍ୟ ପରିଚାଳକ ଚନ୍ଦ୍ରସେନ ନାୟକ, ପ୍ରସନ୍ନ କୁମାର କୁଜୁର ଯୋଗଦେଇ ସମ୍ବିଧାନ ଦିବସ ବିଷୟରେ ଆଲୋକପାତ କରିଥିଲେ । ଅନୁଷ୍ଠାନ ସମ୍ବଲପୁର ଜୋନ ସାଧାରଣ ସମ୍ପାଦକ ଗୋପବନ୍ଧୁ ଜଗଦଲାଙ୍କ ପରିଚାଳନାରେ ଆଲୋଚନାଚକ୍ର ହୋଇଥିଲା । ସଭାପତି ଅଶ୍ୱିନୀ କୁମାର ପାତ୍ର, ସହସମ୍ପାଦକ ମୂର୍ତ୍ତି ନାଗ, କିଶୋର କୁମାର ବାଗ, ପରିଚାଳନା ସଭ୍ୟ ସଦାନନ୍ଦ ରଣବିଡା, ଅମିତ ମିଞ୍ଜ, ମିତ୍ର ମାଝି ଆଲୋଚନାରେ ଭାଗ ନେଇଥିଲେ ।

# ଆଜି ଭିସୁଟର ସମାବର୍ତ୍ତନ ଉତ୍ସବ

ସମ୍ବଲପୁର,୨୮।୧୧(ବ୍ୟୁରୋ)

ବୁର୍ଲା ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ)ରେ ସ୍ପେସ-ମହାକାଶ ଇଞ୍ଜିନିୟରିଂ ବିଭାଗ ଆରମ୍ଭ କରାଯାଇପାରିବ । ଏଥିପାଇଁ ପ୍ରଥମେ ଜମି ଓ ଉପକୂଳ ପରିବେଶର ଆବଶ୍ୟକତା ରହିଛି । ନିର୍ମାଣଧୀନ ପ୍ରକଳ୍ପଗୁଡିକ ସମ୍ପୂର୍ଣ୍ଣ ହେବା ପରେ ଏବାବଦରେ ଚିନ୍ତା କରାଯିବ । ପ୍ରାଥମିକ ଭାବେ ଏହି ବିଭାଗ ଖୋଲିବାକୁ ସୁବିଧା କରାଯାଇପାରିବ ବୋଲି ଶନିବାର ହେବାକୁ ଥିବା ଭିସୁଟ ସମାବର୍ତ୍ତନ ଉତ୍ସବ ପାଇଁ ଆୟୋଜିତ ଖବରଦାତା ସମ୍ମିଳନୀରେ କୂଳପତି ଡ଼.ଅଟଳ ଚୌଧୁରୀ କହିଛନ୍ତି। ସେ ଆହୁରି କହିଥିଲେ,ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ଗଣେଶି ଲାଲ ଅଧ୍ୟକ୍ଷତା କରିବାର କାର୍ଯ୍ୟକ୍ଷମ ରହିଛି । ଏହା ସହ କଲିକତା ଇଣ୍ଡିଆନ ଆସୋସିଏଶନ ଅଫ୍ କଲ୍ଟିଭେଶନ ଅଫ୍ ସାଇନ୍ସର ନିର୍ଦ୍ଦେଶକ ଶାନ୍ତାନୁ ଭଟ୍ଟାଚାର୍ଯ୍ୟ ଉପସ୍ଥତ ରହିବେ । ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର(ଇସ୍ରୋ)ର ଅଧ୍ୟକ୍ଷ ଡ଼. କେ ଶିବାନଙ୍କୁ ସମ୍ମାନ ସୂଚକ ଡ଼କ୍ଟରେଟ ଡ଼ିଗ୍ରୀ ପ୍ରଦାନ କରାଯିବ । ସମାରୋହରେ ୩୨ଟି ଏମ୍‌ଫିଲ ଓ ଏମଏସସି-ଆଇ, ୪୬ଟି ଏମଏସସି, ୩୩ଟି ଏମସିଏ, ୨୧୩ଟି ଏମଟେକ, ୩୮ଟି ବି ଆର୍କ, ଏବଂ ୯୦୮ ଜଣଙ୍କୁ ବି ଟେକ ଡ଼ିଗ୍ରୀକୁ ମିଶାଇ ୧୨୯୬ ଜଣଙ୍କୁ ଡ଼ିଗ୍ରୀ ପ୍ରଦାନ କରାଯିବ । ଏହା ବ୍ୟତୀତ ବିଭିନ୍ନ ବିଷୟରେ ଗବେଷଣା ପାଇଁ ୨୬ଟି ଜଣ ପିଏଚଡ଼ି ଡ଼ିଗ୍ରୀ ପାଇବେ । ସେହି ବିଭିନ୍ନ ବିଭାଗରେ କୃତୀତ୍ୱ ପାଇଁ ୩୨ ଜଣଙ୍କୁ ସ୍ୱର୍ଣ୍ଣ ପଦକ ଏବଂ ପ୍ରଶଂସା ପତ୍ର ପ୍ରଦାନ କରାଯିବ ବୋଲି ସେ କହିଥିଲେ । ବର୍ତ୍ତମାନ ବିଶ୍ୱବିଦ୍ୟାଳୟରେ ୩୩୮ ଜଣ ଛାତ୍ରୀଛାତ୍ର ପିଏଚଡ଼ି ଗବେଷଣା କରୁଛନ୍ତି । ଚଳିତ ବର୍ଷ ଏହାର ୬୦୦ ଜଣ ଛାତ୍ରଛାତ୍ରୀ ୩୫ଟି ପ୍ରତିଷ୍ଠିତ କମ୍ପାନୀରେ ନିଯୁକ୍ତି ପାଇଛନ୍ତି । ପାୱାର ଗ୍ରୀଡ଼ କର୍ପୋରେଶନ ଅଫ୍ ଇଣ୍ଡିଆ ଲି. ପ୍ରଭୃତିର ଅନୁଦାନରେ ଇ-ଲାର୍ନିଂ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି । ଆଗାମୀ ବର୍ଷ ସୁଦ୍ଧା ବିଶ୍ୱବିଦ୍ୟାଳୟର ଶିକ୍ଷକ ପଦବୀ ଗୁଡ଼ିକୁ ପୂରଣ କରାଯିବାର ଲକ୍ଷ୍ୟ ରହିଛି । ବିଶ୍ୱବିଦ୍ୟାଳୟର ପାଠାଗାରରେ ୩୧ଟି ପତ୍ରିକାର ସୁବିଧା ରହିଛି । ପାଠାଗାରର ୯୦ ଲକ୍ଷ ଫର୍ଦ୍ଦ ପୁରୁଣା ବହି ଡ଼ିଜିଲାଇଜେଶନ,୨୬ ଲକ୍ଷ ଟଙ୍କାର ଇ-ବୁକ ପ୍ରକଳ୍ପ,ୱେବ ଅଫ ସାଇନ୍ସ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। କ୍ୟାମ୍ପସରେ ସ୍ଥାନ ଅଭାବ ଦୂର କରିବା ପାଇଁ ପ୍ରଶାସନିକ ଓ ଏମ୍ପିଥିଏଟର କୋଠା ନିର୍ମାଣ କରାଯାଉଛି। ଏଥିରେ ୫୦ କୋଟି ଟଙ୍କା ଖର୍ଚ୍ଚ ହେବ । ଏଥିରୁ ଦଶ କୋଟି ଟଙ୍କା ମିଳିସାରିଛି । ଦଶ କୋଟି ଟଙ୍କା ଅଟକଳରେ କମ୍ପ୍ୟୁଟର କେନ୍ଦ୍ର ନିର୍ମାଣ କରାଯିବ । ସାନ୍ତାରଣଗାର, ଇଣ୍ଡୋର ଓ ଆଉଟ ଡ଼ୋର କ୍ରୀଡ଼ା ସୁବିଧା ସହିତ ପ୍ରସ୍ତାବିତ କ୍ରୀଡ଼ା କମ୍ପ୍ଲେକ୍ସର ନିର୍ମାଣ କାଯର୍ଯ୍ୟ ଆରମ୍ଭ ହୋଇଛି ବୋଲି କହିଥିଲେ ।




ସମ୍ବଲପୁର ବୁର୍ଲା ଭିସୁଟରେ ଖବରଦାତାମାନଙ୍କୁ କୁଳପତି ସୂଚନା ଦେଉଛନ୍ତି ।

### ୩୨ଜଣଙ୍କୁ ସ୍ୱର୍ଣ୍ଣ,୧୨୯୬ ଜଣଙ୍କୁ ଡ଼ିଗ୍ରୀ ପ୍ରଦାନ କରାଯିବ

ଦୈନିକ ଓଡ଼ିଆ ଖବର କାଗଜ
'ଧରିତ୍ରୀ'ର
୪୬ତମ ଜନ୍ମ ବାର୍ଷିକୀ ଅବସରରେ
ସମସ୍ତ ଗୁରୁଜନ, ମା', ଭଉଣୀ, ଭାଇ
ଓ ଯୁବସାଥୀମାନଙ୍କୁ ମୋର ଅଭିନନ୍ଦନ।

**SUB REGISTRAR**
**JATNI**



ଦୈନିକ ଓଡ଼ିଆ ଖବର କାଗଜ
'ଧରିତ୍ରୀ'ର
୪୬ତମ ଜନ୍ମ ବାର୍ଷିକୀ ଅବସରରେ
ଜଟଣୀ ନିର୍ବାଚନ ମଣ୍ଡଳୀର ସମସ୍ତ
ଗୁରୁଜନ, ମା', ଭଉଣୀ, ଭାଇ ଓ
ଯୁବସାଥୀମାନଙ୍କୁ ମୋର ଅଭିନନ୍ଦନ।

**ସନ୍ତୋଷ ଜେନା**
ରାଜ୍ୟ ସଂପାଦକ, ବିଜୁ ଜନତା ଦଳ

BEE
'ଧରିତ୍ରୀ'ର ୪୬ତମ ଜନ୍ମବାର୍ଷିକ
ଉତ୍ସବ ଉପଲକ୍ଷେ ଶୁଭେଚ୍ଛା ଓ ଶୁଭକାମନା

**BRIGHT ENGINEERS & ERECTORS**
**ELECTRICAL & CIVIL ENGINEERS**

M-48, Samant Vihar, Nalco Chhak
Bhubaneswar
Email : brightengineers@yahoo.co.in

ଧରିତ୍ରୀର ୪୬ତମ
ସ୍ୱନକ୍ଷତ୍ର ଉପଲକ୍ଷେ
ଶୁଭକାମନା।



**ସୁଧୀର ସାମଲ**
ବିଧାୟକ,ଢେଙ୍କାନାଳ



**ଦେବାଶିଷ ମିଶ୍ର**
ଢେଙ୍କାନାଳ ବିଧାୟକଙ୍କ ପ୍ରତିନିଧି

ଦୈନିକ ଓଡ଼ିଆ ଖବର କାଗଜ 'ଧରିତ୍ରୀ'ର
୪୬ତମ ଜନ୍ମ ବାର୍ଷିକୀ ଅବସରରେ
ସମସ୍ତ ଗୁରୁଜନ, ମା', ଭଉଣୀ, ଭାଇ ଓ
ଯୁବସାଥୀମାନଙ୍କୁ ମୋର ଅଭିନନ୍ଦନ।

**SRIYA SRUTI AGENCY**
Rajabazar, Jatni




**ଶ୍ରଦ୍ଧାଶ୍ରୀ ପ୍ୟାଲେସ୍**
**ଭାଗୀରଥୀ ବିହାର, ଗୁଡିଆନାଳୀ ଢେଙ୍କାନାଳ**
ଫୋନ୍ -7008031288
8847899441

ଧରିତ୍ରୀର ୪୬ତମ
ଜନ୍ମବାର୍ଷିକୀ ଉପଲକ୍ଷେ
ଶୁଭକାମନା।



**ଶଶିମୌଳି ରଥ**
ସଭାପତି, ମୁଣ୍ଡାଦେଇପୁର ଶାସନ ମହାଜନ ମହାସଭା ଓ
ଜିଲ୍ଲା ପ୍ରେସ୍ କ୍ଲବ ଢେଙ୍କାନାଳ



ଦୈନିକ ଓଡ଼ିଆ ଖବର କାଗଜ
'ଧରିତ୍ରୀ'ର
୪୬ତମ ଜନ୍ମ ବାର୍ଷିକୀ ଅବସରରେ
ଜଟଣୀ ନିର୍ବାଚନ ମଣ୍ଡଳୀର ସମସ୍ତ
ଗୁରୁଜନ, ମା', ଭଉଣୀ, ଭାଇ ଓ
ଯୁବସାଥୀମାନଙ୍କୁ ମୋର ଅଭିନନ୍ଦନ।

**ବିଭୂତି ଭୂଷଣ ବଳବନ୍ତରାୟ**
ପୂର୍ବତନ ବିଧାୟକ, ସଭାପତି
ଖୋର୍ଦ୍ଧା ଜିଲ୍ଲା ବିଜୁ ଜନତା ଦଳ

**ବରିଷ୍ଠ ନାଗରିକ ଗୃହ**
ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସେବାଯତ୍ନ ପାଇଁ
କାମାକ୍ଷାନଗର ସବ୍‌ଡିଭିଜନର ଜିରିଡ଼ାମାଳିଠାରେ
ଐରା ଅନୁଷ୍ଠାନ ତରଫରୁ ଏକ ବରିଷ୍ଠ ନାଗରିକ
ଗୃହ କାର୍ଯ୍ୟକ୍ଷମ କରାଯାଇଛି। ଏହି କେନ୍ଦ୍ରରେ
ବରିଷ୍ଠ ନାଗରିକଙ୍କୁ ମାଗଣାରେ ସମସ୍ତ ସେବା
ଯୋଗାଇ ଦିଆଯାଉଛି। ଜନସାଧାରଣ
ଏହି କେନ୍ଦ୍ରର ସୁବିଧା ନେବା
ପାଇଁ ଅନୁରୋଧ।
ବରିଷ୍ଠ ନାଗରିକ ଗୃହ,
ଐରା-ଜିରିଡ଼ାମାଳି,
କାମାକ୍ଷାନଗର

ଧରିତ୍ରୀର ୪୬ତମ
ଜନ୍ମଦିନ ଉପଲକ୍ଷେ
ଅଭିନନ୍ଦନ।
ବାହାଘର, ବ୍ରତଘର ଓ
ବିଭିନ୍ନ ଉତ୍ସବ ପାଳନ
ପାଇଁ ଯୋଗାଯୋଗ
କରନ୍ତୁ
ରତ୍ନ ମଣ୍ଡପ
ଦକ୍ଷିଣକାଳୀ
ରୋଡ୍, ଢେଙ୍କାନାଳ



**ପ୍ରୋ: ଶ୍ରୀକାନ୍ତ ଧଳ (ବୁବୁଲି)**
ଫୋନ୍: ୭୦୦୮୪୭୩୫୭୨

*With best compliments from :-*
**A Well Wisher**
**JATNI**

*With Best*
*Compliments*
*From....*




**PSR CINEMA**
DAKHINAKALI ROAD
DHENKANAL

ଦୈନିକ ଖବରକାଗଜ 'ଧରିତ୍ରୀ'ର
୪୬ତମ ସ୍ୱନକ୍ଷତ୍ର ଦିବସ
ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ସହ
ଅଭିନନ୍ଦନ ଜଣାଉଛି।
asianpaints Dealer

**RATH PAINTS & HARDWARE**
*Asianpaints Colour World*
Jagannath Road, Dhenkanal-759001
Mob.: 9861211637, 9438401529, 8328869197
JITENDRA RATH
RAJENDRA RATH


Your classified advertisement published in Dharitri will be listed free in Dharitri online edition : **www.dharitri.com**



ତୁମେ ନିଜେ ଯେଭଳି ପଦାର୍ଥ ବ୍ୟବହାର କରୁଛି, ତା'ଠାରୁ ଭଲ ପଦାର୍ଥ ଅନ୍ୟକୁ ଦାନ କରିବା ପାଇଁ ଚେଷ୍ଟା କର। କୌଣସି ସମୟରେ ବି ନିକୃଷ୍ଟ ଜିନିଷ ଦାନ କର ନାହିଁ।
- ସ୍ୱାମୀ ଶିବାନନ୍ଦ ସରସ୍ୱତୀ

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକଙ୍କ ମୃତ୍ୟୁ

ଭଣ୍ଡାରିପୋଖରୀ,୨୮।୧୧ (ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ନେରଡ଼ା ପଞ୍ଚାୟତ ବେଣୀପୁର ଗ୍ରାମର ଘନଶ୍ୟାମ ବେହୁରିଆ ନାମକ ଜଣେ ଯୁବକ ଗୁରୁବାର ସକାଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ସେ ସକାଳେ ତାଙ୍କ ନଳକୂପଠାରେ ପାଣିମୋଟର ଲଗାଉଥିବା ବେଳେ ବିଦ୍ୟୁତ୍ ଆଘାତ ଲାଗିଥିଲା। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସ୍ଥାନୀୟ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଥିଲା। ଏ ନେଇ ମୃତ ଘନଶ୍ୟାମଙ୍କ ବାପା ସୁଦର୍ଶନଙ୍କ ଅଭିଯୋଗକ୍ରମେ ଭଣ୍ଡାରିପୋଖରୀ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୮/୧୯) ରୁଜୁ ହୋଇଛି।

# ୧ରୁ କୋଣାର୍କ ମହୋତ୍ସବ ଆରମ୍ଭ

ଭୁବନେଶ୍ୱର,୨୮।୧୧(ବ୍ୟୁରୋ)



ଖବରଦାତା ସମ୍ମିଳନୀରେ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଏବଂ ଅନ୍ୟମାନେ।

■ ଓଡ଼ିଶୀ ସମେତ ୫ ଶାସ୍ତ୍ରୀୟ ନୃତ୍ୟର ସମାହାର

■ ପ୍ରଥମଥର ଲାଗି ମୁକ୍ତାକାଶ ରଙ୍ଗମଞ୍ଚରେ ବିଦେଶୀ ଶାସ୍ତ୍ରୀୟ ନୃତ୍ୟ

ବର୍ଷକର ପ୍ରତୀକ୍ଷା ପରେ କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ ଡିସେମ୍ବର ୧ରୁ ଆରମ୍ଭ ହେବ କୋଣାର୍କ ମହୋତ୍ସବ। ୫ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବରେ ଚଳିତବର୍ଷ ୫ ଶାସ୍ତ୍ରୀୟ ନୃତ୍ୟର ସମାହାର ଦେଖିବାକୁ ମିଳିବ। ଓଡ଼ିଶୀ ନୃତ୍ୟ ସହ ଭାରତନାଟ୍ୟମ୍, କଥକ, କୁଚିପୁଡ଼ି ଏବଂ ମୋହିନୀଆଟ୍ଟମ୍ ନୃତ୍ୟ ମୁଖ୍ୟ ଆକର୍ଷଣ ରହିବ। ଚଳିତବର୍ଷ ମହୋତ୍ସବରେ ପ୍ରଥମଥର ପାଇଁ ବିଦେଶୀ ଶାସ୍ତ୍ରୀୟ ନୃତ୍ୟକଳା ପରିବେଷିତ ହେବ। ସୁଦୂର ଇଣ୍ଡୋନେସିଆର ଶାସ୍ତ୍ରୀୟ ତଥା ଲୋକନୃତ୍ୟ 'ବାଲିନିଜ୍'କୁ ଦର୍ଶକ କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ ଦେଖିବାର ସୁଯୋଗ ପାଇପାରିବେ। ଏନେଇ ଗୁରୁବାର ପାନ୍ଥନିବାସଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପର୍ଯ୍ୟଟନ ବିଭାଗ ଶାସନ ସଚିବ ବିଶାଲ ଦେବ ସୂଚନା ଦେଇଛନ୍ତି।

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ କୋଣାର୍କ ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ଭୁବନେଶ୍ୱର 'ସୃଜନ' ନୃତ୍ୟାନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ ହେବାକୁଥିବାବେଳେ କଥକ ପରିବେଷଣ କରିବେ ପୁଣେର ଗୁରୁ ଶାମା ଭାଟେ ଓ ତାଙ୍କ ଦଳ। ଦ୍ୱିତୀୟ ସନ୍ଧ୍ୟାରେ ଇଣ୍ଡୋନେସିଆ ବାଲିର ଓ୍ୱିଦ୍ୟା ବୁଦୟା ଓ ତାଙ୍କ ଦଳ ଦ୍ୱାରା 'ବାଲିନିଜ୍' ନୃତ୍ୟ ଏବଂ କଲିକତାର ଆଲୋକ କାନୁନ୍‌ଗୋ ଓ ତାଙ୍କ ଦଳ ଓଡ଼ିଶୀ ପରିବେଷଣ କରିବେ। ସେହିଭଳି ୩ୟ ସନ୍ଧ୍ୟାରେ ଅନୁଗୋଳର ନୃତ୍ୟନିଳୟ ଦଳ ଦ୍ୱାରା ଓଡ଼ିଶୀ ଏବଂ ନୂଆଦିଲ୍ଲୀର ଜୟପ୍ରଭା ମେନନ୍ ଓ ତାଙ୍କ ଦଳ ଦ୍ୱାରା ମୋହିନୀଆଟ୍ଟମ୍, ୪ର୍ଥ ସନ୍ଧ୍ୟାରେ ନୂଆଦିଲ୍ଲୀର ରାଜା ଓ ରାଧା ରେଡ୍ଡୀ ଏବଂ ତାଙ୍କ ଦଳ ଦ୍ୱାରା କୁଚିପୁଡ଼ି ଓ ଗୁରୁ ଗଜେନ୍ଦ୍ର ପଣ୍ଡାଙ୍କ 'ତ୍ରିଧାରା'ର କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ମଞ୍ଚସ୍ଥ ହେବ। ୫ମ ତଥା ଅନ୍ତିମ ସନ୍ଧ୍ୟାରେ ବୈଭବ ଆରେକର ଓ ଦଳ ଭାରତନାଟ୍ୟମ୍ ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର କଳାକାରମାନେ ଓଡ଼ିଶୀ ପରିବେଷଣ କରିବେ। ଚଳିତବର୍ଷ ୩୦ବର୍ଷରେ ପଦାର୍ପଣ କରୁଥିବା ଏହି ମହୋତ୍ସବକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଉଦ୍‌ଘାଟନ କରିବେ। କୋଣାର୍କ ମହୋତ୍ସବ ସହ ଚନ୍ଦ୍ରଭାଗାରେ ହେବାକୁ ଥିବା ଅନ୍ତର୍ଜାତୀୟ ବାଲୁକାକଳା ଉତ୍ସବ ଲାଗି ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ପକ୍ଷରୁ ସ୍ୱତନ୍ତ୍ର ପ୍ୟାକେଜ୍ ରଖାଯାଇଥିବାବେଳେ ପର୍ଯ୍ୟଟକମାନେ ପାନ୍ଥନିବାସ ଓ୍ୱେବ୍‌ସାଇଟ୍‌ରେ ଏଥିପାଇଁ ଅନ୍‌ଲାଇନ ବୁକିଂ କରିପାରିବେ। ଖବରଦାତା ସମ୍ମିଳନୀରେ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ଆର୍. ଯାଦବ, ଓଟିଡିସି ଏମ୍‌ଡି ହେମାକାନ୍ତ ସଏ ଏବଂ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୧୧ ମୃତ ବିଦେଶୀ ପକ୍ଷୀ ଜବତ

## ବାଳସୁଧାର ଗୃହ ଗଲେ ନାବାଳକ ଶିକାରୀ



ଖୋର୍ଦ୍ଧା ଅଫିସ/ଟାଙ୍ଗୀ, ୨୮।୧୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନ୍ୟପ୍ରାଣୀ ବନାଞ୍ଚଳ ରେଞ୍ଜ ମଙ୍ଗଳାଯୋଡି କ୍ୟାମ୍ପ ଅଭିମାନପୁର ରିଙ୍ଗ ବନ୍ଧ ନିକଟରୁ ଗୁରୁବାର ଜଣେ ୧୬ ବର୍ଷର ନାବାଳକ ଶିକାରୀଙ୍କଠାରୁ ୧୧ ମୃତ ବିଦେଶୀ ପକ୍ଷୀ ଓ ଏକ ବାଇକ୍ ଜବତ ହୋଇଛି। ସ୍ଥାନୀୟ ଅଞ୍ଚଳର ନାବାଳକ ଶିକାରୀଙ୍କୁ କୋର୍ଟରେ ହାଜର କରାଯାଇଥିଲା। ପରେ ତାଙ୍କୁ ବ୍ରହ୍ମପୁରସ୍ଥିତ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷେ ମୃତ ବିଦେଶୀ ପକ୍ଷୀଙ୍କୁ ପଞ୍ଚନାମା କରାଯାଇ ପୋତି ଦିଆଯାଇଥିବା ଟାଙ୍ଗୀ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ସୂଚନା ଦେଇଛନ୍ତି।

# ଅସ୍ତ୍ରୋପଚାର ବେଳେ ମହିଳାଙ୍କ ମୃତ୍ୟୁ

ଭଦ୍ରକ ଅଫିସ, ୨୮।୧୧



ଡାକ୍ତରଖାନାରେ ପୋଲିସ ତଦନ୍ତ କରୁଛି।

■ ନର୍ସିଂହୋମ୍‌ରେ ଉତ୍ତେଜନା

■ ଚିକିତ୍ସାରେ ଅବହେଳା ଅଭିଯୋଗ ଆଣିଲେ ପରିବାର ଲୋକେ

ଭଦ୍ରକ ସହରର ଏକ ନର୍ସିଂହୋମ୍‌ରେ ବୁଧବାର ବିଳମ୍ବିତ ରାତିରେ ଅସ୍ତ୍ରୋପଚାର ବେଳେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ଉକ୍ତ ନର୍ସିଂହୋମ୍‌ରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତା ମହିଳାଙ୍କ ସମ୍ପର୍କୀୟ ସେଠାରେ ହୋହଲ୍ଲା କରିଥିଲେ। ଠିକ୍ ଭାବେ ଚିକିତ୍ସା କରାଯାଇ ନ ଥିବା ଯୋଗୁ ମହିଳାଙ୍କ ମୃତ୍ୟୁ ଘଟିଥିବା ତାଙ୍କ ଶାଶୁଘର ପକ୍ଷରୁ ଗୁରୁବାର ଭଦ୍ରକ ଟାଉନ ଥାନାରେ ଅଭିଯୋଗ ହୋଇଛି। ଟାଉନ ଥାନା ପୋଲିସ ନର୍ସିଂହୋମ୍‌ରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣକୁ ଆଣିବା ସହ ତଦନ୍ତ ଆରମ୍ଭ କରିଥିଲା। ଗୁରୁବାର ମଧ୍ୟାହ୍ନରେ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି।

ମୃତା ମହିଳା ହେଲେ ଯାଜପୁର ଜିଲା କୋଳଥା ପଞ୍ଚାୟତ ବାଙ୍କସାହି ଗ୍ରାମର ସୁବାସ ମହାପାତ୍ରଙ୍କ ସ୍ତ୍ରୀ ସ୍ୱର୍ଣ୍ଣଲତା। ତାଙ୍କ ବାପଘର ଭଣ୍ଡାରିପୋଖରୀ ଦକ୍ଷିଣବାଡ଼ ଗାଁରେ। ସ୍ୱର୍ଣ୍ଣଲତାଙ୍କର ସନ୍ତାନସନ୍ତତି ହେଉ ନ ଥିବାରୁ ତାଙ୍କୁ ଉକ୍ତ ନର୍ସିଂହୋମରେ ବୁଧବାର ଭର୍ତ୍ତି କରାଯାଇଥିଲା। ରାତିରେ ତାଙ୍କର ଅସ୍ତ୍ରୋପଚାର କରାଯାଉଥିବାବେଳେ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇବାରୁ ଟାଉନ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ନର୍ସିଂହୋମ୍‌ର ମାଲିକ ପ୍ରଭାସ ମହାନ୍ତିଙ୍କ ଏତଲା କ୍ରମେ ପ୍ରଥମେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୩୬୧/୧୯) ରୁଜୁ କରିଥିଲା। କିନ୍ତୁ ପରେ ମୃତା ସ୍ୱର୍ଣ୍ଣଲତାଙ୍କ ଦେଢ଼ଶୁର ଶ୍ରୀକାନ୍ତ ମହାପାତ୍ରଙ୍କ ଅଭିଯୋଗ କ୍ରମେ ଅପମୃତ୍ୟୁ ମାମଲାକୁ ଫୌଜଦାରି ମାମଲାରେ ପରିବର୍ତ୍ତନ କରାଯାଇ ଦଫା ୩୦୪(ଏ) ଲଗାଯାଇଛି। ତଦନ୍ତ ଅଧିକାରୀ ପ୍ରଭାସିନୀ ପୁହାଣ ଘଟଣାର ତଦନ୍ତ କରୁଛନ୍ତି। ମୃତଦେହ ବ୍ୟବଚ୍ଛେଦ ସମୟରେ ଭିଡିଓଗ୍ରାଫି କରାଯାଇଛି। କେଉଁ ଡାକ୍ତର ଅସ୍ତ୍ରୋପଚାର କରିଥିଲେ, କେଉଁ ଡାକ୍ତର ନିଶା ଇଞ୍ଜେକ୍ସନ ଦେଇଥିଲେ ଓ କିଏ ଅସ୍ତ୍ରୋପଚାର ସମୟରେ ସହଯୋଗ କରିଥିଲେ ସେ ନେଇ ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ତଦନ୍ତ ଅଧିକାରୀ ପୁହାଣ କହିଛନ୍ତି।

# ନିର୍ମଳ ଯୋଜନାରେ ଅର୍ଥ ପ୍ରଦାନକୁ ସୁବ୍ୟବସ୍ଥିତ କରିବାକୁ ସ୍ୱାସ୍ଥ୍ୟ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୮।୧୧(ବ୍ୟୁରୋ)

ଚିକିତ୍ସାଳୟଗୁଡ଼ିକରେ କାର୍ଯ୍ୟକାରୀ ହେଉଥିବା ନିର୍ମଳ ଯୋଜନାରେ ଅର୍ଥ ପ୍ରଦାନକୁ ସୁବ୍ୟବସ୍ଥିତ କରିବା ଲାଗି ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ)ଙ୍କୁ କୁହାଯାଇଛି। ଏଥିସହିତ ଡାକ୍ତରଖାନାରେ ପରିଷ୍କାର ପରିଚ୍ଛନ୍ନତାର ଗୁଣାତ୍ମକ ଦିଗକୁ ଦୃଷ୍ଟି ଦେଇ 'ମୋ ସରକାର'ର ଲକ୍ଷ୍ୟ ହାସଲ କରିବାକୁ କୁହାଯାଇଛି। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଧା ସମସ୍ତ ସିଡିଏମ୍‌ଓଙ୍କୁ ପତ୍ର ଲେଖିଛନ୍ତି। ନିର୍ମଳ ଯୋଜନାରେ ଚିକିତ୍ସାଳୟଗୁଡ଼ିକରେ ସେବା ଯୋଗାଣକାରୀ ସଂସ୍ଥାଗୁଡ଼ିକ ଯେଭଳି ଠିକଣା ସମୟରେ ଅର୍ଥ ପାଇପାରିବେ ତାହା ସୁନିଶ୍ଚିତ କରିବାକୁ କୁହାଯାଇଛି। ସିଏଚ୍‌ସି, ଉପଖଣ୍ଡ ଓ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ତରରେ ସେବା ଯୋଗାଣକାରୀ ସଂସ୍ଥାକୁ ଅର୍ଥ ପ୍ରଦାନ କରାଯିବ। ସେଥିପାଇଁ ସିଡିଏମ୍‌ଓମାନେ ତାଙ୍କ ଅଧୀନରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଓ ସିଏଚ୍‌ସିରେ ନିର୍ମଳ ଯୋଜନାରେ ଆବଶ୍ୟକତା ଅନୁଯାୟୀ ଅର୍ଥ ଯୋଗାଇଦେବେ। ଏନେଇ ଏକ କମିଟି ଗଠନ କରିବାକୁ କୁହାଯାଇଛି। କମିଟି ପ୍ରତି ମାସ ୧୦ ତାରିଖରେ ସେବା ଯୋଗାଣକାରୀ ସଂସ୍ଥାର ବିଲ୍ ଓ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରି ଅର୍ଥ ପ୍ରଦାନର ବ୍ୟବସ୍ଥା କରିବ। ଜାରି ମାର୍ଗଦର୍ଶିକା ଅନୁଯାୟୀ, ସମ୍ପୃକ୍ତ ସେବା ଯୋଗାଣକାରୀ ସଂସ୍ଥା ସେମାନଙ୍କ ବିଲ୍ ପ୍ରତ୍ୟେକ ମାସର ୭ତାରିଖ ସୁଦ୍ଧା ଦାଖଲ କରିବେ। ବିଲ୍ ପାଇବାର ୧୫ ଦିନ ଅର୍ଥାତ ପ୍ରତି ମାସର ୨୧ ତାରିଖ ସୁଦ୍ଧା ସେମାନଙ୍କୁ ନିଶ୍ଚିତ ଭାବେ ଅର୍ଥ ପ୍ରଦାନ ଲାଗି କୁହାଯାଇଛି।

# ବିଜ୍ଞପ୍ତିର ବୈଧତାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ

କଟକ ଅଫିସ,୨୮।୧୧

ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍)ମାନଙ୍କ ବଦଳି ପ୍ରସଙ୍ଗ ହାଇକୋର୍ଟରେ ପହଞ୍ଚିଛି। ବଦଳିକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିର ବୈଧତାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ପଞ୍ଚାୟତରେ ଦିଆଯାଇଥିଲା। ଏହି ଯୋଜନା କେନ୍ଦ୍ର ସରକାରଙ୍କ ଅଧୀନରେ ରହିଛି। ଫଳରେ ଆରମ୍ଭରୁ ଏହି କେନ୍ଦ୍ରୀୟ ଯୋଜନା ଉପରେ ରାଜ୍ୟ ସରକାରଙ୍କ ହସ୍ତକ୍ଷେପକୁ ନେଇ କେତେକ କଟକଣା ରହିଥିଲା। ଯଥା ଏମ୍‌ଜିଏନ୍‌ଆରଇଜିଏସ୍‌କୁ ପଞ୍ଚାୟତ କ୍ୟାଡର ବିଜ୍ଞପ୍ତିକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଉଭୟ ବିଜ୍ଞପ୍ତି ସମ୍ବିଧାନ ବିରୋଧୀ ବୋଲି ଆବେଦନକାରୀ କୋର୍ଟଙ୍କୁ ଦର୍ଶାଇଛନ୍ତି। ତେଣୁ ଏହି ବିଜ୍ଞପ୍ତି ଦ୍ୱୟକୁ ରଦ୍ଦ କରିବା ପାଇଁ ଆବେଦନକାରୀ କୋର୍ଟଙ୍କୁ ନିବେଦନ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ସୁକାନ୍ତ କୁମାର ଦଳାଇ ମାମଲା ପରିଚାଳନା କରୁଛନ୍ତି।

## ଜିଆରଏସ୍‌ଙ୍କ ବଦଳି ପ୍ରସଙ୍ଗ

୫ବର୍ଷରୁ ଅଧିକ ସମୟ କାଟିଥିବା ଜିଆର୍‌ଏସ୍‌ମାନଙ୍କୁ ଅନ୍ୟତ୍ର ବଦଳି ପାଇଁ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଏକ ବିଜ୍ଞପ୍ତି ପ୍ରକାଶ କରିଛି। ମାତ୍ର ଏହି ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ କରାଯାଇ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରାଯାଇଛି। ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରି ଉଭୟ ସରକାରଙ୍କୁ ଜବାବ ଦାଖଲ କରିବା ପାଇଁ ଆଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଜିଆରଏସ୍‌ମାନଙ୍କୁ ନିଯୁକ୍ତି କରାଯାଇଥିଲା। ଫଳରେ ସରପଞ୍ଚମାନେ ହିଁ ସମସ୍ତ ନିଷ୍ପତ୍ତି ନେଉଥିଲେ। ମାତ୍ର ୨୦୧୮ ଏପ୍ରିଲରେ ଏହି ଯୋଜନାକୁ ଏକ ବିଜ୍ଞପ୍ତି ମାଧ୍ୟମରେ ଜିଲା କ୍ୟାଡର କରାଯାଇଥିଲା, ଯେଉଁଥିପାଇଁ ଜିଆର୍‌ଏସ୍‌ମାନଙ୍କ ବଦଳି ଓ ବରଖାସ୍ତ ଉପରେ ଜିଲାପାଳମାନଙ୍କୁ କ୍ଷମତା ଦିଆଯାଇଥିଲା। ଏହାକୁ ଆଧାର କରି ଅକ୍ଟୋବର ୧୭ରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ଉକ୍ତ ବିଜ୍ଞପ୍ତି ଅନୁଯାୟୀ ଯେଉଁ ଜିଆର୍‌ଏସ୍ ଗୋଟିଏ ପଞ୍ଚାୟତରେ ୫ ବର୍ଷରୁ ଅଧିକ କାଳ କାଟିଥିବେ, ସେମାନଙ୍କୁ ଅନ୍ୟତ୍ର ବଦଳି ପାଇଁ ବିଜ୍ଞପ୍ତିରେ କୁହାଯାଇଥିଲା। ତେବେ ୨୦୧୮ ଏପ୍ରିଲ ଏବଂ ଗତ ଅକ୍ଟୋବର ୧୭ରେ ପ୍ରକାଶିତ ଦୁଇଟି

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES | No CAD-626

**OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, JANPATH, BHUBANESWAR-751022**

Tender Call Notice No.H.O./P&C/EST/E-3631/04/2019/ 20413 , Dt:- 25.11.2019

**NOTICE INVITING TENDER UNDER NATIONAL COMPETITIVE BDDING THROUGH e-Procurement**

1. Name of the Work :- Construction of SFRC/ RCC pre-cast compound wall at Chhatabara Industrial Estate, Khurda.
2. Estimated cost :- Rs.82.50 Lakhs (Approx.)
3. Period of completion :- 04 (Four) Calendar Months.
4. Other details :-

| Procurement Officer | Bid/ Tender reference No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar. | Tender/ Bid reference No. PC/ EST/ E-43/ 2019-20 | 02.12.2019 at 16.00 Hrs. | 16.12.2019 up to 17.00 Hrs. |

Further details can be seen from the e-Procurement Portal. www.tendersodisha.gov.in and Corrigendum if any will not be published in newspapers and can only be seen in the e-procurement portal www.tenderodisha.gov.in and www.idco.in

Sd/-
Chief General Manager (P&C) I/C,
IDCO, Bhubaneswar.

14003/11/0019/1920

**ଜଟଣୀ ପୌର ପରିଷଦ, ଜଟଣୀ**

୧. ଘରର ଅଳିଆ ଆବର୍ଜନା ଡଷ୍ଟବିନ୍‌ରେ ପକାନ୍ତୁ।
୨. ନାଳରେ ଅଳିଆ କିମ୍ବା ପଲିଥିନ ପକାନ୍ତୁ ନାହିଁ।
୩. ରାସ୍ତା କଡ଼ରେ ବାଲି, ଗୋଡି, ଇଟା ଜମାଇ ସର୍ବସାଧାରଣଙ୍କ ଯାତାୟତରେ ବାଧା ସୃଷ୍ଟି କରନ୍ତୁ ନାହିଁ।
୪. ସ୍ୱଚ୍ଛ ଭାରତ ମିଶନର ସୁବିଧା ନିଅନ୍ତୁ।
୫. ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଚାଳ ଘରକୁ ପକାଘର କରିବା ପାଇଁ ଆବେଦନ କରନ୍ତୁ।
୬. ଯଥା ସମୟରେ ଟିକସ ଇତ୍ୟାଦି ପଇଠ କରନ୍ତୁ।
୭. ପୌର କର୍ମଚାରୀଙ୍କୁ ସେମାନଙ୍କ କାର୍ଯ୍ୟପରିଚାଳନାରେ ସହଯୋଗ କରନ୍ତୁ।
୮. ପ୍ଲାଷ୍ଟିକ୍ ମୁକ୍ତ ସହର ଗଢନ୍ତୁ।
୯. ଘରୁ ବାହାରୁଥିବା ଓଦା ଓ ଶୁଖିଲା ଅଳିଆକୁ ପୃଥକୀକରଣ କରି ସଫେଇ କର୍ମଚାରୀଙ୍କୁ ହସ୍ତାନ୍ତର କରନ୍ତୁ ଏବଂ ପ୍ରତ୍ୟେକ ଓ୍ୱାର୍ଡରେ ସଫେଇ ତଦାରକ ପାଇଁ ନିଯୁକ୍ତି ପାଇଥିବା ସ୍ୱଚ୍ଛ ସାଥିମାନଙ୍କର ସହଯୋଗ ନିଅନ୍ତୁ।

**ଶ୍ରୀଯୁକ୍ତ ତପନ କୁମାର ମହାପାତ୍ର**
ନିର୍ବାହୀ ଅଧିକାରୀ
ପୌରପରିଷଦ, ଜଟଣୀ

**ଶ୍ରୀଯୁକ୍ତ ଦେବବ୍ରତ ସାହୁ**
ପ୍ରଶାସକ
ପୌରପରିଷଦ, ଜଟଣୀ

**BERHAMPUR MUNICIPAL CORPORATION**

No. 16835 / **Auction sale notice** Date. 27/11/19

Sealed quotation are invited to be reached by speed post /register post for auction sale of BeMC, the detail term and conditions are available at our official website www.berhampur.gov.in The last date of receipt of quotation in this office by 04-12-19 by 5:00 p.m and will be opened on 05-12-19 at 11 a.m. in the office chamber of undersigned.

The authorize reserves the right to accept or reject any RFP without assigning any reason thereof.

Commissioner
Berhampur Municipal Corporation

13035/11/0069/1920 No. C-349

**OFFICE OF THE EXECUTIVE ENGINEER RWS&S DIVISION, RAIRANGPUR**
Email-eerwss_rai@nic.in,eerwss.rai@gmail.com

**QUOTATION CALL NOTICE FOR HIRING VEHICLES**
**NO. 21 OF 2019-20 /Dated 25.11.2019**

Sealed quotations/tenders are invited from interested reputed Travel Agents/Tour Operators or private individuals for providing 4(four) no of vehicles such as TUV300/ Bolero/ Sumo Gold/ Ertiga having sitting capacity not more than ten including driver, which shall confirm to the Terms and condition (Annexure-II) for official use in RWS&S Division, Rairangpur in the District of Mayurbhanj on monthly rent basis.

**The vehicles to be engaged in the following offices under RWS&S Division, Rairangpur :-**

| Sl No | Name of Office | Designation of the Officer | Type of vehicle required | No. of vehicle required |
|---|---|---|---|---|
| 1 | RWS&S Division, Rairangpur | Executive Engineer | TUV300/ Bolero/ Sumo Gold/ Ertiga | 1 (One) |
| 2 | RWS&S Sub-Division, Rairangpur | Asstistant Executive Engineer | TUV300/ Bolero/ Sumo Gold/ Ertiga | 1 (One) |
| 3 | RWS&S Sub-Division, Rairangpur-II (Bahalda) | Asstistant Executive Engineer | TUV300/ Bolero/ Sumo Gold/ Ertiga | 1 (One) |
| 4 | RWS&S Sub-Division, Karanjia | Asstistant Executive Engineer | TUV300/ Bolero/ Sumo Gold/ Ertiga | 1 (One) |

| | |
|---|---|
| 1 | The vehicle must be in Road Worthy condition, shall not be more than 3 years old from the date of initial registration and must have valid Registration certificate, Insurance Certificate, Fitness Certificate, valid Contract Carriage Permit, Proof of upto date tax payment etc. which are mandatory for plying of vehicle. |
| 2 | The driver of the vehicle must have a valid Driving Licence for driving light transport passenger vehicle and should be sufficiently experienced in driving transport passenger vehicle. |
| 3 | The driver should be well behaved, gentle and obedient in nature. |
| 4 | A sum of Rs. 5000/- shall be deposited by the intending bidders in shape of TDR/STDR of any schedule Bank or Nationalized Bank duly pledged in favour of the **Executive Engineer, RWS&S Division, Rairangpur** and to be submitted along with the tender as security deposit. After completion of tender process, the amount will be refunded to unsuccessful bidders. |
| 5 | The monthly rate of hire charge be quoted separately in the general bid information (exluding fuel and lubricants). |
| 6 | The vehicle must achieve a minimum fuel efficiency of 12 Kms per litre. |
| 7 | The details of the make and year of manufacture of the vehicle, registration number, mileage (Kms covered per litre) and name of the Driver with Driving Licence No. and period of validity should be specifically provided in the general bid information to be furnished with Quotation/Tender (Annexure-III). |
| 8 | The Quotation completed in all respect will be received in the office of the undersigned from to **by 5.30 PM and shall be opened on dated** **at 11.00 AM** in the presence of the bidders |
| 9 | (a) The application form of Quotation/Tender containing General Bid information & Terms and Conditions for Hiring of Vehicles etc. will be available with 1) Office of the Executive Engineer, RWS&S Division, Rairangpur in the District of Mayurbhanj, 2) Sub-Divisional Officer, RWS&S Sub-Division, Rairangpur-I/Karanjia in the District of Mayurbhanj on payment of (Rs. 100.00 ) (Rupees one hundred ) only from to or can **be downloaded from Odisha Govt.Website www.Odisha.gov.in from to** |
| | (b) In case the application form is downloaded from Govt. website, the applicant shall deposit a Non refundable amount of Rs. **100.00** (Rupees one hundred ) only in shape of Demand Draft drawn in favour of the Executive Engineer , RWS&S Division, Rairangpur payable at SBI Rairangpur towards the cost of application alongwith the application. |
| 10 | The authority reserves the right to reject any or all quotations without assigning any reason thereof. |

25010/11/0010/1920 No. 558 Sd./- Executive Engineer, RWS&S Division, Rirangpur

“ସାଧାରଣ ଜନତାଙ୍କ ପରି ମୁଁ ମଧ୍ୟ ବିଫଳତାର ସାମ୍ନା କରିଛି। ବିଶ୍ୱକପ୍ ସେମିଫାଇନାଲରେ ଦଳକୁ ବିପଦରୁ ଉଦ୍ଧାର କରି ଅପରାଜିତ ରହି ଫେରିବି ବୋଲି ଅନୁଭବ ହେଉଥିଲା।

–ବିରାଟ କୋହଲି, ଭାରତୀୟ ଦଳର ଅଧିନାୟକ



“ଆଇପିଏଲ୍‌ର ଆଗାମୀ ସିଜନ କୁଲଦୀପ ଯାଦବଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିବ। ଯଦି ସେ ପ୍ରଭାବୀ ପ୍ରଦର୍ଶନ କରନ୍ତି ତେବେ ତାଙ୍କୁ ଟି୨୦ ବିଶ୍ୱକପ୍ ଦଳରେ ସ୍ଥାନ ମିଳିବାରେ ସହାୟକ ହେବ।

–ସଞ୍ଜୟ ବାଙ୍ଗର, ପୂର୍ବତନ ଭାରତୀୟ ବ୍ୟାଟିଂ କୋଚ୍



## ସଂକ୍ଷେପରେ

### ଶବର ସ୍ପୋର୍ଟ୍ସ ଆସୋସିଏଶନ ବିଜୟୀ

ଝାଁଳା,୨୮।୧୧(ଡି.ଏନ.ଏ.): ଝାଁଳା ରାଧାଚରଣପୁର ଖେଳପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ଶବର କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର କ୍ୱାର୍ଟର ଫାଇନାଲରେ ଖୋର୍ଦ୍ଧା ଜିଲା ଶବର ସ୍ପୋର୍ଟସ୍ ଆସୋସିଏଶନ ୨-୧ ଗୋଲରେ ଭଞ୍ଜନଗର ଗୁରୁଙ୍ଗା-୧୧କୁ ପରାସ୍ତ କରି ବିଜୟୀ ହୋଇଛି। ଖେଳର ୨୩ ମିନିଟ୍‌ରେ ଭଞ୍ଜନଗର ଖେଳାଳି ସମୀର ବେହୁରା ଗୋଲ ମାରିଥିଲେ। ସେହିପରି ଖେଳର ଦ୍ୱିତୀୟାର୍ଦ୍ଧର ୧୮ ମିନିଟ୍‌ରେ ଖୋର୍ଦ୍ଧା ଶବର ସ୍ପୋର୍ଟସ ଆସୋସିଏଶନର ମିଟୁ ମାଝି ଗୋଲ ଦେଇଥିଲେ। ଖେଳର ୨୮ ମିନିଟ୍‌ରେ ପୁଣି ଶବର ସ୍ପୋର୍ଟସ ଆସୋସିଏଶନର ଦାରା ସିଂ ଗୋଲ କରିଥିଲେ। ଫଳରେ ଶବର ସ୍ପୋର୍ଟସ ୨-୧ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରି ଉତ୍କଳ ସ୍ପୋର୍ଟିଂ ଜଟଣୀକୁ ଭେଟିବ। ଖେଳକୁ ରାଜୁ ମହାନ୍ତି, ଦିଗବିଜୟ ଦାସ, ଲକ୍ଷ୍ମୀ ପ୍ରସାଦ ନାଇଡୁ ପରିଚାଳନା କରିଥିଲେ।

### ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ୩୦ରୁ

ଭୁବନେଶ୍ୱର, ୨୮।୧୧(କ୍ରୀଡ଼ା ପ୍ରତିନିଧି): ଓଡ଼ିଶାରେ ନୂଆକରି ଗଢ଼ି ଉଠିଥିବା ପାୱାରଲିଫ୍ଟିଙ୍ଗ୍ ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ରାଜ୍ୟ ସବ୍‌ଜୁନିୟର, ଜୁନିୟର, ସିନିୟର ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଚଳିତମାସ ୩୦ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଇଷ୍ଟକୋଷ୍ଟ ରେଲଓ୍ୱେ ପରିସରରେ ଥିବା ଉପେନ୍ଦ୍ର ଭଞ୍ଜ ଇନ୍‌ଷ୍ଟିଚ୍ୟୁଟଠାରେ ଏହା ଡିସେମ୍ବର ୧ ପର୍ଯ୍ୟନ୍ତ ଚାଲିବ ବୋଲି ଆସୋସିଏଶନ ସମ୍ପାଦିକା ସଙ୍ଗୀତା ସିଂ ପ୍ରକାଶ କରିଛନ୍ତି। ପ୍ରତିଯୋଗିତା ମୋଟ ୯ଟି କାଟଗୋରିରେ ୮ ଓଜନ ବର୍ଗରେ ଅନୁଷ୍ଠିତ ହେବ। ବର୍ତ୍ତମାନସୁଦ୍ଧା ୨୨୦ ଏଣ୍ଟ୍ରି ଆସି ସାରିଥିବାରୁ ପ୍ରତିଯୋଗୀଙ୍କ ସଂଖ୍ୟା ୩୦୦ ଟପିବା ସମ୍ଭାବନା ଅଛି। ଏହି ପ୍ରତିଯୋଗିତାରୁ ୨୦୨୦ରେ ହେବାକୁଥିବା ଜାତୀୟ ପ୍ରତିଯୋଗିତା ପାଇଁ ଦଳ ଚୟନ ହେବ ବୋଲି ସଙ୍ଗୀତା କହିଛନ୍ତି।

### ୭୦୦ତମ ମ୍ୟାଚ୍‌ରେ ମେସିଙ୍କ ଗୋଲ

ବାର୍ସିଲୋନା,୨୮।୧୧- ବିଶ୍ୱର ଅନ୍ୟତମ ଲୋକପ୍ରିୟ ଫୁଟବଲ ଖେଳାଳି ଲିଓନେଲ ମେସି ନିଜର କ୍ଲବ ସ୍ତରୀୟ କ୍ୟାରିୟରର ୭୦୦ତମ ମ୍ୟାଚ୍‌ରେ ଗୋଲ ସ୍କୋର କରିଛନ୍ତି। ତାଙ୍କ ସହ ଲୁଇସ ସୁଆରେଜ (୩୩ତମ ମିନିଟ୍) ଓ ଆଣ୍ଟିନୋ ଗ୍ରିଜମ୍ୟାନ(୬୭ତମ)ଙ୍କ ଗୋଲ ବଳରେ ବାର୍ସିଲୋନା ୩-୧ ଗୋଲରେ ବରୁସିଆ ଡର୍ଟମୁଣ୍ଡକୁ ହରାଇ ଦେଇଛି। ଏହି ବିଜୟ ଯୋଗୁ ଦଳ ଚାମ୍ପିୟନ୍ସ ଲିଗ୍ ନକ୍‌ଆଉଟ ପର୍ଯ୍ୟାୟରେ ପ୍ରବେଶ କରିଛି। ମ୍ୟାଚ୍‌ର ୨୯ତମ ମିନିଟରେ ବାର୍ସିଲୋନା ମେସିଙ୍କ ଗୋଲ ଜରିଆରେ ଖାତା ଖୋଲିଥିଲା। ବାର୍ସିଲୋନା ପାଇଁ ୭୦୦ ମ୍ୟାଚ୍ ଖେଳିଥିବା ମେସିଙ୍କ ନାମରେ ୬୧୩ ଗୋଲ ଓ ୨୩୭ ଆସିଷ୍ଟ ରହିଛି। ଚାମ୍ପିୟନ୍ସ ଲିଗ୍‌ରେ ସେ ଏପର୍ଯ୍ୟନ୍ତ ୩୪ଟି ଦଳ ବିପକ୍ଷରେ ଗୋଲ ସ୍କୋର କରିସାରିଛନ୍ତି। ତେବେ ବାର୍ସିଲୋନା ପାଇଁ ଏଭଳି ମାଇଲଷ୍ଟୋନ ସ୍ପର୍ଶ କରିବାରେ ମେସି ଦ୍ୱିତୀୟ ଖେଳାଳି। ଡିଫେଣ୍ଡିଂ ଚାମ୍ପିୟନ ବାର୍ସିଲୋନା ପକ୍ଷରୁ ଜାଭି ହେର୍ନାଣ୍ଡେଜ ସର୍ବାଧିକ ୭୬୭ ମ୍ୟାଚ୍ ଖେଳିଛନ୍ତି।

# ସ୍ୱତନ୍ତ୍ର ପରିଚୟ ଦେବ ‘ଭିଜନ ୨୦୨୪’

**ରାଜ୍ୟର ସବୁଠାରୁ ଶକ୍ତିଶାଳୀ ଓ ଚର୍ଚ୍ଚିତ କ୍ରୀଡ଼ା ସଂଘ ହେଉଛି ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)। ଏହି ସଂଘର ସମ୍ପାଦକ ପଦବୀରେ ଅଛନ୍ତି ଯୁବ କ୍ରୀଡ଼ା ସଙ୍ଗଠକ ସଞ୍ଜୟ ବେହେରା। ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର ସମ୍ପାଦକ ପଦବୀରେ ୯ବର୍ଷ ଦାୟିତ୍ୱ ତୁଲାଇବା ପରେ ସଞ୍ଜୟ ପ୍ରଥମ ଥର ପାଇଁ ଓସିଏର ଭାର ସମ୍ଭାଳିଛନ୍ତି। ଆଉ କିଛି ଦିନ ପରେ ଡିସେମ୍ବର ୨୨ରେ ବାରବାଟୀରେ ହେବ ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍। ମ୍ୟାଚ୍ ଆୟୋଜନ କରିବା ନେଇ ଓସିଏ ସମସ୍ତ ପ୍ରସ୍ତୁତି ଚଳାଇଛି। ମ୍ୟାଚ୍ ଆୟୋଜନ ଓ ଓସିଏର ସାମ୍ପ୍ରତିକ ସ୍ଥିତି ନେଇ ସଞ୍ଜୟଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର**


ସଞ୍ଜୟ ବେହେରା

**ପ୍ର– ଡିସେମ୍ବର ୨୨ ପାଇଁ କେତେ ପ୍ରସ୍ତୁତ ହେଲେଣି?**

ଉ– ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ପ୍ରସ୍ତୁତି ଚାଲିଛି। ଫନୀ ଝଡ଼ରେ ଷ୍ଟାଡିୟମର ଅବସ୍ଥା କଣ ହୋଇଥିଲା, ତାହା ସମସ୍ତେ ଜାଣନ୍ତି। ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରିବା ସହଜ ନୁହେଁ। ଫନୀର ପ୍ରକୋପ ‘ବୋଝ ଉପରେ ନଳିତା ବିଡ଼ା’ ସଦୃଶ ହୋଇଗଲା। ଏବେ ଓସିଏର ସମସ୍ତ ପଦାଧିକାରୀ, କର୍ମଚାରୀ ଯଥାସମ୍ଭବ ପରିଶ୍ରମ ଚଳାଇଛନ୍ତି। ଗ୍ରାଉଣ୍ଡ କାର୍ଯ୍ୟସରିବା ଉପରେ। ଅନ୍ୟ ସମସ୍ତ ବ୍ୟବସ୍ଥାରେ କାମ ଜୋରଦାର ଚାଲିଛି। ମ୍ୟାଚ୍ ଆୟୋଜନ ବହୁତ ସୁନ୍ଦର ଭାବେ ଶେଷ କରିବାକୁ ଆମେ ଲକ୍ଷ୍ୟ ରଖିଛୁ।

**ପ୍ର– ମ୍ୟାଚ୍‌ରେ ସ୍ୱତନ୍ତ୍ରତା କ’ଣ ଦେଖିବାକୁ ମିଳିବ?**

ଉ– ଯୋଜନା ଅନେକ ରହିଛି। କିଛି ଖ୍ୟାତନାମା ଅନ୍ତର୍ଜାତୀୟ ଖେଳାଳିଙ୍କୁ ନିମନ୍ତ୍ରଣ କରାଯାଇଛି। ବିସିସିଆଇ ସଭାପତି ତଥା ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି, ମହମ୍ମଦ ଆଝାରୁଦ୍ଦିନଙ୍କ ସମେତ ଅନ୍ୟ କିଛି କିମ୍ବଦନ୍ତୀ କ୍ରିକେଟ ଖେଳାଳି ଯୋଗ ଦେବାର କାର୍ଯ୍ୟକ୍ରମ ଆମ ତାଲିକାରେ ଅଛି ।

**ପ୍ର– ବାପା (ବରିଷ୍ଠ କ୍ରୀଡ଼ା ସଙ୍ଗଠକ ତଥା ଓସିଏର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା)ଙ୍କ ସହଯୋଗ ଦରକାର ପଡୁଛି କି?**

ଉ– ବାପାଙ୍କ ସହଯୋଗ ସବୁ ସ୍ଥିତିରେ ମୋ ପାଇଁ ଦରକାର ଥିଲା ଓ ରହିବ ମଧ୍ୟ। ଓସିଏକୁ ସେ ଯେଉଁଭଳି ଭାବେ ପରିଚାଳନା କରୁଥିଲେ ସେଥିରୁ ମୋତେ ଅନେକ କିଛି ଶିଖିବା ବାକି ଅଛି। ଅନେକ କଷ୍ଟ କାର୍ଯ୍ୟକୁ ସେ ସହଜରେ ସମାଧାନ କରି ଦେଉଥିଲେ। ଯେବେ ବି ମ୍ୟାଚ୍ ଆୟୋଜନ ନେଇ ମୁଁ ଦୋଛକିରେ ପଡୁଛି, ତାଙ୍କ ସହ ଏ ସମ୍ପର୍କରେ ଆଲୋଚନା କରେ।

**ପ୍ର– ଓସିଏର ସ୍ଥିତି କେଉଁ ଆଡକୁ ଗତି କରୁଛି?**

ଉ– ଗତ କିଛି ବର୍ଷ ହେବ ଓସିଏ ଆର୍ଥିକ ଦୃଷ୍ଟିକୋଣରୁ ଦୁର୍ବଳ ଥିଲା। ଏବେ ବିସିସିଆଇରୁ ପାଣ୍ଠି ଆସିବା ଆରମ୍ଭ ହୋଇଛି। ଏଣୁ ଅର୍ଥ ସମସ୍ୟା ରହିବନି। କେବଳ ଖେଳର ବିକାଶକୁ ଆମେ ବିଶେଷ ଦୃଷ୍ଟି ଦେଉଛୁ। କେଉଁ ସବୁ ସ୍ତରରେ ସମସ୍ୟା ଅଛି ତାହା ଜାଣି ସାରିଛୁ। ଏହାକୁ ପ୍ରଥମେ ସୁଧାରିବା ଆମର କର୍ତ୍ତବ୍ୟ। ଆଉ ୩ବର୍ଷ ପରେ ଆମ ପରିଶ୍ରମ ନିଶ୍ଚିତ ଭାବେ ପ୍ରତିଫଳିତ ହେବ।

**ପ୍ର– ବିସିସିଆଇ ସହ କ’ଣ ଆଲୋଚନା କରାଯାଇଛି?**

ଉ– ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି, ସମ୍ପାଦକ ଜୟ ଶାହାଙ୍କଠାରୁ ଆରମ୍ଭ କରି ସମସ୍ତ ପଦାଧିକାରୀଙ୍କ ସହ ଆଲୋଚନା କରିଛୁ। ସେମାନଙ୍କ ସହ ଆଲୋଚନା କରିଥିଲୁ ବୋଲି ମ୍ୟାଚ୍ ପୂର୍ବରୁ ପାଣ୍ଠି ମିଳିଲା ଓ ମରାମତି କାର୍ଯ୍ୟ ଆରମ୍ଭ ହୋଇପାରିଲା। ଆଗାମୀ ଦିନରେ ଓସିଏ ସହିତ ସମସ୍ତ ପ୍ରକାର ସହଯୋଗ ବିସିସିଆଇ ରକ୍ଷା କରିବ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଛି।

**ବାରବାଟୀ ଦିନିକିଆ**
**ଆଉ ୨୩ ଦିନ**

**ପ୍ର– କାର୍ଯ୍ୟକାଳ ସମୟରେ କ’ଣ ଲକ୍ଷ୍ୟ ରହିଛି?**

ଉ– କେବଳ ରାଜ୍ୟ କ୍ରିକେଟର ବିକାଶ ହିଁ ମୋ ଲକ୍ଷ୍ୟ। ଭିଜନ–୨୦୨୪ ନାମରେ ଏକ ଏଜେଣ୍ଡା ପ୍ରସ୍ତୁତ କରିଛୁ। ଏଜେଣ୍ଡାରେ କ୍ରିକେଟର ଭିତ୍ତିଭୂମିଠାରୁ ଆରମ୍ଭ କରି ତୃଣମୂଳ ସ୍ତରରୁ କ୍ରିକେଟ ଖେଳାଳିଙ୍କ ବିକାଶ ପାଇଁ ଅନେକ ଯୋଜନା ଅଛି। ଏହି ଯୋଜନାକୁ ସଫଳ କରିବାକୁ ଚେଷ୍ଟା କରିବି। ଆଉ କିଛି ବର୍ଷ ପରେ ଜାତୀୟ ଜର୍ସିରେ ଏବଂ ଆଇପିଏଲରେ କିପରି ଓଡ଼ିଆ ଖେଳାଳି ୯ ଦେଖିବାକୁ ମିଳିବେ ତାହା ମୁଖ୍ୟ ଲକ୍ଷ୍ୟ। ବିଭିନ୍ନ ପ୍ରତିବନ୍ଧକ ଭିତରେ କାର୍ଯ୍ୟ କରିବାକୁ ପଡୁଛି। ତଥାପି ଭିଜନ–୨୦୨୪ ସଫଳ ହେବ ବୋଲି ମୋର ବିଶ୍ୱାସ। ଏହା ଦ୍ୱାରା ରାଜ୍ୟ କ୍ରିକେଟ ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ପାଇବ ବୋଲି ଆଶା ରହିଛି।

–ସାକ୍ଷାତ: କୁମାରଶ୍ରୀ

## ଟେନିସ କୋର୍ଟକୁ ଫେରିବେ ସାନିଆ



ମୁମ୍ବାଇ,୨୮।୧୧

ଭାରତୀୟ ଷ୍ଟାର ମହିଳା ଟେନିସ ଖେଳାଳି ସାନିଆ ମିର୍ଜା ଆସନ୍ତା ବର୍ଷ ୨୦୨୦ ଜାନୁୟାରୀରେ ହୋବାର୍ଟ ଇଣ୍ଟରନ୍ୟାଶନାଲ ପ୍ରତିଯୋଗିତାରେ କୋର୍ଟକୁ ଫେରିବେ। ଏ ନେଇ ସେ ଗୁରୁବାର ସ୍ପଷ୍ଟ କରିଛନ୍ତି। ଦୀର୍ଘ ଦୁଇ ବର୍ଷର ବ୍ୟବଧାନ ପରେ ସେ କୋର୍ଟକୁ ଫେରିବାକୁ ଯାଉଛନ୍ତି। ୩୩ ବର୍ଷୀୟ ସାନିଆ ଅନ୍ତିମ ଥର ୨୦୧୭ରେ ଚାଇନା ଓପନରେ ଖେଳିଥିଲେ। ସେ ୟୁକ୍ରେନର ନାଡିଆ କିଚେନୋକଙ୍କୁ ସାଥୀ କରି ଖେଳିବେ। ମୁଁ ହୋବାର୍ଟଠାରେ ଖେଳିବି ଓ ତା’ପରେ ଅଷ୍ଟ୍ରେଲିଆନ ଓପନରେ ଅଂଶଗ୍ରହଣ କରିବି। ମୁଁ ମୁମ୍ବାଇଠାରେ ଖେଳିବା ନେଇ ଯୋଜନା କରୁଛି। କିନ୍ତୁ ଏପର୍ଯ୍ୟନ୍ତ ନିଷ୍ପତ୍ତି ନେଇ ନାହିଁ ବୋଲି ୬ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ସାନିଆ କହିଛନ୍ତି। ଅଷ୍ଟ୍ରେଲିଆନ ଓପନର ମିକ୍ସଡ୍ ଡବଲ୍ସରେ ଆମେରିକାର ରାଜୀବ ରାମଙ୍କ ସହ ଯୋଡ଼ି ହୋଇ ସେ ଖେଳିବେ।

# ସୈଫ୍ ହାସନଙ୍କୁ ଜରିମାନା

କୋଲକାତା,୨୮।୧୧(ପି.ଟି.)



ଭାରତରେ ଅଧିକ ସମୟ ରହିବାରୁ ବାଂଲାଦେଶ ଓପନର ସୈଫ ହାସନଙ୍କୁ ଜରିମାନ ଦେବାକୁ ପଡିଛି। ତାଙ୍କର ଭିଜା ଅବଧି ଶେଷ ହୋଇଥିଲେ ମଧ୍ୟ ସେ ଭାରତରେ ରହିଥିଲେ। ଫଳରେ ସ୍ୱଦେଶ ଫେରିବା ପାଇଁ ତାଙ୍କୁ ୨୧,୬୦୦ ଟଙ୍କା ଜରିମାନ ଦେବାକୁ ପଡିଥିଲା। ବ୍ୟାକ୍‌ଅପ୍ ଓପନର ଭାବେ ସେ ବାଂଲାଦେଶ ଦଳ ସହିତ ଭାରତ ଗସ୍ତରେ ଆସିଥିଲେ। ଏହି ଟେଷ୍ଟ ସିରିଜରେ ବାଂଲାଦେଶ ୨–୦ରେ ପରାସ୍ତ ହୋଇଥିଲା। କୋଲକାତାରେ ଅନୁଷ୍ଠିତ ଦିବାରାତ୍ର ଟେଷ୍ଟରେ ସେ ସାମିଲ ହୋଇ ନ ଥିଲେ। ଦେ ଦଳ ସହିତ ଭାରତରେ ରହିଯାଇଥିଲେ। ତାଙ୍କ ୬ ମାସିଆ ଭିଜା ଅବଧି ଶେଷ ହୋଇଥିବା କଥା ସେ ଜାଣି ନ ଥିଲେ। ଦୁଇ ଦିନ ତଳେ ତାଙ୍କ ଭିଜା ଅବଧି ଶେଷ ହୋଇଥିଲା। ଏକଥା ସେ ବିମାନବନ୍ଦରରେ ହୃଦୟଙ୍ଗମ କରିଥିଲେ। ସେ ନିର୍ଦ୍ଧାରିତ ବିମାନରେ ଯାତ୍ରା କରିପାରି ନ ଥିଲେ। ନୂଆ ନିୟମ ଅନୁସାରେ ତାଙ୍କୁ ଜରିମାନା ଦେବାକୁ ପଡିଛି ବୋଲି ବାଂଲାଦେଶ ଡେପୁଟି ହାଇ କମିଶନର ତୌଫିକ୍ ହାସନ କହିଛନ୍ତି। ଭାରତୀୟ ହାଇ କମିଶନ ତାଙ୍କୁ ଏକ୍‌ଜିଟ୍ କ୍ଲିୟରାନ୍ସ ଦେଇଛି। ଫଳରେ ସେ ବୁଧବାର ସ୍ୱଦେଶ ଫେରିଛନ୍ତି। ସୈଫ ଓ ଅନ୍ୟ ଖେଳାଳିମାନେ ସୋମବାର ସ୍ୱଦେଶ ଫେରିବାର କାର୍ଯ୍ୟକ୍ରମ ଥିଲା। ତେବେ ଦମ୍‌ଦମ ବିମାନ ବନ୍ଦରରେ ସେ ଆବଶ୍ୟକତାଠାରୁ ଅଧିକ ସମୟ ରହିଯାଇଥିଲେ। ସବୁ ଖେଳାଳିଙ୍କ ପାଇଁ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଭିଜା ବ୍ୟବସ୍ଥା କରିଥିଲା। ତେବେ ସୈଫ୍‌ଙ୍କ ପାଖରେ ପୂର୍ବରୁ ଭାରତୀୟ ଭିଜା ଥିବାରୁ ବୋର୍ଡ ତାଙ୍କୁ ବାଦ୍ ଦେଇଥିଲା। ଗତ ଜୁନ୍‌ରେ ତାଙ୍କୁ ଭାରତୀୟ ଭିଜା ପ୍ରଦାନ କରାଯାଇଥିଲା। କିନ୍ତୁ ହାସନ କିମ୍ବା ଟିମ୍ ମ୍ୟାନେଜମେଣ୍ଟ ଏନେଇ ଅବଗତ ନ ଥିଲେ। ଯାହା ଫଳରେ ଏଭଳି ଅଭାବନୀୟ ଘଟଣା ଘଟିଥିଲା।

## ଗେଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଢାକା,୨୮।୧୧(ଏଏଫ୍‌ପି)

ଆଗାମୀ ବାଂଲାଦେଶ ପ୍ରିମିୟର ଲିଗ୍ (ବିପିଏଲ)ରେ ଓ୍ୱେଷ୍ଟଇଣ୍ଡିଜ ଷ୍ଟାର କ୍ରିସ୍ ଗେଲ୍ ନ ଖେଳିଲେ, ତାଙ୍କ ବିରୋଧରେ ଗୁରୁବାର କାର୍ଯ୍ୟାନୁଷ୍ଠାନ ଦାବି କରିଛି ଚଟ୍ଟୋଗ୍ରାମ ଚାଲେଞ୍ଜର୍ସ। ଡିସେମ୍ବର ୧୧ ତାରିଖରୁ ଆରମ୍ଭ ହେବାକୁ ଥିବା ଲିଗ୍ ପାଇଁ ଗେଲଙ୍କୁ ଚଟ୍ଟୋଗ୍ରାମ ଫ୍ରାଞ୍ଚାଇଜ କିଣିଛି। କିନ୍ତୁ ଦକ୍ଷିଣ ଆଫ୍ରିକାର ମଜାନ୍‌ସି ସୁପର ଲିଗ୍‌ରେ ବିଫଳ ପ୍ରଦର୍ଶନ ପରେ କ୍ରିକେଟରୁ ବ୍ରେକ ନେବାକୁ ଚାହୁଁଥିବା ଗେଲ୍ କହିଥିଲେ। ଏଥିସହ ବିପିଏଲ ଖେଳାଳିଙ୍କ ତାଲିକାରେ ତାଙ୍କ ନାମ କେଉଁ ଭଳି ସ୍ଥାନ ପାଇଲା, ସେ ନେଇ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ଚ୍ୟାଲେଞ୍ଜର୍ସ ଟିମ୍ ଡାଇରେକ୍ଟର ଜଲାଲ ୟୁନୁସ କହିଛନ୍ତି, ତାଙ୍କ ଦଳ ଗେଲ୍‌ଙ୍କ ଏଜେଣ୍ଟ ସହ ମୂଳଚାଲ କରିସାରିଛି। ଏଥିନେଇ ସେ ମଧ୍ୟ ଜାଣିଛନ୍ତି। ଯଦି ସେ ଆସିବାକୁ ମନା କରନ୍ତି, ଆମକୁ ଡ୍ରାଫ୍ଟ ବାହାରୁ ଖେଳାଳି ଆଣିବାକୁ ପଡ଼ିବ। କିନ୍ତୁ ମୋ ମତରେ ବାଂଲାଦେଶ କ୍ରିକେଟ ବୋର୍ଡ କାର୍ଯ୍ୟାନୁଷ୍ଠାନ କରିବା ଦରକାର।

# ସ୍ପୋର୍ଟ୍ସ କୋଡ ସମୀକ୍ଷା ଲାଗି ବିଶେଷଜ୍ଞ କମିଟି ଗଠିତ

ନୂଆଦିଲ୍ଲୀ, ୨୮।୧୧(ପି.ଟି.)

ବିବାଦୀୟ ଡ୍ରାଫ୍ଟ ନ୍ୟାଶନାଲ ସ୍ପୋର୍ଟ୍ସ କୋଡ ବା ଖେଳ ସଂହିତାର ସମୀକ୍ଷା ପାଇଁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଏକ ୧୩ ଜଣିଆ ସଦସ୍ୟ ବିଶିଷ୍ଟ ବିଶେଷଜ୍ଞ କମିଟି ଗଠନ କରିଛି। ଏହି କମିଟିରେ ଅଲିମ୍ପିକ ବ୍ରୋଞ୍ଜ୍ ପଦକ ବିଜେତା ଶୁଟର ଗଗନ ନାରଙ୍ଗ, ପୂର୍ବତନ ଫୁଟବଲ ଅଧିନାୟକ ଗଗନ ନାରଙ୍ଗ ଓ ଜାତୀୟ ବ୍ୟାଡମିଣ୍ଟନ କୋଚ୍ ପୁଲେଲା ଗୋପୀଚାନ୍ଦଙ୍କ ସମେତ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ୍ ପଦକ ବିଜୟିନୀ ଅଞ୍ଜୁ ବବି ଜର୍ଜ ସାମିଲ ହୋଇଛନ୍ତି। ଏହି କମିଟିର ଅଧ୍ୟକ୍ଷତା କରିବେ ସୁପ୍ରିମକୋର୍ଟ ଅବସରପ୍ରାପ୍ତ ବିଚାରପତି ମୁକୁନ୍ଦାକାମ ଶର୍ମା। ଏହି ପ୍ୟାନେଲରେ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ)ର ପ୍ରତିନିଧିମାନେ ମଧ୍ୟ ସାମିଲ ରହିବେ। ତେବେ ଏହି ସ୍ପୋର୍ଟ୍ସ କୋଡକୁ ଲାଗୁ କରିବା ନେଇ ଆଇଓଏ ଅସହମତି ପ୍ରକାଶ କରିଛି। କାରଣ ଏଥିରେ କ୍ରୀଡ଼ା ପ୍ରଶାସକଙ୍କ ବୟସକୁ ସୀମିତ କରିବାକୁ ପ୍ରସ୍ତାବ ଦିଆଯାଇଛି। ଏବେକାର କୋଡ ଲାଗୁହେଲେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଭାରତକୁ ବାସନ୍ଦ କରିପାରେ ବୋଲି ଆଇଓଏ ତରଫରୁ କୁହାଯାଇଛି। ତେଣୁ ଏହି କୋଡରେ ବ୍ୟାପକ ପରିବର୍ତ୍ତନ ହେବା ଆବଶ୍ୟକ ବୋଲି କୁହାଯାଇଛି। ଏହି କମିଟି ଜାତୀୟ କ୍ରୀଡ଼ା ଫେଡେରେଶନର ପାରଦର୍ଶିତା ଓ ସ୍ୱାୟତ୍ତତାରେ ସନ୍ତୁଳନ ରକ୍ଷା କରିବାକୁ ପ୍ରୟାସ କରିବ। ଯଦି ଏହି କୋଡ ଲାଗୁ ହୁଏ ତେବେ ନିୟମ ଅନୁସାରେ ଆଇଓଏ ଓ ଜାତୀୟ କ୍ରୀଡ଼ା ଫେଡେରେଶନଗୁଡିକ ୬ ମାସ ମଧ୍ୟରେ ସେମାନଙ୍କ ସମ୍ବିଧାନ ସଂଶୋଧନ କରିବେ।


କାନ୍‌ବେରାଠାରେ ହେବାକୁଥିବା ତ୍ରିରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟରେ ଭାଗନେବାପାଇଁ ଗୁରୁବାର ଅଷ୍ଟ୍ରେଲିଆ ଯାତ୍ରା କରିଥିବା ଭାରତୀୟ ଜୁନିୟର ମହିଳା ହକି ଦଳ। ପ୍ରତିଯୋଗିତାରେ ଭାରତ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଅଂଶଗ୍ରହଣ କରିବେ।

# ମୁମ୍ବାଇ ସିଟି ଏଫ୍‌ସିର ୬୫ ପ୍ରତିଶତ ଅଂଶ କିଣିଲା ସିଟି ଫୁଟବଲ ଗ୍ରୁପ୍

ମୁମ୍ବାଇ, ୨୮।୧୧



ନୀତା ଅମ୍ବାନୀ ଓ ଫେରାନ ସୋରିଆନୋ।

**ଇଣ୍ଡିଆନ ସୁପର ଲିଗ୍**

କ୍ରୀଡା କ୍ଷେତ୍ରରେ ଏକ ଐତିହାସିକ ଘଟଣାକ୍ରମରେ ଇଂଲିଶ ପ୍ରିମିୟର ଲିଗ ଚାମ୍ପିୟନ ମାଞ୍ଚେଷ୍ଟର ସିଟି ଦଳର ମୂଳ କମ୍ପାନୀ ସିଟି ଫୁଟବଲ ଗ୍ରୁପ୍ ଗୁରୁବାର ଇଣ୍ଡିଆନ ସୁପର ଲିଗ (ଆଇଏସଏଲ)ର ଫ୍ରାଞ୍ଚାଇଜ. ମୁମ୍ବାଇ ସିଟି ଏଫସିର ୬୫ ପ୍ରତିଶତ ଅଂଶଧନ କ୍ରୟ କରିଛି। ଏଥିସହିତ ମୁମ୍ବାଇ ସିଟି ଏଫସି ସିଟି ଫୁଟବଲ ଗ୍ରୁପ୍ ନେଟୱର୍କର ଅଷ୍ଟମ କ୍ଲବ ବିବେଚିତ ହୋଇଛି। ସିଟି ଫୁଟବଲ ଗ୍ରୁପ୍ ଏବେ ମୁମ୍ବାଇ ସିଟି ଏଫସିର ୬୫ ପ୍ରତିଶତ ଅଂଶର ମାଲିକାନା ହାସଲ କରିଛି। ତେଣୁ ବର୍ତ୍ତମାନର ଶେୟାରହୋଲଡ଼ର ଅଭିନେତା ରଣବୀର କପୁର ଓ ବିମଲ ପାରେଖଙ୍କ ପାଖରେ ବଳକା ୩୫ ପ୍ରତିଶତ ଅଂଶଧନ ରହିଛି। ମୁମ୍ବାଇଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଫୁଟବଲ ସ୍ପୋର୍ଟ୍ସ ଡେଭେଲପମେଣ୍ଟ ଲିମିଟେଡ଼ (ଏଫ୍‌ଏସଡିଏଲ୍) ଏବଂ ରିଲାଏନ୍ସ ଫାଉଣ୍ଡେଶନର ଅଧ୍ୟକ୍ଷା ନୀତା ଅମ୍ବାନୀ ଏବଂ ସିଟି ଫୁଟବଲ ଗ୍ରୁପ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଫେରାନ ସୋରିଆନୋ ଏହା ପ୍ରକାଶ କରିଛନ୍ତି।

"ଆମେ ବିଶ୍ୱର ଫୁଟବଲ ଶକ୍ତିକେନ୍ଦ୍ରକୁ ଭାରତକୁ, ଇଣ୍ଡିଆନ ସୁପର ଲିଗକୁ ଏବଂ ଭାରତୀୟ ଫୁଟବଲକୁ ସ୍ୱାଗତ ଜଣାଉଛୁ। ଏହା ଏକ ଐତିହାସିକ କ୍ଷଣ, କାରଣ ପ୍ରଥମ ଥର ପାଇଁ ଏକ ୟୁରୋପିଆନ କ୍ଲବ କୌଣସି ଭାରତୀୟ କ୍ଲବରେ ବହୁସଂଖ୍ୟକ ଅଂଶଧନ କ୍ରୟ କରିଛି। ଏହା ଭାରତୀୟ ଫୁଟବଲ ହାସଲ କରିଥିବା ଉତ୍କର୍ଷ ଓ ଭାରତୀୟ ଫୁଟବଲକୁ ନେଇ ଆମର ପ୍ରତିବଦ୍ଧତା ତଥା ଦୂରଦୃଷ୍ଟିକୁ ପ୍ରମାଣିତ କରିବା ସହ ଭାରତରେ ଫୁଟବଲର ବଢୁଥିବା ଲୋକପ୍ରିୟତା ଓ ଜନସମର୍ଥନର ପରିଚାୟକ’’ ବୋଲି ନୀତା ପ୍ରକାଶ କରିଛନ୍ତି। ଭାରତରେ ସିଟି ଫୁଟବଲ ଗ୍ରୁପ୍‌କୁ ସ୍ୱାଗତ ଜଣାଇବା ସହିତ ଏହି ଐତିହାସିକ ସହବନ୍ଧନ ଦ୍ୱାରା ମୁମ୍ବାଇ ସିଟି ଏଫସି ଦଳ ଓ ଭାରତୀୟ ଫୁଟବଲ ବେଶ ଲାଭାନ୍ୱିତ ହେବ ବୋଲି ନୀତା କହିଛନ୍ତି। ‘‘ଏହି ଅଧିଗ୍ରହଣ ଓ ପୁଞ୍ଜିନିବେଶ ମୁମ୍ବାଇ ସିଟି ଏଫସି, ସିଟି ଫୁଟବଲ ଗ୍ରୁପ୍ ଓ ଭାରତୀୟ ଫୁଟବଲ ଜଗତରେ ଏକ ବଡ଼ ପରିବର୍ତ୍ତନ ଆଣିବ ବୋଲି ଆମର ବିଶ୍ୱାସ ରହିଛି। ଭାରତରେ ଫୁଟବଲର ଭବିଷ୍ୟତ ଓ ମୁମ୍ବାଇ ସିଟି ଏଫସି ପାଇଁ ସିଟି ଫୁଟବଲ ଗ୍ରୁପ୍ ପ୍ରତିବଦ୍ଧ। ଆମେ ମୁମ୍ବାଇ ସିଟି ଏଫସିର ପ୍ରଶଂସକ ଓ ସ୍ଥାନୀୟ ସମୁଦାୟରେ ସକ୍ରିୟ ଭୂମିକା ଗ୍ରହଣ କରିବା ପାଇଁ ବେଶ ଉତ୍ସୁକ ଏବଂ ଆମର ସହ–ମାଲିକ ମାନଙ୍କ ସହିତ ଏକାଠି କାର୍ଯ୍ୟ କରି କ୍ଲବର ତ୍ୱରିତ ବିକାଶ ଦିଗରେ ଆମେ ପ୍ରଚେଷ୍ଟା କରିବୁ’’ ବୋଲି ସିଟି ଫୁଟବଲ ଗ୍ରୁପ୍‌ର ଅଧ୍ୟକ୍ଷ ଖଲଦୋନ ଅଲ ମୁବାରକ କହିଛନ୍ତି। ସିଟି ଫୁଟବଲ ଗ୍ରୁପ୍ ପକ୍ଷରୁ ସିଟି ଫୁଟବଲ ଗ୍ରୁପ୍ ଇଣ୍ଡିଆର ମୁଖ୍ୟ ଭାବେ ବରିଷ୍ଠ ଉପସଭାପତି ଡେମିୟନ ବିଲୋବୀଙ୍କ ନାମ ଘୋଷଣା କରାଯାଇଛି।

ଉଲ୍ଲେଖଯୋଗ୍ୟ ଯେ ସିଟି ଫୁଟବଲ ଗ୍ରୁପ୍ ବିଶ୍ୱର ଅଗ୍ରଣୀ ଫୁଟବଲ କ୍ଲବସମୂହର ସଞ୍ଚାଳକ ଏବଂ ଏହାର ମାଲିକାନାରେ ରହିଥିବା କ୍ଲବଗୁଡିକ ମଧ୍ୟରେ ରହିଛି ଇଂଲିଶ ପ୍ରିମିୟର ଲିଗ ଚାମ୍ପିୟନ ମଞ୍ଚେଷ୍ଟର ସିଟି ଏଫସି ସମେତ ଆମେରିକାର ନ୍ୟୁୟର୍କ ସିଟି, ଅଷ୍ଟ୍ରେଲିଆର ମେଲବର୍ନ ସିଟି ଏଫସି, ଜାପାନର ୟୋକହାମା ଏଫ ମଇରିନୋ, ଉରୁଗୁଏର କ୍ଲବ ଏଟଲେଟିକୋ ଟର୍କ, ସ୍ପେନର ଗିରୋନା ଏଫସି ଏବଂ ଚାଇନାର ସିଚୁଆନ ଜିଉନିଉ ଏଫସି। ମୁମ୍ବାଇ ସିଟି ଏଫସି ଅନ୍ଧେରି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଥିବା ମୁମ୍ବାଇ ଫୁଟବଲ ଆରେନାରେ ୮୦୦୦ ଦର୍ଶକଙ୍କ ସମ୍ମୁଖରେ ନିଜ ଘରୋଇ ମ୍ୟାଚ ଖେଳୁଛି। ଏଣିକି ମାଞ୍ଚେଷ୍ଟର ସିଟିର ସ୍ପାନିଶ ମ୍ୟାନେଜର ପେପ୍ ଗ୍ୱାର୍ଡିଓଲା ମୁମ୍ବାଇ ସିଟି ଏଫସି କୋଚ୍‌ଙ୍କ ସହ ସମ୍ପର୍କରେ ରହିବେ ବୋଲି ସୋରିଆନୋ ପ୍ରକାଶ କରିଛନ୍ତି।

## ନଳିନୀକାନ୍ତ ସ୍ମାରକୀ ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆରମ୍ଭ

ଭୁବନେଶ୍ୱର, ୨୮।୧୧(କ୍ରୀଡ଼ା ପ୍ରତିନିଧି)

ଆମେଚର ବ୍ୟାଡ୍‌ମିଣ୍ଟନ କ୍ଲବ ଆନୁକୂଲ୍ୟରେ ୬ଷ୍ଠ ନଳିନୀକାନ୍ତ ମହାନ୍ତି ସ୍ମାରକୀ ରାଜ୍ୟ ଓପନ ର୍‌ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଗୁରୁବାର ଇଷ୍ଟକୋଷ୍ଟ ରେଲଓ୍ୱେ ଇନ୍‌ଡୋର ଷ୍ଟାଡିୟମରେ ଆରମ୍ଭ ହୋଇଛି। ୫୦ ମହିଳାଙ୍କ ସମେତ ପ୍ରତିଯୋଗିତାରେ ମୋଟ ୩୮୧ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ସର୍ବାଧିକ ୮୯ ପ୍ରତିଯୋଗୀ ଭାଗ ନେଇଛନ୍ତି। ପୁରୁଷ ସିଙ୍ଗଲ୍ସ, ଡବଲ୍ସ, ୧୫, ୧୭ ଓ ୧୯ ବର୍ଷରୁ କମ୍ ବାଳକ ବିଭାଗ ମ୍ୟାଚ ଆରମ୍ଭ ହୋଇ ଯାଇଛି। ୪ ଦିନିଆ ଏହି ପ୍ରତିଯୋଗିତାରେ ୧୩ଟି ବିଭିନ୍ନ କାଟେଗୋରିରେ ମୁକାବିଲା ହେବ। ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସ୍ୱିକୃତିପ୍ରାପ୍ତ ଏହି ର୍‌ୟାଙ୍କିଙ୍ଗ୍ ଟୁର୍ଣ୍ଣାମେଣ୍ଟ ପାଇଁ ୩.୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖା ଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅର୍ଜୁନ ପୁରସ୍କାରପ୍ରାପ୍ତ ପ୍ରମୋଦ ଭଗତଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ପ୍ରକାଶ କରାଯାଇଛି। ଅନୁଗୋଳ–ସୁକିନ୍ଦା ରେଲଓ୍ୱେ ଏମ୍‌ଡି ଦିଲୀପ ସାମନ୍ତରାୟ ଓ ଫାଲକନ ମାରାଇନର ପ୍ରତିଷ୍ଠାତା ଅଧ୍ୟକ୍ଷ ତାରାରଞ୍ଜନ ପଟ୍ଟନାୟକ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସୋସିଏଶନ ସଭାପତି ପୃଥ୍ୱୀବଲ୍ଲଭ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ବିବେକାନନ୍ଦ ମିଶ୍ର, ଉପସଭାପତି କମଳଲୋଚନ ମହାନ୍ତି, ସାଧାରଣ ସମ୍ପାଦକ ଚଣ୍ଡି ପ୍ରସାଦ ଦାସ, ବିକ୍ରମ କେଶରୀ ମହାନ୍ତି ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ମେଘାଳୟ ବିପକ୍ଷ ମ୍ୟାଚ୍ ଡ୍ର ରଖିଲା ଓଡ଼ିଶା

କଟକ ଅଫିସ,୨୮।୧୧

ପଶ୍ଚିମବଙ୍ଗର କଲ୍ୟାଣୀ ଷ୍ଟାଡିୟମରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ବାଳକ ଫୁଟବଲ (ଫାଇନାଲ ରାଉଣ୍ଡ)ରେ ଗୁରୁବାର ମେଘାଳୟ ବିପକ୍ଷ ମ୍ୟାଚକୁ ଓଡ଼ିଶା ୧–୧ ଗୋଲରେ ଡ୍ର ରଖିଛି। ଓଡ଼ିଶା ପକ୍ଷରୁ ବି.ଶିବ ୩୬ତମ ମିନିଟରେ ପ୍ରଥମ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧର ୬୭ତମ ମିନିଟରେ ମେଘାଳୟ ପକ୍ଷରୁ ଏକ ଗୋଲ ହେବା ସହ ମ୍ୟାଚ୍ ସମାନ ସ୍ଥିତିରେ ପହଞ୍ଚିଥିଲା। ପରେ କୌଣସି ଗୋଲ ନ ହେବା ଯୋଗୁଁ ମ୍ୟାଚ୍ ଡ୍ର ରହିଛି।



ନିର୍ମଳ କୁମାର ମିଶ୍ର



# ବାରବାଟୀ ଉତ୍ସାହ

ପିଙ୍କ୍ ବଲ୍ ଟେଷ୍ଟ ମ୍ୟାଚ ଉତ୍କଣ୍ଠାର ସଫଳ ପରିସମାପ୍ତି ଘଟିଛି। ଏବେ କାରିବିୟାନ ଦଳ ତା'ର ଭାରତ ଗସ୍ତ ଆରମ୍ଭ କରିବାକୁ ଯାଉଛି। ଏହି ଗସ୍ତରେ ୱେଷ୍ଟଇଣ୍ଡିଜ୍ ଘରୋଇ ଭାରତ ସହିତ ୨ଟି ଭିନ୍ନ ଫର୍ମାଟରେ ମୁକାବିଲାରେ ଅବତୀର୍ଣ୍ଣ ହେବ। ଏହି ସିରିଜରେ ୩ଟି ଟି୨୦ ମ୍ୟାଚ ସହିତ ୩ଟି ଏକଦିବସୀୟ ମ୍ୟାଚ ଖେଳାଯିବାର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। ଏଥର କିନ୍ତୁ ଏହି ଦୁଇଟି ଫର୍ମାଟରେ ବଲର ରଙ୍ଗ ବଦଳିଯିବ। ହ୍ୱାଇଟ୍ ବଲରେ ମୁକାବିଲା ହେବା ସହିତ ମ୍ୟାଚଗୁଡିକ ବେଶ୍ ଉପଯୋଗ୍ୟ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଡିସେମ୍ବର ୬ ତାରିଖରୁ ଆରମ୍ଭ ହୋଇ ୨୨ରେ ଏହି ସିରିଜ ସମାପ୍ତ ହେବାକୁ ଥିବାବେଳେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଦୁଇଦେଶ ମଧ୍ୟରେ ଶେଷ ଏକଦିବସୀୟ ମ୍ୟାଚ କଟକର ବାରବାଟୀ ଷ୍ଟାଡିୟମ୍‌ରେ ଖେଳାଯିବ। ପ୍ରଥମ ଟି୨୦ ମ୍ୟାଚ ଡିସେମ୍ବର ୬ ତାରିଖରେ ହାଇଦ୍ରାବାଦଠାରେ ଖେଳାଯିବାକୁ ଥିବା ବେଳେ ଦ୍ୱିତୀୟ ଟି୨୦ ମ୍ୟାଚ ଡିସେମ୍ବର ୮ ତାରିଖରେ ଥିରୁଭାନନ୍ତପୁରମଠାରେ ଏବଂ ଶେଷ ଟି୨୦ ମ୍ୟାଚ ଡିସେମ୍ବର ୧୧ତାରିଖରେ ମୁମ୍ବାଇଠାରେ ଖେଳାଯିବ। ସେହିପରି ପ୍ରଥମ ଏକଦିବସୀୟ ମ୍ୟାଚ ଡିସେମ୍ବର ୧୫ ତାରିଖରେ ଚେନ୍ନାଇଠାରେ ଦ୍ୱିତୀୟ ଏକଦିବସୀୟ ମ୍ୟାଚ ୧୮ତାରିଖରେ ବିଶାଖାପାଟଣାଠାରେ ଏବଂ ଶେଷ ଏକଦିବସୀୟ ମ୍ୟାଚ କଟକଠାରେ ଡିସେମ୍ବର ୨୨ତାରିଖରେ ଖେଳାଯିବ। ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟି୨୦ ର୍ୟାଙ୍କିଙ୍ଗ୍‌ରେ ଟିମ୍ ଇଣ୍ଡିଆ ୫ମ ସ୍ଥାନରେ ରହିଥିବାବେଳେ ୱେଷ୍ଟଇଣ୍ଡିଜ ୧୦ମ ସ୍ଥାନରେ ରହିଛି। ସେହିପରି ଦିନିକିଆରେ ଟିମ୍ ଇଣ୍ଡିଆ ଦ୍ୱିତୀୟ ସ୍ଥାନରେ ଓ ୱେଷ୍ଟଇଣ୍ଡିଜ ୯ମ ସ୍ଥାନରେ ରହିଛି। ଉଭୟ ଦେଶ ମଧ୍ୟରେ ଏପର୍ଯ୍ୟନ୍ତ ଖେଳାଯାଇଥିବା ୧୪ଟି ଟି୨୦ ମ୍ୟାଚ ମଧ୍ୟରୁ ଟିମ୍ ଇଣ୍ଡିଆ ୮ଟି ମ୍ୟାଚରେ ବିଜୟୀ ହୋଇଥିବାବେଳେ ୱେଷ୍ଟଇଣ୍ଡିଜ ୫ଟି ମ୍ୟାଚରେ ବିଜୟୀ ହୋଇଛି। ଗୋଟିଏ ମ୍ୟାଚରୁ କୌଣସି ଫଳାଫଳ ମିଳିନାହିଁ। ୨୦୦୯ରୁ ୨୦୧୯ ମଧ୍ୟରେ ଏହି ମ୍ୟାଚଗୁଡିକ ଖେଳାଯାଇଛି। ଭାରତ ପକ୍ଷରୁ ହିଟ୍ ମ୍ୟାନ ରୋହିତ ଶର୍ମା ୧୨ଟି ମ୍ୟାଚ ଖେଳି ୪୨୫ରନ୍ ସ୍କୋର କରିବା ସହିତ ସର୍ବାଧିକ ରନ୍ ୧୧୧ ନଟ୍ ଆଉଟ୍ ରହିଛନ୍ତି। ସେହିପରି ବିରାଟ କୋହଲି (୯ଟି ମ୍ୟାଚ, ୩୧୮ରନ୍), ଶିଖର ଧାୱନ୍ ୯ଟି ମ୍ୟାଚ ୧୯୩ ରନ୍ ଏବଂ ଲୋକେଶ ରାହୁଲ ୬ଟି ମ୍ୟାଚରୁ ୧୮୯ରନ୍ କରିଛନ୍ତି। ସେହିପରି ୱେଷ୍ଟଇଣ୍ଡିଜ ତରଫରୁ ଏଭିନ୍ ଲୁଇସ୍ ୬ଟି ମ୍ୟାଚରୁ ୨୪୨ ରନ୍ ଏବଂ କିରନ ପୋଲାର୍ଡ ୧୧ଟି ମ୍ୟାଚରୁ ୧୮୭ରନ୍ ସଂଗ୍ରହ କରିଛନ୍ତି।

ଉଭୟ ଦେଶ ମଧ୍ୟରେ ୧୨୮ଟି ଦିନିକିଆ ମ୍ୟାଚ ଖେଳାଯାଇଛି। ଭାରତ ୬୧ଟି ମ୍ୟାଚ ଜିତିଥିବା ବେଳେ ୱେଷ୍ଟଇଣ୍ଡିଜ ୬୨ ଟି ମ୍ୟାଚ ଜିତିଛି। ୨ଟି ମ୍ୟାଚ ଟାଇରେ ସମାପ୍ତ ହୋଇଥିବା ବେଳେ ୩ଟି ମ୍ୟାଚ ବିନା ହାରଜିତ୍‌ରେ ସମାପ୍ତ ହୋଇଛି। ବିରାଟ କୋହଲି ସର୍ବାଧିକ ୩୬ଟି ମ୍ୟାଚରୁ ୨୧୪୬ରନ୍ ମଧ୍ୟରେ ୯ଟି ଶତକ ଓ ୧୦ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ତାଙ୍କର ସର୍ବାଧିକ ସ୍କୋର ୧୫୭ ନଟ ଆଉଟ୍ ରହିଛି। ସେହିପରି ରୋହିତ ଶର୍ମା ୩୦ଟି ମ୍ୟାଚରୁ ୨ଟି ଶତକ ଏବଂ ୧୦ଟି ଅର୍ଦ୍ଧଶତକ ସହ ୧୨୬୫ ରନ୍ ସଂଗ୍ରହ କରିଥିବାବେଳେ ବୋଲିଂରେ ରବୀନ୍ଦ୍ର ଜାଡେଜା ୨୬ଟି ମ୍ୟାଚରୁ ୩୮ଟି ଉଇକେଟ୍ ଏବଂ ମହମ୍ମଦ ସାମି ୧୫ଟି ମ୍ୟାଚରୁ ୩୨ଟି ଉଇକେଟ ଏବଂ ଭୁବନେଶ୍ୱର କୁମାର ୧୮ଟି ମ୍ୟାଚରୁ ୧୯ଟି ଉଇକେଟ୍ ନେଇଛନ୍ତି।

ଭାରତର ଅନ୍ୟତମ ପୁରାତନ ଷ୍ଟାଡିୟମ ବାରବାଟୀରେ ଏପର୍ଯ୍ୟନ୍ତ ୨ଟି ଟେଷ୍ଟ ମ୍ୟାଚ, ୧୮ଟି ଏକଦିବସୀୟ ମ୍ୟାଚ ଏବଂ ଗୋଟିଏ ଟି୨୦ ମ୍ୟାଚ ସଫଳତାର ସହିତ ଆୟୋଜନ କରାଯାଇଛି। ବାରବାଟୀରେ ପ୍ରଥମ ଏକଦିବସୀୟ ମ୍ୟାଚ ୧୯୮୨ ମସିହା ଜାନୁୟାରୀ ୨୭ତାରିଖରେ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ବେଳେ ଶେଷ ଏକଦିବସୀୟ ମ୍ୟାଚ ମଧ୍ୟ ଇଂଲଣ୍ଡ ସହିତ ୨୦୧୭ ମସିହା ଜାନୁୟାରୀ ୧୯ତାରିଖରେ ଖେଳିଥିଲା। ପ୍ରଥମରୁ ସ୍ଲୋ ଏବଂ ଲୋ ଉଇକେଟ ପାଇଁ ଅନେକ ସମାଲୋଚିତ ହୋଇଥିବା ଏହି ଗ୍ରାଉଣ୍ଡ ଗତ କିଛି ବର୍ଷ ହେବ ହାଇ ସ୍କୋରିଂ ମ୍ୟାଚ ଏବଂ ଶ୍ରେଷ୍ଠ ଆଉଟ୍ ଫିଲଡ୍ ପାଇଁ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଟିମ୍ ଇଣ୍ଡିଆର ସର୍ବାଧିକ ସ୍କୋର ୩୮୧/୬ ଇଂଲଣ୍ଡ ବିପକ୍ଷରେ ରହିଥିବା ବେଳେ ଅଷ୍ଟ୍ରେଲିଆ ବିପକ୍ଷରେ ୧୧୩ ରନ୍ ସର୍ବନିମ୍ନ ସ୍କୋର। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ୧୮ଟି ଏକଦିବସୀୟ ମ୍ୟାଚ ମଧ୍ୟରୁ ପ୍ରଥମେ ବ୍ୟାଟିଂ କରିଥିବା ଦଳ ୭ଥର ମ୍ୟାଚ ଜିତିଥିବା ବେଳେ ଦ୍ୱିତୀୟଥର ବ୍ୟାଟିଂ କରିଥିବା ଦଳ ୧୧ଥର ବିଜୟୀ ହୋଇଛନ୍ତି। ସାଇକ୍ଲୋନ୍ ଫନୀ ଏହି ଷ୍ଟାଡିୟମର ବ୍ୟାପକ କ୍ଷୟକ୍ଷତି କରାଇଥିବା ବେଳେ ଏହାର ପୁନରୁଦ୍ଧାର ପାଇଁ ଗ୍ୟାଲେରି, ଫ୍ଲଡଲାଇଟ ଏବଂ ଗ୍ରାଉଣ୍ଡ ପ୍ରସ୍ତୁତ ପାଇଁ ଆୟୋଜନ ଆରମ୍ଭ ହୋଇଛି। ଏଥି ମଧ୍ୟରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ନବକଳେବର ହେବା ସହିତ ଏକ ନୂତନ ଅଭିଜ୍ଞ କାର୍ଯ୍ୟକାରୀ କମିଟି ସଞ୍ଜୟ ବେହେରାଙ୍କ ନେତୃତ୍ୱରେ ମ୍ୟାଚର ସଫଳତା ପାଇଁ ବ୍ୟାପକ ପ୍ରସ୍ତୁତ ଆରମ୍ଭ କରିଛନ୍ତି। ୪୫୦୦୦ କ୍ଷମତା ବିଶିଷ୍ଟ ଏହି ସୁନ୍ଦର ଷ୍ଟାଡିୟମ୍‌ର ପୁନରୁଦ୍ଧାର ଏବଂ ବିଭିନ୍ନ କମିଟିର ବାରମ୍ବାର ଗ୍ରାଉଣ୍ଡ ପରିଦର୍ଶନ ଓସିଏର ମନୋବଳକୁ ବେଶ୍ ବୃଦ୍ଧି କରିଛି। ଲୋଧା କମିଟିର କଟକଣା ଯୋଗୁଁ ଆର୍ଥିକ ଅନୁଦାନରୁ ବଞ୍ଚିତ ହୋଇଥିବା ଓସିଏ ବ୍ୟାପକ ଅସୁବିଧାର ସମ୍ମୁଖୀନ ହୋଇଥିଲେ ମଧ୍ୟ ଏହି ମ୍ୟାଚର ସଫଳ ଆୟୋଜନକୁ ଏକ ଚ୍ୟାଲେଞ୍ଜ୍ ରୂପେ ନେଇଛି। ଟିକେଟ ବିକ୍ରିରେ ସ୍ୱଚ୍ଛତା, ଦର୍ଶକମାନଙ୍କ ସୁରକ୍ଷା ଖେଳାଳିମାନଙ୍କୁ ସୁରକ୍ଷା ପ୍ରଦାନ, ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ସତର୍କତା ଅବଲମ୍ବନ କରାଯିବା ସହିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। କ୍ରିକେଟ୍ ପ୍ରେମୀମାନଙ୍କ ପ୍ରବଳ ଉତ୍ସାହ ଏବଂ ଉତ୍କଣ୍ଠା ମ୍ୟାଚକୁ ଅଧିକ ରୋମାଞ୍ଚକ କରିବ। ବାରବାଟୀରେ ମୋଟ ଖେଳାଯାଇଥିବା ୨୦ଟି ଏକଦିବସୀୟ ମ୍ୟାଚ ମଧ୍ୟରୁ ୧୯୯୬ ଭାରତ ଏବଂ ଅଷ୍ଟ୍ରେଲିଆ ମ୍ୟାଚ ଏବଂ ୨୦୧୩ରେ ଭାରତ ଏବଂ ଅଷ୍ଟ୍ରେଲିଆ ମ୍ୟାଚ ଖରାପ ପାଗ ଏବଂ ବର୍ଷା ସାଙ୍ଗକୁ ଖରାପ ଆଉଟ୍ ଫିଲ୍ଡ ଯୋଗୁ ବାତିଲ ହୋଇଥିବା ବେଳେ ଖେଳାଯାଇଥିବା ମୋଟ ୧୮ଟି ମ୍ୟାଚ ମଧ୍ୟରୁ ଟିମ୍ ଇଣ୍ଡିଆ ୧୨ଟି ଦିନିକିଆରେ ବିଜୟୀ ହୋଇଛି। ସର୍ବାଧିକ ୫ଥର ଇଂଲଣ୍ଡ ବାରବାଟୀରେ ମ୍ୟାଚ ଖେଳିଛି। ଭାରତ ଇଂଲଣ୍ଡଠାରୁ ୨ଥର, ଶ୍ରୀଲଙ୍କା ଠାରୁ ଥରେ ଏବଂ ନ୍ୟୁଜିଲାଣ୍ଡଠାରୁ ଥରେ ମ୍ୟାଚ ହାରିଛି। ରେକର୍ଡ ଦୃଷ୍ଟିରୁ ବାରବାଟୀ ଟିମ୍ ଇଣ୍ଡିଆ ପାଇଁ ସର୍ବଦା ଭାଗ୍ୟଶାଳୀ ସାବ୍ୟସ୍ତ ହୋଇଛି।

(ଫଟୋ: ରାଜକିଶୋର ମହାନ୍ତି)

> ଆସନ୍ତା ୨୨ ତାରିଖରେ ବାରବାଟୀ ଷ୍ଟାଡିୟମରେ ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ତୃତୀୟ ଦିନିକିଆ ମ୍ୟାଚ୍ ଆୟୋଜନ ହେବ। ଦୀର୍ଘ ଦିନପରେ ଏହି ଗ୍ରାଉଣ୍ଡରେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯାଉଥିବାରୁ କ୍ରିକେଟ ପ୍ରଶଂସକଙ୍କ ମଧ୍ୟ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ଏହି ମ୍ୟାଚ୍‌ର ସଫଳ ଆୟୋଜନ ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ତରଫରୁ ସବୁ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଉଛି...

## ଚାନ୍ସ



ଦି' ହଜାର ତେଇଶିରେ ଓଡ଼ିଶାରେ
ପୁଣି ୱାର୍ଲ୍ଡ କପ୍ ହକି
ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼,
ପାନପୋଷ ୱାର୍ଲ୍ଡ ଦେଖି
ଇତିହାସ ଦେବ ଲେଖି
ଏମାଟି ପେୟାର ବିନିତା, ନମିତା
ଇଗ୍ନେସ୍, ଦିଲୀପ ତିର୍କୀ।୧।

ଭାରତୀୟ ଦୃଷ୍ଟିହୀନ କ୍ରିକେଟରେ
କାଳିଆ ଓ ଲିଙ୍ଗରାଜ
ଚଉଦ ଜଣିଆ ଟିମ୍ ଇଣ୍ଡିଆରେ
ଦୁଇ ହିରୋ କଥା ହେଜ
ହାର୍ଡ ଲେବର ଆଉ ଧୈର୍ଯ୍ୟ
ଚାନ୍ସ ଦେଇଅଛି ଯୁବଗୋଷ୍ଠୀ ୱିକ୍
ଚାନ୍ସ ହରାଇବ ବାଜି।୨।

ୱେଷ୍ଟଇଣ୍ଡିଜ, ଇଣ୍ଡିଆ ଲଢ଼େଇ
ପାଇଁ ରେଡ଼ି ବାରବାଟୀ
ମ୍ୟାଚ୍ ବାବଦରେ ଇନସ୍ୟୁରାନ୍ସ ହେବ
ପ୍ରାୟ ଏକୋଇଶ କୋଟି
ବାଣ, କାଚ, ପାଣି କଟି
ଦେଖିବାଠୁ ଥରେ ବାହାରକୁ ଗଲେ
ଚାନ୍ସ ହରାଇବ ବେଟି।୩।

ସୁବାସ ଚନ୍ଦ୍ର ପ୍ରଧାନ


ଅଭିନନ୍ଦନ
ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଦିଗପହଣ୍ଡି ବ୍ଲକ ତଥା ବଡ଼ଡୁମୁଳା ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଉତ୍ତରୋତ୍ତର ଉନ୍ନତି କାମନା କରୁଛି।
ଶ୍ରୀଯୁକ୍ତ ରମେଶଚନ୍ଦ୍ର ପାଢ଼ୀ
ପୂର୍ବତନ ସମିତି ସଭ୍ୟ
ବଡ଼ ଡୁମୁଳା ପଞ୍ଚାୟତ


ନିର୍ଭୀକ, ସତ୍ୟନିଷ୍ଠା ଓ ନିରପେକ୍ଷ ଖବର ପରିବେଷଣ ପାଇଁ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଦିଗପହଣ୍ଡି ଓ ସାନଖେମୁଣ୍ଡି ବ୍ଲକ୍ ସମେତ ଗଞ୍ଜାମ ଜିଲ୍ଲାର ସମସ୍ତ ଜନସାଧାରଣଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରୁଛି।
ଶ୍ରୀଯୁକ୍ତ ଦନାର୍ଦ୍ଦନ ପଲାଇ
ସାମାଜିକ କର୍ମୀ, ଦିଗପହଣ୍ଡି ଅଞ୍ଚଳ କଲୋନୀ

ଦିଗପହଣ୍ଡି ବ୍ଲକ ଆଙ୍କୋରଡା ଗ୍ରାମପଞ୍ଚାୟତ ପକ୍ଷରୁ ଶୁଭେଚ୍ଛା ଜଣାଉଛି। ସମସ୍ତଙ୍କ ସମ୍ପୂର୍ଣ୍ଣ ସହଯୋଗରେ ଆଙ୍କୋରଡା ପଞ୍ଚାୟତକୁ ଏକ ଆଦର୍ଶ ପଞ୍ଚାୟତରେ ପରିଣତ କରିବା ପାଇଁ ମୁଁ ସଙ୍କଳ୍ପବଦ୍ଧ।

ଶ୍ରୀଯୁକ୍ତ ଉଷାନ୍ତ କୁମାର ସାହୁ
ସରପଞ୍ଚ, ଆଙ୍କୋରଡ଼ା ଗ୍ରାମପଞ୍ଚାୟତ, ଦିଗପହଣ୍ଡି ବ୍ଲକ (ଗଞ୍ଜାମ)


ଧରିତ୍ରୀର ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଦିଗପହଣ୍ଡି ବ୍ଲକ୍ ତଥା ଗଡ଼ଗୋବିନ୍ଦପୁର ପଞ୍ଚାୟତ ଜନସାଧାରଣଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି। ବ୍ଲକ୍‌ର ସମସ୍ତ ନିର୍ବାଚିତ ଜନପ୍ରତିନିଧି ଓ କର୍ମଚାରୀବୃନ୍ଦଙ୍କୁ ଅଭିନନ୍ଦନ ଜଣାଉଛି।
ଶ୍ରୀଯୁକ୍ତ କେ. ହରିବନ୍ଧୁ ରେଡ୍ଡୀ
ସରପଞ୍ଚ ପ୍ରତିନିଧି, ଗଡ଼ଗୋବିନ୍ଦପୁର ପଞ୍ଚାୟତ, ବିଜେଡି ଗଞ୍ଜାମ ଜିଲ୍ଲା ସମ୍ପାଦକ, ସଭାପତି, ଦିଗପହଣ୍ଡି ବ୍ଲକ ସରପଞ୍ଚ ସଂଘ


ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଉତ୍ସବ ଅବସରରେ ଦିଗପହଣ୍ଡି ଅଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି।
ଶ୍ରୀଯୁକ୍ତ ଟି. ହରିଶ୍ଚନ୍ଦ୍ର
ସେବାଦଳ ଶିକ୍ଷକ, ସନ୍ଥନିରଙ୍କାରୀ ମଣ୍ଡଳ, ଦିଗପହଣ୍ଡି (ଗଞ୍ଜାମ)


ଅଭିନନ୍ଦନ
ଦିଗପହଣ୍ଡି ବ୍ଲକ୍ ନିମଖଣ୍ଡିପେଣ୍ଠ ଗ୍ରାମପଞ୍ଚାୟତରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପରିମଳ ଓ ପାନୀୟ ଜଳ ବ୍ୟବସ୍ଥାକୁ ସୁଧାରିବା ପାଇଁ ଉଦ୍ୟମ ଅବ୍ୟାହତ ରହିଛି। ସମସ୍ତଙ୍କ ସମ୍ପୂର୍ଣ୍ଣ ସହଯୋଗରେ ନିମଖଣ୍ଡିପେଣ୍ଠ ପଞ୍ଚାୟତକୁ ଏକ ଆଦର୍ଶ ପଞ୍ଚାୟତରେ ପରିଣତ କରିବା ପାଇଁ ମୁଁ ସଂକଳ୍ପବଦ୍ଧ।
ଶ୍ରୀଯୁକ୍ତ ବିଭୂତି ଭୂଷଣ ମହାପାତ୍ର
ସରପଞ୍ଚ, ନିମଖଣ୍ଡିପେଣ୍ଠ ଗ୍ରାମପଞ୍ଚାୟତ

ଶୁଭେଚ୍ଛା

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ତଥା ବି.ଡୁରୁବୁଡ଼ି ପଞ୍ଚାୟତର ସମସ୍ତ ଜନସାଧାରଣଙ୍କର ସୁଖ ସମୃଦ୍ଧି କାମନା କରୁଛି। ମା' ବାଙ୍କେଶ୍ୱରୀଙ୍କ ଅପାର କରୁଣା ବି.ଡୁରୁବୁଡ଼ି ପଞ୍ଚାୟତ ସମେତ ଦିଗପହଣ୍ଡି ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ଉପରେ ଅଜାଡ଼ି ହୋଇପଡୁ, ମୋର ଏତିକି ହିଁ କାମନା।
ଶ୍ରୀଯୁକ୍ତ କେ.ସଞ୍ଜିବ କୁମାର ରେଡ୍ଡୀ
ପୂର୍ବତନ ସରପଞ୍ଚ, ସଭାପତି, ବିଜେଡି, ବି.ଡୁରୁବୁଡ଼ି ଗ୍ରା.ପ., ଦିଗପହଣ୍ଡି ବ୍ଲକ (ଗଞ୍ଜାମ)

ଧରିତ୍ରୀର ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଦିଗପହଣ୍ଡି ବ୍ଲକ ତଥା ଗୌଡ଼ ଗାଁ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ଅଭିନନ୍ଦନ ଓ ନମସ୍କାର । ଆସନ୍ତୁ ସମସ୍ତେ ମିଳିମିଶି ପଞ୍ଚାୟତର ସାମଗ୍ରିକ ବିକାଶ କରିବା ।

ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ସାହୁ
ସରପଞ୍ଚ, ଗୌଡ଼ ଗାଁ ଗ୍ରାମପଞ୍ଚାୟତ, ଦିଗପହଣ୍ଡି ବ୍ଲକ


ଧରିତ୍ରୀ ଏକନିର୍ଭୀକ ଖବରକାଗଜ। ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଦିଗପହଣ୍ଡି ବ୍ଲକ୍ ତଥା ଗଞ୍ଜାମ ଜିଲ୍ଲାର ସମସ୍ତ ଭାଇ, ଭଉଣୀ, ବିଜେଡି କର୍ମୀ, ସରପଞ୍ଚ, ସମିତିସଭ୍ୟ, ଜିଲ୍ଲାପରିଷଦ ସଦସ୍ୟ ଓ ବ୍ଲକ୍ କର୍ମଚାରୀବୃନ୍ଦଙ୍କୁ ଅଭିନନ୍ଦନ ଜଣାଉଛି।
ଶ୍ରୀଯୁକ୍ତ ବିପିନ ଚନ୍ଦ୍ର ପ୍ରଧାନ
ଅଧ୍ୟକ୍ଷ, ଦିଗପହଣ୍ଡି ପଞ୍ଚାୟତ ସମିତି


ରାଜ୍ୟ ସରକାରଙ୍କ ସହଯୋଗ ତଥା ଚାଷୀଭାଇମାନଙ୍କ ଅକ୍ଳାନ୍ତ ପରିଶ୍ରମରେ ଗଞ୍ଜାମ ଜିଲ୍ଲା ଶସ୍ୟଶ୍ୟାମଳାରେ ଭରପୂର ହେଉ। ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଦିଗପହଣ୍ଡି ଅଞ୍ଚଳର ସମସ୍ତ ଚାଷୀ, ପାଣି ପଞ୍ଚାୟତ କର୍ମକର୍ତ୍ତା ଓ ଜଳସମ୍ପଦ କର୍ମଚାରୀଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି।
ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ପାତ୍ର
ସମ୍ପାଦକ, ଘୋଡ଼ାହାଡ ପାଣି ପଞ୍ଚାୟତ ଶୀର୍ଷକମିଟି

ଅଭିନନ୍ଦନ
ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଓ ଏନ.ଏ.ସି ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି।

ଶ୍ରୀଯୁକ୍ତ ପ୍ରଫୁଲ୍ଲ ପଣ୍ଡା (ବାଳି)
ସଭାପତି ଦିଗପହଣ୍ଡି ବ୍ଲକ କଂଗ୍ରେସ କମିଟି, ପୂର୍ବତନ ଏନଏସି ଅଧ୍ୟକ୍ଷ, ଦିଗପହଣ୍ଡି (ଗଞ୍ଜାମ)


ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ଗଞ୍ଜାମ ଜିଲ୍ଲା ତଥା ଦିଗପହଣ୍ଡି ଅଞ୍ଚଳର ସମସ୍ତ ଜନସାଧାରଣ ତଥା ଗୋକର୍ଣ୍ଣପୁର ପଞ୍ଚାୟତର ଭାଇ, ଭଉଣୀମାନଙ୍କ ସୁଖ ସମୃଦ୍ଧି କାମନା କରୁଛି।
ଶ୍ରୀଯୁକ୍ତ ଅସିତ କୁମାର ସାହୁ
ସରପଞ୍ଚ ପ୍ରତିନିଧି, ଗୋକର୍ଣ୍ଣପୁର ଗ୍ରାମପଞ୍ଚାୟତ ସଭାପତି, ଗୋକର୍ଣ୍ଣପୁର ସେବା ସମବାୟ ସମିତି

ଶୁଭେଚ୍ଛା

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ଦିଗପହଣ୍ଡି ଥାନା ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ଶୁଭ କାମନା କରୁଛି। ଗାଡ଼ି ଦ୍ରୁତ ଗତିରେ ଚଳାନ୍ତୁ ନାହିଁ ଏବଂ ଟ୍ରାଫିକ୍ ନିୟମ ମାନି ଚଳନ୍ତୁ। ପୋଲିସ ସଦା ସର୍ବଦା ଆପଣଙ୍କ ସେବା ପାଇଁ ପ୍ରସ୍ତୁତ ହୋଇ ରହିଛି। ଜଗତର ନାଥ ଶ୍ରୀ ଜଗନ୍ନାଥ ସମସ୍ତଙ୍କ ଚଲାପଥ କୁସୁମିତ କରନ୍ତୁ।
ଶ୍ରୀଯୁକ୍ତ ବସନ୍ତ କୁମାର ସେଠୀ
ଆଇ.ଆଇ.ସି., ଦିଗପହଣ୍ଡି ଥାନା (ଗଞ୍ଜାମ)


ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ଦିଗପହଣ୍ଡି ବ୍ଲକ ତଥା ବାସୁଦେବପୁର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା।
ଶ୍ରୀଯୁକ୍ତ ଡ଼ି. ସନାତନ ଦୋରା
ସଭାପତି, ବାସୁଦେବପୁର ସେବା ସମବାୟ ସମିତି
ନିର୍ଦ୍ଦେଶକ, ଆସିକା ଚିନିକଳ ପରିଚାଳନା ସମିତି


ହାର୍ଦ୍ଦିକ ଶୁଭେଚ୍ଛା
ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ତଥା କୁଶପଡ଼ା ଗ୍ରାମପଞ୍ଚାୟତର ଜନସାଧାରଣଙ୍କ ସୁଖ ସମୃଦ୍ଧି କାମନା କରୁଛି। ଦିଗପହଣ୍ଡି ବ୍ଲକର ସମସ୍ତ ନିର୍ବାଚିତ ଜନପ୍ରତିନିଧି, କର୍ମଚାରୀବୃନ୍ଦଙ୍କୁ ନୂତନ ବର୍ଷର ଅଭିନନ୍ଦନ ଜଣାଉଛି।
ଶ୍ରୀମତୀ ଏମ୍.ଅନୁସୂୟା ରେଡ୍ଡୀ
ଉପାଧ୍ୟକ୍ଷା, ଦିଗପହଣ୍ଡି ପଞ୍ଚାୟତ ସମିତି (ଗଞ୍ଜାମ)


ଅଭିନନ୍ଦନ
ଧରିତ୍ରୀର ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଦିଗପହଣ୍ଡି ସହର ତଥା ଗଞ୍ଜାମ ଜିଲ୍ଲାର ସମସ୍ତ ଜନସାଧାରଣଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି।
ଶ୍ରୀମତି. ଭି. ପୁଷ୍ପାଞ୍ଜଳି ରାଜୁ
ପୂର୍ବତନ ଅଧ୍ୟକ୍ଷା, ଦିଗପହଣ୍ଡି ବିଜ୍ଞାପିତ ଅଞ୍ଚଳ ପରିଷଦ

## ସଂକ୍ଷେପରେ

### ଜାତୀୟ ବେଞ୍ଚପ୍ରେସ୍‌ରେ ସୂର୍ଯ୍ୟକାନ୍ତଙ୍କୁ ରୌପ୍ୟ



ଭୁବନେଶ୍ୱର, ୨୮।୧୧(କ୍ରୀଡ଼ା ପ୍ରତିନିଧି): ନୂଆଦିଲ୍ଲୀରେ ଅନୁଷ୍ଠିତ ଜାତୀୟ ବେଞ୍ଚପ୍ରେସ୍ ପ୍ରତିଯୋଗିତାରେ ଓଡ଼ିଶାର ୩ ପ୍ରତିଯୋଗୀ ରୌପ୍ୟ ପଦକ ହାସଲ କରିଛନ୍ତି। ସେମାନେ ହେଲେ ସୂର୍ଯ୍ୟକାନ୍ତ ପ୍ରଧାନ, ନାରାୟଣ ସେଠୀ ଓ ରାକେଶ ଶତପଥୀ। ସୂର୍ଯ୍ୟକାନ୍ତ ୧୦୫ କେଜି ବର୍ଗରେ ମୋଟ ୧୭୫ କେଜି ଶକ୍ତିଉତ୍ତୋଳନ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି ୮୩ କେଜି ବର୍ଗରେ ରାକେଶ ଏବଂ ୬୬ କେଜି ବର୍ଗରେ ନାରାୟଣ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଦି ୱାର୍ଲ୍ଡ ଜିମ୍ନାସିୟମରେ ପ୍ରଶିକ୍ଷଣ ନେଉଥିବା ସୂର୍ଯ୍ୟକାନ୍ତଙ୍କୁ ଏହାର ମୁଖ୍ୟ ନୀଳକଣ୍ଠ ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି।



"ଶ୍ରେୟାସ ଆୟାର ସୀମିତ ଓଭର କ୍ରିକେଟ୍‌ରେ ଭାରତର ୪ ନମ୍ବର ସ୍ଥାନ ସମସ୍ୟାର ସମାଧାନ ହୋଇପାରନ୍ତି।
–ଏମ୍‌ଏସ୍‌କେ ପ୍ରସାଦ, ଚୟନ କମିଟି ଅଧ୍ୟକ୍ଷ



"ରିଷଭ ପନ୍ତ ଖୁବ୍‌ଶୀଘ୍ର ଟିମ୍ ମ୍ୟାନେଜମେଣ୍ଟର ବିଶ୍ୱାସକୁ ପ୍ରମାଣିତ କରିବା ଆବଶ୍ୟକ। ନ ହେଲେ ସଞ୍ଜୁ ସାମସନ ତାଙ୍କ ସ୍ଥାନ ନେବେ।
–ଭିଭିଏସ୍ ଲକ୍ଷ୍ମଣ, ପୂର୍ବତନ ଭାରତୀୟ କ୍ରିକେଟର୍

# 'ଓସିଏଲ୍' ପାଇଁ ପ୍ରସ୍ତୁତ ହେଉଛି ଓସିଏ

- ପୁଣି ଥରେ ଓଡ଼ିଶାରେ ପେସାଦାର କ୍ରିକେଟ ଲିଗ୍
- ପ୍ରାୟୋଜକ ରହିବ ଦିଲ୍ଲୀର ଏକ ସଂସ୍ଥା
- ଜାତୀୟ ଗଣମାଧ୍ୟମରେ ହେବ ସିଧାପ୍ରସାରଣ

ODISHA CRICKET ASSOCIATION

କଟକ ଅଫିସ,୨୮।୧୧

ପେସାଦାର କ୍ରିକେଟ ଟୁର୍ନାମେଣ୍ଟ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍) ଫର୍ମାଟକୁ ଓହ୍ଲାଇବ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)। ପୂର୍ବରୁ ଏଭଳି ଏକ ପଦକ୍ଷେପ ନିଆଯାଇଥିଲା। ୨୦୧୧ ମସିହାରେ ଓସିଏ ପକ୍ଷରୁ ଓଡ଼ିଶା ପ୍ରିମିୟର ଲିଗ(ଓପିଏଲ) ଆରମ୍ଭ ହୋଇଥିବା ବେଳେ ମାତ୍ର ଗୋଟିଏ ସଂସ୍କରଣରେ ହିଁ ଏହି ଟୁର୍ନାମେଣ୍ଟର ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ଏହାଛଡ଼ା ଟୁର୍ନାମେଣ୍ଟକୁ ନେଇ ଅନେକ ବାଦବିବାଦ ମଧ୍ୟ ଦେଖାଦେଇଥିଲା। ପୁଣି ଥରେ ଏଭଳି ଏକ ଟୁର୍ନାମେଣ୍ଟ ଆରମ୍ଭ କରିବାକୁ ଚେଷ୍ଟା କରୁଛି ଓସିଏ। ଏହାର ନାଁ ଓଡ଼ିଶା କ୍ରିକେଟ ଲିଗ୍(ଓସିଏଲ) ରଖାଯିବାକୁ ସ୍ଥିର କରାଯାଇଛି। ଓସିଏର ବରିଷ୍ଠ ପଦାଧିକାରୀମାନେ ଏ ନେଇ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। ଟୁର୍ନାମେଣ୍ଟ ଆୟୋଜନ ଓ ପରିଚାଳନା ନେଇ ନିଷ୍ପତ୍ତି ମଧ୍ୟ ଆଗେଇଲାଣି। ଆସନ୍ତା ଜାନୁୟାରୀରୁ ଓସିଏଲ ପାଇଁ ପ୍ରସ୍ତୁତି ଜୋରଦାର ହେବ ବୋଲି କୁହାଯାଇଛି।

ରାଜ୍ୟ କ୍ରିକେଟରମାନଙ୍କୁ ଚର୍ଚ୍ଚା ପରିସରଭୁକ୍ତ କରିବାର ଆବଶ୍ୟକତା ରହିଛି। କେବଳ ରାଜ୍ୟ ନୁହେଁ ସମଗ୍ର ଦେଶରେ ଓଡ଼ିଆ ଖେଳାଳିଙ୍କ ପ୍ରଦର୍ଶନକୁ ପ୍ରଦର୍ଶିତ କରିବାର ସମୟ ପହଞ୍ଚିଲାଣି। ଅନ୍ୟ ରାଜ୍ୟଗୁଡ଼ିକରେ ଏବେ ବହୁଳ ଭାବେ ପେସାଦାର କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ କରାଯାଉଛି। ଓସିଏଲ ଆରମ୍ଭ ହେଲେ ଅନେକ ପ୍ରତିଭା ସାମ୍ନାକୁ ଆସିବେ ବୋଲି କହିଛନ୍ତି ଓସିଏ ସମ୍ପାଦକ ସଞ୍ଜୟ ବେହେରା। ଅନ୍ୟପକ୍ଷରେ ଓସିଏଲର ପ୍ରାୟୋଜକ ପାଇଁ ଦିଲ୍ଲୀର ଏକ ସଂସ୍ଥା ସହ ଆଲୋଚନା କରାଯାଇଥିବା ଜଣାପଡ଼ିଛି। ଏପରିକି ଏହି ଟୁର୍ନାମେଣ୍ଟର ସିଧାପ୍ରସାରଣ ନିମନ୍ତେ ଏକ ଜାତୀୟ ଗଣମାଧ୍ୟମ ସହ ଯୋଗାଯୋଗ କରାଯାଇଛି। ଓସିଏଲ ଆୟୋଜନ କରିବାକୁ ଓସିଏ ପ୍ରସ୍ତୁତ ହେଉଛି ବୋଲି ସମ୍ପାଦକ ସଞ୍ଜୟ କହିଛନ୍ତି। ସୂଚନା ଥାଉକି, ୨୦୧୧ ମସିହାରେ ଓପିଏଲ ଟୁର୍ନାମେଣ୍ଟ ହେବା ଦ୍ୱାରା ଅନେକ ପ୍ରତିଭା ପରିଚୟ ପାଇଥିଲେ। ଜଗତସିଂପୁର ସ୍ପାର୍କସ, ୱେଷ୍ଟର୍ନ ସମୁରାଇ ରାଉରକେଲା, ଅନୁଗୋଳ ଟସ୍କର୍ସ, ପୁରୀ ଏମ୍ପରର୍ସ, ବ୍ରହ୍ମପୁର ଭଞ୍ଜବୀର୍ସ, କଟକ ବାରବାଟୀ ଟାଇଗର୍ସ, ବାଲେଶ୍ୱର ବାଘାସ୍, କୋଅପରେଟିଭ କିଙ୍ଗସ ଢେଙ୍କାନାଳ, ଭୁବନେଶ୍ୱର ଜାଗୁଆର୍ସ ଓ କାସ୍ତି ପାୱାର ରେଞ୍ଜର୍ସ କେନ୍ଦୁଝର ଦଳ ପ୍ରତିଯୋଗିତାରେ ଭାଗ ନେଇଥିଲେ। ୫ଟି ଗ୍ରେଡ୍‌ରେ ଖେଳାଳିମାନେ ନିଲାମରେ ଅଂଶ ଗ୍ରହଣ କରିଥିଲେ। ୧୦ହଜାର ଟଙ୍କାରୁ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ନିଲାମ ରାଶି ଧାର୍ଯ୍ୟ କରାଯାଇଥିଲା। ଓସିଏ ରାଜ୍ୟର ୩୪୧ଜଣ ଖେଳାଳିଙ୍କ ନାମ ନିଲାମରେ ସାମିଲ କରାଇଥିଲା। ଓସିଏଲ ହେଲେ ପୁଣି ଥରେ ରାଜ୍ୟ ଖେଳାଳିମାନଙ୍କ ଭିତରେ ଉତ୍ସାହ ଦେଖାଦେବ। ଶର୍ଟଫର୍ମାଟ କ୍ରିକେଟରେ ନିଜ ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ରାଜ୍ୟର ଶହଶହ କ୍ରିକେଟର ପାଇବେ ଓ ନିଲାମରେ ମଧ୍ୟ ଭାଗ ନେବେ। ଓସିଏଲ ନିମନ୍ତେ ସମସ୍ତ କାର୍ଯ୍ୟସୂଚୀ ଖୁବଶୀଘ୍ର ପ୍ରକାଶ କରାଯିବ ବୋଲି କୁହାଯାଇଛି।

# ଦୀପିକା, ଅଙ୍କିତାଙ୍କୁ ଅଲିମ୍ପିକ ଯୋଗ୍ୟତା



ଦୀପିକା କୁମାରୀ

ବ୍ୟାଙ୍କକ୍, ୨୮।୧୧ (ପି.ଟି.)

ଦୁଇ ଭାରତୀୟ ତୀରନ୍ଦାଜ ଦୀପିକା କୁମାରୀ ଓ ଅଙ୍କିତା ଭକ୍ତ ଆସନ୍ତା ବର୍ଷ ହେବାକୁ ଥିବା ଟୋକିଓ ଅଲିମ୍ପିକକୁ ଯୋଗ୍ୟତା ହାସଲ କରିଛନ୍ତି। ଏଠାରେ ଅନୁଷ୍ଠିତ ମହାଦେଶୀୟ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ୨୧ତମ ଏସିଆନ ଚାମ୍ପିୟନଶିପ୍‌ର ମହିଳା ରିକର୍ଭ ବ୍ୟକ୍ତିଗତ ବର୍ଗରେ ଦୀପିକା ସ୍ୱର୍ଣ୍ଣ ଓ ଅଙ୍କିତା ରୌପ୍ୟ ପଦକ ଜିତି ଏହି ସଫଳତା ପାଇଛନ୍ତି। ଏହି ବର୍ଗର ଫାଇନାଲରେ ଅଙ୍କିତାଙ୍କୁ ଦୀପିକା ପରାସ୍ତ କରିଥିଲେ। ଏକ ନମ୍ବର ମାନ୍ୟତାପ୍ରାପ୍ତ ତୀରନ୍ଦାଜ ଭାବେ ପ୍ରବେଶ କରିଥିବା ଦୀପିକା ପ୍ରଥମେ ୭–୨ରେ ମାଲେସିଆର ନୁର୍ ଅଫିସା ଅବଦୁଲ ହଲିଲ୍‌ଙ୍କୁ ପରାସ୍ତ କରିଥିଲେ। ଏହାପରେ ଇରାନର ଜାହରା ନେମାଟିଙ୍କୁ ୬–୪ ଓ ଘରୋଇ ତୀରନ୍ଦାଜ ନରିସାରା ଖୁନହିରାନଚାଇୟୋଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିବା ସହ ଅଲିମ୍ପିକ ଟିକେଟ୍ ପକ୍କା କରିଥିଲେ। ଏହାପରେ ୬–୨ରେ ଗୁଏନ୍‌ଙ୍କୁ ଏକପାଖିଆ ଭାବେ ପରାସ୍ତ କରି ଦୀପିକା ଫାଇନାଲରେ ପହଞ୍ଚିଥିଲେ। ଅପରପକ୍ଷରେ ଅଙ୍କିତା ୭–୧ରେ ହଂକଂର ଲାମ୍ ଶୁକ ଚିଙ୍ଗ୍ ଏଡାଙ୍କୁ, ୬–୦ରେ ଭିଏତ୍‌ନାମର ଗୁଏନ୍ ଥି ଫୁଓଙ୍ଗଙ୍କୁ ଏବଂ ୬–୨ରେ ଭୁଟାନର କର୍ମାଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଫଳରେ ଦୁଇ ଭାରତୀୟ ତୀରନ୍ଦାଜ ଦୀପିକା ଓ ଅଙ୍କିତାଙ୍କ ମଧ୍ୟରେ ଫାଇନାଲ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଦୀପିକା ଏକପାଖିଆ ଭାବେ ୬–୦ରେ ବିଜୟୀ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଭାରତୀୟ ତୀରନ୍ଦାଜ ଆସୋସିଏଶନ (ଏଏଆଇ)କୁ ବାସନ୍ଦ କରାଯାଇଥିବାରୁ ଦୀପିକା ଓ ଅଙ୍କିତାଙ୍କ ସମେତ ଅନ୍ୟତମ ଭାରତୀୟ ତୀରନ୍ଦାଜ ଲାଇଶରାମ ବୋମ୍ବଲ୍ୟା ଦେବୀ ନିରପେକ୍ଷ ପତାକା ତଳେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି।

# ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ଖୋ ଖୋ ଉଦ୍‌ଘାଟିତ

ଭୁବନେଶ୍ୱର, ୨୮।୧୧(କ୍ରୀଡ଼ା ପ୍ରତିନିଧି)

ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ଆନୁକୂଲ୍ୟରେ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ଖୋ–ଖୋ ପ୍ରତିଯୋଗିତା ଗୁରୁବାର ଉଦ୍‌ଘାଟିତ ହୋଇଛି। ଆସନ୍ତା ଡିସେମ୍ବର ୧ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ପୂର୍ବାଞ୍ଚଳର ୩୨ ବିଶ୍ୱବିଦ୍ୟାଳୟରୁ ୪୦୦ରୁ ଅଧିକ ପ୍ରତିଯୋଗୀ ଅଂଶ ଗ୍ରହଣ କରୁଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟ ପ୍ରତିଯୋଗିତାରେ ସିଧୁକାନୁ ବିଶ୍ୱବିଦ୍ୟାଳୟ ୨ ପଏଣ୍ଟରେ ପାଟଳୀପୁତ୍ର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା ବେଳେ ପଶ୍ଚିମବଙ୍ଗ ରାଜ୍ୟ ବିଶ୍ୱବିଦ୍ୟାଳୟ ୫ ପଏଣ୍ଟରେ ଏ ବି ଭି ବିଶ୍ୱବିଦ୍ୟାଳୟ, ଯାଦବପୁର ବିଶ୍ୱବିଦ୍ୟାଳୟ ୧ ଇନିଂସ ଓ ୧ ପଏଣ୍ଟରେ ତ୍ରିପୁରା ବିଶ୍ୱବିଦ୍ୟାଳୟ ଏବଂ ବିଏଚୟୁ ବିଶ୍ୱବିଦ୍ୟାଳୟ ୧ ଇନିଂସ ୧ ପଏଣ୍ଟରେ ନ୍ୟାଶନାଲ ସ୍ପୋର୍ଟ୍ସ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। କଲ୍ୟାଣୀ ବିଶ୍ୱବିଦ୍ୟାଳୟ ୧ ଇନିଂସ ୩୨ ପଏଣ୍ଟରେ ବି.ଆର.ଏ ବିଶ୍ୱବିଦ୍ୟାଳୟକୁ ହରାଇ ଦେଇଛି। ଅନ୍ୟପକ୍ଷରେ ସମ୍ବଲପୁର, ଧାନମଞ୍ଜରୀ, ଓୟୁଏଟି, ବିଦ୍ୟାସାଗର, ଏମ.ଜି. କାଶୀ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ୱାକଓଭର ପାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଓଡିଶା ପୋଲିସ ଡିଜି ସତ୍ୟଜିତ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଜି କାଉନସିଲ ଚେୟାରପର୍ସନ ପ୍ରଫେସର ସବିତା ଆଚାର୍ଯ୍ୟ, ବିଶ୍ୱବିଦ୍ୟାଳୟର କୁଳସଚିବ ବିଦ୍ୟାଧର ନାୟକ, ପ୍ରଫେସର କୁଞ୍ଜବିହାରୀ ପଣ୍ଡା, କ୍ରୀଡ଼ାପରିଷଦର ନିର୍ଦ୍ଦେଶକ ପ୍ରଫେସର ମହେଶ୍ୱର ସାହୁ ସିଜି ଆଥଲେଟିକ କ୍ଲବର ଉପସଭାପତି କୀର୍ତ୍ତି ରଞ୍ଜନ ମଲ୍ଲିକ ଓ କ୍ରୀଡ଼ା ଅଧିକାରୀ ଅମ୍ବିକା ପ୍ରସାଦ ରାୟ ପ୍ରମୁଖ ଉପସ୍ଥିତ ଥିଲେ।



ଉଦ୍‌ଘାଟନୀ ଅବସରରେ ବିଭିନ୍ନ ବିଶ୍ୱବିଦ୍ୟାଳୟର ଖେଳାଳିମାନେ।

# କ୍ୱାର୍ଟରରେ ଶ୍ରୀକାନ୍ତ, ସୌରଭ

**ସୟଦ ମୋଦି ବ୍ୟାଡ୍‌ମିଣ୍ଟନ**

ଲକ୍ଷ୍ନୌ,୨୮।୧୧(ପି.ଟି.)

ପୂର୍ବତନ ଚାମ୍ପିୟନ କିଡାମ୍ବି ଶ୍ରୀକାନ୍ତ ଓ ସୌରଭ ବର୍ମା ଚଳିତ ସୟଦ ମୋଦି ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଉଦୀୟମାନ ଶଟଲର ଲକ୍ଷ୍ୟ ସେନ ଦ୍ୱିତୀୟ ରଉଣ୍ଡ ବାଧା ଅତିକ୍ରମ କରିବରେ ବିଫଳ ହୋଇଛନ୍ତି। ୨୦୧୬ ସଂସ୍କରଣ ଚାମ୍ପିୟନ ତଥା ୩ୟ ସିଡ୍ ଶ୍ରୀକାନ୍ତ ୧୮–୨୧, ୨୨–୨୦, ୨୧–୧୬ ଗେମ୍‌ରେ ଅନ୍ୟ ଭାରତୀୟ ଖେଳାଳି ପାରୁପଲ୍ଲୀ କାଶ୍ୟପଙ୍କୁ ହରାଇ ଦେଇଛନ୍ତି। ବିଶ୍ୱ ର୍ୟାଙ୍କିଙ୍ଗ୍‌ର ୧୨ତମ ସ୍ଥାନରେ ଥିବା ଶ୍ରୀକାନ୍ତ ପରବର୍ତ୍ତୀ ମ୍ୟାଚ୍‌ରେ ୭ମ ସିଡ୍ ସନ ୱାନ ହୋଙ୍କୁ ଭେଟିବେ। ଅନ୍ୟ ଏକ ଦ୍ୱିତୀୟ ରାଉଣ୍ଡରେ ସୌରଭ ୨୧–୧୧, ୨୧–୧୮ ବ୍ୟବଧାନରେ ଆଳାପ ମିଶ୍ରଙ୍କୁ ପରାସ୍ତ କରିଛନ୍ତି। ସେ କ୍ୱାର୍ଟର ଫାଇନାଲରେ ଥାଇଲାଣ୍ଡର କୁନଲାଭଟ ଭିଟିସର୍ନଙ୍କ ସହ ମୁକାବିଲ କରିବେ। ଥାଇଲାଣ୍ଡ ଶଟଲରଠାରୁ ପରାସ୍ତ ହୋଇଛନ୍ତ ବି. ସାଇ ପ୍ରଣୀଥ। ଚଳିତ ସିଜନରେ ପୂରା ଫର୍ମରେ ଥିବା ଲକ୍ଷ୍ୟଙ୍କୁ ମଧ୍ୟ ସମାନ ଅବସ୍ଥାର ସମ୍ମୁଖୀନ ହେବାକୁ ପଡ଼ିଛି। ୧୮ ବର୍ଷୀୟ ଲକ୍ଷ୍ୟ ଅଭିଜ୍ଞ ସନ ୱାନଙ୍କ ସାମ୍ନାରେ ଦକ୍ଷତା ଅନୁଯାୟୀ ପ୍ରଦର୍ଶନ କରିପାରି ନ ଥିଲେ। ଅଜୟ ଜୟରାମ ମଧ୍ୟ ବିଦା ହୋଇଛନ୍ତି। ମହିଳା ସିଙ୍ଗଲ୍ସରେ ଶ୍ରୁତି ମୁଣ୍ଡାଡା ଓ ରିତୁପର୍ଣ୍ଣା ଦାସ କ୍ୱାର୍ଟର ଫାଇନାଲରେ ସ୍ଥାନ ପାଇଛନ୍ତି।

# ଆଗୁଆ ସିରିଜ କବ୍‌ଜା କଲା ଭାରତ

ଲକ୍ଷ୍ନୌ, ୨୮।୧୧

ଭ୍ରମଣକାରୀ ଆଫଗାନିସ୍ତାନ ବିପକ୍ଷରେ ଗୁରୁବାର ଏଠାରେ ଖେଳାଯାଇଥିବା ୟୁଥ୍ ଦିନିକିଆ ସିରିଜ (୧୯ ବର୍ଷରୁ କମ୍)ର ୪ର୍ଥ ମ୍ୟାଚ୍‌ରେ ଭାରତ ୫ ଉଇକେଟ୍‌ରେ ବିଜୟୀ ହୋଇଛି। ଏହି ବିଜୟ ସହ ଭାରତ ୫ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୩–୧ରେ ଆଗୁଆ କବ୍‌ଜା କରିନେଇଛି। ପୂର୍ବରୁ ପ୍ରଥମ ଓ ୨ୟ ମ୍ୟାଚ୍‌କୁ ଭାରତୀୟ ଦଳ ଯଥାକ୍ରମେ ୯ ଓ ୨ ଉଇକେଟ୍‌ରେ ଜିତିଥିଲା। ସେହିଭଳି ଆଫଗାନିସ୍ତାନ ୩ୟ ମ୍ୟାଚ୍‌କୁ ୩ ଉଇକେଟ୍‌ରେ ବିଜୟୀ ହୋଇଥିଲା। ସିରିଜର ଅନ୍ତିମ ତଥା ୫ମ ମ୍ୟାଚ୍ ଶନିବାର ଏଠାରେ ଖେଳାଯିବ।

ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତୀୟ ୧୯ ବର୍ଷରୁ କମ୍ ଦଳର ଅଧିନାୟକ ଶୁଭମ ହେଗ୍‌ଡେ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆଫଗାନିସ୍ତାନ ଘରୋଇ ଦଳର ବାମହାତୀ ସ୍ପିନର ମାନବ ସୁତାରଙ୍କ ବୋଲିଂକୁ ସାମ୍ନା କରି ନ ପାରି ୩୫ ଓଭରରେ ୧୧୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅଧିନାୟକ ଫର୍‌ହାନ ଜଖିଲ (୨୩), ଇମ୍ରାନ ମିର୍ (୪୪) ଓ ରହମନଉଲ୍ଲା (୧୫)ଙ୍କୁ ଛାଡ଼ିଦେଲେ ଅନ୍ୟକେହି ୨ ଅଙ୍କବିଶିଷ୍ଟ ସ୍କୋର କରିପାରି ନ ଥିଲେ। ଭାରତ ପକ୍ଷରୁ ମାନବ ୧୦ ଓଭରରେ ୧୯ ରନ ବ୍ୟୟ କରି ୫ ଉଇକେଟ୍ ହାସଲ କରିଥିଲେ। ଜବାବରେ କୁମାର କୁଶଗ୍ର (୨୯), ଦିବ୍ୟାଂଶ ସକ୍ସେନା (୨୧) ଓ ସୌରଭ ଡଗର (୨୪)ଙ୍କ ବ୍ୟାଟିଂ ବଳରେ ଭାରତ ୨୮.୧ ଓଭରରେ ୫ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା।

## ୱେଷ୍ଟଇଣ୍ଡିଜ–ଆଫଗାନିସ୍ତାନ ଟେଷ୍ଟ

# କର୍ନୱାଲଙ୍କ ୧୦ ଉଇକେଟ୍ ସଫଳତା

ଲକ୍ଷ୍ନୌ, ୨୮।୧୧

ଦୀର୍ଘ ୩୩ ମାସ ପରେ ପ୍ରଥମ ସ୍ପିନର ଭାବେ ୱେଷ୍ଟଇଣ୍ଡିଜର ରଖିମ କର୍ନୱାଲ ଭାରତ ମାଟିରେ ଏକ ଟେଷ୍ଟ ମ୍ୟାଚ୍‌ରେ ୧୦ ଉଇକେଟ୍ ହାସଲ କରିବାର ସଫଳତା ପାଇଛନ୍ତି। ଘରୋଇ ଆଫଗାନିସ୍ତାନ ବିପକ୍ଷରେ ଏଠାରେ ଚାଲିଥିବା ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ କର୍ନୱାଲ ପ୍ରଥମ ଇନିଂସରେ ୭ ଓ ୨ୟ ଇନିଂସରେ ୩ ସହ ୧୦ ଉଇକେଟ୍ ନେଇଛନ୍ତି। ଏଥିସହ ୱେଷ୍ଟଇଣ୍ଡିଜ ପାଇଁ ସେ ବିଜୟ ଏକପ୍ରକାର ନିଶ୍ଚିତ କରିଛନ୍ତି। ଶେଷଥର ପାଇଁ ଅଷ୍ଟ୍ରେଲିଆର ଷ୍ଟିଭ ଓ'କିଫ୍ (୧୨/୭୦) ୨୦୧୭ ଫେବୃୟାରୀ ଭାରତ ମାଟିରେ ୧୦ ଉଇକେଟ୍ ନେଇଥିଲେ। ଦୁଇ ଭାରତୀୟ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ୨୦୧୬ରେ ଇଂଲଣ୍ଡ ବିପକ୍ଷ ୪ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ୧୦ ଉଇକେଟ୍ ହାସଲ କରିଥିଲେ।

ଏଠାରେ ଖେଳଯାଇଥିବା ଏହି ଟେଷ୍ଟ ମ୍ୟାଚ୍‌ରେ ଆଫଗାନିସ୍ତାନ କର୍ନୱାଲ୍ (୭/୭୫)ଙ୍କ ବୋଲିଂକୁ ସାମ୍ନା କରି ନ ପାରି ପ୍ରଥମ ଇନିଂସରେ ୧୮୭ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ପ୍ରଥମ ଦିବସ ସୁଦ୍ଧା ୨ ଉଇକେଟ୍ ହରାଇ ୬୮ ରନ କରିଥିବା ୱେଷ୍ଟଇଣ୍ଡିଜ ଗୁରୁବାର ୨ୟ ଦିବସରେ ୨୭୭ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ଶାମରା ବ୍ରୁକ୍ସ ୧୧୧ ଓ ଜନ୍ କ୍ୟାମ୍ପବେଲ ୫୫ ରନ କରିଥିଲେ। ଘରୋଇ ଆଫଗାନିସ୍ତାନ ପକ୍ଷରୁ ଅମୀର ହାମାଜ (୫), ଅଧିନାୟକ ରଶିଦ୍ ଖାଁ (୩) ଓ ଜାହିର ଖାଁ (୨) ମିଳିତଭାବେ ଉଇକେଟ୍ ବାଣ୍ଟି ନେଇଥିଲେ। ଜବାବରେ ୯୦ ରନ ପଛରେ ଥାଇ ୨ୟ ଇନିଂସ ଆରମ୍ଭ କରିଥିବା ଆଫଗାନିସ୍ତାନ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଷ୍ଟମ୍ପ ଅପସାରଣ ସୁଦ୍ଧା ୭ ଉଇକେଟ୍ ହରାଇ ୧୦୯ ରନ କରିଛି। ଜାଭେଦ ଅହମ୍ମଦି ସର୍ବାଧିକ ୬୨ ରନ କରିଛନ୍ତି। କର୍ନୱାଲ ଓ ରୋଷ୍ଟନ ଚେଜ୍ ୩ଟି ଲେଖାଏ ଉଇକେଟ୍ ନେଇଛନ୍ତି। କର୍ନୱାଲ ଏଥିସହ ପ୍ରଥମ ୱେଷ୍ଟଇଣ୍ଡିଜ ସ୍ପିନର ଭାବେ ଏସିଆ ମହାଦେଶରେ ଏକ ଟେଷ୍ଟ ମ୍ୟାଚ୍‌ରେ ୧୦ ଉଇକେଟ୍ ସଫଳତା ପାଇଛନ୍ତି। ହାତରେ ୩ ଉଇକେଟ୍ ରହିଥିବାବେଳେ ଆଫଗାନିସ୍ତାନ ମାତ୍ର ୧୯ ରନରେ ଆଗୁଆ ରହି ପରାଜୟ ଦ୍ୱାରରେ ରହିଛି। ଏଠାରେ ପ୍ରକାଶଯୋଗ୍ୟ, ଲକ୍ଷ୍ନୌକୁ ଆଫଗାନିସ୍ତାନ ଏହାର ଘରୋଇ ଭେନ୍ୟୁ କରିଛି।



ରଖିମ କର୍ନୱାଲ


## ମନେ ପଡ଼ନ୍ତି

**ଦଶାହ ଅବସରରେ**



ସ୍ୱର୍ଗତ ମଧୁସୂଦନ ମହାନ୍ତି
ଆବିର୍ଭାବ: ୧୦।୦୧।୧୯୩୯
ତିରୋଧାନ: ୨୦।୧୧।୨୦୧୯
(ପବିତ୍ର ପ୍ରଥମାଷ୍ଟମୀ)
ତଳନୂଆସାହି, ଗୋପୀନାଥପୁର, ଅଠରନଳା, ପୁରୀ

ଆଜି ମାର୍ଗଶିର ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଇଂରାଜୀ ତାରିଖ ୨୦।୧୧।୨୦୧୯ ସନ୍ଧ୍ୟା ୭ଘ. ୧୫ମି. ସମୟରେ ଆମ୍ଭର ପୂଜନୀୟ ପିତା ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇ ଚାଲିଗଲେ। ଆମ୍ଭେମାନେ ଆଜି ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା କରୁଛୁ କି ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ପରୋପକାରିତା ଆମ୍ଭମାନଙ୍କ ପାଇଁ ଦିଗ୍‌ଦର୍ଶନ ହୋଇ ରହିବ।

ହତଭାଗ୍ୟ ଶୋକସନ୍ତପ୍ତ:
ସ୍ତ୍ରୀ: ଶାନ୍ତିଲତା ମହାନ୍ତି, ପୁତ୍ର: ରବିନାରାୟଣ ମହାନ୍ତି, ରମେଶ ଚନ୍ଦ୍ର ମହାନ୍ତି, ବୋହୂ: ଗାୟତ୍ରୀ ଦାସ, ଶିବାନୀ ଦାସ, କନ୍ୟା: ସ୍ମିତା ମହାନ୍ତି, ଜ୍ୱାଇଁ: ସତ୍ୟପ୍ରସାଦ ପଟ୍ଟନାୟକ, ନାତି: ଟୁକୁନ, ନାନୁ, ଗୁଡ୍ଡୁ, ନାତୁଣୀ: ସୁଇଟି ଓ ପରିବାରବର୍ଗ।
ଧ–୬୮୮୦୩

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତା ତିଳୋତ୍ତମା ବସ୍ତିଆ
ସା/ପୋ: କଣିଆ
ବାଙ୍ଗୁରି ଗାଁ, କାକଟପୁର, ପୁରୀ
ଆବିର୍ଭାବ: ୧୯୪୪
ତିରୋଧାନ: ୧୯।୧୧।୨୦୧୯
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ:
ଝିଅ– ଉର୍ମିଳା, ଜ୍ୱାଇଁ– ଶଶାଙ୍କ, ନାତି–ସମ୍ବିତ୍, ନାତୁଣୀ– ସୋନମ୍ ବନ୍ଧୁ ଓ ପରିବାରବର୍ଗ।
ଧ–୬୮୭୧୧

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ ଗୋପାଳ ରାଉତ
ଜଟଣୀ, କୁଶୁମାଟି
ତିରୋଧାନ: ୧୯।୧୧।୨୦୧୯
ଜେଜେ, ଚାହୁଁ ଚାହୁଁ ଏଗାର ଦିନ ବିତିଗଲା। ତୋର ସେହି ରାଗ, ରୁଷା, ମାନ, ଅଭିମାନ କଥା ସବୁବେଳେ ମନେପଡୁଛି। ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଆଗରେ ବିନମ୍ର ନିବେଦନ କି ତୋର ଅମର ଆତ୍ମାର ସଦ୍‌ଗତି କାମନା କରନ୍ତୁ।
"ତୋର ହତଭାଗ୍ୟ"
ନାତି: ଲିଙ୍ଗରାଜ ରାଉତ (ରିଙ୍କୁ), ବନ୍ଧୁ ଓ ପରିବାରବର୍ଗ।
ଧ–୧୫୪୩୨

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ଜ୍ୟୋତ୍ସ୍ନା
ଇଞ୍ଚୋଳ, ହାଟଡ଼ିହୀ, କେନ୍ଦୁଝର
ଆବିର୍ଭାବ: ୨୧।୦୭।୧୯୭୪
ତିରୋଧାନ: ୨୯।୧୧।୨୦୧୮
"କଥା ଦେଇଥିଲ ସାଥିରେ ଖେଳିବ କେତେ ସପନର ହୋଲି। ବେଳ ନପୂରୁଣୁ ଚାଲିଗଲ ଛାଡ଼ି ଅସରନ୍ତି ମରୁବାଲି ।।"
ଶୋକସନ୍ତପ୍ତ:
ନିଃସଙ୍ଗ ସାଥୀ, ପୁତ୍ର ଓ ପରିବାରବର୍ଗ।
ଧ–୧୫୪୫୬

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ଦମୟନ୍ତୀ ଦେଇ
ଆବିର୍ଭାବ: ୦୭।୦୨।୧୯୪୭
ତିରୋଧାନ: ମାର୍ଗଶିର ମାସ ଶୁକ୍ଳପକ୍ଷ ରମ୍ଭା ତୃତୀୟା
ଦେଇ, ତୁତ ତୋ' ବାଟରେ ଚାଲିଗଲୁ, ପଛକୁ ଫେରି ଚାହିଁଲୁ ନାହିଁ। ଯେଉଁମାନଙ୍କୁ ଛାଡ଼ିଗଲୁ ସେଇମାନଙ୍କ ମଧ୍ୟରେ ମୁଁ ଅତ୍ୟନ୍ତ ଦୁଃଖୀ। ପ୍ରତିବର୍ଷ ତୋରି ସ୍ମୃତିକି ସମ୍ବଳ କରି ତୋତେ ପିଣ୍ଡଦାନ କରିଆସୁଛି, ତୋ ଆତ୍ମାର ସଦ୍‌ଗତି ପାଇଁ। ଦେଖି ନଥିବା ତୋ ନାତି ଶାଶ୍ୱତ ଶୁଭଦର୍ଶୀ ପାଇଁ ତୋ ଆଶିଷ ଭିକ୍ଷା କରୁଛି। ତାହା ହିଁ ଦେ।
ତୋର ମୁନି।
ଧ–୧୫୪୫୮

**୭ମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଶ୍ୟାମସୁନ୍ଦର ସାହୁ
ଆବିର୍ଭାବ: ୨୦।୦୯।୧୯୪୭
ତିରୋଧାନ: ୧୫।୧୨।୨୦୧୨
ତୁମ ଅମର ଆତ୍ମାର ଚିରଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆକୁଳ ପ୍ରାର୍ଥନା କରିବା ସଙ୍ଗେସଙ୍ଗେ ତୁମ ନିକଟରେ ଅଜସ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ଶୋକସନ୍ତପ୍ତ:
ପୁଅ– ଅମୂଲ୍ୟ ସାହୁ, ଗଣେଶ ସାହୁ, ସ୍ତ୍ରୀ– ଶକୁନ୍ତଳା, ଝିଅ– ସବିତା ସାହୁ
ବନ୍ଧୁ ଓ ପରିବାରବର୍ଗ।
ଧ–୧୫୪୫୫

**ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା**



ସିଦ୍ଧାର୍ଥ ସ୍ୱରୂପ ପଣ୍ଡା (ସିଦ୍ଧୁ)
ଫୁଲାଡ଼ି, ବାଲେଶ୍ୱର
ଆଜି ତୋର ଦ୍ୱିତୀୟ ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋର ଚଲାପଥ କୁସୁମିତ ହେବା ସହ ଭବିଷ୍ୟତ ଜୀବନ ସୁଖମୟ, ଉଜ୍ଜ୍ୱଳମୟ ଓ ଯଶସ୍ୱୀ କରି ରଖନ୍ତୁ।
ଆଶୀର୍ବାଦ ସହ:
ବାପା– ତାପସ ପଣ୍ଡା, ମାମା– ତନୁଶ୍ରୀ ପଣ୍ଡା, ନାନୀ, ଜେଜେବାପା, ଜେଜେମା', ଅଜା, ଆଇ, ମାମୁ, ମାଇଁ, ମାଉସୀ, ଗୁଲୁ ଏବଂ ଅନ୍ୟମାନେ
ଧ–୧୫୪୫୯

CLASSIFIED DISPLAY

ଶ୍ରବଣ ସମସ୍ୟା?
ଅଡ଼ିଜୋନ୍ ଏବେ ସମ୍ବଲପୁରରେ
For FREE hearing checkup : 7853086497, 9078672409
ଶ୍ରବଣ ଯନ୍ତ୍ର DIGITAL HEARING AID
signia Life sounds brilliant. SIEMENS Hearing Systems
Signia GmbH is a Trademark Licensee of Siemens AG
Audizone Speech & Hearing Clinic
BHUBANESWAR: Baramunda 9777806331 | Saheed Nagar 6371045707 | Jaydev Vihar 6372287878
CUTTACK: Link Road 7381770531
KORAPUT: In front of S.L.N Medical 6372307123

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ–ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ–ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9650446732 9990987786

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ନଭେମ୍ବର ୨୯/୨୦୧୯ Sambalpur, Friday, November 29 / 2019

■ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# ପୁଣି ୩ ଦିନିଆ ଆନ୍ଦୋଳନ ଆରମ୍ଭ

**ସମ୍ବଲପୁର,୨୮।୧୧(ବ୍ୟୁରୋ)**



ଓକିଲମାନେ ବିଚାରପତିଙ୍କୁ କୋର୍ଟକୁ ନ ଯିବାକୁ ଅନୁରୋଧ କରୁଛନ୍ତି।

- ■ କେନ୍ଦ୍ର,ରାଜ୍ୟ ସରକାରଙ୍କ ଅଫିସ ବନ୍ଦ
- ■ ଅନୁରୋଧ ପରେ ଫେରିଗଲେ ବିଚାରପତି
- ■ ଜିଲାବ୍ୟାପୀ ସବୁ ବର୍ଗରୁ ସମର୍ଥନ
- ■ ହାଇକୋର୍ଟ ଏ ନେଇ ସ୍ପଷ୍ଟ ମତ ରଖିବାକୁ ଅନୁରୋଧ

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଗୁରୁବାରଠାରୁ ୩ ଦିନିଆ ଆନ୍ଦୋଳନ ଆରମ୍ଭ ହୋଇଛି । କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ( ସିଏସି) ଅଧୀନରେ ଥିବା ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲା ଓକିଲମାନେ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏଥିଯୋଗୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଅଫିସ ଗୁରୁବାର ବନ୍ଦ ରହିଥିଲା। କେତେକ ସ୍ଥାନରେ ଓକିଲମାନେ ପିକେଟିଂ କରି ବନ୍ଦ ପାଳନ କରିଥିବା ବେଳେ ବହୁ ସ୍ଥାନରେ ଏହି ଆନ୍ଦୋଳନକୁ ଜନସମର୍ଥନ ମିଳିଥିଲା।

ପୂର୍ବାହ୍ନ ୧୦ ଟାରେ ବିଚାରପତିମାନେ କୋର୍ଟକୁ ଆସିଥିଲେ। ହେଲେ କଚେରି ଛକରେ ଆନ୍ଦୋଳନରେ ବସିଥିବା ନାଗରିକ କ୍ରିୟାନୁଷ୍ଠାନ କମିଟି ଓ ଓକିଲମାନେ ଅନୁରୋଧ କରି ବିଚାରପତିମାନଙ୍କୁ ଫେରେଇ ଦେଇଥିଲେ। ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଓକିଲମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଓକିଲମାନେ କହିଛନ୍ତି, ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି, ହେଲେ କେନ୍ଦ୍ର ସରକାର ପୂର୍ଣ୍ଣାଙ୍ଗ ରିପୋର୍ଟ ଦେବା ପାଇଁ ବାହାନା କରୁଛନ୍ତି। ଉଭୟ ସରକାର ଦୋଷ ଲଦାଲଦିରେ ବର୍ଷ ବର୍ଷ ବିତି ଯାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଏ ନେଇ ହାଇକୋର୍ଟ ମତ ଦିଅନ୍ତୁ। ସୁପ୍ରିମକୋର୍ଟ ଓ ହାଇକୋର୍ଟଙ୍କ ପକ୍ଷରୁ ଓକିଲ ସଂଘ କାର୍ଯ୍ୟକୁ ସ୍ୱାଭାବିକ କରିବାକୁ କୁହାଯାଇଥିଲା। ହାଇକୋର୍ଟ ଚାହିଁଲେ ଆନ୍ଦୋଳନ କୋହଳ କରାଯାଇ ପାରେ। ହାଇକୋର୍ଟ ତାଙ୍କ ମତ ସ୍ପଷ୍ଟ ଦେଲେ ଆନ୍ଦୋଳନ ମୋଡ ବଦଳି ଯିବ ବୋଲି ଜିଲା ଓକିଲ ସଂଘ ସଭାପତି ବିଜିତେନ୍ଦ୍ରୀୟ ପ୍ରଧାନ କହିଛନ୍ତି। ଆଉ ବିଚାରବିଭାଗ ବିରୋଧରେ ଆନ୍ଦୋଳନ ହେବନାହିଁ। ସମସ୍ତ କୋର୍ଟ କଚେରି କାମ ସ୍ୱାଭାବିକ ହୋଇପାରିବ। ତେଣୁ ଜନତାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ହାଇକୋର୍ଟ ନିଜ ମତ ସ୍ପଷ୍ଟ କରି ଦିଅନ୍ତୁ ବୋଲି ସଂଘ ଦାବି କରିଛି।

ଏହି ପରିପ୍ରେକ୍ଷୀରେ ଗୁରୁବାର ରେଳ ବିଭାଗ, ଆୟକର ବିଭାଗ, ବାଣିଜ୍ୟକର ବିଭାଗ, ପୋଷ୍ଟଅଫିସଙ୍କ ସମେତ ଜିଲାପାଳ ଅଫିସ, କଚେରି ବନ୍ଦ ରହିଥିଲା। ଏପରି କି ଘରୋଇ ବ୍ୟାଙ୍କ, ଜାତୀୟକରଣ ବ୍ୟାଙ୍କ ଓ ବୀମା କମ୍ପାନୀ ବନ୍ଦ ରହିଥିଲା। ସୁରକ୍ଷା ଦୃଷ୍ଟିରୁ ଜିଲାର ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ କରାଯାଇଥିଲା। ଆଉ ଦୁଇ ଦିନ ଧରି ଆନ୍ଦୋଳନ ଜାରି ରହିବ। ପ୍ରଫୁଲ ହୋତା, ଅଶୋକ ବିଶି, ଅଶୋକ ବରିହା, ଜଗଦୀଶ ବିଶ୍ୱାଳ, ଗୋଲକ ବିହାରୀ ମିଶ୍ର, ସରୋଜ ଦାସ, ସୁରେଖା ସାହୁ, ବିଜୟଲକ୍ଷ୍ମୀ ବେହେରା, ସୁତାପା ମିଶ୍ର, ରଘୁନାଥ ମିଶ୍ର, ସୌରେନ୍ଦ୍ରୀ ନାଏକଙ୍କ ସମେତ ଜିଲା ଓକିଲ ସଂଘ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

ସୂଚନାଯୋଗ୍ୟ, ୨୦୧୭ ସେପ୍ଟେମ୍ବର ୫ରୁ ଏହି ଆନ୍ଦୋଳନ ଜାରି ରହିଛି। ରାସ୍ତାରୋକୋ, ରେଳରୋକୋ, ୪୮ ଘଣ୍ଟିଆ ମହାବନ୍ଧ, ରାଲି ,ଅନଶନ ଭଳି ଉପାୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ବନ୍ଦ ପାଳନ ସମୟର ଗେଇଟି ରୋଡରେ ଏକ ଘରୋଇ ବ୍ୟାଙ୍କ ସମ୍ମୁଖରେ ଉତ୍ତେଜନା ପ୍ରକାଶ ପାଇଥିଲା। ବ୍ୟାଙ୍କ ମ୍ୟାନେଜର ଓ ଜଣେ ଓକିଲଙ୍କ ମଧ୍ୟରେ ବଚସା ହୋଇଥିଲା। ମାମଲା ଥାନାରେ ପହଞ୍ଚିଥିଲା। ହେଲେ ପରେ ଏହି ବିବାଦର ଆପୋସ ସମାଧାନ ହୋଇଯାଇଥିଲା।

## ଶାସକ ସଭ୍ୟଙ୍କ ଅଭିଯୋଗ

# ଡିଏମ୍ଏଫ୍ ଅନ୍ୟ ଅଞ୍ଚଳରେ ଖର୍ଚ୍ଚ ହେଉଛି

**ଭୁବନେଶ୍ୱର,୨୮।୧୧(ବ୍ୟୁରୋ)**

ଡିଷ୍ଟ୍ରିକ୍ଟ ମିନେରାଲ ଫଣ୍ଡ (ଡିଏମ୍ଏଫ୍) ଟଙ୍କା ଖଣି ପ୍ରଭାବିତ ଅଞ୍ଚଳରେ ଖର୍ଚ୍ଚ ହେଉନାହିଁ। ଜିଲାପାଳମାନେ ମନଇଚ୍ଛା ଏହି ଅର୍ଥ ଖର୍ଚ୍ଚ କରୁଛନ୍ତି। ଏଥିଯୋଗୁ ପ୍ରଭାବିତ ଅଞ୍ଚଳର ବିକାଶ ହୋଇପାରୁନାହିଁ। ଏହାକୁ ନେଇ ଉଭୟ ଶାସକ ଓ ବିରୋଧୀ ଦଳର ସଦସ୍ୟମାନେ ଗୁରୁବାର ବିଧାନସଭା ପ୍ରଶ୍ନୋତ୍ତର ବେଳେ ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରାଙ୍କଠାରୁ କୈଫିୟତ ତଲବ କରିଥିଲେ।

ବିଜେଡି ସଭ୍ୟ କିଶୋର ମହାନ୍ତି ଡିଏମ୍ଏଫ୍ରୁ ଝାରସୁଗୁଡ଼ା ଜିଲାରେ ୨୦୧୯-୨୦ ପାଇଁ କେତେ ଅର୍ଥ ଜମା ହୋଇଛି ଓ ୨୦୧୮-୧୯ ଏବଂ ୨୦୧୯-୨୦ରେ ଏହି ପାଣ୍ଠିରୁ କେଉଁ ପ୍ରକଳ୍ପ ବାବଦରେ କେତେ ଅର୍ଥ ଖର୍ଚ୍ଚ କରାଯାଇଛି ବୋଲି ପଚାରିଥିଲେ। ମନ୍ତ୍ରୀ କହିଥିଲେ ଯେ, ୨୦୧୯-୨୦ ଅକ୍ଟୋବର ଶେଷ ସୁଦ୍ଧା ଝାରସୁଗୁଡ଼ା ଜିଲା ଖଣିଜ ପାଣ୍ଠିରେ ୯୨.୮୯କୋଟି ଟଙ୍କା ସଂଗୃହୀତ ହୋଇଛି। ସେଥିରୁ ୨୦୧୮-୧୯ରେ ବିଭିନ୍ନ ପ୍ରକଳ୍ପ ପାଇଁ ୮୪୮.୬୩କୋଟି ଏବଂ ୨୦୧୯-୨୦ ଅକ୍ଟୋବର ଶେଷ ସୁଦ୍ଧା ୮୭.୯୨କୋଟି ଟଙ୍କା ମଞ୍ଜୁର କରାଯାଇଛି। ବିଜେଡି ସଭ୍ୟ କିଶୋର ମହାନ୍ତି ପୁଣି ଅତିରିକ୍ତ ପ୍ରଶ୍ନରେ ଅଭିଯୋଗ କଲେ ଯେ, ଡିଏମ୍ଏଫ୍ ଟଙ୍କା ଯାହାକୁ ନାହିଁ ତାକୁ ଦିଆଯାଉଛି। ସେହି ପାଣ୍ଠିରେ ନିର୍ମାଣ ହୋଇଥିବା ସ୍କୁଲଘର ଭୁଶୁଡ଼ି ପଡୁଛି। ଏହି ଅର୍ଥ ଖର୍ଚ୍ଚ କରିବା ପାଇଁ ଝାରସୁଗୁଡ଼ା ଜିଲାରେ ଟ୍ରଷ୍ଟ ଗଠନ ହୋଇନାହିଁ। ଅଞ୍ଚଳ ବାହାରେ ଟଙ୍କା ଖର୍ଚ୍ଚ ହେଉଛି। ମନ୍ତ୍ରୀ କହିଥିଲେ ଯେ, ୨୦୧୫-୧୬ରୁ ଡିଏମ୍ଏଫ୍ ଆରମ୍ଭ କରାଯାଇଛି। କେନ୍ଦ୍ର ସରକାର ଏ ନେଇ ଗାଇଡଲାଇନ୍ସ୍ ପ୍ରସ୍ତୁତ କରିଛନ୍ତି। ଝାରସୁଗୁଡ଼ାରେ ଏପର୍ଯ୍ୟନ୍ତ ଡିଏମ୍ଏଫ୍ରେ ୬୬୨.୯୩ କୋଟି ଟଙ୍କା ଆଦାୟ ହୋଇଛି। ଏହି ଅର୍ଥ ଖର୍ଚ୍ଚ କରିବାକୁ ଟ୍ରଷ୍ଟ ବୋର୍ଡ ଗଠନ କରାଯାଇଛି। ବିଧାୟକମାନେ ଏହାର ସଦସ୍ୟ ଅଛନ୍ତି। ଝାରସୁଗୁଡ଼ା ଜିଲାରେ ୬୫୨ଟି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ସଦସ୍ୟଙ୍କ ଉଦ୍‌ବେଗକୁ ଦେଖି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇ କହିଥିଲେ ଯେ, ଡିଏମ୍ଏଫ୍ ଗାଇଡ୍ଲାଇନ୍ସ୍ ଜିଲାପାଳମାନେ ମାନୁ ନାହାନ୍ତି ବୋଲି ବିଧାୟକମାନେ ଅଭିଯୋଗ କରୁଛନ୍ତି। ଏହାକୁ ଯେପରି କଡ଼ାକଡ଼ି ଭାବେ ପାଳନ କରାଯାଇପାରିବ ଏ ନେଇ ମନ୍ତ୍ରୀ ନିର୍ଦ୍ଦେଶ ଦିଅନ୍ତୁ।

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ।
ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ସାନନ୍ଦ



ସୌମିତ୍ରୀ



କୃପା



ଖଗେନ୍ଦ୍ର

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କଫ୍ ସିରପ ଜବତ



ଜବତ୍ ଗାଡି ଓ ବିପୁଳ ପରିମାଣର କଫ୍ ସିରପ୍।

**ବଲାଙ୍ଗୀର ଅଫିସ,୨୮।୧୧**

- ■ ୩ ଗିରଫ, ମାଷ୍ଟରମାଇଣ୍ଡ ଫେରାର୍
- ■ କଟକରୁ ବଲାଙ୍ଗୀର ଆସୁଥିଲା
- ■ ଫିଲ୍ମ ଷ୍ଟାଇଲରେ ଧରାପଡିଲେ କଫ୍ ସିରଫ ମାଫିଆ
- ■ ଅଳ୍ପକେ ବର୍ତ୍ତିଲେ ପୋଲିସ ଟିମ୍
- ■ ଏସ୍‌ପିଙ୍କ ହ୍ୱାଟସ୍ ଅପ୍ ନମ୍ବରରୁ ମିଳିଲା ଗୁରୁତ୍ୱପୂର୍ଣ୍ଣ ସୂଚନା

କଟକରୁ ବଲାଙ୍ଗୀର ଚାଲାଣ ହେଉଥିବା ବିପୁଳ ପରିମାଣର କଫ୍ ସିରପ ଭର୍ତ୍ତି ଗାଡି (ନଂ.ଓଡି ୧୭ଆର ୨୦୯୭)କୁ ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥରେ ପୋଲିସର ସ୍ୱତନ୍ତ୍ର ଟିମ୍ ବୁଧବାର ବିଳମ୍ବିତ ରାତିରେ ଜବତ କରିଛି । ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ବଲାଙ୍ଗୀର ମାଲପଡାର ପ୍ରଶାନ୍ତ କ୍ଷେତି (୩୨), ବରପାଲିପଡାର ରାଜୁ ପ୍ରଧାନ (୨୯) ଓ ଭୁବନେଶ୍ୱର ଖଣ୍ଡଗିରି ଥାନା ଡେଲ୍‌ଟା ଛକ ଅଞ୍ଚଳର ସୁଶୀଳ ବାରିକ (୨୯)। ଘଟଣାସ୍ଥଳରୁ ଏକ ମ୍ୟାକ୍ସ ପିକ୍‌ଅପ୍ ଭ୍ୟାନ୍ ଜବତ କରାଯିବା ସହ ସେଥିରୁ ୧୦,୬୮୦ ବୋତଲ କଫ୍ ସିରପ୍ ଜବତ୍ କରାଯାଇଛି। ଏହାର ମାଷ୍ଟରମାଇଣ୍ଡ ସାନ ଓରଫ୍ ଗୋବିନ୍ଦ ନେଗୀ ଘଟଣାସ୍ଥଳରୁ ଫେରାର ହେବାରେ ସଫଳ ହୋଇଛନ୍ତି।

ଫିଲ୍ମ ଷ୍ଟାଇଲରେ କଫ୍ ସିରପ୍ ଗାଡିକୁ ପାର କରିବା ବେଳେ ପୋଲିସ ଟିମ୍ ସହ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ଅଭିଯୁକ୍ତମାନେ କଫ୍ ସିରପ ଭର୍ତ୍ତି ଗାଡିକୁ ଜୋରରେ ଆଣି ପୋଲିସ ଟିମ୍‌କୁ ଧକ୍କା ଦେବାକୁ ଉଦ୍ୟମ କରିଥିଲେ। ହେଲେ ଅଳ୍ପକେ ପୋଲିସ ଟିମ୍ ସେଥିରୁ ବର୍ତ୍ତି ଯାଇଛି । ଆଡିଶନାଲ ଏସପି ସୁବାସ ଜମାଦାର ଗୁରୁବାର ଅପରାହ୍ନରେ ପୁଇଁତଲା ଥାନାରେ ଖବରଦାତା ସମ୍ମିଳନୀ କରି ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି । ବଲାଙ୍ଗୀର ଏସପି ସନ୍ଦୀପ ମାଡକର ସହରରେ ବୃଦ୍ଧି ପାଉଥିବା ଅପରାଧ ରୋକିବା ପାଇଁ କିଛିଦିନ ତଳେ ତାଙ୍କର ଏକ ସ୍ୱତନ୍ତ୍ର ମୋବାଇଲ ହ୍ୱାଟସ୍ ଆପ୍ ନମ୍ବର ଜାରି କରି ଏନେଇ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେବାକୁ ଜନସାଧାରଣଙ୍କୁ ଅପିଲ କରିଥିଲେ। ଯେଉଁମାନେ ଏହି ନମ୍ବରରେ ସୂଚନା ଦେବେ ତାହା ଅତ୍ୟନ୍ତ ଗୋପନୀୟ ରଖାଯିବ ଓ ତଥ୍ୟ ଅନୁଯାୟୀ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । ଉକ୍ତ ହ୍ୱାଟସ୍ ଅପ୍ ନମ୍ବରରେ ଏ ନେଇ ସୂଚନା ମିଳିଥିଲା । ଏସପି ମାଡକର ତତ୍‌କ୍ଷଣାତ ସଦର ଏସଡିପିଓ ଶ୍ରୀମନ୍ତ ବାରିକଙ୍କୁ ଏ ସଂକ୍ରାନ୍ତରେ ଜଣାଇଥିଲେ । ତାଙ୍କ ନେତୃତ୍ୱରେ ବଲାଙ୍ଗୀର ସଦର ଥାନାଧିକାରୀ ତୋଫାନ୍ ବାଗ, ଟାଉନ୍ ଥାନାଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକ, ପୁଇଁତଲା ଥାନାଧିକାରୀ ବି ରୁଦ୍ରିଆ, ସବ୍‌ଇନ୍ସପେକ୍ଟର ଆର.କେ ସାହୁ, ଏ.ନାୟକ ଓ ଏଏସ୍ଆଇ ଗୋପାଳ ଚନ୍ଦ୍ର ମିଶ୍ରଙ୍କୁ ନେଇ ଏକ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରିଥିଲେ । ବୁଧବାର ରାତିରେ କଟକରୁ ବଲାଙ୍ଗୀର ସହରକୁ କଫ୍ ସିରପ ବୋଝେଇ ମ୍ୟାକ୍ସ ପିକ୍‌ଅପ୍ ଭ୍ୟାନ୍ ଆସୁଥିବା ନେଇ ସୂଚନା ମିଳିବା ପରେ ସ୍ୱତନ୍ତ୍ର ସ୍କ୍ୱାଡ ସୋନପୁର-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ରଣ୍ଡା-ମଳମଣ୍ଡା-ପୁଇଁତଲା ମଝିରେ ରାସ୍ତା ଅବରୋଧ ପାଇଁ ଷ୍ଟପ୍ ଲେଖାଥିବା ଲୁହାବୋର୍ଡ ରଖିଥିଲେ । ରାତି ପ୍ରାୟ ୧ଟାରେ କଫ୍ ସିରପ୍ ବୋଝେଇ ଗାଡି ଆସିବା ପରେ ପୋଲିସ ଟିମ୍ ଏହାକୁ କାବୁ କରିବାକୁ ଉଦ୍ୟମ କରିବାବେଳେ ଗାଡି ଚଳାଉଥିବା ଅଭିଯୁକ୍ତ ପ୍ରଶାନ୍ତ କ୍ଷେତୀ ପୋଲିସଟିମ୍‌କୁ ଧକ୍କା ଦେବାକୁ ଉଦ୍ୟମ କରି କ୍ଷିପ୍ର ଗତିରେ ଗାଡି ମଡାଇ ଆଣିଥିଲେ । ତେବେ ପୋଲିସମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏହା ପରେ ରାସ୍ତା ଅବରୋଧ ଲୁହା ବୋର୍ଡକୁ ଧକ୍କା ଦେଇ ଚାଲିଯାଇଥିବା ବେଳେ ସାମ୍ନାରେ ଥିବା ଏକ ଟ୍ରକ୍‌ରେ ଗାଡିକୁ ବାଡେଇ ଦେଇଥିଲେ । ଏହାପରେ ପୋଲିସ ଟିମ୍ କଫ୍ ସିରଫ ବୋଝେଇ ଗାଡିକୁ ଜବତ୍ କରିବା ସହ ସେଥିରୁ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଗାଡିରୁ ୭୬୮୦ ବୋତଲ ଏସ୍‌କଫ୍ ବ୍ରାଣ୍ଡ ଏବଂ ୩୦୦୦ ବୋତଲ ରିକୋଡିଲ କଫ୍ ସିରିଫ୍ ଜବତ୍ ହୋଇଥିଲା । ଏହାର ବଜାର ମୂଲ୍ୟ ୧୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ସୂଚନା ଦିଆଯାଇଛି। ଦୀର୍ଘବର୍ଷ ହେଲା ଏହି ଅଭିଯୁକ୍ତମାନେ ବଲାଙ୍ଗୀର ସହର ତଥା ପଶ୍ଚିମ ଓଡିଶାର ବିଭିନ୍ନ ଜିଲାରେ କଫ୍ ସିରପ୍ ଚୋରା କାରବାର କରିଆସୁଥିବା ଜଣାପଡିଛି। ଏମାନଙ୍କ ମଧ୍ୟରୁ ଗିରଫ୍ ପ୍ରଶାନ୍ତ କ୍ଷେତି ଓ ଫେରାର ସାନ ନେଗୀ ପୂର୍ବରୁ ମଧ୍ୟ ପୋଲିସ ଦ୍ୱାରା ଗିରଫ ହୋଇଥିଲେ । ଜେଲରୁ ଜାମିନ୍‌ରେ ମୁକୁଳିବା ପରେ ସେମାନେ ପୁଣି ଥରେ କଫ୍ ସିରପ ଚୋରା କାରବାର ସାମ୍ରାଜ୍ୟ ଚଳାଇଥିବା ଜଣାପଡିଛି ।

# ଜବାବ ଦାଖଲ ପାଇଁ ସମୟ ନେଲେ ସରକାର

**କଟକ ଅଫିସ,୨୮।୧୧**

## ନାବାଳିକା ବଳାତ୍କାରୀଙ୍କୁ ଫାଶିଦଣ୍ଡ ମାମଲା

ନାବାଳିକା ବଳାତ୍କାର ଓ ହତ୍ୟା ଘଟଣାର ଅଭିଯୁକ୍ତ ଲବ ମାନ୍ନା(୩୫) ଫାଶିଦଣ୍ଡ ମାମଲାରେ ଜବାବ ଦାଖଲ କରିବାକୁ ସରକାର ସମୟ ନେଇଛନ୍ତି। ସରକାରଙ୍କ ଆବେଦନକୁ ଗ୍ରହଣ କରି ହାଇକୋର୍ଟ ଉକ୍ତ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଡିସେମ୍ବର ୧୨କୁ ଧାର୍ଯ୍ୟ କରିଛନ୍ତି। ହାଇକୋର୍ଟ ବିଚାରପତି ଜଷ୍ଟିସ ଏସ୍.କେ. ମିଶ୍ର ଏବଂ ବିଚାରପତି ଜଷ୍ଟିସ ବିଭୁ ପ୍ରସାଦ ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅଞ୍ଚଳର ଜଣେ ୯ ବର୍ଷୀୟା ନାବାଳିକା ୨୦୧୮ ମାର୍ଚ୍ଚ ୨୦ରେ ଘର ପାଖରେ ଖେଳୁଥିଲେ। ସେହି ସମୟରେ ଲବ ତାଙ୍କୁ ଚକୋଲେଟ ପ୍ରଲୋଭନ ଦେଖାଇ କାଜୁ ଜଙ୍ଗଲ ଆଡକୁ ଡାକି ନେଇ ବଳାତ୍କାର କରିଥିଲେ। ନାବାଳିକା ଜଣକ ଚିତ୍କାର କରିବାରୁ ଲବ ଧରାପଡ଼ିଯିବା ଭୟରେ ତାଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ଘଟଣାର ପରଦିନ ପୋଲିସ ମୃତଦେହ ଜବତ କରିବା ସହିତ ଲବଙ୍କୁ ବାଦାମବାଡ଼ି ବସଷ୍ଟାଣ୍ଡ ନିକଟରୁ ଗିରଫ କରିଥିଲା। ଉକ୍ତ ମାମଲାର ବିଚାର ଜଗତ୍‌ସିଂହପୁର ପୋକ୍‌ସୋ କୋର୍ଟରେ ଚାଲିଥିଲା। ୨୫ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଏବଂ ମାମଲାର ଅନ୍ୟାନ୍ୟ ପ୍ରମାଣପତ୍ରକୁ ଆଧାର କରି ଲବଙ୍କୁ ଜଗତ୍‌ସିଂହପୁର ପୋକ୍‌ସୋ କୋର୍ଟ ଗତ ସେପ୍ଟେମ୍ବର ୧୦ରେ ଫାଶିଦଣ୍ଡରେ ଦଣ୍ଡିତ କରିଥିଲେ। ତଳ କୋର୍ଟର ରାୟ ବିରୋଧରେ ଲବ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।
- କାର୍ଲାଇଲ



## ସଂକ୍ଷେପରେ

### ଓଡ଼ିଆ ବିଭାଗରେ ଆଲୋଚନାଚକ୍ର

**ଡୁଙ୍ଗୁରିପାଲି, ୨୮।୧୧(ଡି.ଏନ୍.ଏ.):** ଡୁଙ୍ଗୁରିପାଲି ଡିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଗୁରୁବାର ତରୁଣକାନ୍ତି ମିଶ୍ରଙ୍କ 'ଛାୟାଘନ ପ୍ରାନ୍ତରର ସୀମା' ଶୀର୍ଷକ ଗଳ୍ପ ଉପରେ ଏକ ଆଲୋଚନାଚକ୍ର ଅଧକ୍ଷ ସାମନ୍ତ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଛାତ୍ର ରଞ୍ଜନ କୁମାର ଅମବର ପ୍ରାରମ୍ଭିକ ସୂଚନା ପ୍ରଦାନ ପରେ ଛାତ୍ରୀ କୁଞ୍ଜଲତା ବେହେରା ଭିତ୍ତି ପ୍ରବନ୍ଧ ଉପସ୍ଥାପନା କରିଥିଲେ। ଆଲୋଚନାଚକ୍ରରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ରହିଥିଲା। ଏଥିରେ ଛାତ୍ରୀଛାତ୍ର ବିଭିନ୍ନ ପ୍ରଶ୍ନ ପଚାରିଥିବାବେଳେ କୁଞ୍ଜଲତା ବେହେରା ଏହାର ଉତ୍ତର ଦେଇଥିଲେ। ବିଭାଗୀୟ ମୁଖ୍ୟ ଡ. ଭଗୀରଥ ପୁରୋହିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅଧାପକ କିଶୋର ମେହେରଙ୍କ ରଚିତ କଙ୍କଡା ଗୋଡିଆ (କ) ଓ ଅନ୍ୟାନ୍ୟ ପ୍ରବନ୍ଧ ସଭାପତିଙ୍କ ହସ୍ତରେ କୁଞ୍ଜଲତା ବେହେରାଙ୍କୁ ଅର୍ପଣ କରାଯାଇଥିଲା। ଛାତ୍ରୀ ଚୁମକି ବାଗ ଉଦ୍‌ଯାପନୀ ସଂଗୀତ ଗାନ କରିଥିଲାବେଳେ ସନ୍ତୋଷିନୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

### ତାଗିଦ ଭିଡିଓ ଭାଇରାଲ: ଥାନାରେ ଅଭିଯୋଗ କଲେ ତହସିଲଦାର

**ଲଇକେରା, ୨୮।୧୧(ଡି.ଏନ୍.ଏ.):** ଝାରସୁଗୁଡ଼ା ଜିଲା ଲଇକେରା ତହସିଲ ଅଧୀନ ସାହାସପୁର ଗ୍ରାମର ଅରୂପା ରଣା ଏକ ପ୍ରଧାନମନ୍ତ୍ରୀ ଆବାସ ଘର ତିଆରି କରୁଥିବାବେଳେ ଅଭିଯୋଗ ପାଇ ତହସିଲଦାର ତପନ ଦେବ ଚକ୍ରବର୍ତ୍ତୀ ପରିଦର୍ଶନରେ ଯାଇ ଘର ତିଆରି କାମ ବନ୍ଦ କରିଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ଉକ୍ତ ବ୍ୟକ୍ତି ତହସିଲଦାରଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ୍ କରି ନିଜ ଜାଗାରେ ଘର ତିଆରି କରୁଥିବା କହିଥିଲେ। ତହସିଲଦାର ଉକ୍ତ ଜାଗା ରାସ୍ତା କିସମର ବୋଲି କହିବା ସହ ବସ୍ତିରେ ତମ ନିଜସ୍ୱ ଜାଗାରେ ଘର ତିଆରି କର ନଚେତ ଘର ଭାଙ୍ଗି ଦିଆଯିବ। ଏଥିରେ ସରକାରଙ୍କ ଯାହା କ୍ଷତି ହେବ ତାହା ତମେ ଦେବ ବୋଲି ତାଗିଦ୍ କରିଥିଲେ। ହେଲେ ଏ ସମସ୍ତ ବାର୍ତ୍ତାଳାପକୁ କୌଶଳକ୍ରମେ ଭିଡିଓ ରେକର୍ଡିଂ କରି ଭାଇରାଲ କରାଯାଇଛି। ଏ ନେଇ ତହସିଲଦାର ଥାନାରେ ଲିଖିତ ଅଭିଯୋଗ କରିଥିବା କହିଛନ୍ତି। ଅନ୍ୟପଟେ ଯେ କେହି ହୁଅନ୍ତୁ ସରକାରୀ ଜାଗା ହଡ଼ପ କଲେ ବରଦାସ୍ତ କରାଯିବ ନାହିଁ। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ୩ ଗ୍ରାମକୁ ଉଚ୍ଛେଦ ନୋଟିସ ଜାରିକଲା ଏମ୍‌ସିଏଲ୍

**ଲଖନପୁର, ୨୮।୧୧(ଡି.ଏନ୍.ଏ.):** ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍(ଏମ୍‌ସିଏଲ୍) ଲଖନପୁର କୋଇଲା କ୍ଷେତ୍ରାଧୀନ କ୍ଷତିଗ୍ରସ୍ତ ୩ ଗ୍ରାମବାସୀଙ୍କୁ ଉଚ୍ଛେଦ ପାଇଁ କମ୍ପାନୀ ତରଫରୁ ନୋଟିସ୍ ଜାରି କରାଯାଇଛି। ଏହା ଜଣାପଡ଼ିବା ପରେ ଲଖନପୁର କୋଇଲାଖଣି ବିସ୍ଥାପିତ ସଂଗ୍ରାମ ସମିତି ଆହ୍ୱାନକ୍ରମେ ଖଣି ପ୍ରଭାବିତ ୮ଗୋଟି ଗ୍ରାମର ଶତାଧିକ ମହିଳା, ପୁରୁଷ ଦର୍ଲିପାଲି ଗ୍ରାମରେ ମେଳି ହୋଇଥିଲେ। ଏଥିରେ ଦର୍ଲିପାଲି, ଖଇରକୁନି, ଟିଙ୍ଗିସମାଲ୍, ଉବୁଡ଼ା, କୁଡ଼ାଲୋଇ, ଛୁଆଲିବେର୍ଣ୍ଣା ଆଦି ଗ୍ରାମବାସୀ ଉପସ୍ଥିତ ଥିଲେ। ସଂଗ୍ରାମ ସମିତି ସଭାପତି ବିରଞ୍ଚି ସାହୁଙ୍କ ଅଧକ୍ଷତାରେ ଏକ ସଭାର ଆୟୋଜନ ହୋଇଥିଲା। ଏଥିରେ ଉପଦେଷ୍ଟା ଗୋପୀନାଥ ମାଝି, ସାମାଜିକ କର୍ମୀ ମହମ୍ମଦ ରଉଫ୍, ସନ୍ତୋଷ ସହନେତ, ଘନଶ୍ୟାମ ବାରିକ, ଗୋବିନ୍ଦ କରାଳୀ, ରବୀନ୍ଦ୍ର ସାହୁ, ଅମୋଦ ଓରାମ, ଗଙ୍ଗାଧର ବାଗ୍, ରାଜୁ ରୋହିଦାସ, ସୁରୋଜ କରାଳୀ, କସ୍ତୁରୀ କରାଳୀ ଓ ମମତା ସିଂ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଏମ୍‌ସିଏଲ୍ ବିସ୍ଥାପିତ ଓ ଥଇଥାନକୁ ନେଇ ଗତ ମାସ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆର୍‌ପିଡିଏସି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା ହୋଇଥିଲା। ଏ ନେଇ ଏକ ମ୍ୟୁନଟସ୍ ପ୍ରକାଶ ପାଇଛି। ଏଥିରେ କ୍ରମିକ ନଂ.୩ରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯେ, ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ ସୁବିଧା ସୁଯୋଗ ଦେଇ ଥଇଥାନ ନ କରିବା ପର୍ଯ୍ୟନ୍ତ କମ୍ପାନୀ କର୍ତ୍ତୃପକ୍ଷ ବଳପୂର୍ବକ ଉଚ୍ଛେଦ କରିବେନାହିଁ। ହେଲେ କମ୍ପାନୀ କର୍ତ୍ତୃପକ୍ଷ ଆର୍‌ପିଡିଏସି ବୈଠକରେ ହୋଇଥିବା ନିଷ୍ପତ୍ତିକୁ ଭ୍ରୂକ୍ଷେପ ନ କରି ଦର୍ଲିପାଲି, ଖଇରକୁନି, ଟିଙ୍ଗିସ୍‌ମାଲ୍ ଆଦି ଗ୍ରାମବାସୀଙ୍କୁ ଗାଁ ଛାଡ଼ିବା ପାଇଁ ନୋଟିସ ଜାରି କରିଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ ଏହି ୩ ଗ୍ରାମବାସୀଙ୍କ ଥଇଥାନ ପାଇଁ ଉପଯୁକ୍ତ ବ୍ୟବସ୍ଥା କରି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ସରକାରଙ୍କ ବିସ୍ଥାପିତ ଓ ଥଇଥାନ ନୀତିକୁ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ଭ୍ରୂକ୍ଷେପ କରୁ ନ ଥିବା ଗ୍ରାମବାସୀ କହିଛନ୍ତି। ଫଳରେ କମ୍ପାନୀର ନୋଟିସ ପାଇବା ପରେ ଏହି ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି।

# ଜଙ୍ଗଲ ସୁରକ୍ଷାରେ ସମର୍ପିତ ହରଙ୍କ ଜୀବନ

**ସୋନପୁର,୨୮।୧୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଆଡ଼ିଆପଡ଼ାର ହର ବାଘାର(୮୧)। ସେ ଜଣେ ନିଆରା ମଣିଷ। ଜଙ୍ଗଲ ବଞ୍ଚିଲେ ଆମେ ବଞ୍ଚିବା– ଏହି ବାର୍ତ୍ତାକୁ ସେ ଭଲ ଭାବେ ବୁଝିଛନ୍ତି। ପରିଣତ ବୟସରେ ମଧ୍ୟ ସେ ଜଙ୍ଗଲକୁ ସୁରକ୍ଷା ଦେଉଛନ୍ତି। ବିନା ସ୍ୱାର୍ଥରେ ପରିବେଶ ସୁରକ୍ଷା ପାଇଁ ସେ ନିଜର ପ୍ରଚେଷ୍ଟା ଜାରି ରଖିଛନ୍ତି। ତାଙ୍କ ଉଦ୍ୟମରେ ସୁରକ୍ଷିତ ରହି ପାରିଛି ଆଡ଼ିଆର ଏକ ସୁନ୍ଦର ଜଙ୍ଗଲ। ହର ଦୀର୍ଘ ୩୦ ବର୍ଷ ହେଲା ଜଙ୍ଗଲକୁ ନିଜ ପରିବାର ଭାବେ ଗ୍ରହଣ କରିଛନ୍ତି। ପ୍ରତିଦିନ ସୂର୍ଯ୍ୟ ଉଇଁଲେ ସେ ଘରୁ ଭାତ ନେଇ ଜଙ୍ଗଲକୁ ବାହାରି ଯାଆନ୍ତି। ହାତରେ ଟାଙ୍ଗିଆ ଓ ମୁଣ୍ଡରେ ପଗଡି ଭିଡ଼ି ଆଡ଼ିଆ ଜଙ୍ଗଲରେ ବୁଲନ୍ତି। ଗଛରେ ଉଇ ଲାଗିଥିବା ଦେଖିଲେ ଝାଡି ଦିଅନ୍ତି। ଅନାବନା ଗଛକୁ ଟାଙ୍ଗିଆରେ କାଟି ସଫା କରନ୍ତି। କାଠ ଚୋରଙ୍କୁ ଦେଖିଲେ ତାଗିଦ୍ କରନ୍ତି, ନ ହେଲେ ଜଙ୍ଗଲ ବିଭାଗକୁ ଜଣାଇ ଦିଅନ୍ତି। ତାଙ୍କ ପ୍ରଚେଷ୍ଟାରେ ୩୫ ହେକ୍ଟର ଜମିରେ ଏକ ସୁନ୍ଦର ଜଙ୍ଗଲ ସୃଷ୍ଟି ହୋଇପାରିଛି। ଜଙ୍ଗଲରେ ଶାଗୁଆନ, ଶାଳ, ପିଆଶାଳ ଆଦି ଗଛ ସବୁ ଏବେ ବଡ଼ ହେବାକୁ ବସିଲାଣି। ପ୍ରକୃତିପ୍ରେମୀ ହରଙ୍କର ଏହି ନିଃସ୍ୱାର୍ଥପର ସେବା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା ମିଳୁଛି। ହେଲେ ସରକାରୀ ସ୍ତରରେ ତାଙ୍କୁ ଏପର୍ଯ୍ୟନ୍ତ ସମ୍ମାନ କି ପ୍ରଶଂସା ପତ୍ର ଖଣ୍ଡିଏ ମିଳିନି। ହର କୁହନ୍ତି, ଜଙ୍ଗଲର ଗଛଲତାକୁ ସେ ନିଜ ପିଲାଛୁଆ ଭଳି ଭାବନ୍ତି। ଜଙ୍ଗଲକୁ ଦିନେ ନ ଗଲେ ତାଙ୍କର ଖାଦ୍ୟ ହଜମ ହୁଏନି। ଦିନ ଥିଲା ଏହି ଜଙ୍ଗଲକୁ କାଟି ସଫା କରି ଦେଉଥିଲେ ଦୁର୍ବୃତ୍ତମାନେ। ବନ ବିଭାଗ କେବଳ ନିଦା ବିଷ୍ଣୁ ସାଜିଥିଲା। କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିଲା। ସେ ଏହାକୁ ସହ୍ୟ କରିପାରିଲେ ନାହିଁ। ଗଛ କାଟୁ ଥିବା ଲୋକଙ୍କୁ ତାଗିଦ୍ କଲେ। ସେହିଦିନଠାରୁ ସେ ଜଙ୍ଗଲକୁ ଜଗି ଆସୁଛନ୍ତି। ନିଃସ୍ୱାର୍ଥପର ଭାବେ ଦୀର୍ଘ ୩୦ ବର୍ଷ ହେଲା ସେ ଏହି କାର୍ଯ୍ୟ କରୁଛନ୍ତି। ସେ କୁହନ୍ତି, ଜଙ୍ଗଲ ଧ୍ୱଂସ ପାଇଁ ପରିବେଶ ପ୍ରଦୂଷିତ ହେଉଛି। ଜଳ ଓ ବାୟୁ ପ୍ରଦୂଷଣ ଭୟଙ୍କର ରୂପ ଧାରଣ କଲାଣି। ମାତ୍ର ଜଙ୍ଗଲର ସୁରକ୍ଷା ଦିଗରେ କେହି ସଚେତନ ନୁହନ୍ତି। ନଷ୍ଟ କରିବାକୁ ସ୍ୱାର୍ଥପର ମଣିଷଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ଏହା ଜାରି ରହିଲେ ସାଧାରଣ ଜୀବନଯାତ୍ରା ଦୁର୍ବିଷହ ହୋଇପଡ଼ିବ। ଏ ସମ୍ପର୍କରେ ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ସାମନ୍ତରାୟ କୁହନ୍ତି, ହର ଜଣେ ପ୍ରକୃତି ପ୍ରେମୀ। ପରିଣତ ବୟସରେ ସେ ଜଙ୍ଗଲକୁ ସୁରକ୍ଷା ଦେଉଛନ୍ତି। ତାଙ୍କ କାର୍ଯ୍ୟକୁ ଅନ୍ୟମାନେ ଅନୁସରଣ କରିବା ଉଚିତ। ଆଗାମୀ ଦିନରେ ବନ ବିଭାଗ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯିବ ବୋଲି ସାମନ୍ତରାୟ କହିଥିଲେ।



ପରିଣତ ବୟସରେ ହର ବାଘାର ଜଙ୍ଗଲର ସୁରକ୍ଷା କରୁଛନ୍ତି।



ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିବା କୌଶଳ ପ୍ରଦର୍ଶନ କରୁଛନ୍ତି।

# ଅଗ୍ନିଶମ ବିଭାଗର ସଚେତନତା କାର୍ଯ୍ୟକ୍ରମ

**ଉଲୁଣ୍ଡା, ୨୮।୧୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ତେଲଣ୍ଡା ଗ୍ରାମରେ ଗୁରୁବାର ସ୍ଥାନୀୟ ଅଗ୍ନିଶମ ବିଭାଗ ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବିଭାଗୀୟ ଭାରପ୍ରାପ୍ତ ଅଧିକାରୀ ଭରତଲାଲ ଏକ୍କାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମବାସୀ ଉପସ୍ଥିତ ରହି ବନ୍ୟା, ବାତ୍ୟା ସମୟରେ କିପରି ସୁରକ୍ଷିତ ରହି ଅନ୍ୟକୁ ସୁରକ୍ଷା ଦେଇ ପାରିବେ ସେ ଉପରେ ତାଲିମ ଗ୍ରହଣ କରିଥିଲେ। ଏହା ସହିତ ବନ୍ୟା ସମୟରେ ହେଉଥିବା ବିଭିନ୍ନ ସଂକ୍ରମଣ ଜନିତ ରୋଗର ମୁକାବିଲା, ଆବଶ୍ୟକୀୟ ପ୍ରସ୍ତୁତି, ସାପକାମୁଡ଼ାର ପ୍ରାଥମିକ ଚିକିତ୍ସା ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଏହି ଅବସରରେ ହାବିଲଦାର ଭୁଲେଶ୍ୱର ବୁଲୁ ଏବଂ ପ୍ରଦୀପ ମେଣ୍ଡେଲି ଯୋଗଦେଇ ଗ୍ୟାସ ସିଲିଣ୍ଡରରେ ନିଆଁ ଲାଗିଲେ ଏହାକୁ କିପରି ଆୟତ୍ତ କରଯାଇପାରିବ ତାହା ବ୍ୟବହାରିକ ପଦ୍ଧତିରେ ଲୋକଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ସ୍ଥାନୀୟ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ସ୍ଥାନୀୟ ଏଏନ୍‌ଏମ୍ ଉପସ୍ଥିତ ଥିଲେ।

# ଟ୍ରକ୍ ଧକ୍କାରେ ସ୍କୁଲଫେରନ୍ତା ଶିକ୍ଷୟିତ୍ରୀ ମୃତ

**ଝାରସୁଗୁଡ଼ା ଅଫିସ୍/ଲଖନପୁର, ୨୮।୧୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ବାଇପାସ୍ ୪୯ନଂ. ଜାତୀୟ ରାଜପଥ ପ୍ରସନ୍ନ ପଣ୍ଡା ଛକରେ ଗୁରୁବାର ଜଣେ ସ୍କୁଲଫେରନ୍ତା ଶିକ୍ଷୟିତ୍ରୀଙ୍କ ଟ୍ରକ୍ ଧକ୍କାରେ ମୃତ୍ୟୁ ହୋଇଛି। ମୃତ ଶିକ୍ଷୟିତ୍ରୀ ଜଣକ ଲହଣ୍ଡାବୁଡ୍‌ର ଜ୍ୟୋତ୍ସ୍ନାରାଣୀ ସୂତାର(୩୭) ବୋଲି ଜଣାପଡିଛି। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅପରପକ୍ଷରେ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଓ ଦୁର୍ଘଟଣାଗ୍ରସ୍ତ ସ୍କୁଟିକୁ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, ମୃତ ଶିକ୍ଷୟିତ୍ରୀ ଜଣଙ୍କ ସରବାହାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କାର୍ଯ୍ୟ କରୁଥିଲେ। ସ୍କୁଲ ଛୁଟିପରେ ସେ ସ୍କୁଟିରେ ଫେରୁଥିବାବେଳେ ସମ୍ବଲପୁରରୁ ବ୍ରଜରାଜନଗର ଯାଉଥିବା ଏକ ଖାଲିଟ୍ରକ ସ୍କୁଟିକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ଦୁର୍ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ସ୍ଥାନୀୟ ଲୋକେ ଅପରାହ୍ନ ୪ଟାରୁ ୭ଟା ପର୍ଯ୍ୟନ୍ତ ଜାତୀୟ ରାଜପଥ ଅବରୋଧ କରିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ଉପଜିଲାପାଳ ଶିବ ଟପ୍ପୋ, ଏସ୍‌ଡିପିଓ କୈଳାସ ଆଚାର୍ଯ୍ୟ, ଆଇଆଇସି ସାବିତ୍ରୀ ବଳ, ଆଇଆଇସି ସୁଚିସ୍ମିତା ମହାନ୍ତି, ଆଇଆଇସି ପବିତ୍ର କିଷାନ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଆନ୍ଦୋଳନକାରୀମାନେ ଜାତୀୟ ରାଜପଥ ଉପରେ ଯୁଦ୍ଧକାଳୀନ ଭିତ୍ତିରେ ଓଭରବ୍ରିଜ୍ ନିର୍ମାଣ, ମୃତ ଶିକ୍ଷୟିତ୍ରୀଙ୍କ ପରିବାରବର୍ଗଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ ଦାବି କରିଥିଲେ।

# ବାରପାହାଡ଼କୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦାବି

**ତରଭା, ୨୮।୧୧(ଡି.ଏନ୍.ଏ.)**

ତରଭା ବ୍ଲକ ଅନ୍ତର୍ଗତ ମେଣ୍ଡା, ଦେଉଳପଦର, ପାଇକବାହାଲ, ରାଣୀସର୍ଡ଼ା ପ୍ରଭୃତି ଗ୍ରାମପଞ୍ଚାୟତର ବ୍ରାହ୍ମଣୀପାଲି, ରାଜପାଲି, ଡାହିମାଲ ଗ୍ରାମର ସୀମାନ୍ତରେ ଥିବା ଐତିହାସିକ ବାରପାହାଡ଼କୁ ରାଜ୍ୟ ସରକାର ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ ଦାବିରେ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନରୋତ୍ତମ ମଲ୍ଲିକଙ୍କ ଆବାହକତ୍ୱରେ ଓ କିଶୋର ପଣ୍ଡାଙ୍କ ଅଧକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଉପସ୍ଥିତ ଜନସାଧାରଣଙ୍କ ମଧ୍ୟରୁ ରାମଚନ୍ଦ୍ର ପୂଝାରୀ ପ୍ରାଥମିକ ସୂଚନା ପ୍ରଦାନ କରିଥିଲେ। ଜଙ୍ଗଲ ପରିବେଷ୍ଟିତ ଏହି ପାହାଡ଼କୁ ବିଭିନ୍ନ ସମୟରେ ହଜାର ହଜାର ପର୍ଯ୍ୟଟକ ଆସୁଥିବା ଦୃଷ୍ଟିରୁ ଏହି ପାହାଡକୁ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତାର ଆବଶ୍ୟକତା ରହିଛି। ଏହି ପାହାଡ଼ ଉପରେ ଥିବା ଗୁମ୍ଫାରେ ବାରପାହାଡ଼ ଦେବୀ ପୂଜା ପାଉଛନ୍ତି। ପ୍ରତ୍ୟେକ ବର୍ଷ ଏଠାରେ ଜାନିଯାତ୍ରା ହୋଇଥାଏ। ପାହାଡ଼ ଉପରୁ ବର୍ଷର ପ୍ରାୟ ଅଧିକାଂଶ ସମୟ ଝରଣା ପାଣି ବୋହିଯାଉଥିବାବେଳେ ଏଠାରେ ଲୋକେ ବଣଭୋଜିର ଆସର ଜମାଇଥାନ୍ତି। ଆଗାମୀ ଦିନରେ ଅଞ୍ଚଳର ସମସ୍ତ ଲୋକଙ୍କୁ ସାମିଲ କରି ଏକ ବୈଠକର ଆୟୋଜନ କରାଯିବ ଏବଂ ବାରପାହାଡ଼କୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଁ ରାଜ୍ୟ ସରକାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ସର୍ବସମ୍ମତି କ୍ରମେ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା।

# ଜାତୀୟ ତମାଖୁ ବର୍ଜନ ସଚେତନତା କାର୍ଯ୍ୟକ୍ରମ

**ତରଭା, ୨୮।୧୧(ଡି.ଏନ୍.ଏ.)**

ତରଭା ବ୍ଲକ ଅନ୍ତର୍ଗତ ଶିବତୁଲା ସତ୍ୟନାରାୟଣ ହାଇସ୍କୁଲ ପରିସରରେ ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଜାତୀୟ ତମାଖୁ ବର୍ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁହାସୀ ଦଣ୍ଡସେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସୁଶ୍ରୀ ଚାନ୍ଦିନୀ ମେହେର, ବ୍ଲକ ତଥ୍ୟ ପରିଚାଳିକା ସଙ୍ଗୀତା ମେହେର, ସୁପରଭାଇଜର ମନୋଜ ମାଝି, ଶିକ୍ଷକ ନାରାୟଣ ମେହେର, ଶିକ୍ଷୟିତ୍ରୀ ପଲ୍ଲବୀ ଦାସ ଓ ପ୍ରତ୍ୟୁଷ କୁମାର ପଟେଲ ଉପସ୍ଥିତ ଥିଲେ। ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ସୁଶ୍ରୀ ଚାନ୍ଦିନୀ ତମାଖୁ ବର୍ଜନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଦଣ୍ଡସେନା ତମାଖୁ ମୁକ୍ତ ସମାଜ ଗଠନରେ କିଶୋରୀ କିଶୋରଙ୍କ ମୁଖ୍ୟ ଭୂମିକା ରହିଛି ବୋଲି କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ଅଧିକ ସଚେତନ କରିବା ଉଦ୍ଦେଶ୍ୟରେ ତର୍କ, ରଚନା, ନୃତ୍ୟ ଓ ସଙ୍ଗୀତ ପ୍ରଭୃତି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ତର୍କ ପ୍ରତିଯୋଗିତାରେ ଦଶମ ଶ୍ରେଣୀ ଛାତ୍ର ପ୍ରତ୍ୟୁଷ ରଞ୍ଜନ ମିଶ୍ର ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଦଶମ ଶ୍ରେଣୀ ଛାତ୍ର ମୃତ୍ୟୁଞ୍ଜୟ ଝାଙ୍କର ଦ୍ୱିତୀୟ ସ୍ଥାନ ଓ ଦଶମ ଶ୍ରେଣୀ ଛାତ୍ର ସପୁର ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ରଚନା ପ୍ରତିଯୋଗିତାରେ ଦଶମ ଶ୍ରେଣୀ ଛାତ୍ର ପ୍ରତ୍ୟୁଷ ରଞ୍ଜନ ମିଶ୍ର ପ୍ରଥମ, ନବମ ଶ୍ରେଣୀ ଛାତ୍ରୀ ଲକ୍ଷ୍ମୀ ମହାକୁର ଦ୍ୱିତୀୟ ଓ ନବମ ଶ୍ରେଣୀ ଛାତ୍ର ସମୀର ନାଏକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସଙ୍ଗୀତରେ ଷଷ୍ଠ ଶ୍ରେଣୀ ଛାତ୍ରୀ ଅଙ୍କିତା ବିଶ୍ୱାଳ ପ୍ରଥମ, ଦଶମ ଶ୍ରେଣୀ ଛାତ୍ରୀ ଶିବାନୀ ନାଏକ ଦ୍ୱିତୀୟ ଓ ଦଶମ ଶ୍ରେଣୀ ଛାତ୍ର ଜୟଶଙ୍କର ସୁନା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ନୃତ୍ୟରେ ନବମ ଶ୍ରେଣୀ ଛାତ୍ର ଦୁର୍ଯ୍ୟୋଧନ ସୁନା ପ୍ରଥମ, ଦଶମ ଶ୍ରେଣୀ ଛାତ୍ରୀ ପ୍ରେମିକା ମହାକୁର, ପ୍ରତିଭା ପାଣ୍ଡେ ମିଳିତ ଭାବେ ଦ୍ୱିତୀୟ ଓ ନବମ ଶ୍ରେଣୀ ଛାତ୍ର ସମୀର କୁମ୍ଭାର ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ରାଜକିଶୋର ସାହୁ ପରିଚାଳନା କରିଥିବାବେଳେ ଶିକ୍ଷକ ନାରାୟଣ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ନୀଳମଣି ମିଶ୍ର, ରଞ୍ଜନ ନାଏକ, ଉମେଶ ନାଏକ, ବାସୁ ସୁନା ଓ ଦେବେନ୍ଦ୍ର ମେହେର ପ୍ରମୁଖ ସହଯୋଗ କରିଥିଲେ।



ଜାତୀୟ ତମାଖୁ ବର୍ଜନ ସଚେତନତା ଶିବିରରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

# ବ୍ଲକସ୍ତରୀୟ ନିଯୁକ୍ତି ଓ ପରାମର୍ଶ ଶିବିର

**ଉଲୁଣ୍ଡା, ୨୮।୧୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପରିସରରେ ଗୁରୁବାର ବ୍ଲକସ୍ତରୀୟ ନିଯୁକ୍ତି ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ବିପିଏମ୍ ରଞ୍ଜନ କୁମାର ସ୍ୱାଇଁଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ମିତାଲୀ ମହାକୁର ମୁଖ୍ୟଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ନୀଳାମ୍ବର ମହାନନ୍ଦ, ଓରମାସ ଡେପୁଟି ସିଇଓ ଯୁବରାଜ ସାହୁ, ଏପିଡି ଟ୍ରେନିଙ୍ଗ ଶୈବାଳିନୀ ପଟ୍ଟନାୟକ, ଡିସି ସ୍କିଲ ବିଶ୍ୱମ୍ଭର ପରିଡ଼ା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଯୁବତୀ ଯୁବକଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବ୍ଲକର ୧୭ ଗୋଟି ପଞ୍ଚାୟତରୁ ୪୮୫ ଜଣ ଯୁବତୀ ଯୁବକ ଏହି ପରାମର୍ଶ ଶିବିରରେ ଯୋଗଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୩୭୫ ଜଣ ତାଲିମ ଗ୍ରହଣ ପାଇଁ ମନୋନୀତ ହୋଇଥିଲେ। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ୧୫ଟି ପ୍ରମୁଖ ତାଲିମ ପ୍ରତିଷ୍ଠାନ ଯୋଗଦେଇଥିଲେ। ଗ୍ରାମାଞ୍ଚଳରେ ୧୮ରୁ ୩୫ ବର୍ଷ ବୟସ ଭିତରେ ଥିବା ଶିକ୍ଷିତ ଯୁବତୀ ଯୁବକମାନଙ୍କୁ ଧନ୍ଦାମୂଳକ ତାଲିମ ଦେଇ ନିଶ୍ଚିତ କର୍ମନିଯୁକ୍ତି ଯୋଗାଇ ଦେବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପରିଚାଳନାରେ ବିଏଲସି ଧୀରେନ ମହାକୁର ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ପଞ୍ଚାୟତର ଏମବିକେ, ବ୍ୟାଙ୍କ ମିତ୍ର, ସିଆରପି, ଓଆରପି ପ୍ରମୁଖ ଉପସ୍ଥିତ ଥିଲେ।

# ମରଣଯନ୍ତା ପାଲଟିଛି ପୁଆ ରାସ୍ତା

**ତରଭା, ୨୮।୧୧(ଡି.ଏନ୍.ଏ.)**

ତରଭା ବ୍ଲକ ଅନ୍ତର୍ଗତ ପୁଆ ଗ୍ରାମପଞ୍ଚାୟତ ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡିରହିଛି। ରାସ୍ତାରେ ଥିବା ଖାଲଢ଼ିପ ଯୋଗୁ ଧନଜୀବନ କ୍ଷୟକ୍ଷତି ହେବା ଆଶଙ୍କା ଦେଖାଦେଇଛି। ସୂଚନାଯୋଗ୍ୟ ଯେ, ଗତ ଅଗଷ୍ଟ ମାସ ବନ୍ୟାରେ ପୁଆ ନିକଟସ୍ଥ ଅଙ୍ଗରାଜୋର ପୋଲ ନିକଟରେ ୩୦ ଫୁଟର ଗର୍ତ୍ତ ସୃଷ୍ଟି ହେବାରୁ ଏହି ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ସେ ସମୟରେ ପ୍ରଶାସନ ପକ୍ଷରୁ କାମଚଳା ରାସ୍ତା ମରାମତି କରାଯାଇଥିଲା। ହେଲେ ଆଜିକୁ ଦୀର୍ଘ ୩ମାସ ବିତିଯାଇଥିଲେ ସୁଦ୍ଧା ଜିଲା ପ୍ରଶାସନ କିମ୍ବା ବିଭାଗୀୟ କର୍ତ୍ତୃପକ୍ଷ ଏହି ରାସ୍ତା ପ୍ରତି ଦୃଷ୍ଟି ଦେଇନାହାନ୍ତି। ପୋଲ ନିକଟରେ ଥିବା କଲଭର୍ଟର ଗୋଟିଏ ବାଡ଼ା ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାବେଳେ ଆଜି ପର୍ଯ୍ୟନ୍ତ ତାହା ମରାମତି ହୋଇନାହିଁ। ଫଳରେ ବିଭିନ୍ନ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଜିଲା ପ୍ରଶାସନ ଏ ରାସ୍ତା ପ୍ରତି ଦୃଷ୍ଟି ଦେଇ ଶୀଘ୍ର ମରାମତି ଦିଗରେ ପଦକ୍ଷେପ ନେବାପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



ପୁଆ ଗ୍ରାମପଞ୍ଚାୟତକୁ ଯାଇଥିବା ରାସ୍ତାର ଅବସ୍ଥା।

# ଆତ୍ମସୁରକ୍ଷା ତାଲିମ ଛାତ୍ରୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବ

**ସୋନପୁର,୨୮।୧୧(ଡି.ଏନ୍.ଏ.)**

ଛାତ୍ରୀମାନେ ଛାତ୍ରଙ୍କଠାରୁ କୌଣସି ଗୁଣରେ କମ ନୁହନ୍ତି। ପାଠ ପଢ଼ାଠାରୁ ଆରମ୍ଭ କରି ସାମାଜିକ କାମ ଓ ଖେଳକୁଦ ସବୁରେ ସେମାନେ ଆଗରେ ରହୁଛନ୍ତି। ଦେଶ ପାଇଁ ସୁନାମ ଆଣୁଛନ୍ତି। ହେଲେ ବର୍ତ୍ତମାନର କଳୁଷିତ ସମାଜରେ ନାରୀ ସୁରକ୍ଷିତ ନୁହେଁ। ବିଭିନ୍ନ କ୍ଷେତ୍ରରେ ସେମାନଙ୍କୁ ନିର୍ଯାତନାର ଶିକାର ହେବାକୁ ପଡୁଛି। ତେଣୁ ସରକାର କଲେଜ ସ୍ତରର ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ ପ୍ରଦାନ କରୁଛନ୍ତି। ଏହା ଛାତ୍ରୀଙ୍କ ଆତ୍ମବିଶ୍ୱାସକୁ ବୃଦ୍ଧି କରିବ ବୋଲି ଗୁରୁବାର ସୋନପୁର କଲେଜରେ ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ଅବସରରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା କହିଛନ୍ତି। ଅତିରିକ୍ତ ଜିଲାପାଳ ପଣ୍ଡା କହିଥିଲେ ଯେ, ଦିଲ୍ଲୀର ନିର୍ଭୟା ଘଟଣା ପରେ ସରକାର ନାରୀଙ୍କ ସୁରକ୍ଷା ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ଆଇନରେ ପରିବର୍ତ୍ତନ ଆଣିଛନ୍ତି। ପୀଡ଼ିତାଙ୍କୁ ତ୍ୱରିତ ନ୍ୟାୟ ଦେବା ପାଇଁ ଫାଷ୍ଟଟ୍ରାକ୍ କୋର୍ଟ ଗଠନ ହୋଇଛି। କାର୍ଯ୍ୟକ୍ରମରେ କଲେଜର ଅଧକ୍ଷ ତରୁଣ କୁମାର ମିଶ୍ର ଅଧକ୍ଷତା କରି ନାରୀ ସଶକ୍ତୀକରଣ ପାଇଁ ସରକାରଙ୍କ ଏହି ତାଲିମ ଶିବିର ଆୟୋଜନ ଯୋଜନା ବେଶ ଉପଯୋଗୀ। ଆବଶ୍ୟକସ୍ଥଳେ ନାରୀ ଟିଏ ନିଜର ସୁରକ୍ଷା ପାଇଁ ଏହି ଆତ୍ମରକ୍ଷା କଳାର ଉପଯୋଗ କରିପାରିବ। ସେହିପରି କଲେଜର ଉପାଧକ୍ଷା କୃଷ୍ଣପ୍ରିୟା ମହାପାତ୍ର ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଆତ୍ମ ସୁରକ୍ଷା ତାଲିମ କାର୍ଯ୍ୟକ୍ରମର ଜିଲା ସଂଯୋଜିକ ଅଧାପିକା ନୀଳିମା ରଥ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ୬ଟି ପର୍ଯ୍ୟାୟରେ କଲେଜର ଯୁକ୍ତ୨ ଓ ଯୁକ୍ତ ୩ର ଛାତ୍ରୀଙ୍କୁ ତାଲିମ ଦିଆଯିବ ବୋଲି କହିଥିଲେ। ଗୁରୁବାରଠାରୁ ଆରମ୍ଭ ହୋଇଥିବା ଏହି ପ୍ରଥମ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ ଡିସେମ୍ବର ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କହିଥିଲେ। ସୋନପୁର କଲେଜ ଶାଖାର ସଂଯୋଜିକା ଅଧାପିକା ଇତିଶ୍ରୀ ଦାସ ସଭାକୁ ସଂଯୋଜନା କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର, ଛାତ୍ରୀ, ଅଧାପିକା ଓ ଅଧାପକ ବୃନ୍ଦ ଉପସ୍ଥିତ ଥିଲେ।




ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।



ତୁମେ ନ୍ୟାୟ ବା ଅନ୍ୟାୟ ଯାହା କରନା କାହିଁକି, କିନ୍ତୁ ମନେରଖ ଶେଷରେ ଧର୍ମର ହିଁ ଜୟ ହୋଇଥାଏ।
-ଚେଷ୍ଟର ଫିଲ୍ଡ



## ସଂକ୍ଷେପରେ

### ସୁନାଚେନ୍ ଲୁଟିନେଲେ ଦୁର୍ବୃତ୍ତ

ବରଗଡ଼ ଅଫିସ୍,୨୮।୧୧- ବରଗଡ଼ ହାଟପଦାକୁ ଗୁରୁବାର ପରିବା କିଣିବାକୁ ଆସିଥିବାବେଳେ ଜଣେ ମହିଳା ସୁନାଚେନ ଲୁଟ୍‌ର ସମ୍ମୁଖୀନ ହୋଇଛନ୍ତି। ମହିଳା ଜଣକ ବରଗଡ଼ ସହର ନିବାସୀ ଜୟନ୍ତୀ ମଲ୍ଲିକ ବୋଲି ଜଣାପଡ଼ିଛି । ତାଙ୍କ ଏତଲାକୁ ଭିତ୍ତି କରି ବରଗଡ଼ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଛି । ସୂଚନା ଅନୁଯାୟୀ, ଜୟଶ୍ରୀ ହାଟପଦାକୁ ପରିବା କିଣିବାକୁ ଆସିଥିଲେ । ଏହି ସମୟରେ ଜଣେ ଯୁବକ ଜୟଶ୍ରୀଙ୍କ ପାଖକୁ ଆସି ସେ ପିନ୍ଧିଥିବା ସୁନାଚେନକୁ ଲୁଟି ନେଇ ପାଖରେ ଏକ ବାଇକ୍ ସହିତ ରହିଥିବା ଅନ୍ୟଜଣେ ଯୁବକଙ୍କ ସହିତ ସେଠାରୁ ଖସି ଯାଇଥିଲେ । ପୋଲିସ ଉକ୍ତ ଘଟଣା ସମୟର ଭିଡ଼ିଓ ଫୁଟେଜ୍ ପାଇଥିବାବେଳେ ସେଥିରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଧରିବା ପାଇଁ ତନଘନା ଚଲାଉଥିବା ସୂଚନା ମିଳିଛି।

### ଫାଇନାଲରେ ୟୁନାଇଟେଡ୍ କ୍ଲବ

ବରଗଡ଼ ଅଫିସ୍,୨୮।୧୧- ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟେଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ବରଗଡ଼ର ୟୁନାଇଟେଡ୍ କ୍ଲବ ପ୍ରତିପକ୍ଷ ଖରମୁଣ୍ଡାକୁ ୧-୦ ଗୋଲରେ ହରାଇ ଫାଇନାଲକୁ ଉନ୍ନୀତ ହୋଇଛି । ୟୁନାଇଟେଡ୍ କ୍ଲବର ଅନିଲ ଦୀପ ଗୋଟିଏ ଗୋଲ ସ୍କୋର କରିଥିବାବେଳେ ପ୍ରତିପକ୍ଷ ଦଳର ଖେଳାଳିମାନେ ଗୋଲ ସ୍କୋର କରି ପାରି ନ ଥିଲେ । ପଞ୍ଚାନନ ପାତ୍ର, ସୁରେଶ ବେହେରା, ଶୁଭମ ପାତ୍ର, ଏସ.କେ ଶବଦର, ନାରାୟଣ ପଣ୍ଡା ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ । ଶୁକ୍ରବାର କଲାପାଣି ଓ ବରଗଡ଼ର ୟୁନାଇଟେଡ୍ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ।

### ବାପାଙ୍କ ମୃତ୍ୟୁ ଖବର ପାଇ ଜେଲରେ ଥିବା ପୁଅ ଅସୁସ୍ଥ

ବରଗଡ଼ ଅଫିସ୍/ସୋହେଲା,୨୮।୧୧- ବରଗଡ଼ ଜିଲା ସୋହେଲା ସବଜେଲ୍‌ରେ ଗୁରୁବାର ବିଚାରାଧୀନ କଏଦୀ ଆଶିଷ ରାଉତ୍ ତାଙ୍କ ବାପାଙ୍କ ଦେହାନ୍ତ ଖବର ପାଇ ହଠାତ୍ ଅସୁସ୍ଥ ହୋଇପଡ଼ିଛନ୍ତି। ବୁର୍ଲା ଭିମସାରରେ ଚିକିତ୍ସିତ ହୋଇ ଅବଶ୍ୟ ସେ ପୁଣି ଜେଲ୍‌କୁ ଫେରିଛନ୍ତି। ସମ୍ପୃକ୍ତ ବିଚାଧୀନ ବନ୍ଦୀ ବରଗଡ଼ର । ସେ ଏକ ମାମଲାର ବିଚାରାଧୀନ ବନ୍ଦୀ ଭାବେ ସୋହେଲା ସବ୍ ଜେଲ୍‌ରେ ଅଛନ୍ତି। ତେବେ ଗୁରୁବାର ସକାଳେ ବାପାଙ୍କ ଦେହାନ୍ତ ଖବର ପାଇ ଆଶିଷ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ । ସୋହେଲା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା । ସେଠାରେ ସେ ଚିକିତ୍ସିତ ହୋଇଥିବାବେଳେ ପରିବାର ଲୋକେ ପହଞ୍ଚିଥିଲେ। ଏହାପରେ ଜେଲ କର୍ମଚାରୀ ଓ ପରିବାର ଲୋକଙ୍କ ସହିତ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଠିକ୍‌ଥିବା ଜଣାପଡ଼ିବା ପରେ ପୁଣି ତାଙ୍କୁ ସୋହେଲା ସବ୍ ଜେଲକୁ ଅଣାଯାଇଥିଲା।

# ଟୋକନକୁ ନେଇ ବଢ଼ିଲା ରାଜନୀତି

## ମଣ୍ଡି ବୁଲି ଶାସକ ଦଳକୁ ସମାଲୋଚନା କଲା କଂଗ୍ରେସ

ବରଗଡ଼ ଅଫିସ୍,୨୮।୧୧

ରାଜ୍ୟ ସରକାରଙ୍କ ଟୋକନ ବ୍ୟବସ୍ଥାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ି ଚାଲିଛି । ଏଥିପାଇଁ ଧାନ କିଣାବିକା ମଧ୍ୟ ସ୍ୱାଭାବିକ ହୋଇପାରୁ ନାହିଁ। ଏପରିକି ଏହି ବ୍ୟବସ୍ଥାକୁ ନେଇ ରାଜନୀତି ମଧ୍ୟ ଆରମ୍ଭ ହୋଇ ଯାଇଛି । ରାଜନୈତିକ ଦଳ ଗୁଡ଼ିକ ରାଜ୍ୟ ସରକାରଙ୍କ ଏହି ବ୍ୟବସ୍ଥାକୁ ସମାଲୋଚନା କରିଛନ୍ତି । ଗୁରୁବାର ପ୍ରଦେଶ କଂଗ୍ରେସ କମିଟି(ପିସିସି) କୃଷକ ସେଲର ଏକ ପ୍ରତିନିଧି ଦଳ ବରଗଡ଼ ଜିଲା ଗସ୍ତରେ ଆସି ବିଭିନ୍ନ ମଣ୍ଡି ପରିଦର୍ଶନ ସହିତ ଧାନ କିଣାବିକା ସ୍ଥିତି ଅନୁଧ୍ୟାନ କରିଥିଲେ ଏବଂ ଅପରାହ୍ନରେ ବରଗଡ଼ରେ ଏକ ଖବରଦାତା ସମ୍ମିଳନୀ ଡାକିଥିଲେ । ଖବରଦାତା ସମ୍ମିଳନୀରେ ପିସିସି କୃଷକ ସେଲ ସଭାପତି ଅମୀୟ ପଟ୍ଟନାୟକ, ଅତାବିରାର ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦ, କୃଷକ ସେଲର ବରଗଡ଼ ଜିଲା ସଭାପତି ଦୟାସାଗର ମେଣ୍ଡଲୀ, ପୂର୍ବତନ ଜିଲା କଂଗ୍ରେସ ସଭାପତି ସତ୍ୟଭୂଷଣ ସାହୁ, ପ୍ରଦୀପ ଦେବତା, ସରୋଜ ମହାପାତ୍ର, ଦିଲିପ ପଣ୍ଡା, ନିପନ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ କଂଗ୍ରେସ ପ୍ରତିନିଧି ମଣ୍ଡଳୀ ।

ରାଜ୍ୟ ସରକାରଙ୍କ ଟୋକନ ବ୍ୟବସ୍ଥାକୁ ସମାଲୋଚନା କରିବା ସହିତ ଏହି ବ୍ୟବସ୍ଥାରେ ଶାସକ ଦଳ ସମର୍ଥିତ ଚାଷୀଙ୍କୁ ପ୍ରଥମରୁ ଟୋକନ ଦିଆଯିବା ସହିତ ସେମାନଙ୍କ ଧାନ କିଣାଯାଉଛି ବୋଲି ସେମାନେ ଅଭିଯୋଗ କରିଥିଲେ। ସେହିପରି ଖୋଦ୍ ଖାଦ୍ୟ ଯୋଗାଣ ଓ ଖାଉଟିପ୍ର କଲ୍ୟାଣ ମନ୍ତ୍ରୀ ଜିଲାର ୧୩ଟି ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ)ରେ ଗତ ରବିବାରରୁ ଧାନ ସଂଗ୍ରହ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା କହିଥିବାବେଳେ କାର୍ଯାନୁଷ୍ଠାନ ବଦଳରେ ଏଥର ପୁଣି ସେହି ପ୍ୟାକ୍ସର ସମ୍ପୃକ୍ତ ଅଧିକାରୀ, କର୍ମଚାରୀଙ୍କୁ ନେଇ ଧାନ କିଣାବିକା ଚାଲିବା ରାଜ୍ୟ ସରକାରଙ୍କ ଅସଲି ରୂପକୁ ପଦାରେ ପକାଇ ଦେଇଛି ବୋଲି ପୂର୍ବତନ ବିଧାୟକ ମହାନନ୍ଦ କହିଥିଲେ୍ ଅନ୍ୟପଟେ ଟୋକନକୁ ନେଇ ଶାସକ ଦଳର ମନ୍ତ୍ରୀ, ବିଧାୟକ ଚାଷୀଙ୍କୁ ଛଳନା କରୁଛନ୍ତି ବୋଲି ପିସିସି କୃଷକ ସେଲର ଜିଲା ସଭାପତି ମେଣ୍ଡଲୀ ଅଭିଯୋଗ କରିଥିଲେ । ଏହି ଦୃଷ୍ଟିରୁ ବରଗଡ଼ ଜିଲା ଧାନ କିଣାବିକାର ସିବିଆଇ ତଦନ୍ତ ସହିତ କେଉଁ ଚାଷୀଙ୍କ କେତେ ପରିମାଣରେ ଧାନ କିଣାଯାଇଛି ଏବଂ କେତେ ପ୍ରାପ୍ୟ ସେମାନଙ୍କୁ ପ୍ରଦାନ କରାଯାଇଛି, ତାର ଏକ ଶ୍ୱେତପତ୍ର ମଧ୍ୟ ପ୍ରକାଶ କରିବାକୁ ସେମାନେ ଦାବି କରିଥିଲେ । ଖବରଦାତା ସମ୍ମିଳନୀ ପୂର୍ବରୁ ଏହି ପ୍ରତିନିଧି ଦଳ ବରଗଡ଼ ନିୟନ୍ତ୍ରୀତ ବଜାର କମିଟି(ଆରଏମସି) ଅଧିନ ବେହେରା, କଲାପାଣି, ଅତାବିରା ଆରଏମସି ଅଧିନ ଅତାବିରା, କାଠଢ଼େରା ମଣ୍ଡି ବୁଲିବା ସହିତ ଧାନ କିଣାବିକା ଉପରେ ପଚାରି ବୁଝିଥିଲେ।

## ବରଗଡ଼ରେ ହେବ ସାହାଣୀ କପ୍ ଫୁଟବଲ୍

ବରଗଡ଼ ଅଫିସ୍,୨୮।୧୧

ବରଗଡ଼ରେ ଆନ୍ତଃଜିଲା ସାହାଣୀ କପ୍ ଫୁଟବଲ୍-୨୦୧୯ ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାର ୩ଟି ପୋଲ୍‌ର ମ୍ୟାଚ ଗୁଡ଼ିକ ଜିଲାର କଦଲିପାଲି, ଭେଡ଼େନ ଏବଂ ସୋହେଲାରେ ହେବ। ଆସନ୍ତା ଡିସେମ୍ବର ୩ତାରିଖରୁ ଏହା ଆରମ୍ଭ ହେବ। ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟେଡ଼ିୟମରେ ୧୧ତାରିଖ ସେମିଫାଇନାଲ ଏବଂ ୧୩ତାରିଖ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ବରଗଡ଼ ଜିଲା କ୍ରୀଡ଼ା ସଂସଦ କାର୍ଯ୍ୟାଳୟରେ ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଂସଦର ସାଧାରଣ ସମ୍ପାଦକ କିଶୋର ମିଶ୍ର ଏହି ସୂଚନା ଦେଇଛନ୍ତି। ଏଥର ସାହାଣୀ କପ୍ ୪ଟି ପୋଲ୍‌ରେ ଅନୁଷ୍ଠିତ ହେବ । ସେଥିମଧ୍ୟରେ ଗୋଟିଏ ପୋଲ୍‌ର ମ୍ୟାଚ ଗୁଡ଼ିକ ଢେଙ୍କାନାଲରେ ହେବାକୁ ଥିବାବେଳେ ଅନ୍ୟ ୩ଟି ପୋଲର ମ୍ୟାଚ ସାଙ୍ଗକୁ ଗୋଟିଏ ସେମିଫାଇନାଲ ଓ ଫାଇନାଲ ମ୍ୟାଚ ବରଗଡ଼ରେ ହେବ । ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ପକ୍ଷରୁ ଏହି ପ୍ରତିଯୋଗିତା ହେବ। ବରଗଡ଼ରେ ଜିଲା କ୍ରୀଡ଼ା ସଂସଦ ଏହାକୁ ଆୟୋଜନ କରୁଛି । ସୋହେଲା ଆଥ୍‌ଲେଟିକ ଆସୋସିଏଶନ, ଭେଡ଼େନ ଆଥ୍‌ଲେଟିକ ଆସୋସିଏଶନ ଓ କଦଲିପାଲିର ଗୋପବନ୍ଧୁ କ୍ଲବ ଏଥିରେ ସହଯୋଗ କରିବ ବୋଲି ସୂଚନା ଦିଆଯାଇଛି। ବରଗଡ଼ ଜିଲାରେ ହେବାକୁ ଥିବା ମ୍ୟାଚ ଗୁଡ଼ିକରେ ଭୁବନେଶ୍ୱର, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, ପୁରୀ, ମାଲକାନଗିରି, ବରଗଡ଼, ନବରଙ୍ଗପୁର, ଝାରସୁଗୁଡ଼ା, ଦେବଗଡ଼, କୋରାପୁଟ, ଖୋର୍ଦ୍ଧା, ମୟୂରଭଞ୍ଜ, ରାୟଗଡ଼ା ଏବଂ ସୁନ୍ଦରଗଡ଼ ଦଳ ଭାଗ ନେବେ। ଫାଇନାଲ ଖେଳ ମଧ୍ୟ ଏଠାରେ ହେବ ବୋଲି ସୂଚନା ଦିଆଯାଇଛି। ତେବେ ଏହି ଖବରଦାତା ସମ୍ମିଳନୀରେ ଫାଓର ଉପସଭାପତି ରବି ନାରାୟଣ ପଣ୍ଡା, ହରଦୀପ ସିଂ, ସତ୍ୟନାରାୟଣ ଦେବତା, ସନ୍ତୋଷ ପଣ୍ଡା, କ୍ଷିତିପତି ପ୍ରଧାନ, ସଚ୍ଚିଦାନନ୍ଦ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ।




ଖବରଦାତା ସମ୍ମିଳନୀରେ ଜିଲା କ୍ରୀଡ଼ା ସଂସଦର କର୍ମକର୍ତ୍ତା, ସଭ୍ୟବୃନ୍ଦ ।

## ନାଟକ 'ବୁକା'ରେ ବଳିପ୍ରଥାକୁ ବିରୋଧ

ବରଗଡ଼ ଅଫିସ୍,୨୮।୧୧

ବରଗଡ଼ର ସୌଖୀନ କଳାକାର ସଂଘ ସୁବର୍ଣ୍ଣ ଜୟନ୍ତୀ ବର୍ଷ ପାଳନ ଅବସରରେ ଗୁରୁବାର ସ୍ଥାନୀୟ ସୌଖୀନ ରଙ୍ଗମଞ୍ଚରେ ନାଟକ 'ବୁକା' ମଞ୍ଚସ୍ଥ କରିଛି। ଏହି ନାଟକରେ ବଳିପ୍ରଥାର ନିଚ୍ଛକ ଛବି ଦେଖିବାକୁ ମିଳିଥିଲା। ନିଖୁଣ ଅଭିନୟ କରି ବଳିପ୍ରଥା ବିରୋଧରେ କଳାକାରମାନେ ସଚେତନତା ସୃଷ୍ଟି କରିଥିଲେ । ନାଟ୍ୟକାର ଅଶୋକ ବହିଦାରଙ୍କ ରଚିତ ଏହି ନାଟକରେ ଅଶ୍ୱିନୀ କୁମାର ପଣ୍ଡା ନିର୍ଦ୍ଦେଶନା ଦେଇଥିଲେ । କନକ ଡନସନା, ଦିପାଂଶୁ ଆଚାର୍ଯ୍ୟ, ପ୍ରଭାସ ମହଲା, ତ୍ରିନାଥ ତ୍ରିପାଠୀ, ନେହେରୁ ସରାଫ, କେତନ ବଗାର ପ୍ରମୁଖ ନାଟକର ବିଭିନ୍ନ ଚରିତ୍ରରେ ଅଭିନୟ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପଶ୍ଚିମଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ସୁବାଷ ଚୌହାନ ମୁଖ୍ୟଅତିଥି, ଇଂ ଦେବବ୍ରତ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଅନୁଷ୍ଠିତ ସଭାରେ କିରଣ ମିଶ୍ର ସଂଯୋଜନା କରିଥିଲେ । ସୌଖୀନ କଳାକାର ସଂଘର ଉପସଭାପତି ଅନନ୍ତ କୁମାର ମଜୁମଦାର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସଂଘର ପ୍ରତିଷ୍ଠାତା ସଦସ୍ୟ ସ୍ୱର୍ଗତ ବିଭୁତି ଭୂଷଣ ପାଢ଼ୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।



ନାଟକ ବୁକାର ଏକ ଦୃଶ୍ୟ

## କମଳିନୀ ନାଏକ ଲେମଧର ୱାର୍ଡ ସଭ୍ୟା

ବିଜେପୁର, ୨୮।୧୧ (ଡି.ଏନ.ଏ.)

ବରଗଡ ଜିଲା ବିଜେପୁର ବ୍ଲକ ବୁଡାପାଲି ପଞ୍ଚାୟତ ଅନ୍ତର୍ଗତ ଲେମଧର ଗ୍ରାମର ୱାର୍ଡ ନଂ. ୧ର ୱାର୍ଡସଭ୍ୟା ନିର୍ବାଚନ ଫଳାଫଳ ଗୁରୁବାର ପ୍ରକାଶ ପାଇଛି । ଏଥିରେ କମଳିନୀ ନାଏକ ବିଜୟିନୀ ଘୋଷିତ ହୋଇଛନ୍ତି । କମଳିନୀ ତାଙ୍କ ପ୍ରତିଦ୍ୱନ୍ଦୀ ଚିନା ବାଗଙ୍କୁ ୧୪ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି। ଗୁରୁବାର ବ୍ଲକ ପରିସରରେ ତହସିଲଦାର ତଥା ବିଡିଓ ପଦ୍ମନାଭ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଭୋଟ ଗଣତି ହୋଇଥିଲା । ଏହି ୱାର୍ଡର ମୋଟ ୨୮୧ ଜଣଙ୍କ ମଧ୍ୟରୁ ୨୫୦ଜଣ ମତଦାତା ନିଜର ମତଦାନ ସାବ୍ୟସ୍ତ କରିଥିଲେ । ବାଲାଟ ପେପରର ଭୋଟ ଗଣତି ବେଳେ କମଳିନୀ ୧୨୭ ଖଣ୍ଡ ହାତେଇଥିବା ବେଳେ ଚିନା ବାଗଙ୍କୁ ୧୧୩ ଖଣ୍ଡ ଭୋଟରେ ସନ୍ତୁଷ୍ଟ ହେବାକୁ ପଡିଛି। ତେବେ ୧୦ ଖଣ୍ଡ ଭୋଟ ନାକଚ ହୋଇଛି। ମଙ୍ଗଳ ସଂପ୍ରସାରଣ ଅଧିକାରୀ ସଞ୍ଜୟ କୁମାର ଭୋଇ, ଭାରପ୍ରାପ୍ତ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଗଡତିଆ, ହିମାଂଶୁ ପଧାନ ପ୍ରମୁଖ ଭୋଟ ଗଣତି କରିଥିବା ବେଳେ ସଂପୃକ୍ତ ପ୍ରତିଦ୍ୱନ୍ଦୀଙ୍କ ଏଜେଣ୍ଟ ମଧ ଉପସ୍ଥିତ ଥିଲେ । ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ଗାଁରେ ଖୁସିର ଲହରୀ ଖେଳି ଯାଇଛି।



ବ୍ଲକ ଅଫିସ ପରିସରରେ ଭୋଟ ଗଣତି ଚାଲିଛି।

### ହାଇୱା ପଛରେ ପିଟିହେଲେ ୩ ବାଇକ୍ ଆରୋହୀ
## ଜଣେ ମୃତ, ୨ ଗୁରୁତର

ପାଇକମାଳ,୨୮।୧୧।୯ଡି.ଏନ.ଏ.)

ପାଇକମାଳ ବିନ୍ଧ୍ୟବାସିନୀ କଲେଜ ନିକଟରେ ବ୍ରେକ୍ ଫେଲ୍ ଯୋଗଚ ଛିଡା ହୋଇଥିବା ଏକ ହାଇୱା (ଓଡି ୦୩ସି ୫୨୭୨) ପଛରେ ଏକ ବାଇକ୍ (ସିଜି ୨୬-୩୬୨୬) ପିଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣକର ମୃତ୍ୟୁ ଘଟିଛି। ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ରମେଶ ସାହାଣୀ (୩୫)। ଗୁରୁତର ଦ୍ୱୟ ହେଲେ ଜଗମୋହନ ଚିନ୍ଦା (୪୦) ଓ ସୁରେନ୍ଦ୍ର ସହାଣି (୧୪)। ସମସ୍ତଙ୍କୁ ପଦ୍ମପୁର ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ରମେଶଙ୍କୁ ମୃତ ଘୋଷଣା କରାଯାଇଥିଲା। ବ୍ୟବଚ୍ଛେଦ ପରେ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ସୁରେନ୍ଦ୍ରଙ୍କୁ ବର୍ଲା ଭିମ୍‌ସାର ପଠାଯାଇଛି। ଜଗମୋହନଙ୍କୁ ପଦ୍ମପୁର ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ସୂଚନାଯୋଗ୍ୟ, ବୁଧବାର ବିଳମ୍ବିତ ରାତିରେ ମାଗୁରୁମାଲରୁ ଏମାନେ ବାଇକ୍‌ରେ ପାଇକମାଳ ଆସୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଏ ନେଇ ପାଇକମାଲ ଥାନାରେ ଏକ ମାମଲା (ନଂ ୨୧୧/୧୯) ରୁଜୁ ହୋଇଛି। ପୋଲିସ ଦୁଇଟି ଯାକ ଗାଡିକୁ ଥାନାକୁ ନେଇ ଜବତ କରିଛି।

## ଅପରିପକ୍ୱ ଯାଆଁଳା ଶିଶୁଙ୍କ ସଫଳ ଚିକିତ୍ସା

ବରଗଡ଼ ଅଫିସ୍,୨୮।୧୧

ବରଗଡ଼ସ୍ଥିତ ବିକାଶ ମଲ୍ଟି ସ୍ପେଶିଆଲିଟି ହସ୍‌ପିଟାଲରେ ପ୍ରସବ ହୋଇଥିବା ଅପରିପକ୍ୱ ଯାଆଁଳା ଶିଶୁଙ୍କ ସଫଳ ଚିକିତ୍ସା ହୋଇଛି । ବିକାଶ ଗ୍ରୁପ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ସେପ୍ଟେମ୍ବର ୧୯ତାରିଖରେ ୬ରୁ ୭ମାସ (୨୬/୨୭ ସପ୍ତାହ)ରୁ କମ୍‌ରେ ଜନ୍ମିତ ଅପରିପକ୍ୱ ପ୍ରସବ ହୋଇଥିବା ଯାଆଁଳା ଶିଶୁ ବୁର୍ଲା ଭିମ୍‌ସାର୍‌ରୁ ବିକାଶ ମଲ୍ଟି ସ୍ପେଶିଆଲିଟି ହସ୍‌ପିଟାଲକୁ ଚିକିତ୍ସା ନିମନ୍ତେ ପଠାଯାଇଥିଲା । ସେତେବେଳେ ଉଭୟ ଶିଶୁଙ୍କ ଓଜନ ୧କି.ଗ୍ରାରୁ କମ୍ ଥିଲା। ସେମାନେ ଠିକ୍‌ଭାବେ ଶ୍ୱାସକ୍ରିୟା କରି ପାରୁ ନ ଥିଲେ । ବିକାଶ ହସ୍‌ପିଟାଲରେ ଶିଶୁଦ୍ୱୟଙ୍କୁ ଶ୍ୱାସକ୍ରିୟା ପାଇଁ ଏକ ବିକଳ୍ପ ବ୍ୟବସ୍ଥା କରାଯାଇ ଭେଣ୍ଟିଲେଟରରେ ଦୀର୍ଘ ସମୟ ପର୍ଯ୍ୟନ୍ତ ରଖାଯାଇଥିଲା । ଯାଆଁଳା ଶିଶୁଙ୍କୁ ଅନ୍ତଃଶିରା ଦ୍ୱାରା ଖାଦ୍ୟ ଯୋଗାଇ ଦିଆଯାଇଥିଲା । ଦୀର୍ଘ ୭୧ଦିନ ପର୍ଯ୍ୟନ୍ତ ଶିଶୁଦ୍ୱୟଙ୍କ ଉଚିତ୍ ଚିକିତ୍ସା କରାଯାଇ ଗୁରୁବାର ଡିସଚାର୍ଜ କରାଯାଇଛି। ଡିସଚାର୍ଜ ସମୟରେ ପ୍ରତ୍ୟେକ ଶିଶୁର ଓଜନ ୨.୨ କି.ଗ୍ରା ରହିଥିଲା । ଉକ୍ତ ସଫଳତା ପାଇଁ ବିକାଶ ହସ୍‌ପିଟାଲ ପରିଚାଳନା କମିଟି ତରଫରୁ ଶିଶୁଦ୍ୱୟଙ୍କ ଚିକିତ୍ସା କରିଥିବା ଡାକ୍ତରୀ ଟିମ୍‌କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି । ବିକାଶ ମଲ୍ଟି ସ୍ପେଶିଆଲିଟି ହସ୍‌ପିଟାଲର ଶିଶୁ ଓ ନବଜାତ ଶିଶୁରୋଗ ବିଶେଷଜ୍ଞ ଡା. ଆଶିଷ ଶତପଥୀଙ୍କ ନେତୃତ୍ୱରେ ଶିଶୁରୋଗ ବିଶେଷଜ୍ଞ ଡା. ତାପସ ବାଇକର, ଡା. ମାଧବୀ ଡୁଗିରାଲା ପ୍ରମୁଖ ଚିକିତ୍ସା କରିଥିଲେ।



ଯାଆଁଳା ଶିଶୁ, ଅଭିଭାବକଙ୍କ ସହିତ ଡାକ୍ତରୀଟିମ୍ ।

## ମା'ଙ୍କୁ ଆକ୍ରମଣ କରି ପୁଅ ଗିରଫ

ସୋହେଲା,୨୮।୧୧(ଡି.ଏନ.ଏ.)

ସୋହେଲା ଥାନା ବୁଡାମାଲ ଗ୍ରାମରେ ଜଣେ ଯୁବକ ନିଜ ମାଆଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ କେଶ ନମ୍ବର ୧୯୪/୧୯ରେ ଆଇପିସିର ଧାରା ୩୦୭/୪୨୭ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ହେଲେ ଜୟନ୍ତ ସା (୨୭) । ସେ ତାଙ୍କ ମାଆ ଲଳିତା ସାଙ୍କ ଉପରେ ରାଗ ରଖି ଘରର ଚୌକି ଆଦି ଭାଙ୍ଗିଦେଇ ମାରପିଟ କରିଥିଲେ। ଏହାକୁ ଲଳିତା ପ୍ରତିବାଦ କରିବାରୁ ଜୟନ୍ତ ଉତ୍ତେଜିତ ହୋଇ ବାପା ରାଜେନ୍ଦ୍ର ସା ଓ ଅଜା ସନ୍ତୋଷ(ଲଳିତାଙ୍କ ବାପା)ଙ୍କୁ ଆକ୍ରମଣ କରି ରକ୍ତାକ୍ତ କରି ଦେଇଥିଲେ। ଲଳିତାଙ୍କୁ ମାରିଦେବା ପାଇଁ ତଣ୍ଟିକୁ ଚିପି ଦେଇଥିବାବେଳେ ଲଳିତାଙ୍କ ବାପା ଓ ସ୍ୱାମୀ ଛଡାଇଥିଲେ । ଜୟନ୍ତ ସବୁବେଳେ ରାଗ ରଖି ଏମାନଙ୍କୁ ମାରପିଟ କରୁଥିବା ସବୁବେଳେ ମାରିଦେବା ପାଇଁ ଧମକ ଦେଉଛନ୍ତି। ସେମାନଙ୍କ ଜୀବନପ୍ରତି ବିପଦ ରହିଛି ବୋଲି ଲଳିତା ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି । ପରିବାର ଲୋକେ ସମସ୍ତେ ଭୟରେ ଅଛନ୍ତି ବୋଲି ଲଳିତା ଅଭିଯୋଗ କରିଛନ୍ତି । ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ଗତ ୨୬ ତାରିଖ ଥାନାକୁ ଆସି ଲଳିତା ରିପୋର୍ଟ କରିଥିଲେ ।

## ଚାଷୀନେତା କୁଞ୍ଜ ବାରିକଙ୍କ ପରଲୋକ

ବରପାଲି, ୨୮।୧୧ (ଡି.ଏନ.ଏ.)

ବରିଷ୍ଠ ଚାଷୀ ନେତା ତଥା ପୂର୍ବତନ କଟାପାଲି ସମବାୟ ସଭାପତି କୁଞ୍ଜବିହାରୀ ବାରିକଙ୍କ (୮୨) ପରଲୋକ ହୋଇଛି । ସେ ଦୀର୍ଘ ଦିନ ହେଲା ଅସୁସ୍ଥ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁବ୍ୟକ୍ତି ତାଙ୍କ ବାସଭବନକୁ ପହଞ୍ଚି ଶେଷ ଦର୍ଶନ କରିଥିଲେ। ବାଞ୍ଜିପାଲିରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଜ୍ୟେଷ୍ଠପୁଅ ସାରଥି ମୁଖାଗ୍ନି ଦେଇଥିଲେ।

## ବିକାଶ ଶିକ୍ଷାନୁଷ୍ଠାନର ବାର୍ଷିକ କ୍ରୀଡ଼ା ଉତ୍ସବ

ବରଗଡ଼ ଅଫିସ୍,୨୮।୧୧

ବରଗଡ଼ର ବିକାଶ ଆବାସିକ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ- ରଫତାର୍ ଉଦଯାପିତ ହୋଇଛି। ଉକ୍ତ ପ୍ରତିଯୋଗିତାରେ ଏଲ୍‌କେଜିରୁ ଷଷ୍ଠଶ୍ରେଣୀ ପର୍ଯ୍ୟନ୍ତ ୩୬୫, ସପ୍ତମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୬୦୮, ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ୩୨୮ ଏବଂ ଯୁକ୍ତଦୁଇର ୧୨୨ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ୩ଦିନ ଧରି ଚାଲିଥିବା ଉକ୍ତ କ୍ରୀଡ଼ା ଉତ୍ସବକୁ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲୀକ୍ରୀଷ୍ଣା ଉଦଘାଟନ କରିଥିଲେ। ସେହିପରି ଉଦ୍‌ଯାପନୀ ସମାରୋହରେ ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡି. ନାଗେଶ୍ୱର ରାଓ ଯୋଗଦେବା ସହିତ ୨୮୦ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମୁରାରୀ ପ୍ରସାଦ ସାହୁ, ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ (ସିନିୟର ସେକେଣ୍ଡାରୀ) ଚିତ୍ତରଞ୍ଜନ ପତି, ମନୋରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଆଡ୍‌ମିନିଷ୍ଟ୍ରେଟିଭ ଅଫିସର ଏସ.କେ ରାଓ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ କରିଥିଲେ । କ୍ରୀଡ଼ା ସଂଯୋଜକ ପିତାମ୍ବର ପ୍ରଧାନଙ୍କ ସମେତ ଅଫିସିଆଲ ବିଜୟ ସରକାର, ସୁଶାନ୍ତ ସ୍ୱାଇଁ, ଅନିତା ଭୋଇ, ନିହାରୀକା ପଣ୍ଡା, ଷ୍ଟାଲିନ ଦାସ, ଅଶୋକ ସିଂ, କୀର୍ତ୍ତିମୟୀ ସାହାଣୀ, ପିଣ୍ଟୁ ଶାହା ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ । ବିକାଶ ଶିକ୍ଷାନୁଷ୍ଠାନର ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ ଏଥିରେ ସହଯୋଗ କରିଥିଲେ।





ବାର୍ଷିକ କ୍ରୀଡ଼ା ଉତ୍ସବରେ ଭାଗ ନେଇଥିବା ଛାତ୍ରଛାତ୍ରୀ (ବାମ) । ବାର୍ଷିକ କ୍ରୀଡ଼ା ଉତ୍ସବ ଅବସରରେ ବିକାଶର ଚେୟାରମ୍ୟାନ ବକ୍ତବ୍ୟ ରଖୁଛନ୍ତି ।



ତୁମେ ନିଜେ ଯେଉଁଳି ପଦାର୍ଥ ବ୍ୟବହାର କରୁଛି, ତା'ଠାରୁ ଭଲ ପଦାର୍ଥ ଅନ୍ୟକୁ ଦାନ କରିବା ପାଇଁ ଚେଷ୍ଟା କର। କୌଣସି ସମୟରେ ବି ନିକୃଷ୍ଟ ଜିନିଷ ଦାନ କର ନାହିଁ।
- ସ୍ୱାମୀ ଶିବାନନ୍ଦ ସରସ୍ୱତୀ

## ସଂକ୍ଷେପରେ

### ଜିଲାପାଳଙ୍କ ସମୀକ୍ଷା ବୈଠକ

କନ୍ଧମାଳ,୨୮।୧୧(ଡି.ଏନ.ଏ.)

ବୌଦ୍ଧ ଜିଲା କନ୍ଧମାଳ ବିଇଓ କାର୍ଯ୍ୟାଳୟଠାରେ ନୀତି ଆୟୋଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସାଥ-ଇର ସମୀକ୍ଷା ବୈଠକ ବୁଧବାର ଆୟୋଜିତ ହୋଇଛି। ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଏହି ବୈଠକରେ ଯୋଗ ଦେଇ ନୀତି ଆୟୋଗ ଦ୍ୱାରା ଗ୍ରହଣ କରା ଯାଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରି ସାଥ-ଇ ଯୋଜନା ସମ୍ପର୍କରେ ସହଯୋଗ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପାଳ ସ୍କୁଲଗୁଡିକରେ ଗୁଣାତ୍ମକ ଶିକ୍ଷାର ପ୍ରଚଳନ, ବାଳିକାଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ, ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ଓ ବିଦ୍ୟୁତୀକରଣ ଉପରେ ଗୁରୁତ୍ୱ ଦେଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରା ଯାଇଥିବା ସ୍କୁଲ୍ ମନିଟରିଂ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ବାୟୋ ମେଟ୍ରିକ ମେଶିନଗୁଡିକୁ ବ୍ଲକର ବିଇଓ, ଏବିଇଓଙ୍କୁ ପ୍ରଦାନ କରାଯାଇଛି। ବୈଠକରେ ଏଡିଇଓ ଗେନ୍ଦରା କୁଜୁର, ବିଇଓ ଦଶରଥ ମେହେର, ମୃତ୍ୟୁଞ୍ଜୟ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

## ସାମାଜିକ ସୁରକ୍ଷା ଯୋଜନା କର୍ମଶାଳା

# ସରକାର ଶିଶୁଙ୍କୁ ସୁରକ୍ଷା ବଳୟରେ ରଖୁଛନ୍ତି

ବୌଦ୍ଧ,୨୮।୧୧(ସ୍ୱ.ପ୍ର.)

ବୌଦ୍ଧ ଜିଲା ପ୍ରଶାସନ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହଠାରେ ସମନ୍ୱିତ ଶିଶୁସୁରକ୍ଷା ଯୋଜନା ଅନ୍ତର୍ଗତ ପୃଷ୍ଠ ପୋଷକତା ସହାୟତା ପାଉଥିବା ଶିଶୁ ଓ ଅଭିଭାବକମାନଙ୍କ ପାଇଁ ସାମାଜିକ ସୁରକ୍ଷା ଯୋଜନା ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ ମୁଖ୍ୟ ଅତିଥି ଭାବରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିଶୁମାନଙ୍କୁ ଏକ ସୁରକ୍ଷା ବଳୟ ମଧ୍ୟରେ ରଖିବା ପାଇଁ ସରକାର ଅନେକ ଜନ ହିତକାରୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ସମସ୍ତ ଯୋଜନାରେ ସାମିଲ ହୋଇ ସେଗୁଡିକର ଲାଭ ନେବା ପାଇଁ ଜିଲାପାଳ ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ। ସଭାରେ



ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ଜଣେ ଶିଶୁଙ୍କୁ ପୃଷ୍ଠ ପୋଷକତା ସହାୟତା ପ୍ରଦାନ କରାଯାଉଛି।

ସମ୍ମାନିତ ଅତିଥି ଭାବରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାଶ ଯୋଗ ଦେଇ ପୃଷ୍ଠପୋଷକ ସହାୟତା ପାଉଥିବା ସମସ୍ତ ଶିଶୁ ଏବଂ ତାଙ୍କ ପରିବାରକୁ ସରକାରୀ ଯୋଜନାରେ ସାମିଲ କରିବା ପାଇଁ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ କିଶୋର ନ୍ୟାୟ ବୋର୍ଡର ସଦସ୍ୟ ରାଜୀବ କୁମାର ନାଏକ ଯୋଗଦେଇ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନା, ମଧୁବାବୁ ପେନସନ ଯୋଜନା, ମହାତ୍ମା ଗାନ୍ଧୀ କର୍ମନିଯୁକ୍ତି ଯୋଜନା ପରି ଅନେକ ସାମାଜିକ ସୁରକ୍ଷା ଯୋଜନା ଉପରେ ବୁଝାଇ ସେହି ସରକାରୀ ଯୋଜନାରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ। ଜିଲା ଶିଶ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବର୍ତ୍ତମାନ ୩୦ ଜଣ ଶିଶୁଙ୍କୁ ପୃଷ୍ଠ ପୋଷକତା ସହାୟତା ଦିଆଯାଉଥିବା ସୁରକ୍ଷା ଅଧିକାରୀ ବସନ୍ତ କୁମାର ଦିଶିରି ସୂଚନା ଦେଇ ସମସ୍ତ ପରିବାରର ସାମାଜିକ ଓ ଅର୍ଥନୈତିକ ସ୍ଥିତି ଆକଳନ କରିଥିଲେ। ନୂଆ ଭାବେ ୯ ଜଣ ଶିଶୁଙ୍କୁ ଜିଲାପାଳଙ୍କ ଦ୍ୱାରା ପୃଷ୍ଠ ପୋଷକତା ସହାୟତା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଲିଗାଲ ପ୍ରବେସନ ଅଫିସର ସମରସେନ ସିଂ ଧନ୍ୟବାଦ ଦେଇଥିବା ବେଳେ ଶିଶୁସୁରକ୍ଷା ୟୁନିଟର ସହଦେବ ନାଏକ, ଚିତ୍ରସେନ ସାହୁ, ଧନଞ୍ଜୟ ଖମାରୀ, ସୁଶାନ୍ତ ଭୋଇ, ସତ୍ୟ ନାରାୟଣ ନାଏକ ସହଯୋଗ କରିଥିଲେ।

### ତୃତୀୟ ଦିନରେ ବାଉଁଶୁଣୀ କ୍ରିକେଟ ଟୁର୍ନାମେଣ୍ଟ

ବାଉଁଶୁଣୀ, ୨୮।୧୧ (ଡି.ଏନ.ଏ)

ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ହାଇସ୍କୁଲ ଖେଳ ପଡିଆଠାରେ ବାଉଁଶୁଣୀ କ୍ରିକେଟ ଟିମ୍ ଦ୍ୱାରା ଅନୁଷ୍ଠିତ କ୍ରିକେଟ ମ୍ୟାଚର ଗୁରୁବାର ୩ୟ ଦିନର ପ୍ରଥମ ମ୍ୟାଚ ଇଲେଭେନ ଷ୍ଟାର ସହିତ ସଗଜା ମଧ୍ୟରେ ୧୦ ଓଭର ବିଶିଷ୍ଟ ଖେଳ ହୋଇଥିଲା। ପ୍ରଥମେ ଇଲେଭେନ ଷ୍ଟାର ବ୍ୟାଟିଂ କରି ୬୩ ରନ୍ କରିଥିଲା। ସଗଜା ଦଳ ୬୪ ରନ୍ କରି ବିଜୟୀ ହୋଇଥିଲା। ଦ୍ୱିତୀୟରେ ଲାଲ ସ୍ପୋର୍ଟିଂ ସହ ଭୀମ ସ୍ପୋର୍ଟିଂ ମଧ୍ୟରେ ୮ ଓଭର ବିଶିଷ୍ଟ ଖେଳ ହୋଇଥିଲା। ପ୍ରଥମେ ଲାଲ ସ୍ପୋର୍ଟିଂ ବ୍ୟାଟିଂ କରି ୫୬ ରନ୍ କରିଥିଲା। ଭୀମ ସ୍ପୋର୍ଟିଂ ୪୧ ରନ୍ କରି ପରାଜିତ ହୋଇଥିଲା। ତୃତୀୟରେ ସଗଜା ଓ ଲାଲସ୍ପୋର୍ଟିଂ ମଧ୍ୟରେ ୮ ଓଭର ବିଶିଷ୍ଟ ଖେଳ ହୋଇଥିଲା। ପ୍ରଥମେ ଲାଲସ୍ପୋର୍ଟିଂ ବ୍ୟାଟିଂ କରି ୫୩ ରନ୍ କରିଥିଲା। ଦ୍ୱିତୀୟରେ ସଗଜା ଦଳ ପରାଜିତ ହୋଇଥିଲା। ଜିତେନ୍ଦ୍ର ତ୍ରିପାଠୀ, ହଳଧର ଦନାୟକ, ଟୁକୁନ ମହାରଣା, ବବୁନ ମହାକୁଳ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଦେବାଶିଷ ନେପାକ, ରିଙ୍କୁ ତରିଆ, ଶ୍ରୀରାମ ଘଣ୍ଟୁଆଳ, ଲିପୁନ ସାହୁ, ବାସୁ ମେହେର, ଚନ୍ଦନ ମେହେର, ଗଙ୍ଗା ମେହେର ପ୍ରମୁଖ ସହଯୋଗ କରିଥିଲେ। ସିନ୍ଧୁ ଚିରଗୁଣ ଧାରାବିବରଣୀ ଦେଇଥିଲେ।

## ଦଶମ ମାଁ ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ

# ଜେନା ବ୍ଲାଷ୍ଟର ଚାମ୍ପିୟନ

ଜହ୍ନାପଙ୍କ, ୨୮।୧୧ (ଡି.ଏନ.ଏ.)

ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ବୁରକଟା ଗଦବସା ପଡିଆରେ ୧୫ ତାରିଖରୁ ଆରମ୍ଭ ହୋଇଥିବା ୧୦ମ ମାଁ ମାହେଶ୍ୱରୀ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ଏମବିସିସି, ଘଣ୍ଟପାଲି ଓ ଖଜୁରୀପଡା ଜେନା ବ୍ଲାଷ୍ଟର ମଧ୍ୟରେ ହୋଇଥିଲା। ତିନି ଫର୍ମାଟ ବିଶିଷ୍ଟ ମ୍ୟାଚରେ ପ୍ରଥମ ସେଟ୍‌ରେ ଏମବିସିସି ଦଳ ବ୍ୟାଟିଂ କରି ୧୨ ଓଭରରେ ୪ ଉଇକେଟ ହରାଇ ୬୨ ରନ୍ କରିଥିଲା। ଜବାବରେ ଜେନା ବ୍ଲାଷ୍ଟର ୧୧.୪ ଓଭରରେ ୩ ଉଇକେଟ ହରାଇ ୬୩ ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ସେଟରେ ଜେନା ବ୍ଲାଷ୍ଟର ଟସ୍ ଜିଣି ୬ ଓଭରରେ ୮୩ ରନ୍ କରିଥିଲା। ଏହାର ଜବାବରେ ଏମ୍‌ବିସିସି ୬ ଓଭରରେ ୩ ଉଇକେଟ ହରାଇ ୫୮ ରନ୍ କରିଥିଲା। ଫଳରେ ଜେନା ବ୍ଲାଷ୍ଟର ୨୫ ରନରେ ଜିତି ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚ ସିଦ୍ଧାର୍ଥ କର୍ମି ଓ ସଲିଳ ପ୍ରଧାନ ପରିଚାଳନା କରିଥିବା ବେଳେ ଅଭିଷେକ ପ୍ରଧାନ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଶ୍ରୀନିବାସ ପ୍ରଧାନ, ଖୁଣ୍ଟବନ୍ଧ ପଞ୍ଚାୟତର ପୂର୍ବତନ ସରପଞ୍ଚ ଯୋଗେଶ୍ୱର ମହାକୁଳ, ପ୍ରଫୁଲ୍ଲ ଜେନା, ଦେବାର ବିଶି ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୬୦୦୦ ଟଙ୍କା ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା ପୁରସ୍କୃତ କରିଥିଲେ। ୯ ଦିନ ଧରି ଚାଲିଥିବା ଏହି ଖେଳକୁ ମାଁ ମାହେଶ୍ୱରୀ ସ୍ପୋର୍ଟିଂ କ୍ଲବର ସଦସ୍ୟ ସମୀର ପ୍ରଧାନ, ପ୍ରକାଶ ପ୍ରଧାନ, ବିଶ୍ୱଜିତ କର୍ମୀ, କମ୍ବୁ ଅମାତ ପ୍ରମୁଖ ସହଯୋଗ କରିଥିଲେ।

## ବୌଦ୍ଧ ଜିଲାସ୍ତରୀୟ ଯୁବ ମହୋତ୍ସବ ଉଦ୍‌ଯାପିତ

# ଲକ୍ଷ୍ୟ ସ୍ଥିର କରି ସଫଳ ହୁଅ, ଜିଲାର ଗୌରବ ବୃଦ୍ଧି କର

ବୌଦ୍ଧ,୨୮।୧୧(ସ୍ୱ.ପ୍ର.)

ବୌଦ୍ଧ ଟାଉନ୍ ହଲ୍‌ର ଭିକାରୀକଳା ମଣ୍ଡପ ଠାରେ ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଆନୁକୂଲ୍ୟରେ ଜିଲା କ୍ରୀଡା ବିଭାଗ ଦ୍ୱାରା ଆୟୋଜିତ ଯୁବ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ସମ୍ମାନିତ ଅତିଥି ଭାବରେ ଜିଲା ସଂସ୍କୃତି ଅଧିକାରୀ ଶିଶିର କୁମାର ସାହୁ, ଜିଲା କ୍ରୀଡା ଅଧିକାରୀ ପବିତ୍ର କୁମାର ରାଉତ ଯୋଗଦେଇଥିଲେ। ଯୁବକମାନେ ଦେଶର ଭବିଷ୍ୟତ। ସେମାନେ ନିଜର ଲକ୍ଷ୍ୟ ସ୍ଥିର କରି ସଫଳ ହେବା ସହ ଜିଲାର ଗୌରବ ବୃଦ୍ଧି କରିବାକୁ ମୁଖ୍ୟ ଅତିଥି ଜିଲାପାଳ ମିଶ୍ର ପରାମର୍ଶ ଦେଇଥିଲେ। ଜିଲା କ୍ରୀଡା ଅଧିକାରୀ ପବିତ୍ର କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ



ଅତିଥି ଓ ଆୟୋଜକଙ୍କ ସହ କଳାକାର

ଏହି ଯୁବ ଉତ୍ସବରେ ବୌଦ୍ଧ, କନ୍ଧମାଳ ଓ ହରଭଙ୍ଗା ବ୍ଲକରୁ ବହୁ ସଂଖ୍ୟାରେ ଯୁବ କଳାକାର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଓଡ଼ିଶୀରେ ଜିତେନ୍ଦ୍ର କୁମାର ମହାନ୍ତି, ଭାରତନାଟ୍ୟମରେ ସୁଶ୍ରୀ ବଗର୍ତ୍ତୀ, କୁଚିପୁଡିରେ ସ୍ମୃତି ଚିନ୍ମୟୀ ପ୍ରଧାନ, ତବଲାରେ କର୍ମବୀର ସିଂ, ଶାସ୍ତ୍ରୀୟ ଓ ମୃଦଙ୍ଗରେ ସଞ୍ଜୟ କୁମାର ପ୍ରଧାନ, ନାଟକରେ କେନ୍ଦ୍ରୀୟ ବିଦ୍ୟାଳୟ ବୌଦ୍ଧ, ଲୋକ ନାଟ୍ୟ ରେ ହରଭଙ୍ଗା ବ୍ଲକର ଧଳପୁର, ଲୋକ ନୃତ୍ୟରେ କନ୍ଧମାଳ ବଉଳି କଳାପରିଷଦ ଦଳ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଜିଲାରେ ଯୁବ ମହୋତ୍ସବରେ ପ୍ରଥମ ହୋଇଥିବା ସମସ୍ତ କାଳାକାର ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଜିଲା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଶେଷରେ ବିଶେଷ ଭାବେ କନ୍ଧମାଳ ବ୍ଲକର ଉକିଆ ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବିଚାରକ ଭାବେ ଯୋଗ ଦେଇଥିବା ସଙ୍ଗୀତ ନିର୍ଦ୍ଦେଶକ ତୁଷାରକାନ୍ତ ପଟ୍ଟନାୟକ, ନୃତ୍ୟ ଗୁରୁ ଗୋପାଳକୃଷ୍ଣ ବେହେରା ଓ ନାଟ୍ୟ ନିର୍ଦ୍ଦେଶକ କାବୁ ବୋଷଙ୍କୁ ଜିଲା କ୍ରୀଡା ବିଭାଗ ପକ୍ଷରୁ ଜିଲାପାଳ ମିଶ୍ର ସମ୍ବର୍ଦ୍ଧିତ କରିଥିଲେ। ଯୁବ ମହୋତ୍ସବରେ ପ୍ରମୋଦ କୁମାର ପ୍ରଧାନ ଓ ମାନସ ରଞ୍ଜନ ସେଠୀ ମଞ୍ଚ ପରିଚାଳନା କରିଥିଲେ। କୃତ୍ତିବାସ ପଲିଆ ଓ ଅରୁଣ କୁମାର ମେଣ୍ଡେଲି ସହଯୋଗ କରୁଥିଲେ।

### ଶୁଣ୍ଠିପଦର ପଞ୍ଚାୟତ ନିର୍ବାହୀ ଅଧିକାରୀ ନିଲମ୍ବିତ

ବୌଦ୍ଧ,୨୮।୧୧(ସ୍ୱ.ପ୍ର.)

ଶୁଣ୍ଠିପଦର ପଞ୍ଚାୟତର ନିର୍ବାହୀ ଅଧିକାରୀ ଦିବାକର ଖଡିରଙ୍କୁ ଜିଲା ପ୍ରଶାସନ କର୍ତ୍ତବ୍ୟରେ ଅବହେଳା ଯୋଗୁ ନିଲମ୍ବିତ କରିଛି। ଦୀର୍ଘଦିନ ଧରି ସେ ପଞ୍ଚାୟତ ଅଫିସରେ ଅନୁପସ୍ଥିତ ରହୁଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏଣୁ ଗୁରୁବାର ଜିଲାପାଳ ଲଲାଟେନ୍ଦୁ ମିଶ୍ର ସରକାରୀ କାର୍ଯ୍ୟରେ ଅବହେଳା ନେଇ ତାଙ୍କ ବିରୋଧରେ ଏଭଳି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଅକ୍ଟୋବର ୨୧ରେ କନ୍ଧମାଳ ବିଡିଓ ଶୁଣ୍ଠିପଦର ପଞ୍ଚାୟତକୁ ପରିଦର୍ଶନ ଯାଇଥିଲାବେଳେ ନିର୍ବାହୀ ଅଧିକାରୀ ଖଡିରନ୍ ବିନା ଅନୁମତିରେ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବାର ଜାଣି ଜିଲାପାଳଙ୍କୁ ଜଣାଇ ଥିଲେ।

# କନ୍ଧମାଳରେ ବ୍ଲକସ୍ତରୀୟ ସମନ୍ୱୟ ମେଳା

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସିର୍ଜାପାଲି ଗ୍ରାମପଞ୍ଚାୟତରେ ଗତ ବୁଧବାର ସମିତି ସଭ୍ୟ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଗୁରୁବାର ସକାଳେ ବ୍ଲକ ସଭା ଗୃହରେ ନିର୍ବାଚନ ଅଧିକାରୀ ତଥା କେସିଙ୍ଗା ବିଡିଓ ଭୀମସେନ ଶବରଙ୍କ ତତ୍ତ୍ୱାବଧାନରେ ଭୋଟ ଗଣତି ହୋଇଥିଲା। ଏହି ଉପନିର୍ବାଚନରେ ଚୌଧୁରୀ ଭୋଏ ୮୦୬ ଖଣ୍ଡ ଭୋଟ ପାଇ ବିଜୟ ହୋଇଥିଲେ। ତାଙ୍କ ନିକଟତମ ପ୍ରାର୍ଥୀ କଳିଙ୍ଗ ଭୋଏ ୪୮୫ ପାଇଥିବା ବେଳେ ୪୦ ଖଣ୍ଡ ଭୋଟ ନାକଚ ହୋଇଥିଲା। ମୋଟ ୨୭୮୨ ଭୋଟରୁ ୧୩୩୧ ଭୋଟ ପୋଲିଂ ହୋଇଥିଲା। ସିର୍ଜାପାଲି ଗ୍ରାମପଞ୍ଚାୟତ ଦିଗଶିରାରେ ୪ଟି ବୁଥ ହୋଇଥିବା ବେଳେ ବାଦିପଡାରେ ୨ଟି ବୁଥ୍, ସିର୍ଜାପାଲି ଗ୍ରାମରେ ୫ଟି ବୁଥ୍ ହାଇଥିଲା। ମୋଟ ୧୧ଟି ବୁଥ୍‌ରେ ୧୩୩୧ ଜଣ ଭୋଟ ଦେଇଥିଲେ। ସେଥିରୁ ୭୬୩ ପୁରୁଷ ଓ ୫୬୮ ଜଣ ମହିଳା ଭୋଟର ମତଦାନ କରିଥିଲେ। ଭୋଟ କେନ୍ଦ୍ରରେ ପୋଲିସ ପକ୍ଷରୁ କଡାକଡି ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। କଳାହାଣ୍ଡି ଜିଲାପାଳ ପରାଗ ହର୍ଷଦ ଗାଭାଲି, କେସିଙ୍ଗା ବିଡିଓ ଭୀମସେନ ଶରବ ପ୍ରମୁଖ ବିଭିନ୍ନ ଭୋଟ କେନ୍ଦ୍ର ପରିଦର୍ଶନ କରିଥିଲେ। ଗୁରୁବାର ଭୋଟ ଗଣତି ପରେ ବିଜୟୀ ଚୌଧୁରୀ ଭୋଏଙ୍କୁ କେସିଙ୍ଗା ଉପାଧ୍ୟକ୍ଷ, ବୋରିଆ ସମିତି ସଭ୍ୟ, ହାତୀଖୋଜ ଗ୍ରାମପଞ୍ଚାୟତ ସମିତି ସଭ୍ୟ, ପଥର୍ଲା ଗ୍ରାମପଞ୍ଚାୟତ ସମିତି ସଭ୍ୟ ପ୍ରମୁଖ ସ୍ୱାଗତ କରିଥିଲେ ।



ସମିତି ସଭ୍ୟ ଉପନିର୍ବାଚନରେ ବିଜୟୀ ପ୍ରାର୍ଥୀଙ୍କୁ ସ୍ୱାଗତ କରାଯାଉଛି ।

ଅଧାପକ ପଦବୀ ପୂରଣ, ଅନ୍ୟାନ୍ୟ ସମସ୍ୟା ସମାଧାନ ଦାବି

# ଛାତ୍ରୀଛାତ୍ରଙ୍କ ରାସ୍ତା ଅବରୋଧ

## ଖଲିଆଭଟା ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

**ଜୟପାଟଣା, ୨୮।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୟପାଟଣା ଖଲିଆଭଟାସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଖାଲିପଡ଼ିଥିବା ଅଧାପକ ପଦବୀ ପୂରଣ ଏବଂ ଅନ୍ୟାନ୍ୟ ସମସ୍ୟା ନେଇ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ସାମନା ଜୟପାଟଣା–ମୋଟେର ରାସ୍ତା ଅବରୋଧ କରିଥିଲେ । ଜୟପାଟଣା ଖଲିଆଭଟାସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗତବର୍ଷ ଖୋଲା ଯାଇଥିଲେ ହେଁ ଇତିମଧ୍ୟରେ ଦୁଇ ବର୍ଷ ଅତିକ୍ରାନ୍ତ ହେବାକୁ ଥିବା ବେଳେ ପ୍ରାଣୀ ବିଜ୍ଞାନ, ଗଣିତ ଏବଂ ରସାୟନ ବିଜ୍ଞାନର ଅଧାପକ ନ ଥିବା ବେଳେ ଲେବେରୋଟୋରୀ, ଶୌଚାଳୟ, ପାଠ୍ୟ ଉପକରଣର କୌଣସି ବ୍ୟବସ୍ଥା ଏ ପର୍ଯ୍ୟନ୍ତ ହୋଇନାହିଁ । ବୁଧବାର ପ୍ରାଣୀ ବିଜ୍ଞାନର ୟୁନିଟ୍ ଟେଷ୍ଟ ହୋଇଥିବା ବେଳେ ଖାଲି ପଡ଼ିଥିବା ବିଭାଗ ପାଇଁ ଅସ୍ଥାୟୀ ନିଯୁକ୍ତି ବ୍ୟବସ୍ଥା କରିବା ଯୋଜନା ଥାଇ ମଧ୍ୟ ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କରାଯାଇ ନ ଥିବାରୁ ସେମାନଙ୍କ ପାଠପଢ଼ାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇ ଆସୁଥିଲା। ଖାଲିପଡ଼ିଥିବା ଅଧାପକ ପଦବୀ ପୂରଣ ପାଇଁ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏସ୍.ସି. ଏସ୍.ଟି. ଉନ୍ନୟନ ବିଭାଗ ନିର୍ଦ୍ଦେଶକଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ହେଲେ କୌଣସି ସମାଧାନ ନ ହେବାରୁ ଶେଷରେ ଛାତ୍ରଛାତ୍ରୀମାନେ ଗୁରୁବାର ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରି ବିଦ୍ୟାଳୟ ସମ୍ମୁଖ ଜୟପାଟଣା–ମୋଟେର ରାସ୍ତା ଅବରୋଧ କରିଥିଲେ । ଜୟପାଟଣା ତହସିଲଦାର, ବିଡିଓ ଏବଂ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନରୁ ଓହରିଥିଲେ।



ଛାତ୍ରୀଛାତ୍ରମାନଙ୍କ ଜୟପାଟଣା–ମୋଟେର ରାସ୍ତା ଅବରୋଧ ।



ଉପଦେଶ ଦେବା ସରଳ କିନ୍ତୁ ଉପାୟ ବତାଇବା ଭାରି କଷ୍ଟ।
- ରବୀନ୍ଦ୍ରନାଥ ଠାକୁର



ଉପଜିଲାପାଳଙ୍କ ସହ ଅଭିଭାବକ ସଂଘ କର୍ମକର୍ତ୍ତାଙ୍କ ଆଲୋଚନା

# ଛାତ୍ରୀଛାତ୍ରଙ୍କ ବ୍ୟାଗ୍ ଓଜନ କମାଇବା ଉପରେ ଗୁରୁତ୍ୱ

**ରାଉରକେଲା ଅଫିସ,୨୮। ୧୧**

ଓଡ଼ିଶା ଅଭିଭାବକ ମହାସଂଘ ସୁନ୍ଦରଗଡ ଜିଲା ଶାଖା ପକ୍ଷରୁ ଗୁରୁବାର ବିଭିନ୍ନ ପ୍ରସଙ୍ଗରେ ପାନପୋଷ ଉପଜିଲାପାଳ ବିଶ୍ୱଜିତ ମହାପାତ୍ରଙ୍କ ସହ ଆଲୋଚନା କରାଯାଇଛି। ଏନେଇ ଆସିଥିବା ପ୍ରତିନିଧି ମଣ୍ଡଳୀ ପକ୍ଷରୁ ରାଉରକେଲା ସହରର ବିଭିନ୍ନ ଘରୋଇ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ମନାମାନି ସମ୍ପର୍କରେ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ହାଇକୋର୍ଟ ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁସାରେ କୋମଳମତି ଛାତ୍ରୀଛାତ୍ରଙ୍କ ବ୍ୟାଗ ଓଜନ କମାଇବାକୁ ଦାବି କରାଯାଇଥିଲା। ବିଭିନ୍ନ ପ୍ରକାର ପ୍ରକାଶନ ସଂସ୍ଥା ପରବର୍ତ୍ତେ ଏନ୍‌ସିଇଆରଟି ଦ୍ୱାରା ପ୍ରକାଶିତ ପୁସ୍ତକ ପ୍ରଚଳନ ନେଇ ଅଭିଭାବକ ସଂଘ କର୍ମକର୍ତ୍ତା ପ୍ରସ୍ତାବ ରଖିଥିଲେ। ଜଳଦା ଠାରୁ ନେଇ ପାନପୋଷ ଛକ ପର୍ଯ୍ୟନ୍ତ ରାସ୍ତା ମରାମତି ନିମନ୍ତେ ଏଥିରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଜରାଜୀର୍ଣ୍ଣ ରାସ୍ତା ଦେଇ ପ୍ରତିଦିନ ଛାତ୍ରୀଛାତ୍ର ବସ୍, ଅଟୋରିକ୍ସା ଯୋଗେ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି। ଏ ଦିଗରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁଷ୍ଠାନର କର୍ମକର୍ତ୍ତାମାନେ ଆଲୋଚନା କରିଥିଲେ। ଏହା ପରେ ଏହି ପ୍ରତିନିଧି ମଣ୍ଡଳୀ ବିଶ୍ରା ବିଇଓଙ୍କ କାର୍ଯ୍ୟାଳୟକୁ ଆସି ଘରୋଇ ବିଦ୍ୟାଳୟଗୁଡିକର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଘରୋଇ ବିଦ୍ୟାଳୟ କର୍ତ୍ତୃପକ୍ଷ ପିଟିଏ କମିଟି ଗଠନ କରୁ ନ ଥିବା ଏଥିରେ ଅଭିଯୋଗ କରାଯାଇଥିଲା। କେତେକ ବିଦ୍ୟାଳୟରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଥିବା ବେଳେ ଶୌଚାଳୟ ସୁବିଧା ମଧ୍ୟ ନାହିଁ। ସରକାର ପାଣି ଘଣ୍ଟି ବଜାଇବା ଉପରେ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଏହାକୁ କିପରି ସମ୍ପୃକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷ ପାଳନ କରିବେ ସେନେଇ ପଦକ୍ଷେପ ନେବାକୁ ସଙ୍ଗଠନ କର୍ମକର୍ତ୍ତା ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିରେ ଓଡିଶା ଅଭିଭାବକ ମହାସଂଘ ସୁନ୍ଦରଗଡ ଜିଲା ଆବାହକ ଅମିୟ ମଲ୍ଲିକ, ଅଜୟ ସାହୁ, ରାଜେନ୍ଦ୍ର ସାହୁ, ପ୍ରଭାତ ବାରିକ, ଶଶାଙ୍କ ପ୍ରଧାନ, ପ୍ରସନ୍ନ ଦାସ, ମନ୍ମଥ ସାହୁ, ରାଜୀବ ସ୍ୱାଇଁ, ଅରୁଣ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।



ସୁନ୍ଦରଗଡ଼ ଅଭିଭାବକ ସଂଘର କର୍ମକର୍ତ୍ତାମାନେ ପାନପୋଷ ଉପଜିଲାପାଳଙ୍କୁ ସାକ୍ଷାତ କରୁଛନ୍ତି।

# ୧୧ ମୃତ ବିଦେଶୀ ପକ୍ଷୀ ଜବତ

## ବାଳସୁଧାର ଗୃହ ଗଲେ ନାବାଳକ ଶିକାରୀ



**ଖୋର୍ଦ୍ଧା ଅଫିସ/ଟାଙ୍ଗୀ, ୨୮।୧୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନ୍ୟପ୍ରାଣୀ ବନାଞ୍ଚଳ ରେଞ୍ଜ ମଙ୍ଗଳାଯୋଡି କ୍ୟାମ୍ପ ଅଭିମାନପୁର ରିଙ୍ଗ ବନ୍ଧ ନିକଟରୁ ଗୁରୁବାର ଜଣେ ୧୬ ବର୍ଷର ନାବାଳକ ଶିକାରୀଙ୍କଠାରୁ ୧୧ ମୃତ ବିଦେଶୀ ପକ୍ଷୀ ଓ ଏକ ବାଇକ୍ ଜବତ ହୋଇଛି। ସ୍ଥାନୀୟ ଅଞ୍ଚଳର ନାବାଳକ ଶିକାରୀଙ୍କୁ କୋର୍ଟରେ ହାଜର କରାଯାଇଥିଲା। ପରେ ତାଙ୍କୁ ବ୍ରହ୍ମପୁରସ୍ଥିତ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷେ ମୃତ ବିଦେଶୀ ପକ୍ଷୀଙ୍କୁ ପଞ୍ଚନାମା କରାଯାଇ ପୋତି ଦିଆଯାଇଥିବା ଟାଙ୍ଗୀ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ସୂଚନା ଦେଇଛନ୍ତି।

# ଖଣି ନିଲାମ ନ ହେବାରୁ ଅସନ୍ତୋଷ

## ଉପଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

**ରାଉରକେଲା ଅଫିସ,୨୮।୧୧**

ଗୋଡି ପଥର ଅଭାବରୁ ବିଶ୍ରା, ନୂଆଗାଁ ବ୍ଲକର କେତେକ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ଗୁରୁବାର କେତେଜଣ ଲୋକ ପାନପୋଷ ଉପ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ସେମାନଙ୍କ କହିବାନୁସାରେ ଯେଉଁ ପଥର ଖଣି ଲୋକଙ୍କ ଚାହିଦା ମେଣ୍ଟାଉଥିଲା ତାକୁ ନିଲାମ କରାଯାଉନି। ଫଳରେ ଅଞ୍ଚଳରେ ଆବଶ୍ୟକ ପଥର ସଂଗ୍ରହ କରାଯାଇ ପାରୁନି। ବିଭିନ୍ନ ପଞ୍ଚାୟତରେ ଚାଲିଥିବା କଙ୍କ୍ରିଟ ରାସ୍ତା ପାଇଁ ଆବଶ୍ୟକ ଗୋଡି ଅଭାବ ହେତୁ କାମ ବନ୍ଦ ପଡିଛି। ଏପରିକି ସରକାରୀ ଆବାସ ଯୋଜନାରେ ଚିହ୍ନଟ ହିତାଧିକାରୀ ନିଜ ଘର ତୋଳି ପାରୁ ନାହାନ୍ତି। ଯେଉଁ କାରଣରୁ ସେମାନେ ଏ ବାବଦକୁ କିସ୍ତି ପାଇବାରୁ ବଞ୍ଚିତ ରହୁଛନ୍ତି। ଆମ ଅଞ୍ଚଳରେ ରହିଥିବା ପଥର ଖଣିକୁ ନିଲାମ କରା ନ ଯିବା କାରଣରୁ ଅନେକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏ ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେଲେ ଅଞ୍ଚଳବାସୀ ଉପକୃତ ହୋଇ ପାରନ୍ତେ ବୋଲି ଅଭିଯୋଗକାରୀ ସୁରେଶ ମହାତୋ, ଚକ୍ରଧର ମହାତୋ, ବଳରାମ ମହାନ୍ତି ଓ ରତ୍ନାକର ନାଏକ ପ୍ରମୁଖ ଦରଖାସ୍ତରେ ଦର୍ଶାଇଛନ୍ତି।




ପଥର ଖାଦାନ ନିଲାମ ନେଇ ପାନପୋଷ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ବିଶ୍ରା ଓ ନୂଆଗାଁ ଅଞ୍ଚଳର ବାସିନ୍ଦା।

# ଜମି ଜବରଦଖଲ ନେଇ ମୁହାଁମୁହିଁ

## ■ ପ୍ରଭାବିତ ପରିବାର ଥାନାର ଦ୍ୱାରସ୍ଥ

**ରାଉରକେଲା ଅଫିସ,୨୮।୧୧**

ଇସ୍ପାତ୍ କାରଖାନା ରାଉରକେଲା ଅଧିକୃତ ଜମି ଉପରେ ଜବରଦଖଲ କରି ଘର ନିର୍ମାଣ ନେଇ ଗୁରୁବାର ବାଲୁଘାଟ ଅଞ୍ଚଳ ବାସିନ୍ଦା ଓ ବିଭାଗୀୟ ଲ୍ୟାଣ୍ଡ କର୍ମଚାରୀ ମୁହାଁମୁହିଁ ହୋଇଥିଲେ। ଶେଷରେ ମାମଲା ରଘୁନାଥପାଲି ଥାନା ପର୍ଯ୍ୟନ୍ତ ଆସିଥିଲା। ଜଣେ ଲ୍ୟାଣ୍ଡ କର୍ମଚାରୀଙ୍କ ନାମରେ ଅଭିଯୋଗ କରି ସ୍ଥାନୀୟ ବାସିନ୍ଦା କହିଥିଲେ, ଆମକୁ ଲାଞ୍ଚ ମଗା ଯାଉଛି। ଲାଞ୍ଚ ନ ଦେଲେ ଘର କରାଇ ଦିଆ ଯିବନି ବୋଲି ଧମକ ମିଳୁଛି। ବିଭାଗର ଜଣେ ନିର୍ଦ୍ଦିଷ୍ଟ କର୍ମଚାରୀ ଆସି ଲାଞ୍ଚ ପାଇଁ ଜୁଲମ କରୁଛନ୍ତି। ୧୦ ହଜାର ଟଙ୍କା ଦାବି କରୁଛନ୍ତି। ନ ଦେଲେ ନିର୍ମାଣାଧୀନ ଘର ଭାଙ୍ଗି ଚାଲି ଯାଉଛନ୍ତି।

ସୂଚନାଯୋଗ୍ୟ, ଗତ କିଛି ଦିନ ହେବ ୧୪୩ ନଂ. ଜାତୀୟ ରାଜପଥ ସଂପ୍ରସାରଣ ନେଇ ଲାଠିକଟା ନିକଟରୁ ବାଲୁଘାଟ ପର୍ଯ୍ୟନ୍ତ କାର୍ଯ୍ୟ ଜାରି ରହିଛି। ଏହାଦ୍ୱାରା ରାସ୍ତା ପାର୍ଶ୍ୱରୁ ଉଚ୍ଛେଦ ବାସିନ୍ଦା ଓ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ସମସ୍ତେ ବିକଳ୍ପ ଜାଗା ଦାବି କରୁଛନ୍ତି। ବିଶେଷ କରି ଗରିବ ଆଦିବାସୀ ପରିବାର ଥଇଥାନ ନେଇ ଚିନ୍ତିତ ହୋଇ ପଡିଛନ୍ତି। ଉଚ୍ଛେଦ ପରେ ଯିଏ ଯେଉଁଠି ଖାଲି ଜାଗା ଦେଖି ଝୁମ୍ପୁଡି ନିର୍ମାଣ ଆରମ୍ଭ କରି ଦେଉଛି। ଏହାକୁ ଆରଏସ୍‌ପି କିମ୍ବା ସରକାରୀ କର୍ମଚାରୀ ପହଞ୍ଚି ବାଧା ଦେଉଛନ୍ତି। ଯେଉଁ କାରଣରୁ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ ଚାପା ଅସନ୍ତୋଷ ଲାଗି ରହିଛି। ସମାନ ଘଟଣାରେ ବାଲୁଘାଟ ଅଞ୍ଚଳରୁ ଉଚ୍ଛେଦ କେତେକ ପରିବାର ଗୁରୁବାର ଅନ୍ୟତ୍ର ଘର ନିର୍ମାଣ କଲାବେଳେ ଏଥିରେ ଆରଏସ୍‌ପି ଲ୍ୟାଣ୍ଡ କର୍ମଚାରି ବାଧା ଦେଇଥିଲେ। ଯାହାକୁ ନେଇ ଘଟଣା ସ୍ଥଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ଲୋକେ ବିଭାଗୀୟ ଅଧିକାରୀ ଜଣଙ୍କ ନାମରେ ଥାନାରେ ପହଞ୍ଚି ମାମଲା ରୁଜୁ କରିବାକୁ ଚାହିଁଥିଲେ। ଖବର ପାଇ ଆରଏସ୍‌ପିର ଜଣେ ଦୁଇ ଜଣ ଅଧିକାରୀ ଥାନାରେ ପହଞ୍ଚି ନିଜ ଭିତରେ ବୁଝାସୁଝା କରିଥିଲେ। ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଲାଞ୍ଚ ମାଗିବା ନେଇ ଥାନାକୁ ଆସିଥିବା ଲ୍ୟାଣ୍ଡ କର୍ମଚାରୀ ଜଣଙ୍କ କହିଥିଲେ କାହାକୁ ଲାଞ୍ଚ ମାଗିବାର ପ୍ରଶ୍ନ ଉଠୁନି। ଯେହେତୁ ଏହା ଆରଏସ୍‌ପି ଅଧିକୃତ ଅଞ୍ଚଳ ସେଠାରେ କେହି ଘର ତୋଳି ପାରିବେ ନାହିଁ । କେବଳ ଏତିକି ଆପତ୍ତି କରାଯାଇ ଘର ନିର୍ମାଣ ନ କରିବାକୁ ବାରଣ କରାଯାଇଥିଲା। ଏହା ବ୍ୟତୀତ ଅନ୍ୟ କିଛି କାରଣ ନାହିଁ। ବୁଝାମଣା ଅଭାବରୁ ଏପରି ସମସ୍ୟା ସୃଷ୍ଟି ହୋଇଥିବା ସମ୍ପୃକ୍ତ କର୍ମଚାରି ସଫେଇ ଦେଇଥିଲେ।



ଆରଏସ୍‌ପି କର୍ମଚାରୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିବାକୁ ଆସିଥିବା ଲୋକମାନେ।

# 'ଟୋଲଙ୍ଗ ସିକି' ଲିପିରେ ପାଠପଢ଼ା ହେଉ

## ରାଜି ପାଡ୍‌ହାର ଦାବି

**ରାଉରକେଲା ଅଫିସ,୨୮।୧୧**

ସୁନ୍ଦରଗଡ ଜିଲାରେ କୁଡୁଖ ଭାଷାର 'ଟୋଲଙ୍ଗ ସିକି' ଲିପିରେ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା ପାଇଁ ତୁରନ୍ତ ବ୍ୟବସ୍ଥା କରିବାକୁ ରାଜି ପାଡ୍‌ହା ଭାରତ ପକ୍ଷରୁ ଦାବି କରାଯାଇଛି। ସଙ୍ଗଠନ ପକ୍ଷରୁ ବୁଧବାର ରାଜ୍ୟପାଳଙ୍କୁ ଦିଆଯାଇଥିବା ସ୍ମାରକପତ୍ରରେ କୁହାଯାଇଛି ଯେ କୁଡୁଖ ଭାଷାର 'ଟୋଲଙ୍ଗ ସିକି' ଲିପିକୁ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ସରକାର ମାନ୍ୟତା ଦେଇଛନ୍ତି। ୨୦୦୩ ସେପ୍ଟେମ୍ବର ୧୮ ତାରିଖରୁ ଝାଡ଼ଖଣ୍ଡ ଏବଂ ୨୦୧୮ ଏପ୍ରିଲ ୫ ତାରିଖରୁ ପଶ୍ଚିମବଙ୍ଗର ବହୁଭାଷୀ ବିଦ୍ୟାଳୟରେ ଏହି ଲିପିରେ ପାଠପଢ଼ା ହେଉଛି। କିନ୍ତୁ ଓଡ଼ିଶାରେ ଏ ପର୍ଯ୍ୟନ୍ତ 'ଟୋଲଙ୍ଗ ସିକି' ଲିପିରେ ପାଠପଢ଼ା ହେଉନାହିଁ। ଏହା ବଦଳରେ ଓଡିଶା ଲିପିରେ କୁଡୁଖ ଭାଷାରେ ପାଠ ପଢ଼ାଯାଉଛି। ଏ ସମ୍ପର୍କରେ ଗତ ୨୦୧୮ ଡିସେମ୍ବର ୩୦ ତାରିଖରେ ପାଦା ପାଡ୍‌ହା ଓଡ଼ିଶା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇ ସୁନ୍ଦରଗଡ ଜିଲାର ଟୋଲଙ୍ଗ ସିକି ଲିପିରେ ପାଠପଢ଼ା ପାଇଁ ବହୁଭାଷୀ ବିଦ୍ୟାଳୟ ଖୋଲିବାକୁ ଦାବି କରାଯାଇଥିଲା। ଓରାମ ସମାଜର ଏହି ଲିପି ବହୁ ବର୍ଷ ହେଲା ପ୍ରଚଳନ ଥିଲେ ମଧ୍ୟ ରାଜ୍ୟ ସରକାର ଏହି ଲିପିରେ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ିବା ପାଇଁ ସୁବିଧା କରିନାହାନ୍ତି। ରାଜି ବେଲ ବାଗେ ଲାକ୍ରାଙ୍କ ସ୍ୱାକ୍ଷରରେ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଛି।

# ଆର୍‌ଏସ୍‌ପିର ମୁକ୍ତ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ



କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ଗହଣରେ ବିଭିନ୍ନ ଦଳର ଖେଳାଳି।

**ରାଉରକେଲା ଅଫିସ,୨୮।୧୧**

ରାଉରକେଲା କ୍ରୀଡା ବିଭାଗ ଆନୁକୂଲ୍ୟରେ ମୁକ୍ତ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଠାରୁ ଇସ୍ପାତ୍ ଷ୍ଟାଡିୟମଠାରେ ଆରମ୍ଭ ହୋଇଛି। ସହର ସେବା ବିଭାଗର ମହାପ୍ରବନ୍ଧକ ପି.କେ. ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଦାସ ଯୁବପ୍ରତିଭାମାନଙ୍କୁ ଏହି ପ୍ରତିଯୋଗିତାରେ ନିଜର ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିବା ପାଇଁ ଉତ୍ସାହିତ କରିଥିଲେ। ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୭ ସିନିୟର ଓ ୮ ଜୁନିୟର ଦଳ ଅଂଶଗ୍ରହଣ କରିଛନ୍ତି। ଏହାସହ ବିସିସିଆଇ ନିୟମାବଳୀ ଅନୁଯାୟୀ ଟି-୨୦ ଫର୍ମାଟରେ ଏହି ମ୍ୟାଚଗୁଡ଼ିକ ଆୟୋଜିତ ହେବ। ପ୍ରତିଯୋଗିତାର ଫାଇନାଲ ମ୍ୟାଚ ଡିସେମ୍ବର ୧୨ ତାରିଖରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାର ଉଦଘାଟନୀ ଉତ୍ସବରେ ଆର୍‌ଏସ୍‌ପିର ଅଧିକାରୀ ବୃନ୍ଦ, କୋଚ ଓ ମ୍ୟାଚ୍ ଅଫିସିଆଲ ମାନେ ଉପସ୍ଥିତ ଥିଲେ।

# କୃଷକ ବଜାରରେ ଅବ୍ୟବସ୍ଥା

**ରାଉରକେଲା ଅଫିସ, ୨୮।୧୧**

ରାଉରକେଲା ସିଭିଲ୍ ଟାଉନଶିପସ୍ଥିତ କୃଷକ ବଜାରର ଶୋଚନୀୟ ଅବସ୍ଥାର ତୁରନ୍ତ ପ୍ରତିକାର ପାଇଁ କଂଗ୍ରେସ ତରଫରୁ ଦାବି କରାଯାଇଛି । ଗୁରୁବାର ସୁନ୍ଦରଗଡ ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ନେତୃତ୍ୱରେ କଂଗ୍ରେସ କର୍ମକର୍ତ୍ତା ଓ ସଦସ୍ୟଗଣ ପାନପୋଷ ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ତଥା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ୬ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପାନପୋଷ ଉପଖଣ୍ଡର କୃଷକମାନେ ସେମାନଙ୍କ ଉତ୍ପାଦିତ ଖାଦ୍ୟଶସ୍ୟ ଓ ପନିପରିବାକୁ ଉଚିତ ଦରରେ ବିକ୍ରି କରିବା ଲକ୍ଷ୍ୟ ନେଇ ଗତ ୨୦୦୦ ମସିହାରେ ପ୍ରତିଷ୍ଠିତ ହୋଇଥିବା ଉକ୍ତ କୃଷକ ବଜାର ଆଜି ଲକ୍ଷ୍ୟ ହାସଲରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସପ୍ତାହକୁ ମାତ୍ର ୨ ଦିନ ପାଇଁ ଚାଲୁଥିବା ଉକ୍ତ ବଜାରକୁ ପ୍ରତିଦିନ ଚଳାଇବାକୁ ଦାବି କରିବା ସହିତ ବଜାରର ଭୁଶୁଡି ପଡିଥିବା ପ୍ରାଚୀର ଓ ଅର୍ଦ୍ଧନିର୍ମିତ କୋଠାକୁ ତୁରନ୍ତ ନିର୍ମାଣ ପାଇଁ ଦଳ ତରଫରୁ କୁହାଯାଇଛି । ପାନପୋଷ ନିୟନ୍ତ୍ରିତ ବଜାର କମିଟିର ମୁଖ୍ୟ କାର୍ଯ୍ୟାଳୟକୁ ଉକ୍ତ ବଜାର ପରିସରରେ ପ୍ରତିଷ୍ଠା କରିବା ସହିତ କୃଷକ ଓ ଗ୍ରାହକମାନଙ୍କ ପାଇଁ ବଜାର ପରିସରରେ ଏକ ଶୌଚାଳୟ ନିର୍ମାଣ ଦାବି କରାଯାଇଛି । ବଜାର ପରିସର ଅସାମାଜିକ, ଜୁଆଡି ଓ ନିଶାସକ୍ତଙ୍କ ଆଡ୍ଡାସ୍ଥଳ ହେବା ସହିତ ଗୋରୁ ଗୁହାଳରେ ପରିଣତ ହୋଇଥିବାରୁ ବଜାରକୁ ସୁରକ୍ଷିତ ରଖିବା ଦିଗରେ ତୁରନ୍ତ ଉଚିତ୍ ପଦକ୍ଷେପ ନେବାକୁ ଦାବି କରାଯାଇଛି । ଏତଦ୍‌ବ୍ୟତୀତ କୃଷକମାନଙ୍କ ବଳକା ସାମଗ୍ରୀ ସଂରକ୍ଷିତ ପାଇଁ କୁଲିଂ ଚାମ୍ବର ପ୍ରତିଷ୍ଠା ଉଦ୍ଦେଶ୍ୟରେ ଆସିଥିବା କୁଲିଂ ମେଶିନ ବଜାରରେ ପଡି କଳଙ୍କି ଲାଗୁଥିବାରୁ ତୁରନ୍ତ ଉକ୍ତ ଚାମ୍ବର ନିର୍ମାଣ ପାଇଁ ଦଳ ତରଫରୁ କୁହାଯାଇଛି । ନିୟନ୍ତ୍ରିତ ବଜାର କମିଟି କର୍ତ୍ତୃପକ୍ଷ ଉକ୍ତ କୃଷକ ବଜାର ସମସ୍ୟା ସମାଧାନରେ ଟାଳଟୁଳ ନୀତି ଧରିରେ ଦଳ ତରଫରୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ତେବେ ଉପଜିଲାପାଳ ଉକ୍ତ ବଜାରର ସମସ୍ୟା ବାବଦରେ ଅବଗତ ଅଛନ୍ତି ଓ ଖୁବଶୀଘ୍ର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବେ ବୋଲି ଏହି ଅବସରରେ ପ୍ରତିଶ୍ରୁତି ଦେଇଥିଲେ । ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ କଂଗ୍ରେସ ନେତା ତିର୍କୀଙ୍କ ସମେତ ବରିଷ୍ଠ ନେତା ବୀରେନ ସେନାପତି, ପ୍ରଶାନ୍ତ ସେଠୀ, ରୋହିତ ଯୋଶେଫ ତିର୍କୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ ଓ ଦେବବ୍ରତ ବିହାରୀ, ଯୁବ ସଭାପତି ପ୍ରବୋଧ ଦାସ, ଛାତ୍ର ସଭାପତି ସୂର୍ଯ୍ୟକାନ୍ତ ବାରିକ, ସେବାଦଳ ଅଧ୍ୟକ୍ଷ ବିନୋଦ ରାଉତ, ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାନେତ୍ରୀ ନିରୁପମା ବଳିୟାର ସିଂ, ଛାତ୍ର କଂଗ୍ରେସ ରାଜ୍ୟ ସଂଯୋଜକ ଶିବୁ ଦୀପ, ବରିଷ୍ଠ ନେତା ଇନ୍ଦ୍ରମୋହନ ପଣ୍ଡା, ରାମ ପୁକାର ସିଂଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଅଂଶଗ୍ରହଣ କରିଥିଲେ ।

## କଂଗ୍ରେସର ବିକ୍ଷୋଭ,ସ୍ମାରକପତ୍ର ପ୍ରଦାନ




କୃଷକ ବଜାରର ଅବ୍ୟବସ୍ଥାକୁ ନେଇ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଟୋକନ ବ୍ୟବସ୍ଥାକୁ ବିରୋଧ ବିକ୍ଷୋଭ

**ଗୋଲାମୁଣ୍ଡା,୨୮।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କିଷାନ ସଂଘ ପକ୍ଷରୁ ଗୋଲାମୁଣ୍ଡା ପ୍ରାଥମିକ କୃଷି ସମବାୟ ସମିତି ସମ୍ମୁଖରେ ଗୁରୁବାର ବିକ୍ଷୋଭ କରାଯାଇଛି। ସରକାରଙ୍କ ଧାନକିଣା ନିତୀକୁ ବିରୋଧ କରି ଏହା କରାଯାଇଥିଲା। ସରକାରଙ୍କ ଆନଲାଇନ ଟୋକନ ମାଧ୍ୟମରେ ଧାନ କିଣାକୁ ସଂଘ ପକ୍ଷରୁ ବିରୋଧ କରାଯାଇଥିଲା। ଚାଷୀମାନେ ଆନଲାଇନ ଟୋକନ ବ୍ୟବସ୍ଥାକୁ ବିରୋଧ କରି ଏହାକୁ ଯଥାଶୀଘ୍ର ଉଚ୍ଛେଦ କରିବାକୁ ଦାବି କରିଥିଲେ । ଏଥିରେ ଗୋଲାମୁଣ୍ଡା ବ୍ଲକ କିଷାନ ସଂଘ ସଭାପତି ସାଉଲ ମଙ୍ଗରାଜ ନେତୃତ୍ୱ ନେଇଥିବା ବେଳେ ଚାଷୀ ସୁବାଷ ରାଉତ, କିଷାନ ସଂଘ ସମ୍ପାଦକ ପ୍ରସନ୍ନ, ବୃଷଭ ନାଏକ, ନରସିଂହ ମୁଣ୍ଡ, କୁରୁକ୍ଷେତ୍ର ରାଉତ, ଡମ ନାଏକ, ଗିରିଧାରୀ ମାଝି, ଜନ୍ମେଜୟ ମାଝି, ବିଭୁ ସାଗରଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ରହି ଏହି ଟୋକନ ବ୍ୟବସ୍ଥାକୁ ବିରୋଧ କରିଥିଲେ।



"ମିତ୍ରଦ୍ରୋହୀ, କୃତଘ୍ନ ଓ ବିଶ୍ୱାସଘାତ - ଏମାନେ ଚନ୍ଦ୍ର-ସୂର୍ଯ୍ୟ ଥିବାଯାଏ ନରକ ଭୋଗ କରନ୍ତି।
-ମହାକବି କାଳିଦାସ

# ବଲାଙ୍ଗୀର ଲାଗି ସ୍ୱତନ୍ତ୍ର ପ୍ୟାକେଜ ଦିଅ

**ଭୁବନେଶ୍ୱର,୨୮।୧୧(ବ୍ୟୁରୋ)**

- କେନ୍ଦ୍ରମନ୍ତ୍ରୀ ହାୱାଇରେ ଆସି ହାୱା କରିଦେଇ ଗଲେ
- ବିଭାଗଗୁଡ଼ିକୁ ରିପୋର୍ଟ ଦେବେ କହିଲେ ମନ୍ତ୍ରୀ
- ନଦୀକୂଳିଆ ଗାଁଗୁଡ଼ିକୁ ସ୍ଥାନାନ୍ତର କରାଯିବ

ଚଳିତବର୍ଷ ଗତ ଅଗଷ୍ଟ ୧୩ ଏବଂ ୧୪ ତାରିଖରେ ବଲାଙ୍ଗୀର ଜିଲାର ସମସ୍ତ ବ୍ଲକରେ ପ୍ରବଳ ବୃଷ୍ଟିପାତ ହୋଇଥିଲା। ବଲାଙ୍ଗୀର ବ୍ଲକରେ ୧୪ ତାରିଖ ୨୪ ଘଣ୍ଟାରେ ୫୫୦ମି.ମି. ବର୍ଷା ହୋଇଥିଲା। ସେହିପରି ୧୩ତାରିଖରେ ଗୁଡ୍‌ଭେଲା ବ୍ଲକରେ ୪୧୪ ମି.ମି. ବର୍ଷା ହୋଇଥିବାର ରେକର୍ଡ ହୋଇଛି। ଏହି ବର୍ଷା ପ୍ରଭାବରେ ବଲାଙ୍ଗୀର ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ କ୍ଷୟକ୍ଷତିର ଆକଳନ ଠିକ୍ କରାଯାଇ ନାହିଁ ବୋଲି କଂଗ୍ରେସ ସଦସ୍ୟ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ଏହାସହ ସେହି ସମୟରେ କେନ୍ଦ୍ରମନ୍ତ୍ରୀ ମଧ୍ୟ ଆକାଶ ମାର୍ଗରୁ ଜିଲାର କ୍ଷୟକ୍ଷତି ସମୀକ୍ଷା କରି ପ୍ରତିଶ୍ରୁତି ଦେଇ ଚାଲିଗଲେ ବୋଲି ଆକ୍ଷେପ କରିଛନ୍ତି। ଅନ୍ୟପକ୍ଷରେ ଏହି ପ୍ରସଙ୍ଗରେ ଗୁରୁବାର ଗୃହରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ସଦସ୍ୟ ସନ୍ତୋଷ ସିଂ ସାଲୁଜା ଏବଂ ଅଧିରାଜ ପାଣିଗ୍ରାହୀ ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବ ଆଣି ଆଲୋଚନା ପାଇଁ ଯୁକ୍ତି ରଖିବା ସହିତ ରାଜସ୍ୱ ମନ୍ତ୍ରୀଙ୍କ ଉତ୍ତର ଲୋଡ଼ିଥିଲେ।

ଏହି ଅବସରରେ ନରସିଂହ ମିଶ୍ର କହିଛନ୍ତି, ପ୍ରବଳ ବର୍ଷା ଯୋଗୁ ବଲାଙ୍ଗୀର ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟିଲା। ଲୋକମାନେ ରଖିଥିବା ନଗଦ ଟଙ୍କା ପାଣିରେ ଭାସିଯାଇଥିବା ସେମାନେ ଅଭିଯୋଗ କରୁଛନ୍ତି। ଯେତିକି ସରକାରୀ କର୍ମଚାରୀ ଦିଆଯିବା କଥା ପୁନରୁଦ୍ଧାର କାର୍ଯ୍ୟ ଲାଗି ସେତିକି ମଧ୍ୟ ମିଳିଲା ନାହିଁ। ଯଦି ବଲାଙ୍ଗୀର ଜିଲା ପାଇଁ ସରକାରଙ୍କ ସାମାନ୍ୟ ଆନ୍ତରିକତା ଅଛି ତେବେ ୧୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରନ୍ତୁ। ଏହାସହ ଏନ୍‌ଏଚ୍ ସଂଯୋଗ ମଧ୍ୟ ନଷ୍ଟ ହୋଇଛି। ଏ ବାବଦରେ ଆଉଥରେ ସମୀକ୍ଷା କରି ଜିଲା ପ୍ରଶାସନ ଠିକ୍ ରିପୋର୍ଟ ପ୍ରଦାନ କରନ୍ତୁ। ଲୋକ ସଭା ଏମ୍‌ପି, ସ୍ଥାନୀୟ ବିଧାୟକଙ୍କ ସହ ଆଲୋଚନା କରାଯାଉ। ଏନେଇ ୧ହଜାର କୋଟି ଟଙ୍କା ଦେବାକୁ କହିବାପରେ ଜିଲାପାଳ ଏକ ରିପୋର୍ଟ ସରକାରଙ୍କୁ ପଠାଇଥିଲେ। ସେଥିରେ ସେ ଜିଲା ପାଇଁ ୪୦୦କୋଟି ଟଙ୍କା ଦେବାକୁ କହିଥିଲେ। ମାତ୍ର ସରକାର ମାତ୍ର ୪୦କୋଟି ଟଙ୍କା ଦେଲେ ବୋଲି ନରସିଂହ କହିଛନ୍ତି। ତେଣୁ ଜିଲାର କ୍ଷୟକ୍ଷତି ଉପରେ ଦୃଷ୍ଟି ରଖି ସ୍ୱତନ୍ତ୍ର ପ୍ୟାକେଜ ଦାବିକୁ ସେ ପୁଣିଥରେ ଦୋହରାଇଥିଲେ। ସନ୍ତୋଷ ସିଂ ସାଲୁଜା ମଧ୍ୟ ନରସିଂହଙ୍କ ଦାବିକୁ ସମର୍ଥନ ଜଣାଇ ସରକାରଙ୍କୁ ଚାରିଆଡ଼ୁ ଘେରିବାକୁ ପ୍ରୟାସ କରିଥିଲେ। ସେ କହିଛନ୍ତି ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବରେ ସରକାର ଆଂଶିକ ରିପୋର୍ଟ ଦେଇଛନ୍ତି। ଏଥିରେ ୧୪ ବ୍ଲକ କଥା ଉଲ୍ଲେଖ ଅଛି। ଟିଟିଲାଗଡ ସମ୍ପର୍କରେ କିଛି ଉଲ୍ଲେଖ ନାହିଁ। ନଦୀ ବାବଦରେ ଯାହା ଉଲ୍ଲେଖ ଅଛି ତାହା ସମ୍ପୂର୍ଣ୍ଣ ନୁହେଁ। ବ୍ୟାପକ ବର୍ଷା ଯୋଗୁ ବ୍ୟାପକ କ୍ଷତି ହୋଇଛି। ଚାଷୀଙ୍କ ଭଲ ଫସଲ ହୋଇଥିବା ବେଳେ ପାଣିପଶି ସବୁ ନଷ୍ଟ ହୋଇଯାଇଛି। ସରକାରଙ୍କ ପକ୍ଷରୁ ଆଂଶିକ ସହାୟତା ଦିଆଯାଇଛି। ସମ୍ପୂର୍ଣ୍ଣ ସହାୟତା ନ ମିଳିଲେ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଯିବ ବୋଲି ସେ କହିଛନ୍ତି। ସଦସ୍ୟ ଅଧିରାଜ ପାଣିଗ୍ରାହୀ କହିଛନ୍ତି, ଡ୍ରେନେଜ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। କେନ୍ଦ୍ରମନ୍ତ୍ରୀ ହାୱାଇରେ ଆସି ବୁଲି ନିଜ କଥାକୁ ହାୱାରେ ଉଡାଇଦେଲେ। ସେ ନିର୍ବାଚନ ସମୟରେ ଯେମିତି ଜୁମ୍‌ଲା ମାରୁଥିଲେ ସମାନ କଥା ଦୋହରାଇଦେଇ ଗଲେ। ଭାଜପା ସଦସ୍ୟମାନେ କେନ୍ଦ୍ରମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ପୂରଣ ନେଇ ତାଙ୍କ ନିକଟରେ ଦାବି ରଖନ୍ତୁ ବୋଲି ସେ କହିଛନ୍ତି। ଖରିଆର ନିର୍ବାଚନମଣ୍ଡଳୀର ୧୦ରୁ ୧୫ ଗ୍ରାମ ବର୍ତ୍ତମାନ ନଦୀ ମୁହଁରେ ଅଛି। ସେଠାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଉ। ଏହାସହ ବଲାଙ୍ଗୀର ଜିଲା ପାଇଁ ୧ ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରାଯାଉ ବୋଲି ପାଣିଗ୍ରାହୀ କହିଛନ୍ତି।

ଉତ୍ତରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି କହିଛନ୍ତି, ବାସ୍ତବିକ ଭାବେ ଅଗଷ୍ଟ ୧୩ ଓ ୧୪ରେ ବଲାଙ୍ଗୀର ଜିଲାରେ ହୋଇଥିବା ବର୍ଷା ଯୋଗୁ ଅଧିକ ମାତ୍ରାରେ ଜଳ ମାଡି ଆସିଥିଲା। ଏନେଇ ଏସ୍‌ଆରସି(ସ୍ୱତନ୍ତ୍ର ରିଲିଫ କମିଶନର)ଙ୍କ ସହିତ ଆଲୋଚନା କରିଛି, ଯାହା ସମସ୍ତ ସାହାଯ୍ୟ ଏନ୍‌ଡିଆର୍‌ଏଫ, ଏସ୍‌ଡିଆର୍‌ଏଫରୁ ସହାୟତା ଦେବା କଥା ଦିଆଯାଇଛି। ଏ ପର୍ଯ୍ୟନ୍ତ କେତେଗୁଡିଏ ରିପୋର୍ଟ ଆସିନାହିଁ। ସରକାରଙ୍କ ପାଖରେ ଟଙ୍କା ଅଛି, ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେବି ରିପୋର୍ଟ ତୁରନ୍ତ ପ୍ରଦାନ କରି ଅର୍ଥ ବରାଦ କରିବା ଲାଗି। ବନ୍ୟା ନେଇ ସମୀକ୍ଷା କରିଥିଲି। ରାସ୍ତା ବହୁତ ନଷ୍ଟ ହୋଇଛି। ନଦୀକୂଳ ଗାଁଗୁଡ଼ିକୁ ସ୍ଥାନାନ୍ତରିତ କରାଯିବ। ଚାଷୀଙ୍କ ରିପୋର୍ଟ ଆସିନାହିଁ, ଆସିଗଲେ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ମାରାଣ୍ଡି କହିଛନ୍ତି।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା
## ଜଣେ ମୃତ, ଦୁଇ ଗୁରୁତର

**ଟିଟିଲାଗଡ,୨୮।୧୧(ଡି.ଏନ.ଏ.)**

ଟିଟିଲାଗଡ ଥାନା ଅନ୍ତର୍ଗତ କୁମୁଡିପଦର ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କାରେ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି । ମୃତକ ହେଲେ ରିଆନ ସୁନା (୨୨)। ଗୁରୁତର ଆହତ ଜଳନ୍ଧର ସୁନା ଏବଂ ଅଭୟ ଭୋଇଙ୍କୁ ଟିଟିଲାଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଯେ, ଟିଟିଲାଗଡ ଥାନା ଅନ୍ତର୍ଗତ ଭୁଷଲାଡ ଗ୍ରାମର ସୁନା ଏବଂ ଭୋଇ ଏକ ବାଇକ୍‌ରେ ଟିଟିଲାଗଡ ପଟରୁ କେସିଙ୍ଗା ରାସ୍ତାରେ ଯାଉଥିଲେ। ବିପରୀତ ଦିଗରୁ ବାଇକ୍‌ରେ ଆସୁଥିବା ସହରର ମଦଭାଟି ପଡାର ରିଆନଙ୍କ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ୩ଜଣଙ୍କୁ ଉଦ୍ଧାର କରାଯାଇ ୧୦୮ ଆମ୍ବୁଲାନ୍ସରେ ଟିଟିଲାଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ରିଆନଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସ୍ଥାନୀୟ ପୋଲିସ ପହଞ୍ଚି ଶବ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

## ସଂକ୍ଷେପରେ



### ଜିଲାପାଳଙ୍କ ଉନ୍ନୟନ କାର୍ଯ୍ୟ ତଦାରଖ

**ଟିଟିଲାଗଡ଼,୨୮।୧୧(ଡି.ଏନ.ଏ.):** ଟିଟିଲାଗଡ ଗସ୍ତରେ ଆସି ବଲାଙ୍ଗିର ଜିଲାପାଳ ଅରିନ୍ଦମ ଡାକୁଆ ପୌରାଞ୍ଚଳରେ ଜାରି ରହିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ପରିଦର୍ଶନ କରିଛନ୍ତି। ଟିଟିଲାଗଡରେ ଅଚଳ ମାତୃ ଓ ଶିଶୁ ଡାକ୍ତରଖାନା, ପ୍ରାୟ ୧ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧିନ ସହରର ହାଟପଦାସ୍ଥିତ ଶ୍ମଶାନ ଘାଟ, ମହାରାଜ ସାଗରର ସୌନ୍ଦର୍ଯ୍ୟୀକରଣ କାର୍ଯ୍ୟ ପୁଣି ଆରମ୍ଭ, ଡ୍ରେନ ପାଣି ନିଷ୍କାସନ ଆଦି ଜିଲାପାଳ କ୍ଷେତ୍ର ପରିଦର୍ଶନ କରିଥିଲେ। ରାଜ୍ୟ ସରକାରଙ୍କ ମୋ ସ୍କୁଲ କାର୍ଯ୍ୟକ୍ରମରେ ରାଜ୍ୟରେ ରେକର୍ଡ ୧ କୋଟି ୫ ଲକ୍ଷ ସଂଗ୍ରହ କରିଥିବା ଆଦର୍ଶ ସରକାରୀ ଧବଳେଶ୍ୱର ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ଜିଲାପାଳ ଗସ୍ତ କରିଥିଲେ। ଜିଲାପାଳ ଗସ୍ତ କରି ବିଭିନ୍ନ ନିର୍ମାଣ କାର୍ଯ୍ୟ ପରିଦର୍ଶନ କରିଥିବା ବେଳେ ପରିଚାଳନା କମିଟି ସଦସ୍ୟ ଅଶ୍ୱିନୀ ମହାନ୍ତି, ପ୍ରଧାନଶିକ୍ଷକ ଗଗନ ବାଗ ଉପସ୍ଥିତ ଥିଲେ। ଜିଲାପାଳ ଏଅବସରରେ ଟିଟିଲାଗଡର ନୂତନ ବସଷ୍ଟାଣ୍ଡ ନିର୍ମାଣ ସ୍ଥଳ, ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ମାଣାଧିନ ରେଲବାଇ ଓଭରବ୍ରିଜ ଆଦି କାର୍ଯ୍ୟ ବୁଲି ଦେଖିଥିଲେ। ଜିଲାପାଳଙ୍କ ସହ ଟିଟିଲାଗଡ ଉପଜିଲାପାଳ ସୁଧାକର ନାୟକ, ପୌର ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, ଉପଖଣ୍ଡ ଚିକିତ୍ସା ଅଧିକାରୀ ସୁଜାତାରାଣୀ ମିଶ୍ର, ଭାରପ୍ରାପ୍ତ ତହସିଲଦାର କର୍ଣ୍ଣ ମଲ୍ଲିକ, ପୂର୍ତ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ସୌମ୍ୟ ସ୍ୱରୁପ ଦାଶ, କନିଷ୍ଠ ଯନ୍ତ୍ରୀ ପିଏନ ମହାନ୍ତି, ପୌର ଯନ୍ତ୍ରୀ ବିଶ୍ୱପ୍ରୀୟ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ବଲାଙ୍ଗୀର ଜିଲା ରେଳ ଉପଭୋକ୍ତା ସଂଘ ସାଧାରଣ ଅଧିବେଶନ

**ବଲାଙ୍ଗୀର ଅଫିସ,୨୮।୧୧:** ସ୍ଥାନୀୟ ଖୁଜେନପାଲି ଶିବ ମନ୍ଦିର ପ୍ରାଙ୍ଗଣରେ ବଲାଙ୍ଗୀର ଜିଲା ରେଳ ଉପଭୋକ୍ତା ସଂଘ ସାଧାରଣ ଅଧିବେଶନ ସଭାପତି ଧର୍ମବ୍ରତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ପ୍ରଥମେ ଯୁଗ୍ମ ସମ୍ପାଦକ ପ୍ରଭାକର ମିଶ୍ର ସଭାର ଉଦ୍ଦେଶ୍ୟ ଜ୍ଞାପନ କରିବା ପରେ ସମ୍ପାଦକ ଗୋପବନ୍ଧୁ ପୁରୋହିତ ଗତ ସାଧାରଣ ପରିଷଦ ବୈଠକ ଓ କାର୍ଯ୍ୟକାରୀ କମିଟି ବୈଠକର ବିବରଣୀ ପାଠ କରିଥିଲେ । ଏହାପରେ ସର୍ବସମ୍ମତିକ୍ରମେ ବିବରଣୀ ଅନୁମୋଦନ କରାଯାଇଥିଲା । ଆଲୋଚନାରେ ଅଂଶଗ୍ରହଣ କରି ପୂର୍ବତନ ସଭାପତି ବିକ୍ରମାନନ୍ଦ ବହିଦାର, ସଭ୍ୟ ମନୋରଞ୍ଜନ ପୁରୋହିତ, ବୃନ୍ଦାବନ ବରାଳ, ଜୟରାମ ମିଶ୍ର, ଦୁର୍ଗାପ୍ରସାଦ ହୋତା, କିଶୋର ମୋହନ ମିଶ୍ର, ଛବିଲାଲ ବେହେରା ଓ ଶ୍ରୀମନ୍ତ ପଣ୍ଡା ଆଦି ସଭ୍ୟମାନେ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ବଲାଙ୍ଗୀର ରେଲୱେ ଷ୍ଟେସନର ଉନ୍ନତିକରଣ ସମ୍ବନ୍ଧେ ରେଳ ବିଭାଗ ଉପରେ ଚାପ ସୃଷ୍ଟି କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା । ଗତ ୨୦୧୮ ମାର୍ଚ୍ଚ ମାସରେ ଅନୁଷ୍ଠିତ ସାଧାରଣ ଅଧିବେଶନରେ ସର୍ବସମ୍ମତିକ୍ରମେ ମନୋନୀତ ସଂଘ କାର୍ଯ୍ୟକର୍ତ୍ତା ଚୟନ ପ୍ରକ୍ରିୟାକୁ ଏହି ଅଧିବେଶନରେ ସର୍ବସମ୍ମତିକ୍ରମେ ଅନୁମୋଦନ କରାଯାଇଥିଲା । ଶେଷରେ କୋଷାଧକ୍ଷ ଅଶୋକ ଚାନ୍ଦ ଧନ୍ୟବାଦ ଜ୍ଞାପନ କରିଥିଲେ ।



ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ ଯୋଜନାରେ ବୈଷୟିକ ତାଲିମ ପଞ୍ଜୀକରଣ ଶିବିର।

■ ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ ଯୋଜନା

## ବୈଷୟିକ ତାଲିମ ପଞ୍ଜୀକରଣ ଶିବିର

**କଣ୍ଟାବାଞ୍ଜି, ୨୮।୧୧(ଡି.ଏନ.ଏ.)**

ଗ୍ରାମାଞ୍ଚଳର ଗରିବ ବେକାର ଯୁବତୀ ଓ ଯୁବକମାନଙ୍କୁ ଦକ୍ଷତା ବିକାଶ ଟ୍ରେନିଂ ଦ୍ୱାରା ଅଧିକ ରୋଜଗାରକ୍ଷମ କରାଇବା ପାଇଁ ସରକାରଙ୍କ ତରଫରୁ ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ ଯୋଜନାରେ ଏକ ବୈଷୟିକ ତାଲିମ ପଞ୍ଜିକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ତୁରେକେଲା ବ୍ଲକ ସଦର ମହକୁମାରେ ଗୁରୁବାର ଏହା ଅନୁଷ୍ଠିତ ହୋଇଛି । ଏହି ଶିବିରରେ ତୁରେକେଲା ବ୍ଲକ ସହ ପଡୋଶି ବ୍ଲକର ସହସ୍ରାଧିକ ଯୁବତୀ ଓ ଯୁବକମାନେ ଅଂଶଗ୍ରହଣ କରି ନିଜ ନାମ ପଞ୍ଜିକରଣ କରିଛନ୍ତି। ଦକ୍ଷତା ବୃଦ୍ଧି ଜରିଆରେ ସେମାନଙ୍କୁ ବିଭିନ୍ନ ଅନୁଷ୍ଠାନରେ ନିଯୁକ୍ତି ଦେବାର ସୁଯୋଗ ରହିଛି । ଏହି ଶିବିରରେ ସିଆଇପିଟି, ଭୁବନେଶ୍ୱର, ଏବ୍ ୱେଷ୍ଟ ସର୍ଭିସେସ, ସହି ଏକ୍ସପୋର୍ଟ ପ୍ରାଃ. ଲିମିଟେଡ, ବିଦ୍ୟା ଭାରତୀ ଏଜୁକେୟାର ଟ୍ରଷ୍ଟ, ଗଗନ ନିଟ ୱିର ପ୍ରାଃ.ଲିମିଟେଡ, ଉପାସନା ଇଜୁକେଶନ ଟ୍ରଷ୍ଟ, ବଲାରାମ ପଣ୍ଡା ଟ୍ରଷ୍ଟ, ସେଫଜୁକେଟ ଲାର୍ନିଂ ପ୍ରାଃ.ଲିମିଟେଡ,ଭୁବନେଶ୍ୱର ଭଳି କମ୍ପାନୀମାନେ ଅଂଶ ଗ୍ରହଣ କରି ନିଯୁକ୍ତି ସୁଯୋଗ ସୃଷ୍ଟି କରିଛନ୍ତି। ଏହି କାର୍ଯ୍ୟକ୍ରମର ଉଦଘାଟନୀ ସଭାରେ ବ୍ଲକର ଚ୍ୟାରମେନ ଅନୁଭୋଇ ମୁଖ୍ୟ ଅତିଥି, ବିଡିଓ ପ୍ରଭାତ କୁମାର ସାହୁ ସମ୍ମାନିତ ଅତିଥି, ବିପିଏମ ନିଳମାଧବ ସାହୁ, ଏସଡିସି ବିଚିତ୍ର ମୁଦୁଲି ମଞ୍ଚାସୀନ ଥିଲେ। ଏହି କମ୍ପାନି ମାନଙ୍କଦ୍ୱାରା ସେଲେଇ ମେସିନ ମରାମତି, ସେଲେଇ କାର୍ଯ୍ୟ, ଲାଇନ ସୁପରଭାଇଜର, ଫିଟର, ଫେବ୍ରିକେଶନ, ଲେଛ ଅପରେଟର, ଇଲେକ୍ଟ୍ରିସିଆନ ଡୋମେଷ୍ଟିକ, ରାଜମିସ୍ତ୍ରୀ, ୱେଲଡର, ପାଣି ପାଇପ ମିସ୍ତ୍ରୀ, ପରିବହନ ସେବାକାରି, ଡି.ଟି.ପି. ଅପରେଟର, ଗୃହ ପରିଚାଳନା, ଯୋତା ତିଆରି ଓ ବିକ୍ରୟ, ରୋଗୀ ସେବା ସହକାରୀ, ସିଏନସି ମେସିନ ଚାଳକ,ଖୁଚୁରା ବିକ୍ରୟ ସହଯୋଗୀ, ଖାଦ୍ୟ ଓ ପାନୀୟ ସେବା ଭଳି ଅନେକ ତାଲିମ କମ୍ପାନୀ ମାନଙ୍କ ଦ୍ୱାରା ଦେଲା ପରେ ନିଯୁକ୍ତି ଦେବାର ବ୍ୟବସ୍ଥା ରହିଛି ।

## ଦୁଷରା ରୋଡ଼ରେ ରେଳ ଷ୍ଟେଶନ ଦାବି

**ଗୁଡଭେଲା,୨୮।୧୧(ଡି.ଏନ.ଏ)**

ବଲାଙ୍ଗୀର ଦୁଷରା ରାସ୍ତାରେ ଥିବା ରେଲୱେ କ୍ରସିଂଠାରେ ଏକ ରେଲ ଷ୍ଟେଶନ କରିବା ପାଇଁ ଦୁଷୁରା ଓ ଗୁଡଭେଲା ଅଞ୍ଚଳବାସୀ ପକ୍ଷରୁ ସାଧାରଣରେ ଦାବି ହେଉଛି । ଏ ନେଇ ସ୍ଥାନୀୟ ଏମ୍‌ପି, ବିଧାୟିକା, ମନ୍ତ୍ରୀ ଓ କେନ୍ଦ୍ର ମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦିଆଯାଇଥିଲେ କିଛି ସୁଫଳ ମିଳିନାହିଁ । ଏପରିକି ଟିଟିଲାଗଡ଼କୁ ଆସିଥିବା କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମଧ୍ୟ ଏକ ଦାବିପତ୍ର ପ୍ରଦାନ କରାଯାଇ ଏହି ଦାବି ସମ୍ପର୍କରେ ଜଣାଇଥିବାରୁ ପ୍ରଧାନ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ବେଳେ ଦସ୍ତଖତ ଅଭିଯାନ,ପୋଷ୍ଟକାର୍ଡ଼ ଦ୍ୱାରା ଦାବି କରିବା ଆଦି ପନ୍ଥା ଗ୍ରହଣ କରାଯାଇଥିଲା । ଉକ୍ତ ସ୍ଥାନରେ ରେଳ ଷ୍ଟେଶନ ନିର୍ମାଣ ହେଲେ ଦେଓଗାଁ, ସଇଁନ୍ତଲା, ଗୁଡ଼ଭେଲା ବ୍ଲକ, ଦୁଷରା ଏନଏସିର ସହିତ କଳାହାଣ୍ଡି ଓ ବୌଦ୍ଧ ଜିଲା ସୀମାରେ ଥିବା ବହୁଲୋକ ରେଳ ଯାତ୍ରାର ସୁବିଧା ପାଇପାରିବେ। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତଥା ଜନପ୍ରତିନିଧି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଏବେରୁ ନ ନେଲେ ଭବିଷ୍ୟତରେ ଗଣଆନ୍ଦୋଳନ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇପାରିବ ନାହିଁ।

## ସିଆର୍‌ପିଏଫ୍ ପକ୍ଷରୁ ଜନସମ୍ପର୍କ କାର୍ଯ୍ୟକ୍ରମ

**ଖପ୍ରାଖୋଲ,୨୮।୧୧ (ଡି.ଏନ.ଏ)**

ସ୍ଥାନୀୟ ସିଆରପିଏଫ୍ ବି/୧୮୯ କ୍ୟାମ୍ପ ଠାରେ ଜନସମ୍ପର୍କ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଇନ୍ସପେକ୍ଟର ସରୋଜ କୁମାର କଲେତ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ସିଆରପିଏଫ୍ ଅଗରତଲା ରେଞ୍ଜ ଡିଆଇଜି ଏନ.କେ ସିଂହ, ସମ୍ମାନିତ ଅତିଥି ଭାବେ ୧୮୯ କମାଣ୍ଡେଣ୍ଟ ଯୋଗେନ୍ଦ୍ର ସିଂ ମୌର୍ଯ୍ୟ ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଲୋକାଭିମୁଖି ଯୋଜନା ଉପରେ ଆଲୋକପାତ କରିଥିଲେ । କେନ୍ଦ୍ର ସରକାର ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୁପାୟନ ସହିତ ଲୋକେ ତାର ସୁଫଳ କିଭଳି ପାଇପାରିବେ ସେ ନେଇ କହିଥିଲେ । ପ୍ରଧାନମନ୍ତ୍ରୀ ଉଜ୍ୱଳା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ବୀମା ଯୋଜନା, ଅଟଳ ପେନସନ ଯୋଜନା ଉପରେ କହିଥିଲେ । ସିଆରପିଏଫ୍‌ର ସହାୟତାରେ ବିଭିନ୍ନ ଗାଁର ୧୮୫ ଜଣଙ୍କ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା , ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ କରାଯାଇଥିବା ନେଇ କହିବା ସହ ଅନ୍ୟ ମାନେ ମଧ୍ୟ କିଭଳି ସାମିଲ ହେବେ ସେ ନେଇ କହିଥିଲେ । ଏହି ଅବସରରେ ଘୁନସର, ପୁଟକେଲ ଚୂଆଁ, ନାନ୍ଦୁପଲା, ତେଲେନପାଲି ଅଚଳର ଶତାଧିକ ମହିଳା ପୁରୁଷ ସମେତ ସିଆରପିଏଫ୍ ଯବାନମାନେ ଉପସ୍ଥିତ ଥିଲେ । ଶେଷରେ ଇନ୍ସପେକ୍ଟର ବଲରାମ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ଜନସମ୍ପର୍କ କାର୍ଯ୍ୟକ୍ରମ ।

## ଗୋଟିଏ ଦିନରେ ୨ ପୃଥକ୍ ଦୁର୍ଘଟଣା
### ଗଛରେ ଧକ୍କା ହୋଇ ସିଆରସିସି ଓ ବିଷପିଇ ଯୁବକ ମୃତ

**ଦେଓଗାଁ,୨୮।୧୧(ଡି.ଏନ.ଏ)**

ଦେଓଗାଁ ଥାନା ଅଧିନରେ ଗୁରୁବାର ୨ ପୃଥକ ଦୁର୍ଘଟଣାଘଟି ୨ ଜଣ ଯୁବକଙ୍କ ପ୍ରାଣହାନୀ ଘଟିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସଇଁନ୍ତଲାଥାନା ଅନ୍ତର୍ଗତ ଛନଛଡା ଗାଁର ବାସିନ୍ଦା ତଥା ଟିକ୍ରାପଡା କ୍ଲଷ୍ଟରର ସିଆରସିସି ଶୋଭାକର ପାଢ଼ି (୪୬) ବଲାଙ୍ଗିରରୁ ଦେଓଗାଁ ବଙ୍ଗଳା ଛକ ଦେଇ ବାଇକ ନଂ. ଓଡି୦୩ଏଚ ୪୪୨୯ ଯୋଗେ ବୁଧବାର ରାତିରେ ଘରକୁ ଫେରୁଥିବା ବେଳେ ନାଇକେନସିରା ଦାବଲିକାନୀ ଛକ ନିକଟରେ ଭାରସାମ୍ୟ ହରାଇ ଗୋଟିଏ ଗଛକୁ ଧକ୍କାଦେଇ ରାଜପଥ ପାର୍ଶ୍ୱକୁ ଛିଟିକିପଡିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କ ମୃତ୍ୟୁ ଘଟିଥିଲା ।ଖବରପାଇ ଦେଓଗାଁଥାନା ଏସଆଇ କିଶୋରଚନ୍ଦ୍ର ପତି ଗୁରୁବାର ସକାଳେ ଘଟଣାସ୍ଥଳକୁ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିବାସହ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ନଂ. ୧୧୪/୧୯ରୁଜୁକରି ଶବକୁ ବ୍ୟବଚ୍ଛେଦ ପାଇଁ ବଲାଙ୍ଗିର ପଠାଇଥିଲେ। ସେହିପରି ଗୁରୁବାର ବନ୍ଧପଡା ଫାଣ୍ଡି ଅନ୍ତର୍ଗତ କରୁଆଁଝର ଗ୍ରାମର ଦେବରାଜ ମାହାକୁର(୫୦) ବିଷ ପିଇ ମୃତ୍ୟୁବରଣ କରିଛନ୍ତି। ଗତ ୨୨ ତାରିଖରେ କୌଣସୀ ଏକ ଘରୋଇକଳହକୁ କେନ୍ଦ୍ରକରି ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ ।ପରିବାର ଲୋକେ ତୁରନ୍ତ ଦେବରାଜକୁ ଚିକିତ୍ସା ପାଇଁ ବଲାଙ୍ଗିର ଭୀମ ଭୋଇ ମେଡିକାଲକୁ ନେଇଥିଲେ । ଗୁରୁବାର ସକାଳୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କୁ ଡାକ୍ତର ମୃତଘୋଷଣା କରି ପୋଲିସକୁ ଖବର ଦେଇଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ. ୭/୧୯ରୁଜୁକରି ବନ୍ଧପଡା ଫାଣ୍ଡି ଅଧିକାରୀ କମଳ ଲୋଚନ ମାଝୀ ତଦନ୍ତ ଜାରି ରଖିଥିବା ସୂଚନା ଦେଇଛନ୍ତି।

### ଆଜିଠାରୁ ବଲାଙ୍ଗୀରରେ କୁଚ୍‌ବିହାର ଟ୍ରଫି କ୍ରିକେଟ୍ ମ୍ୟାଚ୍
## ଗାନ୍ଧୀ ଷ୍ଟାଡିୟମରେ ମୁହାଁମୁହିଁ ହେବେ ଓଡ଼ିଶା-ବରୋଦା

**ବଲାଙ୍ଗୀର ଅଫିସ, ୨୮।୧୧**

ଓଡିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ଏବଂ ବଲାଙ୍ଗୀର ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଠାରେ ଶୁକ୍ରବାର ଠାରୁ ଓଡିଶା ଓ ବରୋଦା ମଧ୍ୟରେ କୁଚ୍‌ବିହାର ଟ୍ରଫି କ୍ରିକେଟ ଆରମ୍ଭ ହେବ । ଏହି ମ୍ୟାଚ୍ ଡିସେମ୍ବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ମ୍ୟାଚ୍ ପାଇଁ ଉଭୟ ଦଳର ଖେଳାଳୀ ବଲାଙ୍ଗୀରରେ ପହଞ୍ଚି ନେଟ୍‌ସ ପ୍ରାକ୍ଟିସ୍ କରିସାରିଛନ୍ତି । ଏହି ମ୍ୟାଚ୍ ପାଇଁ ଗାନ୍ଧୀ ଷ୍ଟାଡିୟମର ସବୁପ୍ରକାର ସୁବ୍ୟବସ୍ଥା କରାଯାଇଥିବା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ହରି ନାରାୟଣ ପୂଜାରୀ ସୂଚନା ଦେଇଛନ୍ତି । ଓଡିଶା ଦଳ ପକ୍ଷରୁ ଅନୀଲ ପରିଡା ଅଧିନାୟକ ଏବଂ ସୁମନ ଦାସ ଉପଅଧିନାୟକ ଦାୟିତ୍ୱ ବହନ କରିଛନ୍ତି। ଅନ୍ୟ ଖେଳାଳୀଙ୍କ ମଧ୍ୟରେ ଅନ୍ୱେଷ ତ୍ରିପାଠୀ, ମନିତେଜ ମହାନ୍ତି, ଆୟୁଷ ନାଏକ, ମାନସ ନାୟକ, ସୂର୍ଯ୍ୟ ମହାପାତ୍ର, ଆଶୁତୋଷ ଛୁରିଆ, ମଳୟ ପ୍ରଧାନ, ସୂର୍ଯ୍ୟନାରାୟଣ ବିଶ୍ୱାଳ, ଅଙ୍କିତକାର ଜୟସ୍ୱାଲ, ସନ୍ଦୀପ ଚୌହାନ, କୁମାର ପରାଗ ସାମନ୍ତରାୟ, ଆର୍ଯ୍ୟମନ ମିଶ୍ର ଏବଂ ରାକେଶ ବିଶ୍ୱାଳ ରହିଛନ୍ତି । ସହଯୋଗୀ ଷ୍ଟାଫ୍ ଭାବେ ସୁମନ୍ତ କୁମାର ଭୋଇ (ମ୍ୟାନେଜର), ନିରଞ୍ଜନ ବେହେରା (କୋଚ), ସୋମୁ ମଲ୍ଲିକ (ଫିଜିଓ) ଓ ଜଗତ ରଞ୍ଜନ ଦାସ (ଟ୍ରେନର) ରହିଛନ୍ତି। ବରୋଦା ଦଳ ପକ୍ଷରୁ କୁଶ ମରାଠେ ଅଧିନାୟକ ଓ ଅର୍ଜନ କୋଠାରୀ, ୟାଶ୍ ରମି, ଅଥର୍ବ କରୁଲକାର, ଲକ୍ଷଜିତ ସିଂ ପଡିୟାର, ଧୌର୍ଯ୍ୟ ପାଣ୍ଡେ, ରୋଶନ ଭାଷଭ, ଅଂଶ ପି. ପଟେଲ, ସଚିନ ଝା, ଆଶୁତୋଷ ଦାସ, ଭାସ୍କର ତୁଙ୍ଗାରେ, ମଲହର ଘିଭାରିଆ, ମହେଶ ପିଥିଆ, କାର୍ତ୍ତିକ ଭରୱାଦ୍ ଏବଂ ପରୀକ୍ଷିତ ପତିଦାର ଖେଳାଳି ଭାବେ ଅଂଶଗ୍ରହଣ କରିଛନ୍ତି । ସହଯୋଗୀ ଷ୍ଟାଫ୍ ଭାବେ ଅଜିତ ଭୋଇଟେ (ମୁଖ୍ୟ କୋଚ୍), ଇରଫାନ ପଠାନ (ସହକୋଚ୍), ଡ. ପ୍ରଦୀପ ମକ୍ୱାନା(ଫିଜିଓ), କରମଜିତ ସିଂୱାଲା (ଟ୍ରେନର), ନିରଭ ଦୁଭାସେ (ଭିଡିଓ ଏନାଲିଷ୍ଟ) ଏବଂ ମନିସ ଅଦକ (ମ୍ୟାନେଜର) । ଅନ୍ ଲିଭ୍ ସ୍କୋରର ଦାୟିତ୍ୱରେ ସି.ଡି. ସୁନୀଲ ଥିବାବେଳେ ବୀରବର ନାଏକ ସ୍କୋରର୍, ଶାରଦା ପି ବିଶ୍ୱାଳ ଭିଡିଓ ଏନାଲିଷ୍ଟ ଏବଂ ତାପସ କୁମାର ନାଏକ ସହଭିଡିଓ ଏନାଲିଷ୍ଟ ଭାବରେ ରହିଛନ୍ତି । କେ ଥୋମାସ ମେଥ୍ୟୁ (ମ୍ୟାଚ ରେଫରୀ), ଅମ୍ପାୟାର ଭାବେ ପ୍ରେମଦୀପ ଚାଟର୍ଜୀ, ସବ୍ୟସାଚୀ ସରକାର ଓ ପୃଥ୍ୱୀରାଜ ମିଶ୍ର (ଅମ୍ପାୟାର, ଏଲଓ) ମ୍ୟାଚ ପରିଚାଳନାର ମୁଖ୍ୟ ଦାୟିତ୍ୱ ତୁଲାଇବେ । ବଲାଙ୍ଗୀର ମହିଳା ଦଳ କ୍ରିକେଟ କୋଚ୍ ଅରୁଣ କୁମାର ନାଏକ ଏବଂ କ୍ରିକେଟ ସମ୍ପାଦକ ଓମ୍‌ପ୍ରକାଶ ଚାନ୍ଦ ଗ୍ରାଉଣ୍ଡ ଇନ୍‌ଚାର୍ଜ ଦାୟିତ୍ୱରେ ଥିବା ସୂଚନା ଦିଆଯାଇଛି । ପ୍ରତିଦିନ ସକାଳ ୯ ଘଣ୍ଟାରୁ ଆରମ୍ଭ ହେବାକୁ ଥିବା ଏହି ଟେଷ୍ଟ ମ୍ୟାଚକୁ ଉପଭୋଗ କରିବା ପାଇଁ ଖେଳାଳୀ ଓ ଖେଳପ୍ରେମୀଙ୍କୁ ସଂସଦ ପକ୍ଷରୁ ସ୍ୱାଗତ କରାଯାଉଛି ।

## ବଲାଙ୍ଗୀର ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ବଲାଙ୍ଗୀର ଅଫିସ, ୨୮।୧୧**

ଦୁଇଦିନ ଧରି ଚାଲିଥିବା ବଲାଙ୍ଗୀର ପବ୍ଲିକ ସ୍କୁଲର ୩୭ତମ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍କୁଲ ସଭାପତି ବୀରେନ୍ଦ୍ର କୁମାର ମିଶ୍ର ଯୋଗଦାନ କରି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ସଭାରେ ସ୍କୁଲ ଅଧକ୍ଷା ସରିତା ପଟ୍ଟନାୟକ, ସମ୍ପାଦକ ଗୋପାଳକୃଷ୍ଣ ସିଂଦେଓ, ଉପାଧକ୍ଷ ଆକାଶ କୁମାର ମିଶ୍ର, କୋଷାଧକ୍ଷ ଆଲୋକ ରଞ୍ଜନ ବେଦ୍‌ବାକ, ସଭ୍ୟ ଶିରିଷ ଚନ୍ଦ୍ର ହୋତା, ସଞ୍ଜୀବ କୁମାର ସାହୁ ମଞ୍ଚାସୀନ ଥିଲେ । ବିଭିନ୍ନ ବର୍ଗରେ ଓ ବିଭିନ୍ନ ପ୍ରତିଯୋଗିତାରେ ସ୍କୁଲ ଛାତ୍ରୀଛାତ୍ର ଲୋକେଶ ଉଦୁରକୁଲିଆ, ଶିବାଙ୍ଗ ଦାସ, ଶ୍ରୀୟା ଅଗସ୍ତି, ହର୍ଷବର୍ଦ୍ଧନ ସେଠୀ, ସାଗରିକା ତନ୍ତୀଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ମୁଖ୍ୟଅତିଥି ମିଶ୍ର ପୁରସ୍କୃତ କରିଥିଲେ । ଦୁଇଦିନ ଧରି ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ସ୍କୁଲ ପରିଚାଳନା କମିଟି ସଦସ୍ୟ ଶିରିଷ ଚନ୍ଦ୍ର ହୋତା କ୍ରୀଡା ପତାକା ଉତ୍ତୋଳନ କରି ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ । ବଲାଙ୍ଗୀର ଟାଉନ୍ ହାଇସ୍କୁଲ ଖେଳ ପଡିଆରେ ଏହି କ୍ରୀଡା ପ୍ରତଯୋଗିତା ଅନୁଷ୍ଠିତ ହୋଇଥିଲା । କ୍ରୀଡା ଶିକ୍ଷକ ହରେକୃଷ୍ଣ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାକୁ ଅବଦୁଲ ମୁଜାହିଦ୍ଦିନ, ହୃଦୟ ଶବର, ସଚିନ୍ ବାଗ ଓ ଅଜିତ୍ ମଚ୍ଛଖଣ୍ଡ ପରିଚାଳନା କରିଥିଲେ। ପ୍ରଥମେ ସ୍କୁଲ ଛାତ୍ରୀଛାତ୍ରମାନେ ସମଲେଶ୍ୱରୀ ମନ୍ଦିରରୁ ମଶାଲ ଶୋଭାଯାତ୍ରାରେ ସହର ପରିକ୍ରମା କରି ଖେଳପଡିଆକୁ ପହଞ୍ଚି ଥିଲେ । ଏହି କ୍ରୀଡା ପ୍ରତିଯୋଗିତାରେ ସ୍କୁଲ ଛାତ୍ରୀଛାତ୍ରମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଶେଷରେ ସ୍କୁଲ ଉପାଧକ୍ଷ ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।



ବାର୍ଷିକ କ୍ରୀଡା ଉତ୍ସବରେ କୃତୀ ଖେଳାଳି ଓ ଅତିଥି।



“ କ୍ଷମତାର ମୁକୁଟ ଭିତରେ କଣ୍ଟା ମଧ ଥାଏ, ଠିକ୍ ଭାବରେ ତାକୁ ପିନ୍ଧି ନ ଜାଣିଲେ ମୁଣ୍ଡ ଖଣ୍ଡିଆ ହୋଇଯାଏ।

\- ଜେମ୍ସ କୁକ୍



## ସଂକ୍ଷେପରେ

### ହାତୀ ଆକ୍ରମଣରେ ବ୍ୟବସାୟୀଙ୍କ ମୃତ୍ୟୁ

ନୂଆଗାଁ, ୨୮ ।୧୧ (ଡି.ଏନ୍.ଏ) - ସୁନ୍ଦରଗଡ ଜିଲା ହାତୀବାରି ଥାନା ଅନ୍ତର୍ଗତ ଓଡିଶା -ଝାଡଖଣ୍ଡ ସୀମାନ୍ତ ଗୋଟି ଟାଙ୍ଗର ନିକଟରେ ଗୁରୁବାର ରାତି ପ୍ରାୟ ସାଢେ ୭ଟା ବେଳେ ଜଣେ ହାଟ ଲୁଗା ବ୍ୟବସାୟୀଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି। ବିଶ୍ରା ଅଞ୍ଚଳର ଏହି ଲୁଗା ବ୍ୟବସାୟୀ ଜଣକ ଝାଡଖଣ୍ଡ ଅଡଗାଁ ସାପ୍ତାହିକ ହାଟରୁ ସନ୍ଧ୍ୟାରେ ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ବାଟରେ ଜଙ୍ଗଲୀ ହାତୀର ଆକ୍ରମଣର ଶିକାର ହୋଇଥିଲେ। ଖବରପାଇ ରାତିପ୍ରାୟ ୧୦ଟା ବେଳେ ବିଶ୍ରା ରେଞ୍ଜ ଅଫିସର ନୂତନ ହେମ୍ବ୍ରମ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମୃତକଙ୍କ ପରିଚୟ ମିଳିନାହିଁ।

### କାଠ ଗଣ୍ଡି, ମୋଟର ସାଇକେଲ ଜବତ, ଜଣେ ଗିରଫ

ହେମଗିର, ୨୮।୧୧ (ଡି.ଏନ.ଏ)- ହେମଗିର ରେଞ୍ଜ ଅଧିନରେ ରୋହିଣୀ ସଂରକ୍ଷିତ ଜଙ୍ଗଲରୁ କାଠ ଚୋରି ଅଭିଯୋଗରେ ଜଙ୍ଗଲ ବିଭାଗ ଜଣଙ୍କୁ ଗିରଫ କରିଛି। ଗତ ୨୭ ତାରିଖ ରାତି ପ୍ରାୟ ସାଢ଼େ ୧୦ଟାରେ କୁସମେଲ ଗ୍ରାମର ଦୟା ସାଗର (୧୮) ନାମକ ଜଣେ ଯୁବକ ବାଇକ ନଂ. ଓଆର୍ ୨୩ ବି- ୦୯୩୧ ଯୋଗେ ଦୁଇଟି ପିଆଶାଳ ଗଣ୍ଡି ଚୋରି କରି ନେଉଥିଲେ। ଠିକ ଏହି ସମୟରେ ଦାଘୋର ସେକସନ୍ ଫରେଷ୍ଟର ପ୍ରଶାନ୍ତ ପଟେଲ, ଗାର୍ଡ ଅକ୍ଷୟ ନାଏକ ସହ ସୁରକ୍ଷାବାହିନୀଙ୍କ ସହ ପାଟ୍ରୋଲିଂ କରୁଥିବା ବେଳେ ଲମେଇବାହାଲ ଜଙ୍ଗଲରେ ଦୟା ସାଗରକୁ ଧରିଥିଲେ । ବାଇକ କାଠ ଗଣ୍ଡି ସହ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଏନେଇ କେସ ନଂ. ୧୨୫/୧୯ ରୁଜୁ କରାଯାଇଛି ।

■ ସମ୍ବଲପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# ସୁନ୍ଦରଗଡ଼ରେ ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ସୁନ୍ଦରଗଡ, ୨୮।୧୧ (ଡି.ଏନ୍.ଏ)

ପଶ୍ଚିମ ଓଡ଼ିଶାର ସମ୍ବଲପୁରଠାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ପଶ୍ଚିମ ଓଡିଶା ହାଇକୋର୍ଟ ବେଞ୍ଚ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନ କ୍ରମେ ପ୍ରତିମାସର ଶେଷ ୩ଦିନ କାର୍ଯ୍ୟଦିବସ ବନ୍ଦ ଡାକରାକୁ ସମର୍ଥନ ଜଣାଇ ଗୁରୁବାର ଠାରୁ ସୁନ୍ଦରଗଡ ଜିଲା ଓକିଲସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଜିଲା ଓକିଲ ସଂଘର ସଭାପତି ଦୁଷ୍ମନ୍ତ କୁମାର ନାଏକ, କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ଆବାହକ ଅଶୋକ କୁମାର ଦାଶ, ଜିଲା ଓକିଲ ସଂଘର ସମ୍ପାଦକ ଅଶୋକ କୁମାର ସ୍ୱାଇଁ, ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ନାଏକଙ୍କ ନେତୃତ୍ୱରେ ଓକିଲମାନେ ମିଳିତ ଭାବେ ପିକେଟିଂ କରି କୋର୍ଟ କଚେରୀ ସମେତ ବିଭିନ୍ନ ସରକରୀ କାର୍ଯ୍ୟାଳୟ ଗୁଡିକରେ ପିକେଟିଂ କରି ବନ୍ଦ କରିଥିଲେ। ଫଳରେ ଏଠାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଓକିଲଙ୍କ ଆନ୍ଦୋଳନ ଯୋଗୁ ସୁନ୍ଦରଗଡ କଲେକ୍ଟୋରିଏଟ୍ ସମ୍ପୂର୍ଣ୍ଣ ଖାଁଖାଁ ଲାଗୁଥିବା ବେଳେ ଜିଲା ପରିବହନ କାର୍ଯ୍ୟାଳୟରେ ମଧ୍ୟ ଓକିଲମାନେ ତାଲା ପକାଇ ବନ୍ଦ କରିଦେଇ ଥିବାରୁ ଗାଡି କାଗଜପତ୍ର ପ୍ରସ୍ତୁତ ପାଇଁ ଦୂରଦୂରାନ୍ତରୁ ଆସିଥିବା ଲୋକେ ନାହିଁ ନଥିବା ହଇରାଣ ହୋଇଥିବା ଦେଖିବାକୁ ମିଳିଥିଲା । ଏପରିକି ପରିବହନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଥିବା କମ୍ପ୍ୟୁଟର ଦୋକାନଗୁଡିକ ଆଗରେ ଲୋକେ ଅନଲାଇନ ମାଧ୍ୟମରେ କାଗଜପତ୍ର ପ୍ରସ୍ତୁତ ପାଇଁ ଲମ୍ବା ଲାଇନରେ ଛିଡା ହୋଇ ଭିଡ ଜମାଇଥିବା ଦେଖିବାକୁ ମିଳିଥିଲା। ଏହି ଆନ୍ଦୋଳନରେ ବରିଷ୍ଠ ଆଇନଜୀବୀ ପରମେଶ୍ୱର ନାଏକ, କମଳ ସେନ, ନରେଶ ନାଏକ, ଯୁଗଳ କିଶୋର ଠାକୁର, ସୁକାନ୍ତ ମହାପାତ୍ର, ନୀରଜ ସାମନ୍ତରାଏ, ପ୍ରମୋଦ ମିଶ୍ର, ଅନୁସୂୟା ନାଏକ, ସୁପ୍ରଭା ପଟେଲ, କଳ୍ପନା ମାଇତି, ପ୍ରଣବ ସିଂ, ବୁଦ୍ଧଦେବ ନାଏକ, ସତ୍ୟଜିତ ନାଏକ ପ୍ରମୁଖ ଓକିଲ ମାନେ ଆନ୍ଦୋଳନରେ ସାମିଲ ଥିଲେ।



ଓକିଲଙ୍କ ଆନ୍ଦୋଳନ ଯୋଗୁ ଜିଲାପାଳଙ୍କ କାର୍ଯ୍ୟାଳୟ ରାସ୍ତା ଶୂନଶାନ ହୋଇଛି।



ବଡଗାଁର ପ୍ରହ୍ଲାଦ ପଣ୍ଡାଙ୍କ ଖଳାରୁ ହାତୀ ଧାନ ଖାଇଛି ।

## ବଡ଼ଗାଁକୁ ପଶିଲେ ୩ ହାତୀ: ଧାନ ଖାଇଲେ

ବଡ଼ଗାଁ, ୨୮।୧୧ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ବଡଗାଁକୁ ହାତୀପଲ ପଶି ଆସିବା କେହି କେବେ ଦେଖିନଥିଲେ। ବୁଧବାର ରାତି ପ୍ରାୟ ସାଢ଼େ ୧୧ଟା ବେଳେ ୨ଟି ଦନ୍ତା ସହିତ ୨ବର୍ଷ ପୂର୍ବେ ଶୁଣ୍ଢରେ କ୍ଷତ ହୋଇଥିବା ଦନ୍ତା ମୋଟ ୩ଟି ହାତୀ ବଡଗାଁ ଇଲେକ୍ଟ୍ରିଡ଼ିପାକୁ ଆସି ବାବୁଲି କର୍ସେଲଙ୍କ ବାଡିର କଦଳୀ ଗଛ ମାଡିଦେଲି ଦେଲାପରେ ପ୍ରହ୍ଲାଦ ପଣ୍ଡାଙ୍କ ଖଳାରେ ଥିବା ଧାନ ଖାଇଥିଲେ। ସେହିପରି ବଡଗାଁ ନିକଟ ଚଳନାମୁଣ୍ଡାପଡାର ସଞ୍ଜିତ ଡନସନାଙ୍କ ବାଡିରେ ଥିବା ଘରକୁ ଭାଙ୍ଗି ଚୁରମାର କରିଦେବା ସହିତ ପୋଟଲ, ବାଲାତି, କୋଟି, କଦଳୀ ଖାଇଲା ପରେ ଗୋଟିଏ ବସ୍ତା ଧାନ ଖାଇ ଦେଇଛି। ଗ୍ରାମବାସୀ ଓ ବନ କର୍ମଚାରୀମାନେ ଘଉଡାଇବାରୁ ଲିଟିପଡା ପଛପଟ ଦେଇ କଣ୍ଟିଆମୁରା ଗାଁ ନିକଟକୁ ଯାଇଥିଲେ। ସେଠାରୁ ଘଉଡାଇବାରୁ ମକୁନ୍ଦପୁର ଜଙ୍ଗଲପଟକୁ ଚାଲିଯାଇଥିଲେ। ଖବର ଲେଖାହେବା ମଧ୍ୟରେ ସେହି ୩ ହାତୀ ଇଲେକ୍ଟ୍ରିଡ଼ିବା ଆଖପାଖରେ ଥିବା ସୂଚନା ମିଳିଛି। ପଞ୍ଚରା ଅଞ୍ଚଳରେ ୨୬ଟି ଓ ବଡଗାଁ ଅଞ୍ଚଳରେ ୩ଟି ହାତୀ ଥିଲା ବେଳେ ଝାଡଖଣ୍ଡ ରାଜ୍ୟ ପଟୁ ଶହେରୁ ଉର୍ଦ୍ଧ୍ୱ ହାତୀ ଆସୁଥିବା ସୂତ୍ରରୁ ଜଣାପଡିଛି। ବର୍ତ୍ତମାନ ଚାଷୀମାନେ ଧାନ ଅମଳ କରି ବିଲବାଡିରେ ଗଚ୍ଛିତ କରିଥିବାରୁ ହାତୀ ପଲ ଉପଦ୍ରବ କରିବା ଆଶଙ୍କା କରାଯାଉଛି ।

## ଟେନ୍ସାରେ ସାମ୍ବିଧାନିକ ଦିବସ ପାଳିତ

ଟେନସା, ୨୮।୧୧ (ଡି.ଏନ.ଏ)– ବରସୁଆଁ ଲୌହଖଣି ଅଧିନସ୍ଥ ଡିଏଭି ପବ୍ଲିକ ସ୍କୁଲ ଟେନସା ପରିସର ମଧ୍ୟରେ ସାମ୍ବିଧାନିକ ଦିବସ ପାଳନ କରାଯାଇଥିଲା । ଉକ୍ତ ଦିବସରେ ଅଧକ୍ଷ ରାଜେନ୍ଦ୍ର କୁମାର ବେଦବାକ ଛାତ୍ରୀଛାତ୍ରଙ୍କୁ ସମ୍ବିଧାନ ଓ ତାର ତଥ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ପ୍ରତ୍ୟେକ ରାଷ୍ଟ୍ର ତାର ନିଜର ନୀତିନିୟମ ଅନୁସାରେ ପରିଚାଳିତ ହୋଇଥାଏ। ଭାରତ ମଧ ତାର ଲିଖିତ ସମ୍ବିଧାନର ତଥ୍ୟକୁ ନେଇ ଶୃଙ୍ଖଳିତ ଶାସନ ଘେର ମଧ୍ୟରେ ପରିଚାଳିତ । ପ୍ରତ୍ୟେକ ନାଗରିକ ଏହି ସମ୍ବିଧାନକୁ ସମ୍ମାନ ଦେବା ଉଚିତ । ନିଜର ଓଜସ୍ୱିନୀ ବକ୍ତବ୍ୟରେ ଛାତ୍ର ସମାଜକୁ ସମ୍ବୋଧିତ କରି କହିଥିଲେ ଯେ, ଆମେ ଯେପରି ସାମ୍ବିଧାନିକ କର୍ତ୍ତବ୍ୟକୁ ଆଶା କରୁଛୁ ଅଧିକାରକୁ ମଧ ଠିକ ସେହିପରି ପାଳନ କରିବା ଉଚିତ । ବିଦ୍ୟାଳୟର ଅନ୍ୟତମ ଶିକ୍ଷୟିତ୍ରୀ ଝୁନୁ ରଥ ଓ ଅମୂଲ୍ୟ ଜେନା ଛାତ୍ରୀଛାତ୍ରଙ୍କୁ ସମ୍ବିଧାନରେ ପ୍ରଣୟନ ନୀତି ନିୟମକୁ ପାଳନ କରିବା ପାଇଁ ପ୍ରତିଜ୍ଞା କରାଇଥିଲେ । ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଧିକାର ପୂର୍ବରୁ କର୍ତ୍ତବ୍ୟର ପାଳନ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ ।

## ହେମଗିରଗଡ଼ ଜଙ୍ଗଲରେ ଭୂ-ପ୍ରତ୍ନତାତ୍ତ୍ୱିକ କ୍ଷେତ୍ର ପ୍ରଶିକ୍ଷଣ ପାଇଁ କଲେଜ ଛାତ୍ରୀଛାତ୍ର

ହେମଗିର, ୨୮।୧୧ (ଡି.ଏନ.ଏ)

ହେମଗିର ଏକ ଐତିହାସିକ ଗଡଜାତ ଅଞ୍ଚଳ ହୋଇଥିବା ବେଳେ ଏଠାରେ ଇତିହାସର ଅନେକ ପରିଚୟ ସହ ପ୍ରକୃତିର ପ୍ରାଚୁର୍ଯ୍ୟ ଭରିରହିଛି। ଏହାର ପ୍ରଶିକ୍ଷଣ ତଥା ଗବେଷଣା ପାଇଁ ଅନେକ ସମୟରେ ବାହାରୁ ଛାତ୍ରୀଛାତ୍ର, ଗବେଷକ ତଥା ପରିଦର୍ଶକ ଆସିଥାନ୍ତି। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଛାତ୍ରୀଛାତ୍ର ତଥା ଅଧ୍ୟାପିକା ଅଧ୍ୟାପକ ଭୂ-ତତ୍ତ୍ୱ ବିଜ୍ଞାନର ପ୍ରଶିକ୍ଷଣ ଉଦ୍ଦେଶ୍ୟରେ ଆସିଥିଲେ। ଏଥିରେ ଭୂ-ତତ୍ତ୍ୱ ବିଜ୍ଞାନ (ସମ୍ମାନ) ଯୁକ୍ତର ୪୩ଜଣ ଛାତ୍ରୀଛାତ୍ର, ତିନି ଜଣ ଅଧ୍ୟାପକ, ଜଣେ ଅଧ୍ୟାପିକା ସାମିଲ ଥିଲେ । ସେମାନେ ପ୍ରଥମେ ହେମଗିର ଆସିବା ପରେ କନିକା ଜଙ୍ଗଲ ବିଭାଗ କାର୍ଯ୍ୟାଳୟକୁ ପହଞ୍ଚିଥିଲେ । ସେଠାରୁ ଫରେଷ୍ଟର ପ୍ରକାଶ ଚନ୍ଦ୍ର ନାଏକ ଛେଙ୍ଗା ପାହାଡର ଲେଖାମୁଣ୍ଡାକୁ ନେଇଥିଲେ। ସେଠାରେ ପହଞ୍ଚି ଛାତ୍ରୀଛାତ୍ର ପ୍ରକାଣ୍ଡ ଶିଳା ଉପରେ ସର୍ଭେକ୍ଷଣ କରିବା ସହ ଅଧ୍ୟାପିକା ଅଧ୍ୟାପକଙ୍କ ଦ୍ୱାରା ପ୍ରଶିକ୍ଷଣ ମଧ ଦିଆଯାଇଥିଲା । ଏହା ଛାତ୍ରୀଛାତ୍ରଙ୍କ ଭୂ-ପ୍ରତ୍ନତାତ୍ତ୍ୱିକ ସର୍ଭେକ୍ଷଣ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ। ଏହା ପରେ ସୁନ୍ଦରଗଡ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲେ। କାର୍ଯ୍ୟକ୍ରମ ହେମଗିର ରେଞ୍ଜର ବଳଜିତ ଡୁଙ୍ଗଡୁଙ୍ଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିଲା। ଏହି ସର୍ବେକ୍ଷଣ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ଲଳିତରଞ୍ଜନ ସାହୁ, ପ୍ରଶାନ୍ତ କୁମାର ମିଶ୍ର, ରଶ୍ମିତା ପୃଷ୍ଟି ଉପସ୍ଥିତ ଥିଲେ ।



କନିକା ଜଙ୍ଗଲ ବିଭାଗ କାର୍ଯ୍ୟାଳୟରେ ଛାତ୍ରୀଛାତ୍ର।

## ସରକାରୀ ମହାବିଦ୍ୟାଳୟ ହୀରକ ଜୟନ୍ତୀ ପାଳନ ପାଇଁ ବୈଠକ

ସୁନ୍ଦରଗଡ଼ ୨୮।୧୧(ଡି.ଏନ୍.ଏ)

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ସକାଶେ ଡିସେମ୍ବର ପହିଲାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ। ଏ ନେଇ ଗୁରୁବାର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କିଶୋର କୁମାର ଦାଶଙ୍କ ଅଧ୍ୟକ୍ଷତାରେ ପୁରାତନ ଛାତ୍ର ସଂଘର ଏକ ବୈଠକରେ ଏହି ନିଷ୍ପତି ହୋଇଛି। ଡିସେମ୍ବର ପହିଲା ପୂର୍ବାହ୍ନ ୧୦ଟାରେ ମହାବିଦ୍ୟାଳୟ ପରିସରରେ ହେବାକୁ ଥିବା ପ୍ରସ୍ତୁତି ବୈଠକରେ ମହାବିଦ୍ୟାଳୟର ହୀରକ ଜୟନ୍ତୀ ପାଳନର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇ ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ। ଏହି ପ୍ରସ୍ତୁତି ବୈଠକରେ ମହାବିଦ୍ୟାଳୟ ର ସମସ୍ତ ପୁରାତନ ଛାତ୍ରୀଛାତ୍ର, ଶିକ୍ଷାପ୍ରେମୀ, ବୁଦ୍ଧିଜୀବୀ ଓ ମହାବିଦ୍ୟାଳୟର ଶୁଭେଚ୍ଛୁ ଯୋଗଦେଇ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିବା ନିମନ୍ତେ ପୁରାତନ ଛାତ୍ର ସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ଗୁରୁବାର ଅନୁଷ୍ଠିତ ବୈଠକରେ ପୁରାତନ ଛାତ୍ର ସଂଘର ସୁମନ୍ତ କୁମାର ପଣ୍ଡା, ପ୍ରଫୁଲ୍ଲ ସୁନାନୀ, ରାଜୁ ଠାକୁର, ସମରେନ୍ଦ୍ର ପରିଡା, ପଞ୍ଚା ବାର୍ଲା, ବିଭୁପ୍ରସାଦ ପଣ୍ଡା, ସୁବ୍ରତ ନାୟକ, ଶିବାଜୀ ନାଏକ ଏବଂ ମହାବିଦ୍ୟାଳୟର ପ୍ରାଧ୍ୟାପିକା ଡ. କୁମୁଦିନୀ ରାଉତରାୟ, କାର୍ଯ୍ୟାଳୟ ମୁଖ୍ୟ ପ୍ରଦୀପ ବହିଦାରଙ୍କ ସମେତ ଅଧ୍ୟାପିକା ,ଅଧ୍ୟାପକ ଉପସ୍ଥିତ ଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଜିଲାପାଳଙ୍କ କୋଇଡା ଗସ୍ତ: ବିଭିନ୍ନ କାର୍ଯ୍ୟର ସମୀକ୍ଷା



ଜିଲାପାଳ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

ଟେନ୍ସା, ୨୮।୧୧ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକରେ ଗୁରୁବାର ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ବିଭିନ୍ନ ବିଭାଗର ସମୀକ୍ଷା ବୈଠକ କରିଥିଲେ । ପ୍ରଥମେ ତହସିଲ ଅଫିସ ଭୂମିହୀନ ମାନଙ୍କୁ ପଟ୍ଟା ବଣ୍ଟନ, ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିଥିଲେ। ପରେ କୋଇଡା ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଜିଲାପରିଷଦମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ହୋଇଥିଲା। ପଞ୍ଚାୟତରେ ହୋଇଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବା ସହ ସୁବିଧା ଅସୁବିଧା ସମ୍ପର୍କରେ ଜିଲାପାଳ ସରପଞ୍ଚମାନଙ୍କୁ ପଚାରି ବୁଝିଥିଲେ। ଏଥିରେ କୋଇଡା ବିଡିଓ ରମେଶ ହାସଦା, ତହସିଲଦାର ଦୁର୍ଯ୍ୟୋଧନ ଭୋଇ, ବଣାଇ ଉପଜିଲାପାଳ ପ୍ରଦୀପ ଡାଙ୍ଗ, କୋଇଡ଼ା ବ୍ଲକ ଅଧକ୍ଷା ରୀନାରାଣୀ କୁମୁଡ଼ିଆଲ, କନିଷ୍ଠ ଯନ୍ତ୍ରୀ, ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ । ଏହାପରେ ବିଭିନ୍ନ ଖଣିର ଅଧିକାରୀମାନଙ୍କୁ ନେଇ ବିଭିନ୍ନ ରାସ୍ତା, ରାସ୍ତାରେ ପାଣି ପକାଇବା, କୋଇଡା- ଟେନସା ରାସ୍ତା, କୋଇଡା- କାଲଟା ରାସ୍ତା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ କୋଇଡା ଖଣି ଉପ ନିର୍ଦ୍ଦେଶକ ସଲିଲ ବେହେରା ଓ ଏମସିର ଆଞ୍ଚଳିକ ଅଧିକାରୀ ସମେତ ବିଭିନ୍ନ ଖଣିର ଅଧିକାରୀ, ପୂର୍ତ୍ତ ବିଭାଗ ଏସଡିଓମାନେ ଯୋଗଦେଇଥିଲେ । ପରେ କୋଇଡା ଖବରଦାତାମାନଙ୍କୁ ନେଇ ଏକ ପ୍ରେସ ମିଟ ଅନୁଷ୍ଠିତ ହୋଇଥିଲା । ଖବରଦାତାମାନେ ରାସ୍ତାଘାଟର ଜାମ ସମସ୍ୟା, ପିଲାମାନେ ଠିକ ସମୟରେ ବିଦ୍ୟାଳୟ, କଲେଜ ଯାଇ ନ ପାରିବା, ଶୀଘ୍ର ରାସ୍ତା କାମ ଶେଷ ହେବା ପ୍ରଶ୍ନରେ ଜିଲାପାଳ କହିଥିଲେ, ରାସ୍ତା ଜାମ ନହେବା ପାଇଁ ଆଲୋଚନା କରାଯାଇଛି। ଖୁବ ଶୀଘ୍ର ଶେଷ ହେବ ବୋଲି ପ୍ରକାଶ କରିବା ସହ କୋଇଡା ପ୍ରେସ କ୍ଲବ ପାଇଁ ଏକ ଅଫିସ ଘର ଯୋଗାଇ ଦେବାକୁ ପ୍ରକାଶ କରିଥିଲେ। ପରେ ସମସ୍ତେ ପ୍ରଶାସନ ଅଧିକାରୀମାନଙ୍କୁ ନେଇ ଇଣ୍ଟର୍ନାଲ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ବିଭିନ୍ନ ବିଦ୍ୟାଳୟ, ପଞ୍ଚାୟତରେ ହୋଇଥିବା ଉନ୍ନୟନ କାର୍ଯ୍ୟମାନ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ଅଛି ବୋଲି ଜିଲାପାଳ କଲ୍ୟାଣ ପ୍ରକାଶ କରିଥିଲେ।


idco Your power to grow ISO 9001 & 14001 Corporation | ODISHA NEW OPPORTUNITIES | No CAD-626

**OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, JANPATH, BHUBANESWAR-751022**

Tender Call Notice No.H.O./P&C/EST/E-3631/04/2019/ 20413 , Dt:- 25.11.2019

**NOTICE INVITING TENDER UNDER NATIONAL COMPETITIVE BDDING THROUGH e-Procurement**

1. Name of the Work :- Construction of SFRC/ RCC pre-cast compound wall at Chhatabara Industrial Estate, Khurda.
2. Estimated cost :- Rs.82.50 Lakhs (Approx.)
3. Period of completion :- 04 (Four) Calendar Months.
4. Other details :-

| Procurement Officer | Bid/ Tender reference No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar. | Tender/ Bid reference No. PC/ EST/ E-43/ 2019-20 | 02.12.2019 at 16.00 Hrs. | 16.12.2019 up to 17.00 Hrs. |

Further details can be seen from the e-Procurement Portal. www.tendersodisha.gov.in and Corrigendum if any will not be published in newspapers and can only be seen in the e-procurement portal www.tenderodisha.gov.in and www.idco.in

Sd/-
Chief General Manager (P&C) I/C,
IDCO, Bhubaneswar.

14003/11/0019/1920



**BERHAMPUR MUNICIPAL CORPORATION**

No. 16835 / **Auction sale notice** Date. 27/11/19

Sealed quotation are invited to be reached by speed post /register post for auction sale of BeMC, the detail term and conditions are available at our official website www.berhampur.gov.in The last date of receipt of quotation in this office by 04-12-19 by 5:00 p.m and will be opened on 05-12-19 at 11 a.m. in the office chamber of undersigned.

The authorize reserves the right to accept or reject any RFP without assigning any reason thereof.

Commissioner
Berhampur Municipal Corporation

13035/11/0069/1920 No. C-349



**OFFICE OF THE EXECUTIVE ENGINEER RWS&S DIVISION, RAIRANGPUR**
**Email-eerwss_rai@nic.in,eerwss.rai@gmail.com**
**QUOTATION CALL NOTICE FOR HIRING VEHICLES**
**NO. 21 OF 2019-20 /Dated 25.11.2019**

Sealed quotations/tenders are invited from interested reputed Travel Agents/Tour Operators or private individuals for providing 4(four) no of vehicles such as TUV300/ Bolero/ Sumo Gold/ Ertiga having sitting capacity not more than ten including driver, which shall confirm to the Terms and condition (Annexure-II) for official use in RWS&S Division, Rairangpur in the District of Mayurbhanj on monthly rent basis.

**The vehicles to be engaged in the following offices under RWS&S Division, Rairangpur :-**

| Sl No | Name of Office | Designation of the Officer | Type of vehicle required | No. of vehicle required |
|---|---|---|---|---|
| 1 | RWS&S Division, Rairangpur | Executive Engineer | TUV300/ Bolero/ Sumo Gold/ Ertiga | 1 (One) |
| 2 | RWS&S Sub-Division, Rairangpur | Asstistant Executive Engineer | TUV300/ Bolero/ Sumo Gold/ Ertiga | 1 (One) |
| 3 | RWS&S Sub-Division, Rairangpur-II (Bahalda) | Asstistant Executive Engineer | TUV300/ Bolero/ Sumo Gold/ Ertiga | 1 (One) |
| 4 | RWS&S Sub-Division, Karanjia | Asstistant Executive Engineer | TUV300/ Bolero/ Sumo Gold/ Ertiga | 1 (One) |

| | |
|---|---|
| 1 | The vehicle must be in Road Worthy condition, shall not be more than 3 years old from the date of initial registration and must have valid Registration certificate, Insurance Certificate, Fitness Certificate, valid Contract Carriage Permit, Proof of upto date tax payment etc. which are mandatory for plying of vehicle. |
| 2 | The driver of the vehicle must have a valid Driving Licence for driving light transport passenger vehicle and should be sufficiently experienced in driving transport passenger vehicle. |
| 3 | The driver should be well behaved, gentle and obedient in nature. |
| 4 | A sum of Rs. 5000/- shall be deposited by the intending bidders in shape of TDR/STDR of any schedule Bank or Nationalized Bank duly pledged in favour of the **Executive Engineer, RWS&S Division, Rairangpur** and to be submitted along with the tender as security deposit. After completion of tender process, the amount will be refunded to unsuccessful bidders. |
| 5 | The monthly rate of hire charge be quoted separately in the general bid information (exluding fuel and lubricants). |
| 6 | The vehicle must achieve a minimum fuel efficiency of 12 Kms per litre. |
| 7 | The details of the make and year of manufacture of the vehicle, registration number, mileage (Kms covered per litre) and name of the Driver with Driving Licence No. and period of validity should be specifically provided in the general bid information to be furnished with Quotation/Tender (Annexure-III). |
| 8 | The Quotation completed in all respect will be received in the office of the undersigned from to **by 5.30 PM and shall be opened on dated** **at 11.00 AM** in the presence of the bidders |
| 9 | (a) The application form of Quotation/Tender containing General Bid information & Terms and Conditions for Hiring of Vehicles etc. will be available with 1) Office of the Executive Engineer, RWS&S Division, Rairangpur in the District of Mayurbhanj, 2) Sub-Divisional Officer, RWS&S Sub-Division, Rairangpur-I/Karanjia in the District of Mayurbhanj on payment of (Rs. 100.00 ) (Rupees one hundred ) only from to or can **be downloaded from Odisha Govt.Website www.Odisha.gov.in from to** |
| | (b) In case the application form is downloaded from Govt. website, the applicant shall deposit a Non refundable amount of Rs. **100.00** (Rupees one hundred ) only in shape of Demand Draft drawn in favour of the Executive Engineer , RWS&S Division, Rairangpur payable at SBI Rairangpur towards the cost of application alongwith the application. |
| 10 | The authority reserves the right to reject any or all quotations without assigning any reason thereof. |

25010/11/0010/1920 No. 558 Sd./- Executive Engineer, RWS&S Division, Rirangpur



**ଜଟଣୀ ପୌର ପରିଷଦ, ଜଟଣୀ**

୧. ଘରର ଅଳିଆ ଆବର୍ଜନା ଡଷ୍ଟବିନ୍‌ରେ ପକାନ୍ତୁ।
୨. ନାଳରେ ଅଳିଆ କିମ୍ବା ପଲିଥିନ ପକାନ୍ତୁ ନାହିଁ।
୩. ରାସ୍ତା କଡ଼ରେ ବାଲି, ଗୋଡି, ଇଟା ଜମାଇ ସର୍ବସାଧାରଣଙ୍କ ଯାତାୟତରେ ବାଧା ସୃଷ୍ଟି କରନ୍ତୁ ନାହିଁ।
୪. ସ୍ୱଚ୍ଛ ଭାରତ ମିଶନର ସୁବିଧା ନିଅନ୍ତୁ।
୫. ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଚାଳ ଘରକୁ ପକାଘର କରିବା ପାଇଁ ଆବେଦନ କରନ୍ତୁ।
୬. ଯଥା ସମୟରେ ଟିକସ ଇତ୍ୟାଦି ପଇଠ କରନ୍ତୁ।
୭. ପୌର କର୍ମଚାରୀଙ୍କୁ ସେମାନଙ୍କ କାର୍ଯ୍ୟପରିଚାଳନାରେ ସହଯୋଗ କରନ୍ତୁ।
୮. ପ୍ଲାଷ୍ଟିକ୍ ମୁକ୍ତ ସହର ଗଢନ୍ତୁ।
୯. ଘରୁ ବାହାରୁଥିବା ଓଦା ଓ ଶୁଖିଲା ଅଳିଆକୁ ପୃଥକୀକରଣ କରି ସଫେଇ କର୍ମଚାରୀଙ୍କୁ ହସ୍ତାନ୍ତର କରନ୍ତୁ ଏବଂ ପ୍ରତ୍ୟେକ ୱାର୍ଡରେ ସଫେଇ ତଦାରକ ପାଇଁ ନିଯୁକ୍ତି ପାଇଥିବା ସ୍ୱଚ୍ଛ ସାଥିମାନଙ୍କର ସହଯୋଗ ନିଅନ୍ତୁ।

**ଶ୍ରୀଯୁକ୍ତ ତପନ କୁମାର ମହାପାତ୍ର**
ନିର୍ବାହୀ ଅଧିକାରୀ
ପୌରପରିଷଦ, ଜଟଣୀ

**ଶ୍ରୀଯୁକ୍ତ ଦେବବ୍ରତ ସାହୁ**
ପ୍ରଶାସକ
ପୌରପରିଷଦ, ଜଟଣୀ

